RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | VOLUME- 43 ◆ISSUE-43 ◆WEDNESDAY ◆6 AUGUST 2025 ◆PAGE-12 ◆₹ 6.00
◆ବର୍ଷ-୪୩ ◆ସଂଖ୍ୟା-୪୩ ◆ବୁଧବାର ◆୬ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




# ଭାସିଗଲା ଗାଁ; ୪ ମୃତ

## ୧୧ ଯବାନଙ୍କ ସହ ଶତାଧିକ ନିଖୋଜ

■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା ଓ ବନ୍ୟାର ତାଣ୍ଡବ । ଅଚାନକ ପ୍ରବଳ ବର୍ଷା ଯୋଗୁଁ ଉତ୍ତରକାଶୀର ଉଚ୍ଚ ପାହାଡ଼ିଆ ଅଞ୍ଚଳରେ ବନ୍ୟା ଆସିବାରୁ ଅନେକ ଗାଁ ଭାସିଯିବା ସହିତ ଶହ ଶହ ଘର ଧ୍ୱଂସ ହୋଇଯାଇଛି । ଏଭଳି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟରେ ଅତିକମରେ ୪ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଶତାଧିକ ନିଖୋଜ ଅଛନ୍ତି । ନିଖୋଜଙ୍କ ମଧ୍ୟରେ ସେନାର ୧୧ ଜଣ ଯାବନ ଥିବା ଜଣାପଡ଼ିଛି । ରିଲିଫ ଓ ଉଦ୍ଧାର ଚଳାଇଥିବା ବେଳେ ଯବାନ ନିଖୋଜ ହୋଇଯାଇଛନ୍ତି ।

ସରକାରୀ ସୂତ୍ରରୁ ପ୍ରକାଶ ଯେ ଆଜି ଅପରାହ୍ନରେ ଉତ୍ତରକାଶୀ ଓ ଧରାଲି ପାର୍ବତ୍ୟ ଅଞ୍ଚଳରେ ଅଚାନକ ପ୍ରବଳ ବର୍ଷା ହୋଇଥିଲା । ଏହାଯୋଗୁଁ ବନ୍ୟାପାଣି ତଳିଆ ଅଞ୍ଚଳକୁ ପ୍ରବଳ ବେଗରେ ମାଡ଼ି ଆସିଥିଲା । ଫଳରେ ଅନେକ ଗାଁରେ ବନ୍ୟା ପାଣି ପଶି ଶତାଧିକ ଘରକୁ ଭସାଇ ନେଇଥିଲା । ପ୍ରାଣ ବିକଳରେ ଲୋକେ ଦୌଡ଼ି ପଳାଉଥିବା ବେଳେ ସେମାନେ ମଧ୍ୟ ଏଥିରେ ଭାସିଯାଉଥିବାର ଭୟଙ୍କର ଦୃଶ୍ୟ ଦେଖିବାକୁ ମିଳିଥିଲା । ସରକାରୀ ଭାବେ ମୃତ୍ୟୁସଂଖ୍ୟା ୪ କୁହାଯାଉଥିବା ବେଳେ ସ୍ଥାନୀୟ ଲୋକେ କହୁଛନ୍ତି ଯେ ଅତିକମରେ ୧୨ ଜଣଙ୍କ ମୃତଦେହ ମାଟିତଳେ ପୋତି ହୋଇରହିଛି । ଆହୁରି ଶତାଧିକ ଲୋକ ନିଖୋଜ ଥିବା ସେମାନେ ଅଭିଯୋଗ କରିଛନ୍ତି ।

**ନବୀନଙ୍କ ଶୋକ**

ଗଙ୍ଗୋତ୍ରିକୁ ଯିବା ରାସ୍ତାରେ ଧରାଲି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ପର୍ବତର ଉଚ୍ଚସ୍ଥାନରେ ଅବସ୍ଥିତ ଏହି ଅଞ୍ଚଳରେ ଅନେକ ଗାଁ ରହିଛି । କେବଳ ଏତିକି ନୁହେଁ, ଏହି ଅଞ୍ଚଳରେ ପର୍ଯ୍ୟଟକମାନଙ୍କ ପାଇଁ ୨୦ରୁ ୨୫ଟି ହୋଟେଲ ଓ ହୋମ୍‌ଷ୍ଟେ ରହିଛି । ଏଗୁଡ଼ିକ ମଧ୍ୟ ବର୍ଷା ଓ ବନ୍ୟାରେ ଭାସିଯାଇଛି । ଖବର ମିଳିବା ପରେ କ୍ଷତିଗ୍ରସ୍ତ ଅଞ୍ଚଳକୁ ସେନାର ଯବାନମାନଙ୍କୁ ପଠାଯାଇଛି । ସେମାନେ ▶ପୃଷ୍ଠା-୭

## ୟୁପିରେ ଭୟଙ୍କର ବନ୍ୟା

## ପାଣି ଘେରରେ ୩୦୦ ଗାଁ

■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ଉତ୍ତର ପ୍ରଦେଶର ଉତ୍ତର ଭାଗରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବର୍ଷା ଯୋଗୁଁ ଗଙ୍ଗା ଓ ଜମୁନା ନଦୀର ଜଳସ୍ତର ବଢ଼ିବାରେ ଲାଗିଛି । ନଦୀ ପାର୍ଶ୍ୱ ଅଞ୍ଚଳରେ ବନ୍ୟା ଯୋଗୁଁ କେବଳ ପ୍ରୟାଗରାଜ ଜିଲ୍ଲାରେ ୩୦୦ରୁ ଅଧିକ ଗାଁ ପାଣି ଘେରରେ ରହିଥିବା ବେଳେ ୫ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୨ ହଜାର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଉଦ୍ଧାର କାମରେ ଏନ୍‌ଡିଆରଏଫ୍‌ର ୬୦୦ ଯବାନଙ୍କୁ ନିୟୋଜିତ କରାଯାଇଛି ।୨୦୧୩ପ ।।ରେ ଏହା ସବୁଠାରୁ ଭୟଙ୍କର ବନ୍ୟା ବୋଲି କୁହାଯାଉଛି ।

## ପୁଣିଥରେ ଭାରତକୁ ଟ୍ରମ୍ପଙ୍କ ଧମକ

# ୨୪ ଘଣ୍ଟାରେ ଲାଗିବ ଅଧିକ ଶୁଳ୍କ

- ଆଉ ଭଲ ବାଣିଜ୍ୟ ସହଯୋଗୀ ରହିନାହିଁ ଭାରତ
- ରୁଷରୁ ତେଲ କିଣିବା ଯୁଦ୍ଧ ଯନ୍ତ୍ରକୁ ଇନ୍ଧନ ଦେବା ଭଳି
- ଭାରତ ସମର୍ଥନରେ ଋଷ




■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ପୁଣି ଧମକ ଦେଇଛନ୍ତି । ଚେତାବନୀ ସତ୍ତ୍ୱେ ରୁଷ ଠାରୁ ଭାରତ ତେଲ କିଣିବା ଜାରି ରଖିଥିବାରୁ ଭାରତ ଉପରେ ଆହୁରି ଅଧିକ ଶୁଳ୍କ ଲାଗୁ କରିବେ । ସେ କହିଛନ୍ତି ।।ଯେ ଭାରତ ଆଉ ଆମେରିକାର ଭଲ ବାଣିଜ୍ୟ ସହଯୋଗୀ ହୋଇ ରହିନାହିଁ । ତେଣୁ ଆଗାମୀ ୨୪ ଘଣ୍ଟାରେ ଭାରତରୁ ଆସୁଥିବା ସାମଗ୍ରୀ ଉପରେ ଅତ୍ୟଧିକ ଶୁଳ୍କ ଲାଗୁ କରାଯିବ ।

ଏହା ପୂର୍ବରୁ ସୋମବାର ଟ୍ରମ୍ପ ଭାରତ ବିରୋଧରେ ବିଷୋଦ୍‌ଗାର କରିଥିଲେ । ସେ କହିଥିଲେ ଯେ ଭାରତ ଋଷ ଠାରୁ ତେଲ କିଣି ଖୋଲା ବଜାରରେ ଏହାକୁ ବିକ୍ରି କରି ଭଲ ଲାଭ କମାଉଛି । ଋଷର ଯୁଦ୍ଧ ଯୋଗୁଁ ୟୁକ୍ରେନରେ କେତେ ଲୋକ ମରୁଛନ୍ତି ତାହା ସେମାନଙ୍କୁ ଚିନ୍ତା ନାହିଁ । ଅନ୍ୟପକ୍ଷରେ ତେଲ କିଣି ଭାରତ ରୁଷର ଯୁଦ୍ଧ ମେସିନକୁ ସାହାଯ୍ୟ କରୁଛି । ଏଥିପାଇଁ ଆମେ ଭାରତ ଉପରେ ଲଗାଯାଇଥିବା ଶୁଳ୍କକୁ ଯଥେଷ୍ଟ ବୃଦ୍ଧି କରିବୁ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭାରତ ଆମେରିକାଠାରୁ ଅଧିକ ଦ୍ରବ୍ୟ କିଣି ନ ଥାଏ । ଆମେ ଭାରତଠାରୁ ଅଧିକ ସାମଗ୍ରୀ କିଣୁ । ଟ୍ରମ୍ପଙ୍କ ବାରମ୍ବାର ଆକ୍ରମଣ ପରେ ଭାରତ ସମର୍ଥନରେ ବାହାରିଛି ଋଷ । ରୁଷ କହିଛି ସବୁ ସାର୍ବଭୌମ୍ୟ ରାଷ୍ଟ୍ରଙ୍କର ସ୍ୱାଧୀନ ଭାବେ ବ୍ୟବସାୟ କରିବାର ଅଧିକାର ରହିଛି । ଧମକ ଚମକ ଦେଇ ଆମେରିକା ଋଷର ବାଣିଜ୍ୟ ସହଯୋଗୀଙ୍କଠାରୁ ତା'ର ସମ୍ପର୍କ ଛିନ୍ନ କରିବାକୁ ଚାହୁଁଛି । ଆମେରିକା ବେଆଇନ ଭାବେ ଟାର୍ଗେଟ୍ କରୁଛି ବୋଲି ଋଷ ପ୍ରବକ୍ତା ଦିମିତ୍ରି ପେସ୍‌କୋଭ କହିଛନ୍ତି ।

ଅପରପକ୍ଷେ ଆମେରିକାର ଏହି ଚେତାବନୀର ଭାରତ କଡ଼ା ଜବାବ ଦେଇଛି । ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଯେଉଁ ଦେଶମାନେ ଭାରତକୁ ସମାଲୋଚନା କରୁଛନ୍ତି ସେମାନେ ହିଁ ରୁଷ ସହିତ ବ୍ୟବସାୟ କରୁଛନ୍ତି । ଆମେରିକା ଏବଂ ୟୁରୋପୀୟ ସଂଘକୁ ସମାଲୋଚନା କରି ଭାରତ କହିଛି ଯେ ସେମାନେ ଏବେ ବି ରୁଷ ସହିତ ବାଣିଜ୍ୟ ▶ପୃଷ୍ଠା-୭

# ରାଜ୍ୟସଭାରେ 'ସିଆଇଏସ୍‌ଏଫ୍' ହଙ୍ଗାମା

### ବିରୋଧୀଙ୍କ ଅଭିଯୋଗକୁ ସରକାରଙ୍କ ଖଣ୍ଡନ



- ଖଡ଼ଗେଙ୍କ ମନ୍ତବ୍ୟକୁ ନେଇ ହଟ୍ଟଗୋଳ
- ବିହାର ପ୍ରସଙ୍ଗରେ ଲୋକସଭା ବି ମୁଲତବୀ

■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ସଂସଦ ଆଜି ମଧ୍ୟ ଅଚଳ ରହିଛି । ଏହି ପ୍ରସଙ୍ଗରେ ମୁଲତବୀ ଆଲୋଚନା ପାଇଁ ବିରୋଧୀ ଦଳଙ୍କ ଦାବିକୁ ଅଗ୍ରାହ୍ୟ କରି ଦିଆଯିବାରୁ ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ହଙ୍ଗାମା ହୋଇଥିଲା । ତେବେ ରାଜ୍ୟସଭାରେ ସିଆଇଏସ୍‌ଏଫ୍ ଯବାନଙ୍କୁ ନେଇ ପ୍ରବଳ ହଟ୍ଟଗୋଳ ହୋଇଥିଲା । ଏହି ପ୍ରସଙ୍ଗରେ ବିରୋଧୀଙ୍କ ଅଭିଯୋଗକୁ ସରକାର ଖଣ୍ଡନ କରିଥିବା ବେଳେ ବିରୋଧୀ ଦଳର ନେତା ଖଡ଼ଗେଙ୍କ ଏକ ମନ୍ତବ୍ୟକୁ ନେଇ ଗୃହରେ କିଛି ସମୟ ପାଇଁ ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା ।

ଆଜି ରାଜ୍ୟସଭା ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ ଅଭିଯୋଗ କରିଥିଲେ ଯେ ଗୃହରେ ବିରୋଧୀ ଦଳଙ୍କ ସ୍ୱରକୁ ଚାପିବା ଲାଗି ସଶସ୍ତ୍ର ସିଆଇଏସ୍‌ଏଫ୍ ଯବାନଙ୍କୁ ମୁତୟନ କରାଯାଇଥିଲା । ସେ କହିଲେ ଯେ ଗୃହରେ ପ୍ରତିବାଦ କରିବା ଲାଗି ରାଜନୈତିକ ଦଳଙ୍କର ଗଣତାନ୍ତ୍ରିକ ଅଧିକାର ରହିଛି । କିନ୍ତୁ ସରକାର ସିଆଇଏସ୍‌ଏଫ୍ ଯବାନ ମୁତୟନ କରି ଭୁଲ ପରମ୍ପରା ସୃଷ୍ଟି କରୁଛନ୍ତି । ତେବେ ଉଭୟ ଉପାଧ୍ୟକ୍ଷ ହରିବଂଶ ସିଂହ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହାକୁ ଅସ୍ୱୀକାର କରିଥିଲେ । ସେମାନେ କହିଥିଲେ ଯେ ଗୃହରେ ସିଆଇଏସ୍‌ଏଫ୍ ନୁହେଁ, ମାର୍ଶଲ (ସଂସର ସୁରକ୍ଷା ବାହିନୀ)ଙ୍କୁ ମୁତୟନ କରାଯାଇଥିଲା । ଏସଂପର୍କରେ ବିଭ୍ରାନ୍ତି ସୃଷ୍ଟି କରୁଥିବାରୁ ଖଡ଼ଗେଙ୍କର ସମାଲୋଚନା କରିଥିଲେ ରିଜିଜୁ ଏବଂ ଗୃହର ନେତା ଜେପି ନଡ୍ଡା । ଏସଂପର୍କରେ ଗୃହର ଉପାଧ୍ୟକ୍ଷଙ୍କୁ ଖଡ଼ଗେ ଯେଉଁ ଚିଠି ଲେଖିଥିଲେ, ତାହା ପ୍ରକାଶ କରିବାରୁ ଉପାଧ୍ୟକ୍ଷ ଏହାକୁ ନାପସନ୍ଦ କରିଥିଲେ । ସିଆଇଏସ୍‌ଏଫ୍ ପ୍ରସଙ୍ଗ ନେଇ ହଟ୍ଟଗୋଳ ଚାଲିଥିବା ବେଳେ ଖଡ଼ଗେ ପ୍ରଶ୍ନ କରିଥିଲେ, ଏ ଗୃହ ଚଳାଉଛି କିଏ? ଉପାଧ୍ୟକ୍ଷ ନା ସ୍ୱରାଷ୍ଟ୍ର ମନ୍ତ୍ରୀ ▶ପୃଷ୍ଠା-୭

## ସରିବାକୁ ବସିଲାଣି ଶ୍ରାବଣ

# ଚାଷୀଙ୍କୁ ମିଳୁନି ସାର




■ **ଭୁବନେଶ୍ୱର, ୫।୮ (ସମିସ):** ଶ୍ରାବଣ ସରିବାକୁ ବସିଲାଣି, ରାଜ୍ୟ ସରକାର ଖରିଫ ଋତୁ ପାଇଁ ଯୋଜନା ପ୍ରସ୍ତୁତ କଲେଣି; ହେଲେ ଚାଷ ପାଇଁ ଜରୁରୀ ଆବଶ୍ୟକତା ଥିବା ସାର ଏଯାଏ ମିଳିପାରୁ ନାହିଁ । ସରକାରୀ କେନ୍ଦ୍ରରେ ସାରର ଅଭାବ ଯୋଗୁଁ ଚଢ଼ା ଦରରେ ସାର କିଣୁଥିବା ଚାଷୀଙ୍କ ମନରେ ଏଥିପାଇଁ ତୀବ୍ର ଅସନ୍ତୋଷ । ଯାହାକୁ ନେଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଦାନା ବାନ୍ଧୁଥିବା ମଧ୍ୟ ଦେଖାଯାଇଛି ।

ଚଳିତ ବର୍ଷ ଖରିଫ ଚାଷର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟକୁ ଏବେ ସୁଦ୍ଧା ପାଖାପାଖି ୮ଲକ୍ଷ ମେଟ୍ରିକ୍ ଟନ୍ କେନ୍ଦ୍ରରୁ ମିଳିସାରିଛି । ଆଗକୁ ଆଉ ଦେଢ଼ ଲକ୍ଷ ମେଟ୍ରିକ୍ ଟନ୍ ଆସିବ ବୋଲି କୁହାଯାଉଛି । ପୂର୍ବରୁ ରବି ବେଳର ବଳକା ୪ ଲକ୍ଷ ମେଟ୍ରିକ୍ ଟନ୍ ବିଭିନ୍ନ ଜିଲ୍ଲାରେ ରହିଛି । ମୋଟ ସାରରୁ ପ୍ରାୟ ୬ ଲକ୍ଷ ମେଟ୍ରିକ୍ ଟନ୍ ବିକ୍ରି ଶେଷ ହୋଇଥିବା କୃଷି ବିଭାଗ କହୁଛି । ମାତ୍ର ସରକାରୀ ପରିସଂଖ୍ୟାନ ଓ ଚାଷୀଙ୍କ ଚାହିଦାକୁ ଦେଖିଲେ ଉଭୟ ମଧ୍ୟରେ ଆକାଶପାତାଳ ଫରକ । ସର୍ବାଧିକ ଚାହିଦା ଥିବା କଂପ୍ଲେକ୍ସ ସାର ଚାଷୀଙ୍କୁ ସରକାରୀ ଖୁଚୁରା ଓ ପାଇକାରୀ ବିକ୍ରେତା କେନ୍ଦ୍ରରେ ମିଳୁନି । ସେହି ସାର ଲୋକମାନେ ବାହାରୁ ଉଚ୍ଚା ଦାମ୍‌ରେ କିଣୁଛନ୍ତି । ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନରେ ରିହାତି ଦରରେ ସାର ମିଳୁନଥିବାବେଳେ ବାହାରେ ବ୍ୟବସାୟୀମାନେ ଚଢ଼ା ଦରରେ ବିକ୍ରି କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏପରିକି ଏ ସଂକ୍ରାନ୍ତରେ ବ୍ଲକ୍ କୃଷି ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲ୍ଲା କୃଷି ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନି ।

ଚାଷର ପ୍ରାରମ୍ଭିକ ପର୍ଯ୍ୟାୟରେ କଂପ୍ଲେକ୍ସ ସାରର ସର୍ବାଧିକ ଚାହିଦା ରହିଥାଏ । ଏବେ ଲୋକମାନେ ରୁଆ ବେଉଷଣ ଶେଷ କରିଥିବାବେଳେ ସାର ନ ପାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । କେବେ ଆସିବ ବୋଲି ପଚାରିଲେ ବି କୌଣସି ସଠିକ ଉତ୍ତର ମିଳୁନି । ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ମାତ୍ରାଧିକ ସାର କଳାବଜାରୀ ▶ପୃଷ୍ଠା-୭

# ଏବିଭିପି-ବିଜେପି ଯୁବମୋର୍ଚ୍ଚା ପିଟାପିଟି

■ **ଭୁବନେଶ୍ୱର, ୫।୮ (ସମିସ):** ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାରରେ ଆଜି ବିଜେପି ଯୁବମୋର୍ଚ୍ଚା ଏବଂ ଏବିଭିପି ନେତାମାନଙ୍କ ମଧ୍ୟରେ ମାରପିଟ୍ ଯୋଗୁଁ ଉତ୍ତେଜନା ସୃଷ୍ଟି ହୋଇଛି । ମାରପିଟ୍‌ରେ ଦୁଇ ଜଣ ଆହତ ହୋଇଥିବା ଜଣାପଡ଼ିଛି । ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ବିଜେପିର ଏହି ଦୁଇ ଛାତ୍ର ଓ ଯୁବ ମୋର୍ଚ୍ଚା ନେତାଙ୍କ ଏଭଳି ଗୋଷ୍ଠୀ ଗନ୍ଦଳ ପରିସ୍ଥିତିକୁ ଅଶାନ୍ତ କରିଦେଇଛି । ଉଭୟ ଗୋଷ୍ଠୀ ଥାନାର ଦ୍ୱାରସ୍ଥ ହେବା ସମୟରେ ମଧ୍ୟ ମୁହାଁମୁହିଁ ହୋଇଥିବା ଜଣାପଡ଼ିଛି ।

ନିର୍ବାଚନ ପୂର୍ବରୁ କ୍ୟାମ୍ପସ ମଧ୍ୟକୁ ଏକାଧିକ ଅଣଛାତ୍ର ଏବଂ ଅପରାଧୀ ପଶି ଆସିଛନ୍ତି । ଏପରିକି ସେମାନେ ହଷ୍ଟେଲ ଭିତରେ ରୁମ୍ କବ୍‌ଜା କରି ରହିଛନ୍ତି । ତେଣୁ ସେମାନଙ୍କୁ କ୍ୟାମ୍ପସ ଭିତରୁ ବିଦା କରିବା ପାଇଁ ହେମନ୍ତ ହାଁସଦା ଏବଂ ରାଜକୁମାର ପରିଡ଼ାଙ୍କ ନେତୃତ୍ୱରେ ଏକାଧିକ ବିଜେପି ଯୁବମୋର୍ଚ୍ଚା କର୍ମକର୍ତ୍ତା ଆଜି ଦିନରେ ଭିସିଙ୍କୁ ଭେଟି ଦାବିପତ୍ର ଦେଇଥିଲେ । କିନ୍ତୁ ଏବିଭିପିର କିଛି ନେତା ସେଠାରେ ପହଞ୍ଚି ଏହାର ବିରୋଧ କରିଥିଲେ । ଏବିଭିପି ରାଜ୍ୟ ବିଶ୍ୱବିଦ୍ୟାଳୟ ସଂଯୋଜକ ବାସୁଦେବ ପାଣିଗ୍ରାହୀ କହିଥିଲେ ଯେ ବାଣୀବିହାରରେ କେହି ଅଣଛାତ୍ର କି ଅପରାଧୀ ନୁହନ୍ତି ।

- ଉଭୟ ଗୋଷ୍ଠୀର ଥାନା ଘେରାଉ
- ବାଣୀବିହାରରେ ଉତ୍ତେଜନା

ଏଠାରେ ପରିସ୍ଥିତିକୁ ଅଶାନ୍ତ କରିବା ଲାଗି ଅମୂଳକ ଅଭିଯୋଗ କରାଯାଉଛି । ଏହାକୁ ନେଇ ଏବିଭିପି ଓ ଯୁବ ମୋର୍ଚ୍ଚା ନେତା ମୁହାଁମୁହିଁ ହୋଇଥିଲେ । ତେବେ କୁଳପତି (ଭିସି) ସେମାନଙ୍କୁ ବୁଝାସୁଝା କରି ବିଦା କରିଥିଲେ । ହେଲେ ଆଜି ସନ୍ଧ୍ୟାରେ ଏହି ଘଟଣାକୁ ନେଇ ଉଭୟ ଗୋଷ୍ଠୀ ପୁଣି ମୁହାଁମୁହିଁ ▶ପୃଷ୍ଠା-୭

# ଟିଏମ୍‌ସିରେ କଲ୍ୟାଣ-ମହୁଆ କଳି

### ମୁଖ୍ୟ ସଚେତକ ପଦ ଛାଡ଼ିଲେ କଲ୍ୟାଣ ବାନାର୍ଜୀ

■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ଆସନ୍ତା ବର୍ଷ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସରେ ଦେଖାଦେଇଛି ବଡ଼ ଧରଣର ଅଶାନ୍ତି । କେତେକ ନେତାଙ୍କୁ ନେଇ ଦଳ ଭିତରେ ବିଶୃଙ୍ଖଳା ବଢ଼ିବାରେ ଲାଗିଛି । ବିଶେଷ କରି କଲ୍ୟାଣ ବାନାର୍ଜୀ-ମହୁଆ ମୈତ୍ର କଳିକୁ ନେଇ ଦଳ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଛି । ତେଣୁ ବିଶୃଙ୍ଖଳା ସୃଷ୍ଟି କରୁଥିବା ନେତାମାନଙ୍କୁ ସାବାଡ଼ କରିବାକୁ ଯାଇ ମମତା ବାନାର୍ଜୀ ସାଂଗଠନିକ ସ୍ତରରେ ବଡ଼ ଧରଣର ଅଦଳବଦଳ ଆରମ୍ଭ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ କଲ୍ୟାଣ ବାନାର୍ଜୀଙ୍କୁ ଲୋକସଭାରେ ଦଳର ମୁଖ୍ୟ ସଚେତକ ପଦରୁ ହଟାଇ ଦିଆଯାଇଛି । ତାଙ୍କ ସ୍ଥାନରେ କାକୋଲି ଘୋଷଙ୍କୁ ମୁଖ୍ୟ ସଚେତକ କରାଯାଇଛି । ସେହିଭଳି ମମତା ତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କୁ ଲୋକସଭାରେ ସଂସଦୀୟ ଦଳର ନେତା ନିଯୁକ୍ତ କରିଛନ୍ତି । ଦୀର୍ଘ ଦିନ ▶ପୃଷ୍ଠା-୭

- କାକୋଲି ଘୋଷ ଲୋକସଭାରେ ଦଳର ମୁଖ୍ୟ ସଚେତକ
- ଅଭିଷେକ ବାନାର୍ଜୀଙ୍କୁ ମିଳିଲା ଗୁରୁଦାୟିତ୍ୱ

**ସୁଭଦ୍ରା ପ୍ରହେଳିକା**

# ବର୍ଷକରେ କୋଟିପତି ହେବେ ଲକ୍ଷପତି ଦିଦି!

## ପ୍ରଥମେ ଲକ୍ଷପତି ଦିଦିଙ୍କ ତାଲିକା ସାର୍ବଜନୀନ କରନ୍ତୁ ସରକାର: ବିରୋଧୀ

■ **ଭୁବନେଶ୍ୱର, ୫।୮ (ସମିସ):** ସୁଭଦ୍ରା ଯୋଜନାରେ ସରକାର ୨ ବର୍ଷରେ ୫୦ ହଜାର ଦେବାକୁ ଘୋଷଣା କରି ବର୍ଷକୁ ୧୦ ହଜାର ଟଙ୍କା ଦେଉଛନ୍ତି । ଏହି ୧୦ ହଜାର ଟଙ୍କା ସହାୟତାରେ ବର୍ଷକ ମଧ୍ୟରେ ରାଜ୍ୟରେ ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି ବୋଲି ରାଜ୍ୟ ସରକାର ଘୋଷଣା କରି ନିଜ ପିଠି ନିଜେ ଥାପୁଡ଼ାଉଛନ୍ତି । ଏପରି ସମୟରେ 'ଲକ୍ଷପତି ଦିଦି'ଙ୍କୁ ବର୍ଷକ ମଧ୍ୟରେ କୋଟିପତି କରିବାକୁ ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶମନ୍ତ୍ରୀ ପ୍ରଭାତୀ ପରିଡ଼ା । ଯାହାକୁ ନେଇ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି ଓ ବିରୋଧୀ ଉପମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରିଛନ୍ତି । ଲକ୍ଷପତି ଦିଦିଙ୍କୁ କୋଟିପତି କରିବା ପୂର୍ବରୁ ପ୍ରଥମେ ଯେଉଁମାନେ ବର୍ଷକ ମଧ୍ୟରେ ୧୦ ହଜାର ଟଙ୍କା ନେଇ ଲକ୍ଷପତି ପାଲଟିଛନ୍ତି ସେମାନଙ୍କ ତାଲିକା ସରକାର ଘୋଷଣା କରନ୍ତୁ ଓ କେଉଁ ଫର୍ମୁଲାରେ ସେମାନେ ବର୍ଷକ ମଧ୍ୟରେ ୧୦ଗୁଣ ଲାଭ କରି ଲକ୍ଷପତି ହେଲେ ତାହାକୁ ସରକାର ସାର୍ବଜନୀନ କଲେ ଅନ୍ୟମାନେ ଉପକୃତ ହୋଇ ପାରିବେ ବୋଲି ବିରୋଧୀ କଟାକ୍ଷ କରିଛନ୍ତି ।

ରାଜ୍ୟ ସରକାରଙ୍କ ଲକ୍ଷପତି ଦିଦି ସୃଷ୍ଟି ଦାବି ଓ ଏହାର ବାସ୍ତବତାକୁ ନେଇ ରାଜନୈତିକ ଦଳଠାରୁ ବୁଦ୍ଧିଜୀବୀ ମହଲ ଯାଏଁ ସନ୍ଦେହ ପ୍ରକାଶ କରି ଆସୁଛନ୍ତି । ସେମାନଙ୍କ ଯୁକ୍ତି ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ ପୂର୍ବ ବର୍ଷ ତୁଳନାରେ ମିଶନ ଶକ୍ତି ବ୍ୟୟ ବରାଦ ପାଇଁ ଅର୍ଥ କମାଇ ଦେଲେ । ସେହିପରି ସୁଭଦ୍ରା ଯୋଜନାରେ ମହିଳାଙ୍କୁ ବର୍ଷକୁ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା, ଅର୍ଥାତ୍ ମାସିକ ମାତ୍ର ୮୩୩ ଟଙ୍କା ମିଳୁଛି । ଏତକ ଟଙ୍କାରେ କେମିତି ଜଣେ ଲକ୍ଷପତି ଦିଦି ହୋଇପାରିବ, ତାହା ସାଧାରଣ ଲୋକଙ୍କ ମନକୁ ଆନ୍ଦୋଳିତ କରୁଛି । ବିଗତ ଏକବର୍ଷ ମଧ୍ୟରେ କେବଳ ସୁଭଦ୍ରାକୁ ଛାଡ଼ିଦେଲେ ମହିଳାଙ୍କ ଉନ୍ନତି ତଥା ଉତ୍ଥାନ ପାଇଁ ସରକାର ସେମିତି କୌଣସି ଆଖିଦୃଶିଆ ଯୋଜନା ହାତକୁ ନେଇନାହାନ୍ତି । ପୁରୁଣା କେତେକ କାର୍ଯ୍ୟକ୍ରମକୁ ରାଜ୍ୟ ସରକାର ବନ୍ଦ କରି ଦେଇଛନ୍ତି । ସୁଭଦ୍ରାରେ ଏଯାବତ୍ ୨ଟି କିସ୍ତିରେ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ୧୦ ହଜାର ଟଙ୍କାକୁ ଉପଯୋଗ କରି କେମିତି ଓ କେଉଁ ଉପାୟରେ ବର୍ଷକ ମଧ୍ୟରେ ୧୬ ଲକ୍ଷ ୪୦ ହଜାର ଲକ୍ଷପତି ହେଲେ ସରକାର ସେ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ କରନ୍ତୁ ଓ ସେମାନଙ୍କ ସୂଚୀ ସାର୍ବଜନୀନ କରନ୍ତୁ । ତେବେ ▶ପୃଷ୍ଠା-୭

# ପ୍ରକୃତ ଭାରତୀୟ କିଏ ତାହା ସୁପ୍ରିମକୋର୍ଟ ସ୍ଥିର କରିପାରିବେନି: ପ୍ରିୟଙ୍କା ଗାନ୍ଧୀ



ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଭାରତୀୟ ସେନା ଉପରେ ବିବାଦୀୟ ଟିପ୍ପଣୀକୁ ନେଇ ସୁପ୍ରିମକୋର୍ଟ ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭର୍ତ୍ସନା କରିଥିଲେ। 'ଭାରତର ୨ ହଜାର ବର୍ଗ କିମି ଜମିକୁ ଚୀନ୍ କବ୍‌ଜା' କରିଥିବା ବୟାନକୁ ନେଇ ପ୍ରକୃତ ଭାରତୀୟ ଏଭଳି କହିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଥିଲେ। ଏବେ ଏହାକୁ ନେଇ କଂଗ୍ରେସ ସାଂସଦ ତଥା ରାହୁଲଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଟିପ୍ପଣୀ ଦେଇଛନ୍ତି। ସେ ବିଚାରପତିଙ୍କୁ ସମ୍ମାନ ଦେଉଛନ୍ତି, ମାତ୍ର ପ୍ରକୃତ ଭାରତୀୟ କିଏ ତାହାର ନିର୍ଣ୍ଣୟ ସୁପ୍ରିମକୋର୍ଟ କରିପାରିବେ ନାହିଁ ବୋଲି କହିଛନ୍ତି। ସରକାରଙ୍କୁ ପ୍ରଶ୍ନ କରିବା ବିରୋଧୀ ନେତାଙ୍କ କର୍ତ୍ତବ୍ୟ। ମୋ ଭାଇ କେବେ ବି ସେନା ବିରୋଧରେ କହିବେ ନାହିଁ। ସେନା ପ୍ରତି ତାଙ୍କ ମନରେ ବହୁତ ସମ୍ମାନ ରହିଛି। ଏହାକୁ ଭୁଲ୍ ବ୍ୟାଖ୍ୟା କରାଯାଇଛି। ମଙ୍ଗଳବାର ସଂସଦ ପରିସରରେ ପ୍ରିୟଙ୍କା ଏହି ଟିପ୍ପଣୀ ଦେଇଛନ୍ତି। ଅନ୍ୟପକ୍ଷରେ ସଂସଦ ଭବନରେ ଆଜି ଏନ୍‌ଡିଏର ସଂସଦୀୟ ଦଳ ବୈଠକ ବସିଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପ୍ରସଙ୍ଗ ଉଠାଇଛନ୍ତି। ସୁପ୍ରିମକୋର୍ଟରେ ଏହାଠାରୁ ବଡ଼ ଭର୍ତ୍ସନା ଆଉ କିଛି ହୋଇପାରେ ନାହିଁ ବୋଲି ମୋଦୀ କହିଛନ୍ତି।

'ୟୁଏନ ଟ୍ରୁପ୍ କଣ୍ଟ୍ରିବ୍ୟୁଟର ଚିଫ୍ସ କନକ୍ଲେଭ'

# ପାକିସ୍ତାନ, ଚୀନ୍‌କୁ ଡାକିଲାନି ଭାରତ



ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ପାକିସ୍ତାନ ଏବଂ ତା'ର ଘନିଷ୍ଠ ସହଯୋଗୀ ଚୀନ୍‌କୁ ଭାରତ ବଡ଼ ଝଟ୍‌କା ଦେଇଛି। ଚଳିତ ବର୍ଷ ଅକ୍ଟୋବରରେ ଅନୁଷ୍ଠିତ ହେବାକୁ ଥିବା 'ୟୁନାଇଟେଡ ନେସନ୍ ଟ୍ରୁପ୍ କଣ୍ଟ୍ରିବ୍ୟୁଟର ଚିଫ୍ସ କନକ୍ଲେଭ'କୁ ଭାରତୀୟ ସେନା ଆୟୋଜନ କରୁଛି। ମାତ୍ର ଏହି ଚାରି ଦିନିଆ ସମ୍ମିଳନୀକୁ ପାକିସ୍ତାନ ସେନା ଓ ଚୀନର ପିଏଲଏ (ପିପୁଲ୍ସ ଲିବରେସନ୍ ଆର୍ମି )କୁ ଭାରତ ନିମନ୍ତ୍ରଣ କରିନାହିଁ। ପହଲଗାମ ଆକ୍ରମଣ ପରେ ଭାରତ ଏଭଳି କଠୋର ପଦକ୍ଷେପ ନେଇଛି। ଅନେକ ଥର ଜାତିସଂଘ ମିଶନରେ ଭାରତ ଏବଂ ପାକିସ୍ତାନ ସୈନିକ ଏକାଠି କାମ କରିଛନ୍ତି। ମାତ୍ର ପହଲଗାମ ଆକ୍ରମଣରେ ପାକିସ୍ତାନୀ ସେନା ମୁଖ୍ୟ ଅସୀମ ମୁନିରଙ୍କ ସମ୍ପୃକ୍ତି ଏବଂ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପାଇଁ ଭାରତ ଏହି ଆଭିମୁଖ୍ୟ ଗ୍ରହଣ କରିଛି। ଆତଙ୍କବାଦୀଙ୍କୁ ପାଳୁଥିବା ଏହି ଦେଶ ସହ କୌଣସି ସମ୍ପର୍କ ରଖାଯିବ ନାହିଁ ବୋଲି ପୁଣିଥରେ ଭାରତ ସ୍ପଷ୍ଟ କରିଦେଇଛି।

ସୈନିକଙ୍କୁ ଜାତିସଂଘ ଶାନ୍ତିରକ୍ଷା ମିଶନକୁ ପଠାଉଥିବା ଦେଶମାନଙ୍କୁ ଏହି ସମ୍ମିଳନୀ ପାଇଁ ଆମନ୍ତ୍ରଣ କରାଯାଉଛି। ସବୁ ଦେଶର ସେନାମୁଖ୍ୟମାନେ ଏହି କାର୍ଯ୍ୟକ୍ରମରେ ଏକାଠି ହେବେ। କିନ୍ତୁ ତାଲିକାରେ ପାକିସ୍ତାନ ଏବଂ ଚୀନ୍‌ର ନାମ ନାହିଁ ବୋଲି ଅଧିକାରୀମାନେ କହିଛନ୍ତି। ଏବେ ବିଶ୍ୱରେ ଜାତିସଂଘର ୧୧ଟି ମିଶନ ଚାଲିଛି। ପ୍ରାୟ ୧୨୦ଟି ଦେଶର ସେନା ଏଥିରେ ଅଂଶଗ୍ରହଣ କରୁଛନ୍ତି। ଭାରତୀୟ ସେନାର ପ୍ରାୟ ପାଞ୍ଚ ହଜାର ସୈନିକ ଏବେ ଜାତିସଂଘର ୯ଟି ମିଶନରେ ନିୟୋଜିତ ଅଛନ୍ତି।

## ରାମ ରହିମଙ୍କୁ ପୁଣି ପାରୋଲ

ରୋହତକ, ୫।୮ (ଏଜେନ୍ସି): ପାରୋଲ ବାବା ତଥା ଦୁଷ୍କର୍ମ ଅଭିଯୁକ୍ତ ଗୁରମିତ ରାମ ରହିମଙ୍କ ପ୍ରତି ହରିୟାଣା ସରକାରଙ୍କ କୃପାଦୃଷ୍ଟି ପୁଣି ପଡ଼ିଛି। ଦୁଇ ଶିଷ୍ୟାଙ୍କୁ ଦୁଷ୍କର୍ମ ମାମଲାରେ ସୁନାରିୟା ଜେଲରେ ୨୦ ବର୍ଷର ଦଣ୍ଡ କାଟୁଥିବା ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତଙ୍କୁ ହରିୟାଣା ସରକାର ଆଉ ୪୦ ଦିନ ପାଇଁ ପାରୋଲ ଦେଇଛନ୍ତି। ସେ ଆଜି ସକାଳ ସାଢ଼େ ୬ଟାରେ ଜେଲ୍‌ରୁ ବାହାରି ସିର୍ସାସ୍ଥିତ ଡେରା ଅଭିମୁଖେ ଯାଇଥିବା ସୂଚନା ମିଳିଛି। ପୂର୍ବରୁ ଗତ ଏପ୍ରିଲ୍ ମାସରେ ତାଙ୍କୁ ୨୧ ଦିନ ପାଇଁ ପାରୋଲ ଦିଆଯାଇଥିଲା। ଅନ୍ୟ କଏଦୀଙ୍କୁ ମୂଳରୁ ପାରୋଲ ମିଳୁ ନ ଥିବାବେଳେ ସରକାର କାହିଁକି ରାମ ରହିମଙ୍କୁ ଏତେ ଅନୁକମ୍ପା ଦେଖାଉଛନ୍ତି ବୋଲି ପ୍ରଶ୍ନ ଉଠୁଛି। ସାମ୍ବାଦିକଙ୍କ ହତ୍ୟା ମାମଲାରେ ତାଙ୍କୁ ଆଜୀବନ ଜେଲ୍‌ଦଣ୍ଡ ମଧ୍ୟ ହୋଇଛି। ଭୋଟ ପାଇଁ ସରକାର ଏହି 'ଗଡ୍‌ମ୍ୟାନ'ଙ୍କୁ ଏକାଧିକ ଥର ପାରୋଲ ଦେଉଛନ୍ତି ବୋଲି କୁହାଯାଉଛି। ଏହାକୁ ମିଶାଇ ରାମ ରହିମ ୧୪ ଥର ପାରୋଲରେ ଜେଲ୍‌ରୁ ବାହାରିଲାଣି।

## ଖଲିସ୍ତାନୀଙ୍କ ନକଲି ଦୂତାବାସ

ଓଟାୱା, ୫।୮ (ଏଜେନ୍ସି): ନୂଆ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ କାନାଡ଼ା ସହ ଭାରତର ସମ୍ବନ୍ଧ ସୁଧୁରିବାରେ ଲାଗିଛି। ଗୋଟିଏ ପଟେ କାନାଡ଼ା ଭାରତର ସହ ଦ୍ୱିପାକ୍ଷିକ ସମ୍ବନ୍ଧକୁ ନିବିଡ଼ କରିବାକୁ ଚାହୁଁଥିବାବେଳେ ଅନ୍ୟପଟେ ଭାରତ ବିରୋଧୀ ଷଡ଼ଯନ୍ତ୍ର ହେଉଛି। କାନାଡ଼ାର ବ୍ରିଟିଶ କଲମ୍ବିଆ ସ୍ଥିତ ସୁରେରେ ଖଲିସ୍ତାନୀମାନେ ଦୂତାବାସ ଖୋଲିଛନ୍ତି। ଏହାର ନାମ 'ରିପବ୍ଲିକ୍ ଅଫ୍ ଖଲିସ୍ତାନ' ରଖାଯାଇଛି। ଗୁରୁ ନାନକ ସାହିବ ଗୁରୁଦ୍ୱାରରେ ଏହା ରହିଛି। ଏହା ଦୁଇ ଦେଶର ସମ୍ବନ୍ଧକୁ ଅଧିକ ବିଗାଡ଼ି ଦେବ ବୋଲି କୁହାଯାଉଛି। ରିପୋର୍ଟ ଅନୁଯାୟୀ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜର ପୂର୍ବରୁ ଏହି ଗୁରୁଦ୍ୱାରର ମୁଖ୍ୟ ଥିଲା। ତାର ହତ୍ୟା ପରେ କାନାଡ଼ା ଏବଂ ଭାରତ ସମ୍ବନ୍ଧ ବିଗିଡ଼ିବାରେ ଲାଗିଥିଲା। ଏହି ନକଲି ଦୂତାବାସରେ ଆତଙ୍କବାଦୀ ହରଦୀପର ପୋଷ୍ଟର ଲାଗିଛି।

## କୁବେରେଶ୍ୱର ଧାମରେ ଦଳାଚକଟା

ସିହୋର, ୫।୮ (ଏଜେନ୍ସି): ମଧ୍ୟପ୍ରଦେଶ ସିହୋର ସ୍ଥିତି କଥାବାଚକ ପ୍ରଦୀପ ମିଶ୍ରାଙ୍କ କୁବେରେଶ୍ୱର ଧାମରେ ମଙ୍ଗଳବାର ବଡ଼ ଅଘଟଣ ଘଟିଛି। ପ୍ରବଳ ଭିଡ଼ ଯୋଗୁଁ ଏଠାରେ ଦଳାଚକଟା ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ୧୦ରୁ ଅଧିକ ଆହତ ହୋଇଛନ୍ତି। ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ତେବେ ଆନୁଷ୍ଠାନିକ ଭାବେ ଏହାର ସୂଚନା ଦିଆଯାଇ ନାହିଁ। ସୂଚନା ଅନୁଯାୟୀ ପ୍ରଦୀପ ମିଶ୍ରା ବୁଧବାର କୁବେରେଶ୍ୱର ଧାମରୁ ଚିତାବଲିଆ ହେମା ଗ୍ରାମ ପର୍ଯ୍ୟନ୍ତ କାଉଡ଼ି ଯାତ୍ରା ବାହାର କରିବେ। ଏଥିରେ ସାମିଲ ହେବା ପାଇଁ ଦିନକ ପୂର୍ବରୁ ଲୋକେ ଭିଡ଼ ଜମାଇଛନ୍ତି। ଲୋକଙ୍କ ସଂଖ୍ୟା ଏତେ ବଢ଼ି ଯାଇଥିଲା ଯେ ଖାଇବା, ରହିବା ଏବଂ ଦର୍ଶନ ପାଇଁ ସ୍ଥାନାଭାବ ଦେଖା ଦେଇଥିଲା। ଏଥିଯୋଗୁଁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ଅନେକ ସ୍ଥାନରେ ଧାଁଦୌଡ଼ ସ୍ଥିତି ସୃଷ୍ଟି ହୋଇଥିଲା। ତିନି ଜଣ ତଳେ ପଡ଼ି ଯାଇଥିଲେ। ଲୋକେ ନିଜ ଜୀବନ ବଞ୍ଚାଇବା ପାଇଁ ଅନ୍ୟମାନଙ୍କୁ ଦଳି ଚାଲି ଯାଇଥିଲେ। ତେବେ ଆହତଙ୍କୁ ମେଡିକାଲକୁ ନେବାରେ ବିଳମ୍ବ ହୋଇଥିଲା।

## ୩୦୦ କୋଟି କ୍ଲବରେ 'ସୈୟାରା'

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଆହାନ ପାଣ୍ଡେ ଓ ଅନୀତ ପଡ୍ଡାଙ୍କ ଅଭିନୀତ ସିନେମା 'ସୈୟାରା' ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଛି। ଏହି ସିନେମା ୩୦୦ କୋଟି ଟଙ୍କା କ୍ଲବରେ ସାମିଲ ହୋଇଛି। ମୁକ୍ତିଲାଭ କରିବାରର ୧୮ ଦିନରେ ଅର୍ଥାତ ସୋମବାର ଏହି ଫିଲ୍ମ ୩୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଆୟ କରିଛି। ମୋହିତ ସୂରୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ସିନେମା (ନୂଆ କଳାକାରଙ୍କୁ ନେଇ) ପ୍ରଥମ ଚଳଚ୍ଚିତ୍ର ଭାବେ ୩୦୦ କୋଟି କ୍ଲବରେ ସାମିଲ ହୋଇଛି। ତେବେ ଏହି ଚଳଚ୍ଚିତ୍ର ବିଶ୍ୱସ୍ତରରେ ମୋଟ ୫୦୭ କୋଟି ଟଙ୍କା ଆୟ କଲାଣି। କେବଳ ଭାରତରେ ୩୦୭ କୋଟି ଟଙ୍କା ଆୟ କରି ସାରଲାଣି। ଏହି ଧାରା ଜାରି ରହିଲେ ସୈୟାରା ଭିକି କୌଶଲଙ୍କ ଛାବା (୮୦୭କୋଟି)ର ରେକର୍ଡ କାଟି ଦେଇପାରେ।

## ନୂଆ ସାମୁଖ୍ୟ ଗଢ଼ିଲେ ତେଜପ୍ରତାପ

ପାଟନା, ୫।୮ (ଏଜେନ୍ସି): ପରିବାର ଏବଂ ଘରୁ ବିତାଡ଼ିତ ହୋଇଥିବା ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ ବିହାର ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେ ଏଥିପାଇଁ ୫ଟି ଦଳକୁ ନେଇ ମଙ୍ଗଳବାର ନୂଆ ସାମୁଖ୍ୟ ଗଢ଼ିଛନ୍ତି। ସେ ପ୍ରଦୀପ ନିଶାଦଙ୍କ ଦଳ ବଞ୍ଚିତ ବିକାଶ ଇନ୍ସାନ ପାର୍ଟି (ଭିଭିଆଇପି) ସହ ମେଣ୍ଟ ଘୋଷଣା ମଧ୍ୟ କରିଛନ୍ତି। ସେ କରିଥିବା ସାମ୍ବାଦିକ ସମ୍ମିଳନୀରେ ୫ଟି ଦଳର ଜାତୀୟ ଅଧ୍ୟକ୍ଷ ଉପସ୍ଥିତ ଥିଲେ। ଏହି ଦଳଙ୍କ ମଧ୍ୟରେ ଭିଭିଆଇପି, ବିଜେଏମ, ବିଜେପି, ଡବ୍ଲ୍ୟୁଏପି ଏବଂ ଏସ୍କେଭିପି ସାମିଲ ରହିଛି। କିଛି ଦିନ ତଳେ ତେଜପ୍ରତାପ ମହୁଆ ସିଟ୍ରୁ ସ୍ୱାଧୀନ ଭାବେ ଲଢିବେ ବୋଲି କହିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଟିମ୍ ତେଜପ୍ରତାପ ହେଉଛି ଏକ ପ୍ଲାଟଫର୍ମ। ଏହି ଟିମ୍ ନିର୍ବାଚନରେ ଯୁବ ବର୍ଗଙ୍କୁ ସମର୍ଥନ ଦେବ। ଯିଏ ଲଢିବ ତାଙ୍କ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ନିଜ ସାମୁଖ୍ୟରେ ସାମିଲ ହେବା ପାଇଁ ତେଜପ୍ରତାପ କଂଗ୍ରେସ ଏବଂ ଆରେଜେଡିକୁ ଅଫର ଦେଇଛନ୍ତି। ସାନ ଭାଇ ତେଜସ୍ୱୀ ଯାଦବ କେବେ ବି ମହୁଆ ଆସନରୁ ଲଢିବେ ନାହିଁ ବୋଲି ସେ ଦାବି କରିଛନ୍ତି।

# ଆମେରିକାକୁ ଜବାବ ଦେଲା ଭାରତ



ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଆହୁରି ଅଧିକ ଶୁଳ୍କ ଲଗାଇବାକୁ ମଧ୍ୟ ଧମକ ଦେଇଛନ୍ତି। ରୁଷଠାରୁ ତୈଳ କିଣି ଭାରତ ୟୁକ୍ରେନ ଯୁଦ୍ଧକୁ ପାଣ୍ଠି ଯୋଗାଉଛି ବୋଲି ଟ୍ରମ୍ପ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ସମ୍ବନ୍ଧ ଖରାପ ହେବାରେ ଲାଗିଛି। ଭାରତ ଆମେରିକାକୁ ମଧ୍ୟ ଜବାବ ଦେଇଛି। ଅନ୍ୟକୁ କହୁଥିବା ଆମେରିକା ନିଜେ ରୁଷଠାରୁ ୟୁରାନିୟମ ଏବଂ ସାର ଆଣୁଛି ବୋଲି ଭାରତ ପକ୍ଷରୁ କୁହାଯାଇଛି। ଏପରି ସମୟରେ ଭାରତୀୟ ସେନା ସାମାଜିକ ଗଣମାଧ୍ୟମରେ ୧୯୭୧ର ଏକ ଖବରକାଗଜ ପୋଷ୍ଟ କରି ଆମେରିକାକୁ କଡ଼ା ଜବାବ ଦେଇଛି। ୧୯୭୧ ଯୁଦ୍ଧ ପ୍ରସ୍ତୁତି ପାଇଁ ଆମେରିକା ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଦେଇଥିଲା ଖବରକାଗଜରେ ଲେଖାଯାଇଛି।

**୧୯୭୧ର ଖବରକାଗଜ ପୋଷ୍ଟ କରି ଆମେରିକାକୁ ଟାର୍ଗେଟ**

**ପାକିସ୍ତାନକୁ ଦେଇଥିଲା ୨ ବିଲିୟନ ଡଲାରର ଅସ୍ତ୍ରଶସ୍ତ୍ର**

**ଆମେରିକା-ଚୀନ୍‌ର ଅସ୍ତ୍ରଶସ୍ତ୍ରରେ ଲଢ଼ିଥିଲା ପାକିସ୍ତାନ**

ଏହି ଫଟୋ ସେୟାର କରି ଭାରତୀୟ ସେନା ଟ୍ରମ୍ପଙ୍କୁ ତାଙ୍କ ଅସଲ ଚେହେରା ଦେଖାଇବାକୁ ଚେଷ୍ଟା କରିଛି। ସେନାର ଇଷ୍ଟର୍ଣ୍ଣ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ ଏହି ଦିନ ସେହି ବର୍ଷ (୧୯୭୧ ଅଗଷ୍ଟ ୫ର) ସତ୍ୟ ଜାଣନ୍ତୁ। ୧୯୫୪ରୁ ୧୯୭୧ ଯାଏଁ ଆମେରିକା ପାକିସ୍ତାନକୁ ୨ ବିଲିୟନ ଡଲାରର ଅସ୍ତ୍ରଶସ୍ତ୍ର ପଠାଇ ଥିଲା। ଟ୍ରମ୍ପଙ୍କ ଧମକର ଦିନକ ପରେ ସେନା ଏହି ପୋଷ୍ଟ କରିଛି। ସେ ସୋମବାର କହିଥିଲେ ଯେ ଭାରତ ରୁଷଠାରୁ ଶସ୍ତାରେ ତେଲ ଆଣି ଖୋଲା ବଜାରରେ ବିକ୍ରି କରୁଛି। ସେ ପୁଣି ଭାରତ ଉପରେ ଶୁଳ୍କ ବୃଦ୍ଧି କରିବେ।

ଭାରତୀୟ ସେନା ପୋଷ୍ଟ କରିଥିବା ଏହି ରିପୋର୍ଟରେ ଚୀନ୍ ସହାୟତା ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି। ଏଥିରେ କୁହାଯାଇଛି ଯେ ଯୁଦ୍ଧ ପୂର୍ବରୁ ବେଜିଂ ମଧ୍ୟ ପାକିସ୍ତାନକୁ ସହାୟତା କରିଥିଲା। ସେ ସମୟରେ ରାଜ୍ୟସଭାରେ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଭିସି ଶୁକ୍ଲା ଦେଇଥିବା ବିବୃତି ଆଧାରରେ ଏହି ରିପୋର୍ଟ ପ୍ରକାଶ ପାଇଥିଲା। ସେ ରାଜ୍ୟସଭାରେ କହିଥିଲେ ଯେ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଦେବା ପ୍ରସଙ୍ଗରେ ନାଟୋ ଦେଶ ଏବଂ ସୋଭିଏତ ସଂଘ ସହ ଆଲୋଚନା କରାଯାଇଥିଲା। ସୋଭିଏତ ସଂଘ ଏବଂ ଫ୍ରାନ୍ସ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଦେବାକୁ ମନା କରି ଦେଇଥିଲା। ମାତ୍ର ଆମେରିକା ସମର୍ଥନ ଜାରି ରଖିଥିଲା। ଆମେରିକା ଏବଂ ଚୀନ୍ ବହୁତ ଶସ୍ତାରେ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଦେଇଥିଲେ। ଏଥିରୁ ସ୍ପଷ୍ଟ ହେଉଛି ଯେ ଏହି ଦେଶର ଅସ୍ତ୍ରଶସ୍ତ୍ର ନେଇ ପାକିସ୍ତାନ ୧୯୭୧ରେ ଭାରତ ବିରୋଧରେ ଲଢ଼ିଥିଲା।

 କ୍ଷମତା ପରିବର୍ତ୍ତନ ଷଡ଼ଯନ୍ତ୍ର

# ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଗୃହବନ୍ଦୀ

ରିଓ ଡି ଜେନେରିଓ, ୫।୮ (ଏଜେନ୍ସି): ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜାର ବୋଲସୋନାରୋଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଏବେ ତାଙ୍କୁ ଗୃହବନ୍ଦୀ କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ପଦକ୍ଷେପ ନିଆଯାଇଛି। ୨୦୨୨ର ସାଧାରଣ ନିର୍ବାଚନରେ ପରାଜୟ ସତ୍ତ୍ୱେ ସେ କ୍ଷମତାରେ ରହିବା ପାଇଁ ଷଡ଼ଯନ୍ତ୍ର କରିଥିଲେ। ସୁପ୍ରିମକୋର୍ଟ ଉପରେ ଆକ୍ରମଣ ଷଡ଼ଯନ୍ତ୍ର, ରାଷ୍ଟ୍ରପତି ଲୁଲା ଡି ସିଲ୍‌ଭା ଓ ବିଚାରପତିଙ୍କୁ ହତ୍ୟା ଯୋଜନା, ସେନା ମାଧ୍ୟମରେ ସରକାର ପରିବର୍ତ୍ତନ କରିବାକୁ ପ୍ରୟାସ କରିଥିଲେ ବୋଲି ଅଭିଯୋଗ ହୋଇଛି। ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ତାଙ୍କୁ ଗୃହବନ୍ଦୀ କରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶକୁ ମଧ୍ୟ ଉଲ୍ଲଙ୍ଘନ କରିଥିଲେ ବୋଲି କୋର୍ଟ କହିଛନ୍ତି। ସେ ନିଜର ତିନି ସାଂସଦ ପୁଅଙ୍କ ମାଧ୍ୟମରେ ସାର୍ବଜନୀନ ବାର୍ତ୍ତା ପଠାଇ ଥିଲେ। ଗତ ରବିବାର ବୋଲ୍‌ସୋନାରୋ ରିଓ ଡି ଜେନେରିଓରେ ତାଙ୍କ ସମର୍ଥକଙ୍କ ରାଲି ହୋଇଥିଲା। ସେ ନିଜ ପୁଅର ଫୋନ୍‌ରୁ ସମର୍ଥକଙ୍କୁ ସମ୍ବୋଧନ କରିଥିଲେ। ଏହା ସ୍ୱାଧୀନତାର ଲଢ଼େଇ ବୋଲି କହିଥିଲେ। ଏପରି କରି ନିଜ ଉପରେ ଲାଗିଥିବା କଟକଣାକୁ ସେ ଉଲ୍ଲଙ୍ଘନ କରିଛନ୍ତି ବୋଲି କୋର୍ଟ କହିଥିଲେ। ଏହା ପରେ ତାଙ୍କୁ ଘରେ ଗୃହବନ୍ଦୀ କରି ରଖିବାକୁ, ହାତରେ ବନ୍ଧା ଯାଉଥିବା ଇଲେକ୍‌ଟ୍ରୋନିକ ମନିଟର ପିନ୍ଧିବାକୁ ଏବଂ ଘରର ସବୁ ମୋବାଇଲ ଜବତ କରିବାକୁ ବିଚାରପତି ଆଲେକଜାଣ୍ଡର ଡି ମୋରେସ୍ ନିର୍ଦ୍ଦେଶ ଦେଇଥିଲେ।

**ପୂର୍ବତନ ରାଷ୍ଟ୍ରପତିଙ୍କୁ ବଞ୍ଚାଇବାକୁ ଅଧିକ ଶୁଳ୍କ ଲଗାଇଥିଲେ ଟ୍ରମ୍ପ**




ସାର୍ବଜନୀନ ଭାବେ ପୂର୍ବତନ ରାଷ୍ଟ୍ରପତି କିଛି କହିପାରିବେ ନାହିଁ ବୋଲି କୋର୍ଟ ଉଲ୍ଲେଖ କରିଛନ୍ତି। ଆମେରିକା ସହ ସହିତ ବାଣିଜ୍ୟ ଯୁଦ୍ଧର ସମ୍ମୁଖୀନ ହେଉଥିବା ବ୍ରାଜିଲରେ ଏହି ପ୍ରସଙ୍ଗର ଚର୍ଚ୍ଚାରେ ରହିଛି। ପୂର୍ବତନ ରାଷ୍ଟ୍ରପତି ବୋଲସୋନାରୋଙ୍କୁ ଟ୍ରମ୍ପଙ୍କ ଘନିଷ୍ଠ ବୋଲି କୁହାଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବ୍ରାଜିଲ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ଏହାକୁ ସେ ବୋଲସୋନାରୋଙ୍କ ବିରୋଧରେ ଚାଲିଥିବା ନ୍ୟାୟିକ ପ୍ରକ୍ରିୟା ସହ ଯୋଡ଼ି ଥିଲେ। ଡାହାଣୀ ଶିକାର ବୋଲି କହିଥିଲେ। ଏହାକୁ ନେଇ ବ୍ରାଜିଲରେ ଦେଶଭକ୍ତିର ମାହୋଲ ସରଗରମ ହୋଇଥିଲା। ସବୁ ରାଜନୈତିକ ଦଳ ଟ୍ରମ୍ପଙ୍କୁ ବିରୋଧ କରିଥିଲେ।

ବ୍ରାଜିଲର ସରକାରୀ ଓକିଲମାନେ ଅଭିଯୋଗ କରିଛନ୍ତି ଯେ ବୋଲସୋନାରୋ ଏକ ଅପରାଧିକ ସଂଗଠନର ନେତୃତ୍ୱ ନେଇଥିଲେ। ସେ ନିର୍ବାଚନ ଫଳାଫଳକୁ ପଲଟାଇବାକୁ ପ୍ରୟାସ କରିଥିଲେ। ସେହିପରି ଲୁଲାଙ୍କ ପୁଅ ଫ୍ଲୋଭିଓ କହିଛନ୍ତି ଯେ କୋର୍ଟ ଏକଛତ୍ରବାଦୀ ଆଭିମୁଖ୍ୟ ଆପଣାଉଛନ୍ତି। ବ୍ରାଜିଲ ଏବେ ଏକଛତ୍ରଶାସନ ଚାଲିଛି।

# ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲ୍ଲିକଙ୍କ ପରଲୋକ

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସତ୍ୟପାଲ ମଲ୍ଲିକଙ୍କ ପରଲୋକ ହୋଇଛି। ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା। ସେ ଦୀର୍ଘ ଦିନ ହେଲା ବୃକକ ଜନିତ ରୋଗରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ମେ' ୧୧ ତାରିଖରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେହି ଦିନଠାରୁ ତାଙ୍କର ଚିକିତ୍ସା ଜାରି ରହିଥିଲା। ଦୀର୍ଘ ଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରିବା ପରେ ସେ ହାରି ଯାଇଛନ୍ତି। ମଙ୍ଗଳବାର ଦ୍ୱିପହରେ ୧ଟାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ସେ ଜମ୍ମୁ-କଶ୍ମୀର, ବିହାର, ଗୋଆ ଏବଂ ମେଘାଳୟର ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ସେ ୨୦୧୮ ମାର୍ଚ୍ଚ ୨୧ରେ ଓଡ଼ିଶାର ଅତିରିକ୍ତ ଦାୟିତ୍ୱ ସମ୍ଭାଳି ଥିଲେ। ସେ ସେହି ବର୍ଷ ମେ' ୨୮ ପର୍ଯ୍ୟନ୍ତ ଓଡ଼ିଶାର ରାଜ୍ୟପାଳ ଦାୟିତ୍ୱରେ ଥିଲେ।



୨୦୧୮ ଅଗଷ୍ଟରୁ ୨୦୧୯ ଅକ୍ଟୋବର ପର୍ଯ୍ୟନ୍ତ ସେ ଜମ୍ମୁ-କଶ୍ମୀରର ରାଜ୍ୟପାଳ ଥିବାବେଳେ ଆଜିର ଦିନରେ ହିଁ ଧାରା ୩୭୦ ଉଚ୍ଛେଦ କରାଯାଇଥିଲା। ୧୯୪୬ ଜୁଲାଇ ୨୪ରେ ଉତ୍ତରପ୍ରଦେଶ ହିସାବଦା ଗାଁର ଏକ ଜାଟ ପରିବାରରେ ଜନ୍ମିତ ଦିବଂଗତ ମଲ୍ଲିକ ୧୯୭୪-୭୭ ମଧ୍ୟରେ ଉତ୍ତରପ୍ରଦେଶ ବିଧାନସଭା ସଦସ୍ୟ ହୋଇ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ତେବେ ଦୁର୍ନୀତି ମାମଲା ମଧ୍ୟ ତାଙ୍କ ପିଛା ଛାଡ଼ି ନାହିଁ। ଗତ ମେ' ୨୨ ତାରିଖରେ ଜମ୍ମୁ-କଶ୍ମୀର କିରୁ ହାଇଡ୍ରୋପାୱାର ପ୍ରୋଜେକ୍ଟ ସମ୍ବନ୍ଧିତ ଦର୍ନୀତି ମାମଲାରେ ସତ୍ୟପାଲ ମଲ୍ଲିକଙ୍କ ସମେତ ୫ ଜଣଙ୍କ ବିରୋଧରେ ଆରୋପପତ୍ର ଦାଖଲ କରିଥିଲା। ଏଥିରେ ପ୍ରାୟ ୨୨୦୦ କୋଟି ଟଙ୍କାର 'ସିଭିଲ ୱାର୍କ୍ସ କଣ୍ଟ୍ରାକ୍ଟ'ରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ଏହି ଠିକା ଦେବା ପାଇଁ କୋଟି କୋଟି ଟଙ୍କା ଯଚା ଯାଇଥିଲା ବୋଲି ସତ୍ୟପାଲ ଅଭିଯୋଗ କରିଥିଲେ। ଏଥିରେ ଜଣେ ବଡ଼ ଉଦ୍ୟୋଗପତି, ପିଡିପି ମୁଖ୍ୟ ମେହବୁବା ମୁଫତି ଏବଂ ବିଜେପି ମେଣ୍ଟ ସରକାରରେ ମନ୍ତ୍ରୀ ଥିବା ଜଣେ ବ୍ୟକ୍ତି ସାମିଲ ଥିବା କହିଥିଲେ। ମାତ୍ର ତାଙ୍କୁ ହିଁ ମାମଲାରେ ଅଭିଯୁକ୍ତ କରିଦିଆଯାଇଥିଲା। ଏହି ମାମଲାରେ ୨୦୨୪ ଫେବୃଆରୀ ୨୨ ସିବିଆଇ ସତ୍ୟପାଲଙ୍କ ଠିକଣାରେ ଚଢ଼ଉ କରିଥିଲା। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତୀବ୍ର ସମାଲୋଚନା କରିଥିଲେ। ପୁଲୱାମା ଆକ୍ରମଣକୁ ନେଇ ମୋଦୀ ତାଙ୍କୁ ଚୁପ୍ କରାଇ ଦେଇଥିବା ମଲ୍ଲିକ ଅଭିଯୋଗ କରିଥିଲେ।

## ୮ରେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତାର ଶୁଣାଣି

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟମାନ୍ୟତାକୁ ଫେରାଇଦେବା ପାଇଁ କେନ୍ଦ୍ର ସରକାର ବିଲ୍ ଆଣିପାରନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏହା ମଧ୍ୟରେ ସୁପ୍ରିମକୋର୍ଟ ୮ ତାରିଖରେ ଏହି ମାମଲାର ଶୁଣାଣି କରିବାକୁ ଯାଉଛନ୍ତି। ଜମ୍ମୁ-କଶ୍ମୀରର ପ୍ରଫେସର ଜହୁର ଅହମ୍ମଦ ଭଟ୍ଟ ଏବଂ ସମାଜସେବୀ ଖୁର୍ସିଦ ଅହମ୍ମଦ ମାଲିକ ଏହି ଆବେଦନ ଦାଖଲ କରିଛନ୍ତି। ଏଥିରେ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଫେରାଇ ଆଣିବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ଆବେଦନରେ ଯୁକ୍ତି ଦିଆଯାଇଛି ଯେ ଜମ୍ମୁ-କଶ୍ମୀରରେ ପଞ୍ଚାୟତ ନିର୍ବାଚନ ଏବଂ ପୌର ନିର୍ବାଚନ ଅନୁଷ୍ଠିତ ହୋଇଛି। ବର୍ତ୍ତମାନର ସୁରକ୍ଷା ଏବଂ ପ୍ରଶାସନିକ ପରିସ୍ଥିତି ରାଜ୍ୟ ମାନ୍ୟତା ଫେରାଇ ଆଣିବା ପାଇଁ ଅନୁକୂଳ। ଦୀର୍ଘ ସମୟ ଧରି ରାଜ୍ୟ ମାନ୍ୟତା ଫେରାଇ ନ ଆଣିବା ନାଗରିକ ଅଧିକାରର ଉଲ୍ଲଂଘନ। ଧାରା ୩୭୦ ହଟାଇବା ପରେ କେନ୍ଦ୍ର ସରକାର ଏହାକୁ ଏକ କେନ୍ଦ୍ରଶାସିତ ଅଞ୍ଚଳ କରିଥିଲେ। ଏହା ପରେ କେନ୍ଦ୍ରର ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଡିସେମ୍ବର ୨୦୨୩ରେ ସୁପ୍ରିମକୋର୍ଟ ରାଜ୍ୟରୁ ଧାରା ୩୭୦ ହଟାଇବା ଏବଂ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଉଚ୍ଛେଦକୁ ସମର୍ଥନ କରିଥିଲେ।



## ରେକର୍ଡ ଭାଙ୍ଗିଲେ ଶାହା

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମଙ୍ଗଳବାର ନୂଆ ରେକର୍ଡ କରିଛନ୍ତି। ସେ ଦୀର୍ଘ ଦିନ ପର୍ଯ୍ୟନ୍ତ ଏହି ପଦରେ ରହି ପୂର୍ବତନ ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ବିଜେପି ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି। ଶାହା ଏହି ପଦରେ ୨୨୫୮ ଦିନ ହେଲା ଅଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ୨୦୧୯ ମେ' ୩୦ରେ ସ୍ୱରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୨୦୨୪ ଜୁନ୍ ୯ରେ ଶାହାଙ୍କ ପ୍ରଥମ କାର୍ଯ୍ୟକାଳ ଶେଷ ହୋଇଥିଲା। ୨୦୨୪ ଜୁନ୍ ୧୦ରେ ସେ ପୁଣି ସ୍ୱରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ସେବେଠାରୁ ଏହି ପଦରେ ଅଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରାଳୟ ବ୍ୟତୀତ ସେ ଦେଶର ପ୍ରଥମ ସହଯୋଗ ମନ୍ତ୍ରୀ ହୋଇଥିଲେ। ଏହା ପୂର୍ବରୁ ସେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ ଗୁଜରାଟ ଗୃହମନ୍ତ୍ରୀ ଥିଲେ। ସଂଯୋଗବଶତଃ ଅଗଷ୍ଟ ୫ରେ ଶାହା ଦୀର୍ଘ ସମୟ ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ରହିବାର ରେକର୍ଡ ନିଜ ନାମରେ କରିଛନ୍ତି। ଏହି ଦିନ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ଦେଉଥିବା ଧାରା-୩୭୦ ଉଚ୍ଛେଦ କରାଯାଇଥିଲା।

# ଗାଁରେ ବିବାହ କରିବା ମନା

ଅମୃତସର, ୫।୮ (ଏଜେନ୍ସି): ପଞ୍ଜାବରୁ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ଅନେକ ଗାଁରେ ଯୁବକଯୁବତୀମାନେ ନିଜ ଗାଁରେ ବିବାହ କରୁଥିବାରୁ ଏହାକୁ ରୋକିବା ପାଇଁ ପଞ୍ଚାୟତମାନେ ପଦକ୍ଷେପ ନେଇଛନ୍ତି। ସମ୍ବିଧାନ ଦେଇଥିବା ଅଧିକାରକୁ ଉଲ୍ଲଙ୍ଘନ କରି ଏଭଳି ବିବାହ ଉପରେ କଟକଣା ଲଗାଇ ଦେଇଛି। ମାତ୍ର ସାମାଜିକ ଦୃଷ୍ଟିକୋଣରୁ ପଞ୍ଚାୟତଗୁଡ଼ିକ ଏପରି ନିଷ୍ପତ୍ତିକୁ ଉପଯୁକ୍ତ ବୋଲି ଲୋକେ କହୁଛନ୍ତି।

ସୂଚନା ଅନୁଯାୟୀ ବଠିଣ୍ଡା ଜିଲ୍ଲାର କୋଟ ଶମିର ଗ୍ରାମ, ଫରିଦକୋଟର ଗ୍ରାମ ସିରସଡ଼ି ଏବଂ ଅନୋଖପୁରା ତଥା ମାନସା ଜିଲ୍ଲାର ସୈଦେୱାଲା ଗ୍ରାମ ପଞ୍ଚାୟତ ବୈଠକରେ ଏପରି ପ୍ରସ୍ତାବ ପାରିତ ହୋଇଛି। କୌଣସି ଯୁବକ/ଯୁବତୀ ନିଜ ଗାଁରେ ବିବାହ କିମ୍ବା ପ୍ରେମ ବିବାହ କରି ପାରିବେ ନାହିଁ ବୋଲି କୁହାଯାଇଛି। ଏହି ନିୟମ ଭଙ୍ଗ କଲେ ସାମୂହିକ ଭାବରେ ବର୍ଜନ କରାଯିବ ବୋଲି ନିୟମ ରହିଛି। ଏହି ପ୍ରସ୍ତାବକୁ ସାରା ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ପଞ୍ଜାବ ସରକାରଙ୍କ ନିକଟରେ ସରପଞ୍ଚମାନେ ଦାବି କରିଛନ୍ତି। ବିଧାନସଭାରେ ଏହି ପ୍ରସଙ୍ଗ ଉପରେ ବିଚାର କରିବାକୁ ମଧ୍ୟ ଆବେଦନ କରିଛନ୍ତି।



କୋଟକାପୁରା ବିଧାନସଭା ନିର୍ବାଚନମଣ୍ଡଳୀର ସିରସଡ଼ି ଗାଁର ସରପଞ୍ଚ ଜ୍ଞାନ କୌର ଏବଂ ଅନୋଖପୁରା ଗାଁର ସରପଞ୍ଚ ବଲଜିତ ସିଂହଙ୍କ ଅନୁଯାୟୀ ନିଜ ଗାଁରେ ବିବାହ କରିବା ଦ୍ୱାରା ସାମାଜିକ ମୂଲ୍ୟବୋଧ କ୍ଷୁର୍ଣ୍ଣ ହେଉଛି। ଏଥିପାଇଁ ଅନର କିଲିଂ ମାମଲା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହା ସହିତ ଅନେକ ଅସୁବିଧା ମଧ୍ୟ ହେଉଛି। ଏହା ବଂଶାନୁକ୍ରମିକ ସମସ୍ୟା ବୃଦ୍ଧି କରିପାରେ। ଗାଁରେ ରହିବା ଯୋଗୁଁ ପରସ୍ପରର ଘରେ ହସ୍ତକ୍ଷେପ ମଧ୍ୟ ବୃଦ୍ଧି ପାଇବ। ଏହାଦ୍ୱାରା ସମ୍ପର୍କ ତିକ୍ତ ହୋଇଯିବ। ଗୋଟିଏ ପରିବାରେ ଯେପରି ବିବାହ ହୁଏ ନାହିଁ ସେପରି ଗାଁ ମଧ୍ୟ ଏକ ବଡ଼ ପରିବାର। ପୁଅ ଏବଂ ଝିଅ ପାଇଁ ଗୋଟିଏ ଗାଁରେ ବିବାହ କରିବା ଉଚିତ ନୁହେଁ।

# ଥାନାରେ ଥାର୍ଡ ଡିଗ୍ରୀ!

## ଅଟକ ଯୁବକଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର

**ଯାଜପୁର/ବାଲିଚନ୍ଦ୍ରପୁର, ୫।୮ (ସମିସ):** ବାଲିଚନ୍ଦ୍ରପୁର ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରି। ଘରୋଇ କଳହକୁ କେନ୍ଦ୍ର କରି ଅଟକ ଥିବା ଜଣେ ଯୁବକଙ୍କୁ ପୁଲିସ ଥାନାରେ ନିର୍ଯାତନା ଦେଇଥିବା ନେଇ ଅଭିଯୋଗ ହୋଇଛି। ପୁଲିସ୍ ଅତ୍ୟାଚାରର ଶିକାର ହୋଇଥିବା ଯୁବକଜଣଙ୍କ ହେଲେ, ମହିପୁର ଗାଁର ରମେଶ ମଲ୍ଲିକଙ୍କ ପୁଅ ରବୀନ୍ଦ୍ର ମଲ୍ଲିକ ଓରଫ୍ ବାଦଲ (୪୦)। ଅବସ୍ଥା ଏପରି ଯେ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଥାନାରେ ନିର୍ଯାତନା ଯୋଗୁଁ ବାଦଲଙ୍କ ଅବସ୍ଥା ଗୁରୁତର ହୋଇଥିବା ପରିବାରଲୋକେ ଅଭିଯୋଗ କରିଥିବା ବେଳେ ଏ ସଂପର୍କରେ ପୁଲିସ୍ ମୁହଁ ଖୋଲୁନାହିଁ।

ସୂଚନା ମୁତାବକ, ମହିପୁର ଗ୍ରାମର ଦୁଇ ଦଳିତ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଗତ ୩ ତାରିଖ ଅପରାହ୍ଣରେ ବାଦଲଙ୍କ ସହ ତାଙ୍କ ଦାଦା ମହେଶ୍ୱର ମଲ୍ଲିକଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ବାଦଲ ରାଗିଯାଇଥିଲେ ଏବଂ ମହେଶ୍ୱର ଓ ତାଙ୍କ ଘରକୁ ଆସିଥିବା ପଡ଼ୋଶୀ ମହିଳା ନମିତା ମଲ୍ଲିକଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହି ସମୟରେ ମହେଶ୍ୱରଙ୍କ ପୁଅ ବାପାଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ବାଦଲ ଉପରେ ଗରମ ପେଜ ଢାଳି ଦେଇଥିଲା। ପରେ ଏନେଇ ଦୁଇ ପକ୍ଷରୁ ଥାନାରେ ପୃଥକ୍ ପୃଥକ୍ ଦୁଇଟି ଅଭିଯୋଗ ହୋଇଥିଲା। ସେହିଦିନ ପୁଲିସ ବାଦଲଙ୍କୁ ଥାନାରେ ଅଟକ ରଖିଥିଲା। ପରଦିନ ଅର୍ଥାତ୍ ୪ ତାରିଖରେ ପରିବାରଲୋକ ବାଦଲଙ୍କୁ ଦେଖା କରିବାକୁ ଥାନାକୁ ଯାଇଥିବା ବେଳେ ପୁଲିସ ଦେଖା କରାଇ ଦେଇନଥିଲା। ଯେତେ ଗୁହାରି କଲେ ବି ପୁଲିସ୍ କିଛି ନ ଶୁଣି ସେମାନଙ୍କୁ ଫେରାଇ ଦେଇଥିଲା। ତେବେ ଆଜି ପରିବାରଲୋକେ ଜାଣିବାକୁ ପାଇଥିଲେ ଯେ ବାଦଲଙ୍କୁ ଗୁରୁତର ଅବସ୍ଥାରେ ପୁଲିସ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଇଛି। 'ଆମ ପୁଅର କ'ଣ ହୋଇଛି, ଆମକୁ କାହିଁକି ଜଣାଉନାହଁ' ବୋଲି ପରିବାରଲୋକେ ପଚାରିବାରୁ ପୁଲିସ୍ ତାଙ୍କୁ ଥାନା ଗାଡ଼ିରେ କଟକ ବଡ଼ ମେଡିକାଲକୁ ନେଇଥିବା ଜଣାଯାଇଛି। ଥାନାରେ ନିର୍ଯାତନା ଯୋଗୁଁ ବାଦଲଙ୍କ ଅବସ୍ଥା ଗୁରୁତର ହୋଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ, ବାଦଲ ଥାନାରେ ଅଟକ ଥିବା ବେଳେ ବିଷ ପାନ କରିଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ତେବେ ବାଦଲ ଅସୁସ୍ଥ ହେବା ପଛରେ ପ୍ରକୃତରେ କ'ଣ କାରଣ ରହିଛି ସେ ସଂପର୍କରେ ପୁଲିସ କିଛି କହିବାକୁ ମନାକରି ଦେଇଛି।

# ବଦଳିବ ଶ୍ରୀମନ୍ଦିର ଆଇନ

**ପୁରୀ,୫।୮ (ସମିସ):** ବାରମ୍ବାର ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ପଦାରେ ପଡୁଛି। ସୁରକ୍ଷାବଳୟକୁ ଭେଦ କରି ଭିତରକୁ ଯାଉଛି ପ୍ରତିବନ୍ଧକ ସାମଗ୍ରୀ। ତେଣୁ ଏହା ଉପରେ କିପରି ରୋକ୍ ଲାଗିବ, ସେନେଇ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛି ଶ୍ରୀମନ୍ଦିର ପ୍ରଶାସନ। ଏଥିପାଇଁ ପ୍ରଚଳିତ ଶ୍ରୀମନ୍ଦିର ଆଇନ ବଦଳାଯିବ। ଶ୍ରୀଜଗନ୍ନାଥ ମନ୍ଦିର ଆଇନ-୧୯୫୫ରେ ସଂଶୋଧନ ପାଇଁ ରାଜ୍ୟ ଆଇନ ବିଭାଗ ନିକଟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଧିବଦ୍ଧ ପ୍ରସ୍ତାବ ଦାଖଲ ହୋଇଛି। ଶ୍ରୀମନ୍ଦିର ଭିତରେ ତଥା ପରିସର ଉପରେ ମୋବାଇଲ ଫଟୋ, ଭିଡିଓ ଉତ୍ତୋଳନ କିମ୍ବା ଡ୍ରୋନ୍ ବ୍ୟବହାର ନେଇ ନିଷେଧାଦେଶ ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସଂଶୋଧନ ପ୍ରସ୍ତାବ ରହିଛି। ଏନେଇ ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଆଇନ ବିଭାଗକୁ ପତ୍ର ଲେଖି ଜଣାଇଛନ୍ତି।

ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ର ଧାରା ୩୦-ଏ' ର ଉପଧାରା ୬ରୁ ୯ ପର୍ଯ୍ୟନ୍ତ ସଂଶୋଧନ ପାଇଁ ପ୍ରସ୍ତାବ ରହିଛି। ପ୍ରସ୍ତାବ ଅନୁସାରେ, ଶ୍ରୀମନ୍ଦିର ଭିତର ଫଟୋ କିମ୍ବା ଭିଡିଓ ଉତ୍ତୋଳନ ପାଇଁ ମୋବାଇଲ ତଥା କୌଣସି ଇଲେକ୍ଟ୍ରୋନିକ ଜିନିଷ ନେବା ପାଇଁ ୩ ବର୍ଷ କାରାଦଣ୍ଡ କିମ୍ବା ୨୦ହଜାର ଟଙ୍କା ଜରିମାନା କିମ୍ବା ଉଭୟ ବ୍ୟବସ୍ଥା ରହିପାରେ। ସେହିପରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭକ୍ତଙ୍କ ଧାର୍ମିକ ଭାବନାକୁ ଆଘାତ କରୁଥିବା ଭଳି ଭିଡିଓ/ଚିତ୍ର କିମ୍ବା ମହାପ୍ରଭୁଙ୍କ ପ୍ରତିଛବି ଆଦି ସୋସିଆଲ ମିଡିଆ ଏବଂ ଇଲେକ୍ଟ୍ରୋନିକ୍



ମାଧ୍ୟମରେ ପ୍ରସାରଣ କରିବା, ଏହା ପ୍ରସ୍ତୁତ କରିବା କିମ୍ବା ପ୍ରସାରଣ କରିବା ପାଇଁ ୭ବର୍ଷ ଜେଲ ତଥା ଜାମିନ୍ ବିହୀନ ହେବା ସହ ୫୦ ହଜାର ଜରିମାନା ବ୍ୟବସ୍ଥା ପାଇଁ ପ୍ରସ୍ତାବ ରହିଛି। ଏଥିସହ ଶ୍ରୀମନ୍ଦିର ତଥା ଏହାର ପରିସର ଉପରେ ବିନା ଅନୁମତିରେ ଡ୍ରୋନ୍ ବ୍ୟବହାର ପାଇଁ ସମାନ ଦଣ୍ଡ ଭାବେ ୭ ବର୍ଷ ଜେଲ୍ ତଥା ୫୦ ହଜାର ଟଙ୍କା ଯାଏଁ ଜରିମାନା ପ୍ରସ୍ତାବ ରହିଛି। ସଂଶୋଧନ ନେଇ ଆବଶ୍ୟକ ପଦକ୍ଷେପ ତୁରନ୍ତ ଗ୍ରହଣ କରିବାକୁ ଆଇନ ବିଭାଗକୁ ମୁଖ୍ୟ ପ୍ରଶାସକ ନିବେଦନ କରିଛନ୍ତି ଏବଂ ଏହା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ବିସ୍ତୃତ ଆଲୋଚନା ହୋଇ ଅବଗତ କରାଯିବ ବୋଲି କହିଛନ୍ତି।

ଆଜି ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ

- **ଆଇନ ବିଭାଗକୁ ପ୍ରସ୍ତାବ ଦେଲା ଶ୍ରୀମନ୍ଦିର ପ୍ରଶାସନ**
- **ଗୁପ୍ତ କ୍ୟାମେରା, ମୋବାଇଲ ଓ ଡ୍ରୋନ୍ ଉଡ଼ାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ**

ବୈଠକରେ ଏ ସମ୍ପର୍କିତ ଆଲୋଚନା ହୋଇଥିଲା। ବୈଠକରେ ଶ୍ରୀମନ୍ଦିର ଆଇନରେ ସଂଶୋଧନ ପାଇଁ ଚାରୋଟି ବିନ୍ଦୁ ଉପରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଥିଲେ। ବୈଠକରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ନୀତି ପ୍ରଶାସକ, ସୁରକ୍ଷା ପ୍ରଶାସକ, ସ୍ୱତନ୍ତ୍ର ବାଟାଲିୟନ କମାଣ୍ଡାଣ୍ଟ ଓ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୁଣି ଧରାପଡ଼ିଲା ଗୁପ୍ତ କ୍ୟାମେରାଯୁକ୍ତ ଚଷମା

**ପୁରୀ,୫।୮ (ସମିସ):** ଶ୍ରୀମନ୍ଦିରକୁ ଏବେ ଗୁପ୍ତ କ୍ୟାମେରା ନିଆଯାଉଛି। ଚଷମାରେ ଏହି ଗୁପ୍ତ କ୍ୟାମେରା ରହିଥିବା ବେଳେ ଭକ୍ତ ଭିତରକୁ ପ୍ରବେଶ କରୁଛନ୍ତି। ୮ ଦିନରେ ୩ଜଣ ଭକ୍ତ ଧରାପଡ଼ିବା ଘଟଣା ଏବେ ପୁଲିସ ପ୍ରଶାସନର ଚିନ୍ତା ବଢ଼ାଇ ଦେଇଛି। ମଙ୍ଗଳବାର ପଶ୍ଚିମବଙ୍ଗର ଜଣେ ଶ୍ରଦ୍ଧାଳୁ ଏହିଭଳି ଏକ କ୍ୟାମେରା ପିନ୍ଧି ଭିତରକୁ ପ୍ରବେଶ କରୁଥିବା ବେଳେ ଧରାପଡ଼ିଛନ୍ତି। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଶ୍ରୀମନ୍ଦିର ସେବାୟତ ଓ ବୁଦ୍ଧିଜୀବୀ।

ସୁରକ୍ଷା ଦୃଷ୍ଟିକୋଣରୁ ଶ୍ରୀମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ଆଦି ନେବା ଉପରେ କଟକଣା ରହିଛି। ଏହା ସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷାବଳୟକୁ ଭେଦ କରି ମନ୍ଦିର ଭିତରକୁ ଏସବୁ ଯାଉଛି। ଫଳରେ ବିଭିନ୍ନ ସମୟରେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଅନେକ ସମୟରେ ପଦାରେ ପଡୁଛି। ମଙ୍ଗଳବାର ସକାଳେ ପଶ୍ଚିମବଙ୍ଗର ପ୍ରୀତିଶ ପାଲ୍ ମନ୍ଦିର ଭିତରକୁ ହିଡେନ୍ କ୍ୟାମେରା ନେଇ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ବେଳେ ପଶ୍ଚିମଦ୍ୱାରରେ ନିୟୋଜିତ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଥିଲେ। ଏହାପରେ ତାଙ୍କୁ ସିଂହଦ୍ୱାର ଥାନାକୁ ନିଆଯାଇ ପଚରାଉଚରା କରାଯାଇଥିଲା। ଶ୍ରୀମନ୍ଦିର ବାହାରେ ଓ ଭିତରେ କଡ଼ା ସୁରକ୍ଷା ସତ୍ତ୍ୱେ ଏମାନେ ମନ୍ଦିର ଭିତରକୁ କିଭଳି ହିଡେନ୍ କ୍ୟାମେରା ନେବାକୁ ସାହସ କରୁଛନ୍ତି, ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସେବାୟତ ଓ ବୁଦ୍ଧିଜୀବୀ। ସୂଚନାଥାଉ କି, ୮ଦିନ ଭିତରେ ଏହି ଘଟଣାରେ ୩ଜଣ ଧରା ହେଲେଣି।

# ୩ ମନ୍ତ୍ରୀଙ୍କୁ ବାଦ୍ ପ୍ରସଙ୍ଗରେ ଅସହମତି

## ଦିଲ୍ଲୀ ଗଲେ ମୋହନ- ମନମୋହନ; ଚୂଡ଼ାନ୍ତ ହେବ ନିଗମ, ମନ୍ତ୍ରିମଣ୍ଡଳ

**ଭୁବନେଶ୍ୱର, ୫।୮ (ସମିସ):** ଦିଲ୍ଲୀରେ ଚୂଡ଼ାନ୍ତ ହେବ ଓଡ଼ିଶାରେ କିଏ ପାଇବ ନିଗମ ଲଡ୍ଡୁ, କାହାମୁଣ୍ଡରେ ଲାଗିବ ମନ୍ତ୍ରୀ ଶିରିପା। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଓ ରାଜ୍ୟ ସଭାପତି ମନମୋହନ ସାମଲ ଆଜି ରାତିରେ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦୁଇ ଦିନିଆ ଦିଲ୍ଲୀଗସ୍ତ ମଧ୍ୟରେ ଏ ସବୁ ଚୂଡ଼ାନ୍ତ ହେବ । ଉଭୟ ଦିଲ୍ଲୀରୁ ଫେରିବା ପରେ ପର୍ଯ୍ୟାୟକ୍ରମେ ନିଗମ ଓ ବୋର୍ଡ଼ ନିଯୁକ୍ତି ଘୋଷଣା ହେବ । ପରବର୍ତ୍ତୀ ସମୟରେ ଦଳର ଜାତୀୟ ସଭାପତି ଘୋଷଣା ହେବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ।

ଆଜି ରାଜ୍ୟ ସରକାର ମହିଳା କମିଶନ ଓ ଶିଶୁ ସୁରକ୍ଷା କମିଶନ ଅଧକ୍ଷାଙ୍କୁ ନିଯୁକ୍ତି ଦେଇଛନ୍ତି। ମହିଳା କମିଶନ ଅଧକ୍ଷା ପଦରେ ଉତ୍ତର ଓଡ଼ିଶା ଓ ଶିଶୁ ସୁରକ୍ଷା କମିଶନ ଅଧକ୍ଷା ପଦରେ ଦକ୍ଷିଣ ଓଡ଼ିଶାରୁ ଜଣେ ମହିଳାଙ୍କୁ ଅବସ୍ଥାପିତ କରାଯାଇଛି। ମାତ୍ର ଅନ୍ୟ କମିଶନ, ନିଗମ, ବୋଡର୍, ପରିଷଦଗୁଡ଼ିକରେ ଖାଲିଥିବା ପ୍ରାୟ ୬୦ଟି ପଦ ବର୍ଷାଧିକ କାଳ ହେଲା ପୂରଣ ହୋଇ ନାହିଁ। ସେହିପରି ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ ଆଗାମୀ ମାସରେ ବସିବା ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବା ଆପାତତଃ ନିଶ୍ଚିତ କୁହାଯାଉଥିଲେ ହେଁ ସେ ସଂକ୍ରାନ୍ତରେ ଠୋସ ନିଷ୍ପତ୍ତି ହୋଇପାରି ନାହିଁ ।

ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ବିଜେପି ନେତାଙ୍କ ଯାବତୀୟ କସରତ ସତ୍ତ୍ୱେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ଚୂଡ଼ାନ୍ତ ରୂପ ଦିଆଯାଇ ପାରୁନାହିଁ। ସେହିପରି ନିଗମ, ବୋର୍ଡ, ଅକାଦେମୀ ଏବଂ କେତେକ କମିଶନରେ ଏଯାବତ୍ ନିଯୁକ୍ତି ଦିଆଯାଇପାରି ନାହିଁ। ଯାହାକୁ ନେଇ ଆଶାୟୀ ଦଳୀୟ ନେତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେହିପରି ଏହା ଉଭୟ ସରକାର ଏବଂ ସଂଗଠନର ନିଷ୍ପତ୍ତି ନେବା କ୍ଷମତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇତିମଧ୍ୟରେ ଉଭୟେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତି ଦିଲ୍ଲୀ ଗସ୍ତ କରି ମନ୍ତ୍ରୀମଣ୍ଡଳର ରୂପରେଖ ଚୂଡ଼ାନ୍ତ କରିବାକୁ ଉଦ୍ୟମ କରିଛନ୍ତି। ମାତ୍ର କୌଣସି ନା କୌଣସି କାରଣରୁ ଏହା ଶେଷ ମୂହୂର୍ତ୍ତରେ ବିଫଳ ହୋଇଛି। ବିଶେଷକରି ୨ରୁ ୩ ଜଣ ମନ୍ତ୍ରୀଙ୍କୁ ମନ୍ତ୍ରୀମଣ୍ଡଳରୁ ବାଦ୍ ଦେବାକୁ ନେଇ ସରକାର କୌଣସି ଠୋସ୍ ନିଷ୍ପତ୍ତି ନେଇପାରୁ ନ ଥିବାରୁ ଏହା ପ୍ରକ୍ରିୟାକୁ ବିଳମ୍ବ କରୁଛି। ଏପଟେ ସରକାରରେ ଜଣେ ଜଣେ ମନ୍ତ୍ରୀଙ୍କ ଉପରେ ଏକାଧିକ ବିଭାଗ ନ୍ୟସ୍ତ ଥିବାରୁ ଏହା ସେମାନଙ୍କର କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରୁଛି। ଅନେକ ସମୟରେ ମନ୍ତ୍ରୀମାନେ ଅନ୍ୟ ବିଭାଗରେ ମୁଣ୍ଡ ପୂରାଇ ମଧ୍ୟ ସାଧାରଣରେ ଅପଦସ୍ତ ହେଉଛନ୍ତି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ବେଶ୍ ଚିନ୍ତିତ ଥିବାବେଳେ ଚଳିତ ଦିଲ୍ଲୀ ଗସ୍ତରେ ଏନେଇ ଠୋସ୍ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ଅପରପକ୍ଷେ ବିଜେପି ସୂତ୍ରରୁ ମିଳିଥବା ସୂଚନା ଅନୁଯାୟୀ ଆସନ୍ତା ଅଗଷ୍ଟ ୧୫ ତାରିଖ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଘଟିପାରେ। ସେହିପରି ଖୁବଶୀଘ୍ର ବୋର୍ଡ, ନିଗମରେ ମଧ୍ୟ ସରକାର ନିଯୁକ୍ତି ଦେବେ। ଏଥିପାଇଁ ତାଲିକା ପ୍ରସ୍ତୁତ ସରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ସରିବା ପରେ ଏହା ବିଜ୍ଞପ୍ତି ଆକାରରେ ପ୍ରକାଶ ପାଇବ ବୋଲି ସର୍ବାଧିକ ସମ୍ଭାବନା ରହିଛି।

## ଅଶ୍ଳୀଳ ଫଟୋ ଭାଇରାଲ ଧମକ ଦେଇ ୬ଲକ୍ଷ ଟଙ୍କା ଲୁଟ୍

**ବାରିପଦା, ୫।୮ (ସମିସ):** ଜଣେ ଯୁବତୀଙ୍କ ସହ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବା ଧମକ ଦେଇ ସାଇବର୍ ଠକ ଜଣେ ଯୁବକଙ୍କଠାରୁ ୬ଲକ୍ଷ ୧୪ହଜାର ୫୦୦ଟଙ୍କା ଲୁଟି ନେଇଛନ୍ତି। ଠକେଇର ଶିକାର ଯୁବକ ହେଲେ, ବିଶୋଇ ଥାନା ଅନ୍ତର୍ଗତ ସାନମଣଦା ଗ୍ରାମର ନନ୍ଦିରାମ ନାଏକ। ଏ ସଂପର୍କରେ ସେ ସାଇବର୍ ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପ୍ରଥମେ ଏକ ଅଜଣା ନମ୍ବରରୁ ତାଙ୍କୁ ଫୋନ୍ ଓ ହ୍ୱାଟ୍ସ-ଆପ୍ କଲ୍ ଆସିଥିଲା। ପରେ ବ୍ୟକ୍ତିଜଣଙ୍କ ତାଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ଜଣେ ମହିଳାଙ୍କ ସହ ତାଙ୍କର ଆପତ୍ତିଜନକ ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଏଥିରେ ଭୟଭୀତ ହୋଇ ନନ୍ଦିରାମ ପର୍ଯ୍ୟାୟକ୍ରମେ ଦୁଇଟି ବ୍ୟାଙ୍କ ଆକାଉଣ୍ଟରୁ ସମୁଦାୟ ୬ ଲକ୍ଷ ୧୪ ହଜାର ୫୦୦ ଟଙ୍କା ଦେଇଦେଇଥିଲେ। ପରେ ସେ ଏନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଶୋଭନା ମହିଳା କମିଶନ, ବବିତା ଶିଶୁ ଅଧିକାର ଆୟୋଗ ଅଧକ୍ଷା

### ମହିଳା କମିଶନରେ ୪ ଓ ଶିଶୁ ଅଧିକାର ଆୟୋଗରେ ୬ ସଦସ୍ୟ

**ଭୁବନେଶ୍ୱର,୫।୮ (ସମିସ):** ଦୀର୍ଘ ଦିନ ଧରି ଖାଲି ପଡ଼ିବା ପରେ ରାଜ୍ୟ ସରକାର ମହିଳା କମିଶନ ଓ ଶିଶୁ ସୁରକ୍ଷା ଅଧିକାର ଆୟାଗର ଅଧକ୍ଷା ପଦ ପୂରଣ କରିଛନ୍ତି।

ରାଜ୍ୟର ନୂଆ ମହିଳା କମିଶନ ଅଧକ୍ଷା ରୂପେ ନିଯୁକ୍ତି ପାଇଛନ୍ତି ଶୋଭନା ମହାନ୍ତି। ସେହିପରି ବବିତା ପାତ୍ରଙ୍କୁ ରାଜ୍ୟ ଶିଶୁ ଅଧିକାର ଆୟୋଗ ଅଧକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଛି। ମଙ୍ଗଳବାର ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ମହିଳା କମିଶନ ଓ ଶିଶୁ ସୁର୪କ୍ଷା ଅଧିକାର ଆୟୋଗଙ୍କ କାର୍ଯ୍ୟକାଳ ୩ ବର୍ଷ ଧାର୍ଯ୍ୟ କରାଯାଇଛି।

ମହିଳା କମିଶନର ସଦସ୍ୟା ଭାବରେ ପ୍ରତିଭା ଶତପଥୀ, ଉର୍ମିଳା ମହାପାତ୍ର, କଳ୍ପନା ମଲ୍ଲିକ ଓ ମୁକ୍ତା ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ଭାବରେ କେନ୍ଦୁଝରର ସୁକେଶୀ ଓରାମ, ରାଉରକେଲାର କଳ୍ପନା ଲେଙ୍କା, ଭୁବନେଶ୍ୱରର ଚନ୍ଦନା ଦାସ, ଭୁବନେଶ୍ୱରର କସ୍ତୁରୀ ମିଶ୍ର, ଭଦ୍ରକର ମନସ୍ମିତା ଖୁଣ୍ଟିଆ ଓ ଭୁବନେଶ୍ୱରର ସୁଜାତା ନାୟକଙ୍କୁ ନିଯୁକ୍ତି ମିଳିଛି।

ଶୋଭନା ମହାନ୍ତିଙ୍କ ଘର ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅନ୍ତର୍ଗତ କରଞ୍ଜିଆ ଗ୍ରାମରେ। ଦାୟିତ୍ୱ ନେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ଏପରି ଗୁରୁଦାୟିତ୍ୱ ମିଳିଥିବାରୁ ଖୁସି ଅନୁଭବ କରୁଛି। ରାଜ୍ୟ ସରକାର ଯେଉଁ ଦାୟିତ୍ୱ ଦେଇଛନ୍ତି, ତାକୁ ଠିକ୍ ଭାବେ ତୁଲାଇବି। ମହିଳାଙ୍କୁ ଠିକ ଭାବେ ନ୍ୟାୟ ଦେବାକୁ ଉଦ୍ୟମ କରିବି। ଆମ ସରକାରରେ ମହିଳାଙ୍କୁ ଉଚିତ ନ୍ୟାୟ ମିଳିବ। ନିଜ ଦଳ ହୁଅନ୍ତୁ ବା ଅନ୍ୟ କେଉଁ ଦଳର ହୁଅନ୍ତୁ ଦୋଷୀଙ୍କୁ ଛଡ଼ାଯିବ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ




କରିଛନ୍ତି। ଅନୁରୂପ ଭାବରେ ବବିତା ପାତ୍ର ତାଙ୍କ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଶିଶୁ ଅଧିକାର ଓ ସୁରକ୍ଷା ସୁନିଶ୍ଚିତ ହେବ। ଶିଶୁ ନିର୍ଯାତନା କମାଇବାକୁ ରୋଡ଼ ମ୍ୟାପ ପ୍ରସ୍ତୁତ କରିବୁ। ମହିଳା ଓ ଶିଶୁ ବିକାଶ ବିଭାଗ ସହ ମିଶି ଶିଶୁ ଚାଲାଣ ଓ ଶିଶୁ ଶ୍ରମିକ ରୋକିବୁ। ବିଜେପି ସରକାରରେ ଶିଶୁଙ୍କ କଲ୍ୟାଣ ହେବା ସହ ନାବାଳିକା ଦୁଷ୍କର୍ମ, ଶିଶୁ ନିର୍ଯାତନା ଉପରେ କଠୋର ବ୍ୟବସ୍ଥା କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଚାଲାଣ ବେଳେ ୧୦୭୮ କଇଁଛ ଜବତ

**କାଲିମେଳା/ମୋଟୁ, ୫।୮ (ସମିସ):** ମାଲକାନଗିରି ବନ ବିଭାଗ ଆଜି ଏକ କଇଁଛ ଚାଲାଣ ରାକେଟ୍‌ର ପର୍ଦ୍ଦାଫାସ୍ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ଏମଭି-୭୯ ଥାନା ଅନ୍ତର୍ଗତ ଏମପିଭି ୬୫ ଗ୍ରାମର ସୁକୁମାର ତରଫଦାର ଓରଫ୍ ଖୋକନ, ଛତିଶଗଡ଼ ରାଜ୍ୟ ସୁକୁମା ଜିଲ୍ଲା ଦରନାପାଲ ଗ୍ରାମର ଡ୍ରାଇଭର ଯୁଗଳ ଚନ୍ଦ୍ର ଦେ ଓ ଏମଭି ୭୯ ଥାନା ଅନ୍ତର୍ଗତ ଏମପି ଭି ୫୬ ଗ୍ରାମର ବିଶ୍ୱନାଥ ମଣ୍ଡଳ। ସେମାନଙ୍କ ନିକଟରୁ ମୋଟ ୧୦୭ଟି କଇଁଛ ଜବତ ହୋଇଛି। ସେଥିମଧ୍ୟରୁ ୯୧୦ଟି ଜୀବନ୍ତ କଇଁଛ ଥିବା ବେଳେ ୧୬୮ଟି ମୃତ ଥିବା ଜଣାଯାଇଛି। ଏକ ବଲେରୋରେ ସେମାନେ ଏହି କଇଁଛଗୁଡ଼ିକୁ ଆନ୍ଧ୍ରପ୍ରଦେଶରୁ ଟିଗଲ ପଞ୍ଚାୟତ ଏମପିଭି ୬୫ ଗ୍ରାମକୁ ବିକ୍ରି ଏବଂ ଖାଇବା ଉଦ୍ଦେଶ୍ୟରେ ଚାଲାଣ କରୁଥିଲେ। ଅପରାହ୍ଣ ପ୍ରାୟ ୪ଟାରେ ମୋଟୁ-କୋଣ୍ଟା ବ୍ରିଜ୍ ନିକଟରେ ବନ ବିଭାଗର ଏକ ପାଟ୍ରୋଲିଂ ଗାଡ଼ି ସେମାନଙ୍କୁ ମାଡ଼ି ବସିଥିଲା। ଏହି ଚଢ଼ଉରେ ଜିଲ୍ଲା ସହାୟକ ବନଖଣ୍ଡ ଅଧିକାରୀ ମନସୁନ ଖେମୁଣ୍ଡୁ, ମୋଟୁ ଫରେଷ୍ଟର୍ ମୁରଲୀଧର ଅନୁଗୁଳିଆ ଓ ମୋଟୁ ସେକ୍ସନ୍‌ର ସମସ୍ତ ବନ କର୍ମଚାରୀ ସାମିଲ ଥିଲେ। ଏନେଇ ତଦନ୍ତ ଚାଲିଛି ବୋଲି ତଦନ୍ତକାରୀ ଅଧିକାରିଣୀ ଏସି ଏଫ ମୁନସୁନ ଖେମୁଣ୍ଡୁ କହିଛନ୍ତି।

## ମାଓବାଦୀ ମୁକାବିଲା ପାଇଁ ସ୍ୱତନ୍ତ୍ର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ

# ନିୟୋଜିତ ହେବେ ଅଧିକ ପୁଲିସ ଓ ଏସ୍‌ଓଜି: ଏଡିଜି

**ରାଉରକେଲା,୫।୮ (ସମିସ):** ସୁନ୍ଦରଗଡ଼ ଜିଲ୍ଲାର ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଇଲାକାରେ ମାଓବାଦୀଙ୍କ ହିଂସାକୁ ମୁକାବିଲା କରିବା ପାଇଁ ଏକ ସ୍ୱତନ୍ତ୍ର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ଏଥିପାଇଁ ଅଧିକ ପୁଲିସ କ୍ୟାମ୍ପ ସ୍ଥାପନ ସହ ଅଧିକ ଏସଓଜି ଯବାନ ମୁତୟନ ହେବେ ବୋଲି କହିଛନ୍ତି ରାଜ୍ୟ ଆଣ୍ଟି ନକ୍ସଲ ଅପରେସନ ତଥା ଏସଆଇଡବ୍ଲ୍ୟୁ ଏଡିଜି ସଞ୍ଜୀବ ପଣ୍ଡା।

ମାଓ ଉପଦ୍ରୁତ କେ.ବଲାଙ୍ଗ ଥାନା ଅଧୀନ ରେଞ୍ଜୋଡ଼ା ଅଞ୍ଚଳ ଗସ୍ତକରି ଫେରିବା ପରେ ମଙ୍ଗଳବାର ସାମ୍ବାଦିକମାନଙ୍କର ପ୍ରଶ୍ନର ଉତ୍ତର ଦେଇ ଏଡିଜି ଶ୍ରୀ ପଣ୍ଡା କହିଲେ, ୨୦୧୮ ପରେ ସୁନ୍ଦରଗଡ଼ ଜିଲ୍ଲାରେ ମାଓ କାର୍ଯ୍ୟକଳାପ ପ୍ରାୟ କମି ଯାଇଥିଲା। ସମ୍ପ୍ରତି ସରଣ୍ଡା ଜଙ୍ଗଲରେ ଯେଉଁ ତିନି ତିନିଟି ଆଇଇଡି ବିସ୍ଫୋରଣ ଘଟିଲା, ୨୦୧୮ ମସିହା ପରେ ଏହା ମାଓବାଦୀଙ୍କ ପ୍ରଥମ ହିଂସାତ୍ମକ କାଣ୍ଡ। ମାଓ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ମାଓ ପ୍ରବଣ ସୀମାନ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଉନ୍ନତ କରାଯିବ। ଏସ୍‌ଓଜି ଯବାନଙ୍କ ସଂଖ୍ୟା ବୃଦ୍ଧି କରାଯାଇ ସେଠାରେ ମୁତୟନ କରାଯିବ। ମାଓ କାର୍ଯ୍ୟକଳାପକୁ ପ୍ରଶମିତ କରିବା ପାଇଁ ଝାଡ଼ଖଣ୍ଡ ରାଜ୍ୟ ପୁଲିସ ସହ ଆଲୋଚନା ହୋଇଛି। ଏହି ପରିପ୍ରେକ୍ଷୀରେ ମାଓ



ପ୍ରବଣ ଅଞ୍ଚଳରେ ମାଓବାଦୀ ନିପାତ ପାଇଁ ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ରାଜ୍ୟର ଅପରେସନ, ଗୁଇନ୍ଦା ବିଭାଗକୁ ଆହୁରି ସକ୍ରିୟ କରାଯିବ ବୋଲି ଏଡିଜି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଏହି ଅବସରରେ ଆଇଜି (ଅପରେସନ) ଡ. ଦୀପକ କୁମାର, ଡିଆଇଜି (ଅପରେସନ) ଅଖିଳେଶ୍ୱର ସିଂ, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ, ଏସ୍‌ପି ନିତେଶ ୱାଧୱାନୀ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତ ୨୮ ତାରିଖରୁ ଛୋଟନାଗପୁର ଡିଭିଜନାଲ କମିଟିର ପୂର୍ବୀ ରିଜିଓନାଲ ବ୍ୟୁରୋ ପକ୍ଷରୁ ମାଓବାଦୀଙ୍କ ଦ୍ୱାରା ସହିଦ ସପ୍ତାହ ପାଳନ କରାଯାଉଥିଲା। ଏଥିପାଇଁ ମାଓ ସଂଗଠନ ପକ୍ଷରୁ ସରଣ୍ଡା ଜଙ୍ଗଲର ବିଭିନ୍ନ ସ୍ଥାନରେ ମାଓ ପୋଷ୍ଟର୍ ଲଗାଯାଇ ଚେତାବନୀ ଦିଆଯାଇଥିଲା। ସୋମବାର ସହିଦ ସପ୍ତାହ ପାଳନର ଅନ୍ତିମ ଦିବସରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀମାନେ ବିମଳାଗଡ଼-କିରିବୁରୁ ସେକ୍ସନ୍‌ର ରାଞ୍ଜଡ଼ା ରେଳଷ୍ଟେସନ୍‌ରୁ ୩ କିଲୋମିଟର ଦୂରରେ ରେଳ ଧାରଣା ଖୁଣ୍ଟ ନମ୍ବର ୪୭୧/୧ ନିକଟରେ ଏକ ଲ୍ୟାଣ୍ଡମାଇନ ଖଞ୍ଜିଥିଲେ। ତେବେ ଉକ୍ତ ଲ୍ୟାଣ୍ଡମାଇନ ଉପରେ ରେଲୱେ କର୍ମଚାରୀ ବୁଦ୍ଧୁରାମ ମୁଣ୍ଡାଙ୍କ ଗୋଡ଼ ପଡ଼ିଯିବାରୁ ୨ ତାରିଖ ରାତି ୧୧ ଟା ୩୩ ମିନିଟ ରେ ଏକ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଫଳରେ ଏହି ବିସ୍ଫୋରଣରେ ବୁଦ୍ଧୁରାମ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଛି ଓ ପୁନର୍ବାର ସୋମବାର ୯ ଟା ୧୧ ମିନିଟରେ ସେହି ଟ୍ରାକ୍‌ର ଖୁଣ୍ଟ ନମ୍ବର ୪୭୭/୩୪-୩୫ ନିକଟରେ ମାଓବାଦୀମାନେ ଖଞ୍ଜିଥିବା ଆଉ ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟିଥିଲା। ଏଥିରେ ଜଣେ ଗ୍ୟାଙ୍ଗ ମ୍ୟାନ୍ ଏତୁଆ ଓରାମଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

# ହାତୀଙ୍କ ପାଇଁ ଜଙ୍ଗଲ ଭିତରେ ହେବ ଧାନ ଚାଷ

**ଭୁବନେଶ୍ୱର,୫।୮ (ସମିସ):** ରାଜ୍ୟରେ ପ୍ରତିବର୍ଷ ହାତୀ ମୁନୁଷ୍ୟ ଲଢ଼େଇ ଯୋଗୁଁ ଶତାଧିକ ଲୋକଙ୍କ ଜୀବନ ଯାଉଛି। ଅନେକ ସମୟରେ ହାତୀ-ମଣିଷ ଲଢ଼େଇରେ ଓଡ଼ିଶାର ମୃତକଙ୍କ ସଂଖ୍ୟା ସାରା ଦେଶରେ ଅଧିକ ରହୁଛି। ମୁଖ୍ୟତଃ ହାତୀମାନଙ୍କୁ ଜଙ୍ଗଲରେ ଖାଦ୍ୟ ଅଭାବ ହେଉଥିବା ଯୋଗୁଁ ସେମାନେ ବାହାରକୁ ଆସୁଛନ୍ତି ଓ ହାତୀ-ମଣିଷ ସଂଘର୍ଷ ବୃଦ୍ଧି ପାଉଛି। ତେଣୁ ଏହାକୁ ରୋକିବାକୁ ଜଙ୍ଗଲ ଭିତରେ ଧାନ ଚାଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ବନ ବିଭାଗକୁ ପରାମର୍ଶ ଦେଇଛନ୍ତି।

ମଙ୍ଗଳବାର ଲୋକସେବା ଭବନ କନ୍‌ଭେନ୍ସନ୍ ସେଣ୍ଟରରେ ଆୟୋଜିତ ରାଜ୍ୟସ୍ତରୀୟ ବନ ଅଧିକାରୀ ସମ୍ମିଳନୀରେ ଉପସ୍ଥିତ ବନଖଣ୍ଡ ଅଧିକାରୀମାନଙ୍କ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବନୀକରଣ କାର୍ଯ୍ୟକ୍ରମରେ ଜନବସତି ଅଞ୍ଚଳରେ ଏପରି ଗଛ ଲଗାଇବା ଉଚିତ, ଯାହା ଲୋକଙ୍କୁ ଫଳ, ପୁଷ୍ପ ପ୍ରଦାନ କରୁଥିବା ସହିତ ଛାୟା ପ୍ରଦାନ କରିପାରିବ। ତେବେ ଯାଇ ଲୋକମାନେ




ଏସବୁ ବୃକ୍ଷର ଉପଯୁକ୍ତ ଯତ୍ନ ନେବେ। ସେହିଭଳି ପଥପାର୍ଶ୍ୱ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଲୋକମାନଙ୍କ କାମରେ ଲାଗିଲା ଭଳି ଗଛ ରୋପଣ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ଏକ-ଚତୁର୍ଥାଂଶ ଲୋକ ହେଉଛନ୍ତି ଆଦିବାସୀ ସଂପ୍ରଦାୟର ଲୋକ। ସେମାନେ ମୁଖ୍ୟତଃ ବଣ ଜଙ୍ଗଲ ଏବଂ ଏହାର ଆଖପାଖ ଅଞ୍ଚଳରେ ବସବାସ କରନ୍ତି। ତେଣୁ ବନ ଅଧିକାରୀମାନେ ଗରିବ, ଆଦିବାସୀ, ଦଳିତ ବର୍ଗ ଲୋକଙ୍କ ସହିତ ଜଙ୍ଗଲ ସୁରକ୍ଷା ନିୟମ ପାଳନ ସମୟରେ ସମ୍ବେଦନଶୀଳତା ସହ ବ୍ୟବହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କାର୍ଯ୍ୟକ୍ରମରେ କହିଛନ୍ତି ଯେ ଓଡିଶାରେ ଜଙ୍ଗଲ ଅଭିବୃଦ୍ଧି କ୍ଷେତ୍ରରେ ଯାହା ବି ଅଭିବୃଦ୍ଧି ହୋଇଛି ଏହାର ଶ୍ରେୟ ଜଙ୍ଗଲ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କର। ତେଣୁ ସମସ୍ତ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରି ଲୋକଙ୍କ ସହ ଯୋଡିହୋଇ କାମ କରି ବିଭାଗ ପାଇଁ ସୁନାମ ଆଣିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଜଙ୍ଗଲ ସମ୍ପଦର ସୁରକ୍ଷା ସହିତ ଜଙ୍ଗଲ ଭିତରେ ଏବଂ ଜଙ୍ଗଲ ନିକଟରେ ରହୁଥିବା ଲୋକଙ୍କୁ ଜଙ୍ଗଲ ସଂରକ୍ଷଣ ପ୍ରତି ସଚେତନ କରିବା ଓ ଜଙ୍ଗଲ ମଧ୍ୟରେ ରହୁଥିବା

**ବନୀକରଣ ବେଳେ ଫଳ, ଫୁଲ ଗଛ ଲଗାଇବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

ଲୋକଙ୍କ ଜୀବନ ଜୀବିକା ବୃଦ୍ଧି ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର, ଉଦ୍ୟାନ କୃଷି ବିଭାଗ ଏବଂ ଓଡିଶା ରାଜ୍ୟ ବିହନ ନିଗମ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିଲା। ଏହାଦ୍ୱାରା ରାଜ୍ୟର କୃଷକ ମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ ମାନର ଫଳ ଚାରା ଯୋଗାଇ ଦିଆଯିବ। କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା, ପ୍ରଧାନ ମୁଖ୍ୟ ବନସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦୁରୀ ଉପସ୍ଥିତ ଥିଲେ।

■ ଏମ୍‌କେସିଜିରେ ଗୋଟିଏ ସିଲିଣ୍ଡରରୁ ୨ ଶିଶୁଙ୍କୁ ଅକ୍ସିଜେନ୍

## ଅଧୀକ୍ଷକଙ୍କୁ ରିପୋର୍ଟ ମାଗିଲେ ଡିଏମ୍‌ଇଟି ଓ ଆର୍‌ଡିସି

**ବ୍ରହ୍ମପୁର,୫।୮ (ସମିସ):** ଏମ୍‌କେସିଜି ମେଡିକାଲ ଶିଶୁବିଭାଗରେ ଚିକିତ୍ସିତ ଦୁଇ ନବଜାତ ଶିଶୁଙ୍କୁ ଗୋଟିଏ ସିଲିଣ୍ଡରରୁ ଅକ୍ସିଜେନ ଦିଆଯିବା ଘଟଣାକୁ ଉଭୟ ଡିଏମ୍‌ଇଟି ଓ ଦକ୍ଷିଣାଞ୍ଚଳ ଆର୍‌ଡ଼ିସି ଗୁରୁତର ସହ ନେଇଛନ୍ତି। ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ଓ ପ୍ରସାରଣ ପରେ ଏନେଇ ଉଭୟ ଅଧିକାରୀ ତତ୍ପରତା ପ୍ରକାଶ କରି ଏମ୍‌କେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀଙ୍କୁ ରିପୋର୍ଟ ତଲବ କରିଛନ୍ତି। କାହିଁକି ଓ କେଉଁଭଳି ପରିସ୍ଥିତିରେ ଶିଶୁବିଭାଗ ପକ୍ଷରୁ ଏଭଳି ନିଷ୍ପତି ନିଆଗଲା ସେ ସମ୍ପର୍କରେ ତଦନ୍ତ କରିବା ସହ କିପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଜଣାଇବାକୁ ମଧ୍ୟ କୁହାଯାଇଛି।

ଅନ୍ୟପକ୍ଷରେ ଘଟଣା ସମୟର ଭିଡ଼ିଓ ଏବଂ ଫଟୋ ଭାଇରାଲ ପରେ ଘଟଣାକୁ ନେଇ ମେଡ଼ିକାଲ ଅଧୀକ୍ଷକ ମଧ୍ୟ ଶିଶୁବିଭାଗ ମୁଖ୍ୟଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ଯଦି ଉଭୟ ରୋଗୀଙ୍କୁ ସମାନ ପରିମାଣର ଅକ୍ସିଜେନ ଆବଶ୍ୟକ ଥାଏ ତେବେ ଏଭଳି ପରିସ୍ଥିତିରେ ଗୋଟିଏ ସିଲିଣ୍ଡରରୁ ଏକାଧିକ ରୋଗୀଙ୍କୁ ଅକ୍ସିଜେନ ପ୍ରଦାନ କରାଯାଇ ପାରିବ ବୋଲି ଶିଶୁବିଭାଗ ପକ୍ଷରୁ ଅଧୀକ୍ଷକଙ୍କୁ କୁହାଯାଇଥିବା ଜଣାପଡିଛି। ଏନେଇ ପାଠ୍ୟପୁସ୍ତକରେ ମଧ୍ୟ ଉଲ୍ଲେଖ ଥିବା ଦର୍ଶାଯାଇଛି। ଅପରପକ୍ଷରେ କେଉଁ ପାଠ୍ୟପୁସ୍ତକରେ ଏଭଳି ଉଲ୍ଲେଖ ଅଛି ତାହା ପ୍ରମାଣ ସହ ଉପସ୍ଥାପନ କରିବାକୁ ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ ଶିଶୁବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ପାଇବା ପରେ ଦକ୍ଷିଣାଞ୍ଚଳ ଆର୍‌ଡ଼ିସିଙ୍କ ସମେତ ଡିଏମ୍‌ଇଟିଙ୍କୁ ପ୍ରଦାନ କରାଯିବ ବୋଲି ଡ଼ା. ଶତପଥୀ କହିଛନ୍ତି।

ସୂଚନାଯୋଗ୍ୟ ଯେ, ମେଡ଼ିକାଲର ଶିଶୁରୋଗ ବିଭାଗ ଏସ୍‌ଏନ୍‌ସିୟୁ (ସ୍ପେଶାଲ୍ ନ୍ୟୁବର୍ଣ୍ଣ କେୟାର ୟୁନିଟ୍) ରେ କିଛିଦିନ ଧରି ପାତ୍ରପୁର ବ୍ଲକ ପଦାଦିଗି ଗ୍ରାମର କୌଶଲ୍ୟା ସାହୁଙ୍କ ୮ଦିନର ଶିଶୁପୁତ୍ର ଓ ଗଜପତି ଜିଲ୍ଲା ନୂଆଗଡ ବ୍ଲକ ବଦପଦା ଗ୍ରାମର ପଦ୍ମାଳୟା ବେହେରାଙ୍କ ୧୪ଦିନର ଶିଶୁ କନ୍ୟା ଚିକିତ୍ସିତ ହେଉଛନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ଉଭୟ ଶିଶୁଙ୍କୁ ମେଡ଼ିକାଲ ପରିସରରେ ଥିବା ସୁପର ସ୍ପେସିଆଲିଟି କୋଠାକୁ ଇକୋ ପରୀକ୍ଷା ପାଇଁ ନିଆଯାଇଥିଲା। ୱାର୍ଡରେ ଥିବା ଆଟେଣ୍ଡାଣ୍ଟ ଗୋଟିଏ ଅକ୍ସିଜେନ୍ ଭର୍ତ୍ତି ସିଲିଣ୍ଡରରୁ ଉଭୟ ଶିଶୁଙ୍କୁ ଅକ୍ସିଜେନ୍ ଲଗାଇ ନେଉଥିବାବେଳେ ସେମାନଙ୍କ ମାଆ ଓ ସମ୍ପର୍କୀୟମାନେ ଶିଶୁଙ୍କୁ କୋଳରେ ଧରି ଯାଉଥିବା ଦୃଶ୍ୟ ଭାଇରାଲ ହୋଇଥିଲା।

### ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁର ପ୍ରତିବାଦ

# ପୁରୀ ଜିଲ୍ଲା ବନ୍ଦ ପାଇଁ ବିଜେଡିର ପ୍ରସ୍ତୁତି ବୈଠକ




ନିମାପଡ଼ା,୫।୮ (ସମିସ): ନିମାପଡ଼ା ବିଜୁ ଜନତା ନେତା ଦିଲ୍ଲୀପ କୁମାର ନାୟକଙ୍କ ଆହ୍ୱାନରେ ବଳଙ୍ଗା ନାବାଳିକା ମୃତ୍ୟୁର ପ୍ରତିବାଦରେ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଆସନ୍ତା ୭ ତାରିଖ ପୁରୀ ଜିଲ୍ଲା ୬ ଘଣ୍ଟିଆ ବନ୍ଦକୁ ସଫଳ କରିବାକୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି । ଦଳର ବରିଷ୍ଠ ନେତା ସତ୍ୟବାଦୀ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଜେଡି ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ, ପର୍ଯ୍ୟବେକ୍ଷକ ସୁବ୍ରତ କୁମାର ଛାଟୋଇ, ଜିଲ୍ଲା ପରିଷଦ ସଭ୍ୟା କୁଞ୍ଜଲତା ସାମଲ, ସସ୍ମିତା ନାୟକ, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ରନାଥ ମଲ୍ଲିକ, ନାରୀନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ଗୋପ ବ୍ଲକ୍ ଅଧ୍ୟକ୍ଷା ଝୁନୁଲତା ମଲ୍ଲିକ, ବରିଷ୍ଠ କାଉନ୍ସିଲର ଧନୁର୍ଦ୍ଧର ଦାଶ, ନିରଞ୍ଜନ ମହାପାତ୍ର, ସୁକାନ୍ତ ମହାନ୍ତି, ବନୁଳି ଗାଁ ସରପଞ୍ଚ ମହେଶ୍ୱର ସ୍ୱାଇଁ, ଦଳୀୟ ନିର୍ବାଚନ ଅଧିକାରୀ ନୃସିଂହ ରାଉତରାୟ ପ୍ରମୁଖ ଯୋଗଦେଇ ଆସନ୍ତା ୭ ତାରିଖ ପୁରୀ ଜିଲ୍ଲା ୬ ଘଣ୍ଟିଆ ବନ୍ଦ ଡକରାକୁ ସଫଳ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ନିର୍ବାଚନ ସମୟରେ ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରୁନାହାନ୍ତି, ରାଜ୍ୟ ସରକାର ବର୍ତ୍ତମାନ ରଣଯନ୍ତାରେ ପଡ଼ି ଉବୁଟୁବୁ, ବଳଙ୍ଗା ପୀଡ଼ିତାକୁ ସଠିକ୍ ନ୍ୟାୟ ପ୍ରଦାନରେ ଏ ସରକାର ବିଫଳ, ସାଧାରଣ ଜନତା ଏ ସରକାରଙ୍କ ଉପରୁ ମୁହଁ ଫେରେଇବା ଆରମ୍ଭ କଲେଣି, ବଳଙ୍ଗା ପୀଡ଼ିତା ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଏ ଲଢ଼େଇ ଜାରି ବୋଲି ଜିଲ୍ଲା ସଭାପତି ଶ୍ରୀ ସାମନ୍ତରାୟ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ନଗର ସଭାପତି ଦିଲ୍ଲୀପ କୁମାର ପାତ୍ର, ଯୁବ ସଂଗଠକ ମାନସ ପ୍ରଧାନ, ଚିନ୍ତାମଣୀ ବରାଳ, ତପନ ପ୍ରଧାନ, ଭାଗ୍ୟଧର ଖଟୋଇ, ବିଜୟ ପଟ୍ଟନାୟକ, ପ୍ରକାଶ ତ୍ରିପାଠୀ, ପଦ୍ମନାଭ ବାରିକ, ବଳରାମ ନାୟକ, ବରିଷ୍ଠ କର୍ମୀ ବଟକୃଷ୍ଣ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଗୟାଧର ବେହେରା, ରବୀନ୍ଦ୍ରନାଥ ଦାଶ, କୈଳାଶ ମହାପାତ୍ରଙ୍କ ସମେତ ୫ଶହରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ ।

# ବେଧଡ଼କ ଚାଲିଛି ନିଶା କାରବାର; ନୀରବଦ୍ରଷ୍ଟା ପୁଲିସ

କୁଣ୍ଢେଇ,୫।୮ (ସମିସ): ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ କୁଣ୍ଢେଇ ହାଟ ବଜାର, ବାଜପୁର ଗାଦି ବଜାର, ଭଗବତୀ ସ୍କୁଲ ଛକ, କଳଘର ଛକର କେତେକ ପାନଦୋକାନ, ଗୋସରୀ ଦୋକାନରେ ଚୋରା ମଦ, ଗଞ୍ଜେଇ, ଭାଙ୍ଗ ଆଦି ନିଶା କାରବାର ଅଞ୍ଚଳବାସୀଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିଛି । ସ୍ଥାନୀୟ ପୁଲିସ ଚୋରା ନିଶା ବେପାରୀଙ୍କଠାରୁ ମାସିକିଆ ଚାନ୍ଦା ନେଇ ଚୁପ୍ ବସିଥିବାବେଳେ ଉକ୍ତ ଥାନା ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକରେ ଦିନକୁ ଦିନ ନକଲି ଚୋରା ନିଶା କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି । ନିଶା ବେପାରୀମାନେ ମଦ ପିଉ ନ ଥିବା ଶିକ୍ଷିତ ଯୁବକ, ରୋଜଗାର କରୁଥିବା ଯୁବକମାନଙ୍କୁ ଟାର୍ଗେଟ କରୁଛନ୍ତି । ନିଶା ବେପାରୀମାନେ ଯୁବକମାନଙ୍କ ସହିତ ମିଶିବା ପାଇଁ ପ୍ରଥମେ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଚିକେନ୍ ଭୋଜି ସହିତ ମଦ ଦେଇ ସେମାନଙ୍କୁ ମଦ ପିଇବାର ସୁଯୋଗ ଦେଉଛନ୍ତି । ପରବର୍ତ୍ତୀ ସମୟରେ ଯୁବଗୋଷ୍ଠୀ ମଦ ପିଇବାରେ ଅଭ୍ୟସ୍ତ ହୋଇପଡ଼ିବା ପରେ ସେମାନଙ୍କଠାରୁ ମଦ କିଣି ପିଉଛନ୍ତି । ଅସାମାଜିକ ବ୍ୟକ୍ତିମାନେ ମଦପିଇ ଛକ ବଜାରରେ ପାଟିତୁଣ୍ଡ କରୁଥିବା ଦେଖିବାକୁ ମିଳୁଛି । ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ଅବକାରୀ ବିଭାଗ ଏହା ଉପରେ ଦୃଷ୍ଟି ଦେଉନାହିଁ । ଫଳରେ ବ୍ରାଉନ୍‌ସୁଗର, ଚୋରା ମଦ, ଗଞ୍ଜେଇ, ଅଫିମ, ଭାଙ୍ଗ ବେପାର ବହୁଳ ମାତ୍ରାରେ ବେଆଇନ ଭାବେ ଗାଁ ଗାଁରେ ବୃଦ୍ଧି ପାଇବାରେ ଲାଗିଛି । ପୁଲିସ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

କୁଣ୍ଢେଇ ହାଟ ବଜାର, ବାଜପୁର ଗ୍ରାମର ଅନେକ ସ୍ଥାନରେ ଦେଶୀ ବିଦେଶୀ ଚୋରାମଦ ବିକ୍ରି ହେଉଛି । ପୁଲିସ ଚୋରାମଦ ବିକ୍ରି କରୁଥିବା ବେପାରୀମାନଙ୍କୁ ଧରିବା ପରିବର୍ତ୍ତେ ସୁରକ୍ଷା ଦେଉଛି । ଫଳରେ ଚୋରା ମଦ ବେପାରୀମାନଙ୍କ ନାମରେ ଥାନାରେ ଅଭିଯୋଗ କରିବାକୁ ଅଞ୍ଚଳବାସୀ ଡରୁଛନ୍ତି । ପ୍ରତିଦିନ ବାଜପୁର ଗାଁ ରାସ୍ତା ଦେଇ ସକାଳ ହେବା ମାତ୍ରେ ଦୁଇ ଜଣ ବ୍ୟକ୍ତି ବିସ୍କୁଟ୍ ପେଟିରେ ନକଲି ମଦ ନେଇ କୁଣ୍ଢେଇ ହାଟ, ବାଜପୁର ଗାଁରେ ବିକ୍ରି କରୁଛନ୍ତି । ଲୋକଙ୍କ ଘରେ ମଧ୍ୟ ମଦ ପହଞ୍ଚାଉଛନ୍ତି । ପ୍ରାଚୀ ନଦୀ କୁଣ୍ଢେଇ ବ୍ୟାରେଜ ନିକଟରେ, ପର୍ଯ୍ୟଟନସ୍ଥଳୀ ଦେଉଳି ମଠ ରାସ୍ତାକଡ଼ରେ ଠାଏ ଠାଏ ବସି ମଦ ପିଉଥିବା ଦେଖିବାକୁ ମିଳୁଛି । ସେଥିପାଇଁ ସନ୍ଧ୍ୟା ହେଲେ ଲୋକେ ଏହି ରାସ୍ତାରେ ଯିବାକୁ ଭୟ କରୁଛନ୍ତି । ପ୍ରାଚୀ ନଦୀ ବ୍ୟାରେଜ୍ ପାଖରେ, ପର୍ଯ୍ୟଟନସ୍ଥଳୀ ଦେଉଳି ମଠ ପାର୍କିଂ ନିକଟରେ ଲାଇଟ୍ ନ ଥିବାରୁ ଏହିସବୁ ନିଛାଟିଆ ଜାଗାମାନଙ୍କରେ ସନ୍ଧ୍ୟାରୁ ରାତି ୧୨ଟା ପର୍ଯ୍ୟନ୍ତ ଅସାମାଜିକ ବ୍ୟକ୍ତିମାନଙ୍କର ଗହଳିଚହଳି ଲାଗିରହୁଥିବା ଦେଖିବାକୁ ମିଳୁଛି । ପୁରୀ ଜିଲ୍ଲା ଏସ୍‌ପି, ଜିଲ୍ଲା ଅବକାରୀ ବିଭାଗ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

### ● ବଳଙ୍ଗା ମୃତକଙ୍କ ପରିବାରକୁ ଭେଟିଲେ ସମାଜସେବୀ ରମୁ ପାତ୍ର

# ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆଣିବାକୁ ଦାବି



ବଳଙ୍ଗା,୫।୮ (ସମିସ): ପୁରୀ ଜିଲ୍ଲା ବଳଙ୍ଗା ନାବାଳିକା ପୋଡ଼ି ଓ ଚିକିତ୍ସାଧୀନ ଅବସ୍ଥାରେ ରହସ୍ୟଜନକ ମୃତ୍ୟୁକୁ ନେଇ ତେଜିବାର ଲାଗିଛି ରାଜନୀତି । ମଙ୍ଗଳବାର ନିମାପଡ଼ା, କାକଟପୁର ଅଞ୍ଚଳର ବରିଷ୍ଠ ନେତା ତଥା ସମାଜସେବୀ ସତ୍ୟବ୍ରତ ପାତ୍ର (ରମୁ), ସ୍ମୃତି ପ୍ରକାଶ ନନ୍ଦ, ଦିଲ୍ଲୀପ ଜେନା ଓ ତାଙ୍କର ଶତାଧିକ ସମର୍ଥକ ପୀଡ଼ିତାଙ୍କ ପରିବାରକୁ ଭେଟିବା ସହିତ ସମବେଦନା ଜଣାଇଥିବା ଦେଖିବାକୁ ମିଳିଛି । ପରେ କବର ସ୍ଥାନ ନିକଟକୁ ଯାଇ ସେଠାରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଗତ ଜୁଲାଇ ୧୯ ରେ ପୀଡ଼ିତାଙ୍କୁ ୩ ଜଣ ଦୁର୍ବୃତ୍ତ ପୋଡ଼ି ମାରିଦେବା କଥା ଅଭିଯୋଗ ହୋଇଥିବାବେଳେ ତାଙ୍କୁ ପ୍ରଥମେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସେଠାରୁ ଭୁବନେଶ୍ୱର ଏମ୍‌ସ ଏବଂ ପରେ ସେଠାରୁ ଉନ୍ନତ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍‌ସକୁ ଏୟାର ଲିଫ୍ଟ କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨ ତାରିଖରେ ରହସ୍ୟଜନକ ଭାବେ ମୃତ୍ୟୁ ଘଟିଥିଲା । ସମ୍ପୂର୍ଣ୍ଣ ଘଟଣାକୁ ୧୮ ଦିନ ବିତିଥିବାବେଳେ ମୃତ୍ୟୁକୁ ୪ଦିନ ପୂରିଛି । ଏହାରି ଭିତରେ ଘଟଣାର ସତ୍ୟତା ସାମ୍ନାକୁ ଆଣିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଥିବାବେଳେ ପୁଲିସର ତଦନ୍ତ ପ୍ରକ୍ରିୟା ସଠିକ୍ ଭାବେ କରାଯାଇ ପ୍ରକୃତ ଘଟଣାର ସତ୍ୟାସତ୍ୟ ସର୍ବସମ୍ମୁଖକୁ ଆଣିବାକୁ ସମାଜସେବୀ ରମୁ ଦାବି କରିଛନ୍ତି ।

# ବିଦ୍ୟାଳୟ ସମ୍ମୁଖରେ ଦୁର୍ଘଟଣା; ୩ ଛାତ୍ର ଗୁରୁତର



କଣାସ,୫।୮ (ସମିସ): ଖାଇସାରି ରାସ୍ତା ଅତିକ୍ରମ କରୁଥିବାବେଳେ କଣାସ ବ୍ଲକ୍ ଅନ୍ତର୍ଗତ ଅଣ୍ଡାରସିଂହ ଗ୍ରାମପଞ୍ଚାୟତ ଅଣ୍ଡାରସିଂହ ଗ୍ରାମ ସାରଥ ବିଶ୍ୱାଳ ବିଦ୍ୟାପୀଠ ସମ୍ମୁଖରେ ଘଟିଯାଇଛି ଏକ ଅଘଟଣ । ଏକ ଅଟୋ ଧକ୍କାରେ ୩ ଜଣ ଛାତ୍ର ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ଆହତମାନେ ହେଲେ ନବମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ବିଶ୍ୱାଳ, ସଦାଶିବ ବିଶ୍ୱାଳ ଏବଂ ଦଶମ ଶ୍ରେଣୀ ଛାତ୍ର ସମ୍ବିତ୍ କୁମାର ଚମ୍ପତି ।

ପ୍ରକାଶ ଯେ, ସେମାନେ ମଧ୍ୟାହ୍ନ ଭୋଜନ ଖାଇସାରି ବିଦ୍ୟାଳୟ ବାହାରେ ଥିବା ନଳକୂଅରୁ ବାସନ ଧୋଇସାରି ଫେରୁଥିଲେ । ଏହି ସମୟରେ ଏକ ପାସେଞ୍ଜର ଅଟୋ (ଓଡି୦୨ ଏଏର୍ ୫୪୮୮)ଟି ନୂଆ ଜଗନ୍ନାଥ ସଡ଼କରେ ନିରାକାରପୁର ଆଡୁ ବ୍ରହ୍ମଗିରି ଅଭିମୁଖେ ଯାଉଥିବା ସମୟରେ ଉକ୍ତ ୩ ଛାତ୍ରଙ୍କୁ ଧକ୍କାଦେଇଥିଲା । ଫଳରେ ଛାତ୍ର ୩ ଜଣ ଗୁରୁତର ଆହତ ହୋଇ ପଡ଼ିଥିଲେ । ତୁରନ୍ତ ସେମାନଙ୍କୁ ପ୍ରଥମେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଥିଲା । ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ଏହି ଦୁର୍ଘଟଣାକୁ ନେଇ ବିଦ୍ୟାଳୟ ନିକଟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଖବର ପାଇ କଣାସ ଥାନା ଆଇଆଇସି ପ୍ରଶନ୍ନ ନାୟକ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକମାନଙ୍କୁ ବୁଝାସୁଝା କରି ଅଟୋଟିକୁ ଜବତ କରିବା ସହିତ ଡ୍ରାଇଭରକୁ ଗିରଫ କରିଥିଲେ । ଏ ସମ୍ପର୍କରେ ବିଦ୍ୟାଳୟର ଶିକ୍ଷକମାନଙ୍କୁ ପଚାରିବାରୁ ସେମାନେ କୌଣସି ଉତ୍ତର ଦେଇ ନ ଥିଲେ ।

### ମାତିଲେ ଛେଳି ଚୋର

# ଗୋଟିଏ ରାତିରେ ୩ ସ୍ଥାନରୁ ୨୦ ଛେଳି ଚୋରି

ସାକ୍ଷୀଗୋପାଳ,୫।୮ (ସମିସ): ସୋମବାର ବିଳମ୍ବିତ ରାତିରେ ସତ୍ୟବାଦୀ ଥାନା ଅନ୍ତର୍ଗତ ବଳପୁର ଗ୍ରାମର ଦୁଇଟି ଓ ସଦାନନ୍ଦପୁର ଗ୍ରାମର ଗୋଟିଏ ସ୍ଥାନରୁ ଛେଳି ଚୋରି ହୋଇଛି । ବଳପୁର ପଣ୍ଡା ସାହି ଗ୍ରାମର ମଙ୍ଗୁ ଦାସ ଓ ଗଙ୍ଗାଧର ଦାସଙ୍କ ଗୁହାଳ ତାଲା ଭାଙ୍ଗି ମଙ୍ଗୁ ଦାସଙ୍କ ଗୁହାଳରୁ ୩ଟି ଛେଳି ଓ ଗଙ୍ଗାଧର ଦାସଙ୍କ ଗୁହାଳରୁ ୬ଟି ଛେଳି ଦୁର୍ବୃତ୍ତମାନେ ଚୋରି କରି ନେଇଯାଇଛନ୍ତି । ଦୁର୍ବୃତ୍ତମାନେ ଗୁହାଳ ନିକଟରେ ଥିବା କାର୍ତ୍ତିକ ଦାସ, ଶଙ୍କର ଦାସ, ଗନ୍ଧର୍ବ ଦାସ, ବାଉରୀବନ୍ଧୁ ଦାସ ଓ ଏକାଦଶୀ ଦାସଙ୍କ ଘର ବାହାର ପଟୁ ଶିକୁଳି ପକାଇ ଦେଇଥିଲେ । ନିକଟରେ ଥିବା କ୍ଲବ୍ ଘରେ କୃଷି ଶ୍ରମିକମାନେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ସେହି କ୍ଲବ୍ ଘର ମଧ୍ୟ ବାହାର ପଟୁ ଶିକୁଳି ପକାଇ ଦେଇଥିଲେ । ବିଳମ୍ବିତ ରାତିରେ ଏକ ଧଳା ରଙ୍ଗର ବୋଲେରୋ ଗାଡ଼ି ବଳପୁର ଗ୍ରାମ ମଧ୍ୟରେ ପ୍ରବେଶ କରିଥିବାର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି । ସେହିପରି ସଦାନନ୍ଦପୁର ଗ୍ରାମର ନୀଳକଣ୍ଠ ବେହେରାଙ୍କ ଗୁହାଳ କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୧୧ଟି ଛେଳି ଚୋରି କରି ନେଇଯାଇଛନ୍ତି । ପ୍ରାଣୀ ପାଳକ ୩ ଜଣ ଏ ସମ୍ପର୍କରେ ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ସତ୍ୟବାଦୀ ପୁଲିସ ତରଫରୁ ୩ଟି ଚୋରି ଘଟଣାର ତଦନ୍ତ ଚାଲୁ ରହିଛି ବୋଲି ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ପ୍ରକାଶ କରିଛନ୍ତି ।

## ସାପ କାମୁଡ଼ାରେ ଯୁବକ ମୃତ

ପିପିଲି,୫।୮ (ସମିସ): ସାପ କାମୁଡ଼ାରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି । ମୃତକ ଜଣକ ପିପିଲି ବ୍ଲକ୍ ହାଟସାହି ଗ୍ରାମ ପଞ୍ଚାୟତର ବନ୍ତଲସିଂ ଗ୍ରାମର ନବଘନ ପାଣ୍ଡଙ୍କ ଏକମାତ୍ର ପୁଅ ଅର୍ଜୁନ ପାଣ୍ଡ (୨୮) ବୋଲି ଜଣାପଡ଼ିଛି । ସେ ମଙ୍ଗଳବାର ସକାଳେ ନିଜ ଘର ବାରିପଟକୁ ଯାଇଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ିଥିଲା । ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ପିପିଲି ସରକାରୀ ହସ୍ପିଟାଲକୁ ଚିକିତ୍ସା ପାଇଁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ପିପିଲି ଥାନାରେ ଅର୍ଜୁନଙ୍କ ପରିବାର ଲୋକେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ପିପିଲି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଚାରିଛକ,୫।୮ (ସମିସ): ଚାରିଛକ ନିକଟସ୍ଥ ଛଣିଜଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ମିଶ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକନେତା ଅବସରପ୍ରାପ୍ତ ଶିକ୍ଷକ ଭାଗ୍ୟଧର ଖଟୋଇଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ମୁଖ୍ୟବକ୍ତା ଭାବେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ପରାମର୍ଶଦାତା ମାଧବ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ନିମାପଡ଼ା ବିଇଓ କୈଳାଶ ଚନ୍ଦ୍ର ପାଢ଼ୀ, ପୂର୍ବତନ ବିଇଓ ଚିତ୍ତରଞ୍ଜନ ସ୍ୱାଇଁ, ଶିକ୍ଷକନେତା ତ୍ରିଲୋଚନ କର, ପଞ୍ଚସଖା ଶିକ୍ଷାକେନ୍ଦ୍ର ସଭାପତି ଅକ୍ଷୟ କୁମାର ପଟ୍ଟନାୟକ, ଏବିଇଓ ସୁଦର୍ଶନ ଭୋଇ, ସିଆର୍‌ସିସି ଅବ୍‌ଦୁଲ ମିସ୍କିନ ଖାଁ, ସ୍ଥାନୀୟ ସରପଞ୍ଚ ଅଜୟ କୁମାର ପରିଡ଼ା, ସମିତିସଭ୍ୟା ଲକିବାଳା ନାୟକ, ପୂର୍ବତନ ସରପଞ୍ଚ ମହେନ୍ଦ୍ର ମହାପାତ୍ର, ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ କଲ୍ୟାଣ କୁମାର ସ୍ୱାଇଁ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଶିବଦତ୍ତ ନାୟକ, ବ୍ଲକ୍ ସମ୍ପାଦକ ନିହାଲ୍ ଅକ୍‌ତାର, ପରିଚାଳନା କମିଟିର ସଭାପତି ଭ୍ରମରବର ନାୟକ ପ୍ରମୁଖ ଯୋଗଦେଇଥିଲେ । ନୀଳକଣ୍ଠେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ଭଞ୍ଜ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ବିଜୟ କୁମାର ନାୟକ, ଅଜୟ କୁମାର ସିଠ, ବୁଦ୍ଧେଶ୍ୱର ବେହେରା, ନିରଞ୍ଜନ ଭୋଇ, ରାକେଶ ସାହୁ, ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ପରିଡ଼ା, ପ୍ରତିମା ସାହୁ, ମିନତୀ ବେହେରା, ଭାରତୀ ସେନାପତି ପ୍ରମୁଖ ଯୋଗଦେଇଥିବାବେଳେ ସହକାରୀ ଶିକ୍ଷକ ବିଭୂ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପରିଚାଳନା କମିଟିର ସଦସ୍ୟ ଓ ଅଭିଭାବକ ଉପସ୍ଥିତ ଥିଲେ ।

## 'ସବୁଜ ସଂକଳ୍ପ' ପକ୍ଷରୁ ଷଣ୍ଢର ଅନ୍ତ୍ୟେଷ୍ଟିକ୍ରିୟା



ଗୋପ,୫।୮ (ସମିସ): ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ପୁରୀ ଜିଲ୍ଲା ଗୋପ ବ୍ଲକ୍‌ର ଅଗ୍ରଣୀ ସାମାଜିକ ସଂଗଠନ "ସବୁଜ ସଂକଳ୍ପ'ର ସ୍ୱେଚ୍ଛାସେବୀମାନଙ୍କ ପକ୍ଷରୁ ଏକ ଷଣ୍ଢର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଛି । ଏଥି ଅବସରରେ ଅନ୍ତ୍ୟେଷ୍ଟି ସ୍ଥଳରେ ବୃକ୍ଷରୋପଣ କରାଯାଇ ଷଣ୍ଢର ସ୍ମୃତିକୁ ସାଇତି ରଖିବା ପାଇଁ ପ୍ରୟାସ କରାଯାଇଛି । 'ସବୁଜ ସଂକଳ୍ପ' ସଭାପତି ରମେଶ ବେହେରା କହିଛନ୍ତି ଯେ "ପ୍ରତ୍ୟେକ ପ୍ରାଣୀ ପ୍ରତି ଦୟା ଓ ସମ୍ମାନ ଆମର ପରିବେଶୀୟ ସଙ୍କଳ୍ପର ଅଂଶ । ମାନବଙ୍କ ପରି ପଶୁମାନଙ୍କୁ ମଧ୍ୟ ସେବା, ସୁରକ୍ଷା ଓ ସମ୍ମାନ ଦେବା ଆମର କର୍ତ୍ତବ୍ୟ ।' ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ପ୍ରସନ୍ନ ମଲ୍ଲିକ, ସଂଗଠନର ସମ୍ପାଦକ ରମାକାନ୍ତ ପାଣି, ସହସମ୍ପାଦକ ମନୋରଞ୍ଜନ ଦାସ, କୋଷାଧ୍ୟକ୍ଷ କାହ୍ନୁ ଚରଣ ପାଣି, ଭକ୍ତ ରଞ୍ଜନ ସାହୁ, ପବିତ୍ର ମୋହନ ପ୍ରଧାନ, ନରହରି ଖଟୋଇଙ୍କ ସମେତ ଅନ୍ୟ ସ୍ୱେଚ୍ଛାସେବୀମାନଙ୍କ ସହାୟତାରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା ।

# କାକଟପୁର ବ୍ଲକ୍ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ

ଗମ୍ଭାରୀପଦା,୫।୮ (ସମିସ): କାକଟପୁର ବ୍ଲକ୍ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ନିମ୍ନଗାମୀ ହୋଇ ପ୍ରାୟ ସରକାରୀ ସ୍କୁଲଗୁଡ଼ିକରେ ଉପସ୍ଥାନ କମିବା ସହ ବେସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗୁଛି । ନୂତନ ଏବିଇଓଙ୍କ ଅଚାନକ ସ୍କୁଲଗୁଡ଼ିକ ପରିଦର୍ଶନ ସ୍କୁଲଗୁଡ଼ିକରେ ପାଠପଢ଼ା, ମଧ୍ୟାହ୍ନ ଭୋଜନ, ଶିକ୍ଷାର ମାନ, ବିଦ୍ୟାଳୟର ଭିତ୍ତିଭୂମିକୁ ପରିଦର୍ଶନ କରି ପ୍ରତ୍ୟହ କାର୍ଯ୍ୟ ଦିବସରେ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରାଯାଉଥିଲେ ମଧ୍ୟ ବ୍ୟତିକ୍ରମ କରୁଥିବା ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଏବିଇଓଙ୍କଠାରୁ ପ୍ରକାଶ । କେତେକ ଶିକ୍ଷକଶିକ୍ଷୟିତ୍ରୀ ପ୍ରଧାନଶିକ୍ଷକଙ୍କୁ ନ ଜଣାଇ କିମ୍ବା ବିନା ଛୁଟି ଦରଖାସ୍ତରେ ଘରେ ରହି ବିଦ୍ୟାଳୟକୁ ଆସୁନଥିବା, ପ୍ରାୟ ପ୍ରଧାନଶିକ୍ଷକ ଖୁବ୍ କମ୍ ସଂଖ୍ୟକ ପିଲାଙ୍କର ରୋଷେଇ କରି ମଧ୍ୟାହ୍ନ ଭୋଜନ ଏସ୍‌ଏମ୍‌ଏସ୍ ଡାଟା ସମୟ ଅତିକ୍ରାନ୍ତ ପରେ ଅଧିକ ଖାଦ୍ୟ ଖାଉଥିବାର ଅଫିସର ଏମ୍‌ଡିଏମ୍ ସେଲକୁ ପଠାଉଥିବା ଅଭିଯୋଗ ହେଉଛି । ବିଦ୍ୟାଳୟର ସମଗ୍ର ଶିକ୍ଷା ଦ୍ୱାରା ପ୍ରଦତ୍ତ ଜମାର ସଠିକ୍ ରେକର୍ଡ ପତ୍ର ଓ ମଧ୍ୟାହ୍ନ ଭୋଜନର ହିସାବ ମିଳୁନାହିଁ । ପରିଦର୍ଶନବେଳେ ଯଦି କିଛି ଅନିୟମିତତା ଧରାଯାଉଛି, ତେବେ ବ୍ଲକ୍‌ର କେତେକ ଶିକ୍ଷକ ନେତା କିଛି ଖଳ ଶିକ୍ଷକଶିକ୍ଷୟିତ୍ରୀଙ୍କୁ କୁମନ୍ତ୍ରଣା ଦେଇ, ଏବିଇଓଙ୍କ ଚରିତ୍ର ଉପରେ ଦାଗ ଲଗାଇବାକୁ ପଛାଉ ନାହାନ୍ତି । ଅସତ୍ୟ ଘଟଣାକୁ ଓ ତାଙ୍କର ଅନିୟମିତତା କାର୍ଯ୍ୟକୁ ପ୍ରକାଶ ନ କରି ଆମେ ଶିକ୍ଷକ ଓ ଆମ ନେତା ଯାହା କହୁଛନ୍ତି ତାହା କର ନଚେତ୍, ଶିକ୍ଷା ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ଲେଖି ଜଣାଇବୁ ବୋଲି ଧମକ ଦେଉଛନ୍ତି । ଏପରିକି ଆମ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ ମଧ୍ୟ କରାଯାଇଥିବା ଏବିଇଓଙ୍କଠାରୁ ପ୍ରକାଶ । ବ୍ଲକ୍ ଶିକ୍ଷା ପ୍ରଶାସନ ତରଫରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ, ଫଳରେ ଶିକ୍ଷକ ସଂଗଠନ ନାମରେ ରାଜନୀତି କରି ଶିକ୍ଷା ବ୍ୟବସ୍ଥାକୁ ପଙ୍ଗୁ କରିଦେଲେଣି ବୋଲି ଏବିଇଓ ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି ।

## ୭୯ତମ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ

କୁଣ୍ଢେଇ,୫।୮ (ସମିସ): କାକଟପୁର ପ୍ରେସ୍ କ୍ଲବ୍‌ର ସଭାପତି କମଳ ଲୋଚନ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ କାକଟପୁର ବଜାରରେ ଥିବା ଖୁଣ୍ଟିଆ କନ୍‌ଭେନ୍‌ରେ ସନ୍ଧ୍ୟା ୭ଟା ସମୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୭୯ତମ ସ୍ୱାଧୀନତା ଦିବସ କିଭଳି ପାଳନ କରାଯିବ ସେଥିନିମନ୍ତେ ଏକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି । ଉପସ୍ଥିତ ସମସ୍ତ ବରିଷ୍ଠ ଓ କାର୍ଯ୍ୟରତ ସାମ୍ବାଦିକ ଏହି ବୈଠକରେ ଯୋଗଦେଇ ସ୍ୱାଧୀନତା ଦିବସ କିଭଳି ମହାଆଡ଼ମ୍ବରରେ ପାଳନ କରାଯିବ ନିଜ ନିଜର ସୁଚିନ୍ତିତ ମତାମତ ଦେଇଥିଲେ । ଏହି ବୈଠକରେ ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ସମ୍ପାଦକ ଆଦିତ୍ୟ କୁମାର ରାଉତ, ସହସମ୍ପାଦକ ପ୍ରଭାତ ଦୀକ୍ଷିତ, କୋଷାଧ୍ୟକ୍ଷ ଭାଗବତ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ସଞ୍ଜୟ ପତି, ପ୍ରଦୀପ୍ତ କୁମାର ଦୀକ୍ଷିତ, ମାନସ ଦୀକ୍ଷିତ, ଅକ୍ଷୟ ପ୍ରସାଦ ମହାନ୍ତି, ବ୍ରଜ କିଶୋର ସାହୁ, ପ୍ରଶାନ୍ତ ଜେନା, ପ୍ରଦୀପ ପଣ୍ଡା, ପ୍ରଭାସ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

## ବିପଦସଙ୍କୁଳ ଅବସ୍ଥାରେ ୧୧ କେଭି ବିଦ୍ୟୁତ୍ ଖୁଣ୍ଟ



ବ୍ରହ୍ମଗିରି,୫।୮ (ସମିସ): ବ୍ରହ୍ମଗିରି ବିଦ୍ୟୁତ୍ ବିଭାଗ ଅଧୀନରେ ଥିବା ୧୧ କେଭି ବିଦ୍ୟୁତ୍ ଖୁଣ୍ଟରୁ ଦୁଇ ଦୁଇଟି ବିଦ୍ୟୁତ୍ ଖୁଣ୍ଟ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଗୋଟିଏ ଖୁଣ୍ଟ ଏକ ବିଶାଳ ପୋଖରୀ ମଝିରେ ରହିଥିବାବେଳେ ପୋଖରୀ ହୁଡ଼ାରେ ଥିବା ଅନ୍ୟ ଏକ ଖୁଣ୍ଟର ଚ୍ୟାନେଲ ପ୍ଲାଷ୍ଟିକ୍ ରଶିରେ ବନ୍ଧା ହୋଇ ୨ ବର୍ଷ ଧରି ରହିଛି । ଏହି ଚ୍ୟାନେଲ ଛିଡ଼ି ଦୁଇ ବର୍ଷ ତଳେ ଦୁଇଟି ଗୋରୁଙ୍କ ଜୀବନ ନେଇଥିଲା । ଏଭଳି ଦୃଶ୍ୟ ବେଣ୍ଟପୁର ଗ୍ରାମ ନିକଟରେ ଦେଖିବାକୁ ମିଳିଛି । ବିଶେଷକରି ୧୦୦ ବର୍ଷର ଏହି ପୁରୁଣା ପୋଖରୀକୁ ବେଣ୍ଟପୁର ଗ୍ରାମବାସୀ ପୁନରୁଦ୍ଧାର କାର୍ଯ୍ୟ କରୁଛନ୍ତି । ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ଏ ସମ୍ପର୍କରେ ବାରମ୍ବାର ଜଣାଇବା ସହ ଲିଖିତ ଭାବେ ଅଭିଯୋଗ ମଧ୍ୟ କରିଛନ୍ତି । ମାତ୍ର ବିଦ୍ୟୁତ୍ ବିଭାଗ ୩ମାସ ହେଲାଣି କୌଣସି କଥାକୁ କର୍ଣ୍ଣପାତ କରୁନାହିଁ । ଗ୍ରାମବାସୀ ପୋଖରୀରୁ ମାଟି ଖୋଳୁଥିବାରୁ ବିଦ୍ୟୁତ୍ ଖୁଣ୍ଟ ଚାରିପଟୁ ମାଟି କାଢ଼ିଦେଇଛନ୍ତି । ପୋଖରୀରେ ପାଣି ଭର୍ତ୍ତି କିମ୍ବା ସାମାନ୍ୟ ପବନ ହେଲେ ଏହି ୧୧ କେଭି ବିଦ୍ୟୁତ୍ ଖୁଣ୍ଟଟି ପାଣିରେ ପଡ଼ିଯିବା ଫଳରେ ବହୁ ଧନ ଜୀବନ ନଷ୍ଟ ହେବାର ସମ୍ଭାବନା ରହିଛି । ଏନେଇ ବିଦ୍ୟୁତ୍ ବିଭାଗ ଦାୟୀ ରହିବ ବୋଲି ଗ୍ରାମବାସୀମାନେ ଅଭିଯୋଗ ଆଣିଛନ୍ତି । ସ୍ଥାନୀୟ ବିଦ୍ୟୁତ୍ ବିତରଣ ସଂସ୍ଥାକୁ ଗୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

### ଜନ୍ମଭୂମିରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ରଜ୍ୟସ୍ତରୀୟ ଜୟନ୍ତୀ

# 'କୁସଂସ୍କାର ବିରୋଧରେ ଲଢ଼େଇ କରିଥିଲେ ନୀଳକଣ୍ଠ'




ସାକ୍ଷୀଗୋପାଳ,୫।୮ (ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଚାର୍ଯ୍ୟ ହରିହର ଯୁବ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଶାସନରେ ମଙ୍ଗଳବାର ପଣ୍ଡିତ ନୀଳକଣ୍ଠ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଛି । ପ୍ରାରମ୍ଭରେ ଅତିଥିମାନେ ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର ଓ ପଣ୍ଡିତ ଲିଙ୍ଗରାଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ସାରସ୍ୱତ ସଭାରେ ବିଶିଷ୍ଟ ସାହିତ୍ୟିକ ପୂର୍ଣ୍ଣେନ୍ଦୁ କୁମାର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମାଜରେ ସଂସ୍କାର ଆଣିବା ପାଇଁ ପଣ୍ଡିତ ନୀଳକଣ୍ଠ ଜୀବନବ୍ୟାପୀ ସଂଗ୍ରାମ କରିଥିବା କହିଥିଲେ । ପ୍ରଚଣ୍ଡ ପ୍ରତିଭାଧର ନୀଳକଣ୍ଠଙ୍କ ରଚିତ କାବ୍ୟକବିତା ଓଡ଼ିଆ ଜାତିର ସମୃଦ୍ଧିରେ ସହାୟକ ହୋଇଥିଲା । ସେହିପରି ଶିକ୍ଷା ସଂସ୍କାର, ସେବା ଓ ଜାତୀୟତାକୁ ମୂଳ ଆୟୁଦ୍ଧ କରି ନବ ଉତ୍କଳ ନିର୍ମାଣରେ ସତ୍ୟବାଦୀ ଯୁଗ ପଞ୍ଚସଖାଙ୍କ ଭୂମିକା ଅତୁଳନୀୟ ବୋଲି ମୁଖ୍ୟବକ୍ତା ଡ. ରମେଶ ଚନ୍ଦ୍ର ମଲ୍ଲିକ କହିଥିଲେ । ସମ୍ମାନିତ ଅତିଥି ଭାବରେ ସୁସାହିତ୍ୟିକ ସନାତନ ଆଚାର୍ଯ୍ୟ, ସତ୍ୟବାଦୀ ଦାସ ଓ କବି ରଞ୍ଜନ କୁମାର ମିଶ୍ର ସ୍ମୃତିଚାରଣ କରିଥିଲେ । ଉକ୍ତ ସଭାରେ ଅଧ୍ୟକ୍ଷତା କରିଥିଲେ ସୁରେନ୍ଦ୍ର ଶ୍ରୀଚନ୍ଦନ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସଂଯୋଜନା କରିଥିଲେ ସଞ୍ଜୟ ତୁହାଣ । ପ୍ରଭାତରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଭାତଫେରୀ ସହିତ ଶ୍ରୀରାମଚନ୍ଦ୍ରପୁର, ମଠସାହି, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଗୁରୁକୂଳ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଆଚାର୍ଯ୍ୟ ହରିହର ଯୁବ ପରିଷଦର ସମ୍ପାଦକ ସୁବ୍ରତ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ । ପରିଷଦର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

# ଶ୍ରୀକ୍ଷେତ୍ର ସିଟି

୫/୮/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୯୮,୨୫୪/- ସୁନା: ୦୦.୨୦୦ ଗ୍ରାମ୍ ରୁପା: ୪୬.୬୦୦ ଗ୍ରାମ୍





■ ମଙ୍ଗଳାନଦୀ ପୁନରୁଦ୍ଧାର ପ୍ରସଙ୍ଗ

## ବୈଷୟିକ କମିଟିର ମନମୁଖୀ କାର୍ଯ୍ୟ ବିରୋଧରେ ଅଭିଯୋଗ

ପୁରୀ,୫।୮ (ସମିସ): ମଙ୍ଗଳାନଦୀର ପୁନରୁଦ୍ଧାର ନିମିତ୍ତ ଗଠିତ ବୈଷୟିକ କମିଟି ମନମୁଖୀ କାର୍ଯ୍ୟକଳାପ କରୁଥିବା ଅଭିଯୋଗ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳାନଦୀ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ଦିଆଯାଇଛି। ସେମାନେ ଦର୍ଶାଇଛନ୍ତି ଯେ, ମଙ୍ଗଳାନଦୀର ପୁନରୁଦ୍ଧାର ନିମିତ୍ତ ଜିଲ୍ଲା ପ୍ରଶାସନ ଦ୍ୱାରା ବୈଷୟିକ କମିଟି ଗଠନ କରାଯାଇଥିଲା। ମାତ୍ର କମିଟି ଗ୍ରାମବାସୀଙ୍କୁ ଅଣଦେଖା କରି ଜଣେ ବ୍ୟକ୍ତିଙ୍କୁ ସାଙ୍ଗରେ ଧରି ନଦୀର ସ୍ଥିତି ପରଖିବା ଓ ବିହିତ ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଜୁଲାଇ ମାସରେ ଇରିଗେସନ ଅଧିକାରୀଙ୍କୁ ସାଙ୍ଗରେ ଧରି ମଙ୍ଗଳା ନଦୀ ପରିଦର୍ଶନ କରି ଲୋକଙ୍କ ଜୀବନଜୀବିକାର ନଦୀ ଓ ଐତିହ୍ୟ ସମ୍ପନ୍ନ ସାଂସ୍କୃତିକ ନଦୀର ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ଏକ ବୈଷୟିକ କମିଟି ଗଠନ କରିଥିଲା। ପରେ ଦୁଇଥର ଉକ୍ତ କମିଟି ନଦୀର ସ୍ଥିତି ପରଖିଛି। ତେବେ ଗଠିତ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଓ ଗ୍ରାମବାସୀଙ୍କୁ କାହାକୁ ସାଙ୍ଗରେ ନେଇ ନ ଥିଲେ। ଏ ନେଇ ସଦସ୍ୟ ୱାଟ୍‌କୋ ମ୍ୟାନେଜର ଓ ଇରିଗେସନ ଅଧିକାରୀଙ୍କୁ ସାକ୍ଷାତ୍ କରି ସେହି ବ୍ୟକ୍ତିଙ୍କ ସମ୍ପୃକ୍ତି ସମ୍ପର୍କରେ ଆଲୋଚନା କରିଥିଲେ। କିନ୍ତୁ ବୈଷୟିକ କମିଟି ପୁଣି ସେହି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ନେଇ ନିକଟରେ ନଦୀ ସର୍ବେକ୍ଷଣ କରିଛନ୍ତି। ମଙ୍ଗଳା ନଦୀର ପୁନରୁଦ୍ଧାର ନିମିତ୍ତ ସରକାର ଗଠନ କରିଥିବା ବୈଷୟିକ କମିଟି, ନଦୀପାର୍ଶ୍ୱ ଜନସାଧାରଣ ଓ ମଙ୍ଗଳାନଦୀ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନଙ୍କ ସହିତ ଖୋଲା ଆଲୋଚନା କରି ନଦୀ ସର୍ବେକ୍ଷଣ କାର୍ଯ୍ୟ ସମ୍ପନ୍ନ କରିବା ସହିତ ନଦୀ ଉଦ୍ଧାର ପାଇଁ ବିହୀତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି କମିଟି ଦାବି କରିଛି।

ରସାତଳକୁ ଗଲାଣି ଆଇନ ଶୃଙ୍ଖଳା; ଉପରମୁହାଁ ଅପରାଧୀ

# ଯୁବକଙ୍କୁ ଇଟାରେ ଛେଚି ହତ୍ୟା

ପୁରୀ,୫।୮ (ସମିସ)

ରସାତଳକୁ ଗଲାଣି ପୁରୀର ଆଇନ ଶୃଙ୍ଖଳା ବ୍ୟବସ୍ଥା। ଉପରମୁହାଁ ହୋଇଛନ୍ତି ଅସାମାଜିକ ଯୁବକ। ପୁଲିସର କାର୍ଯ୍ୟାନୁଷ୍ଠାନକୁ ଭୟ କରୁନାହାନ୍ତି ଅପରାଧୀ। ଆଇନ କାନୁନକୁ ଚ୍ୟାଲେଞ୍ଜ ଦେବା ଭଳି ଅପରାଧ ଭିଆଉଛନ୍ତି। ମଙ୍ଗଳବାର ଚନ୍ଦନପୁର ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବାବେଳେ ଜନଗହଳିପୂର୍ଣ୍ଣ ପୁରୀ ବସ୍‌ଷ୍ଟାଣ୍ଡରେ ଆଉ ଜଣେ ଯୁବକଙ୍କୁ ହୋଇଛି ସଂଘବଦ୍ଧ ଆକ୍ରମଣ। କିଛି ଯୁବକ ତାଙ୍କୁ ତଳେ ପକାଇ ମରଣାନ୍ତକ ଆକ୍ରମଣ କରିଛନ୍ତି। ଗୁରୁତର ଅବସ୍ଥାରେ ଯୁବକ ଜଣକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପୁରୀରେ ଅପରାଧୀମାନେ କେତେ ସକ୍ରିୟ ହୋଇପଡ଼ିଛନ୍ତି ଏହି ଘଟଣା ହିଁ ସ୍ପଷ୍ଟ କରୁଛି।

ଚନ୍ଦନପୁର ଥାନା ଦାସଗୋବା ଗ୍ରାମର ଜଣେ ଯୁବକଙ୍କୁ ସୋମବାର ରାତି ପ୍ରାୟ ସାଢ଼େ ୧୨ଟାରେ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ତାଙ୍କ ମୁଣ୍ଡକୁ ଇଟାରେ ଛେଚି ହତ୍ୟା କରିଛନ୍ତି ଦୁର୍ବୃତ୍ତ। ମୃତକ ଜଣକ ହେଲେ ନାରାୟଣ ମଲ୍ଲିକ। ଏ ନେଇ ହତ୍ୟାର ଶିକାର ହୋଇଥିବା ନାରାୟଣଙ୍କ ସ୍ତ୍ରୀ ଅଭିଯୋଗ କରି କହିଛନ୍ତି, ପୂର୍ବରୁ ଟଙ୍କା ପଇସାକୁ ନେଇ ତାଙ୍କ ଦିଅର ସହିତ କଳିଝଗଡ଼ା ଲାଗିଥିଲା। ଦିଅର ସମ୍ପତ୍ତି ଲୋଭରେ ହିଁ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଛି। ଏ ସଂକ୍ରାନ୍ତରେ ଚନ୍ଦନପୁର ଥାନାଧିକାରୀ ଭୁବନମୋହନ ସାମନ୍ତରାୟ କହିଛନ୍ତି, ସୋମବାର ବିଳମ୍ବିତ ରାତିରେ ଗାଁ ମୁଣ୍ଡରେ ଜଣେ ଯୁବକଙ୍କ ମୁଣ୍ଡକୁ ଇଟାରେ ଛେଚି ହତ୍ୟା କରିଛନ୍ତି କିଛି ଦୁର୍ବୃତ୍ତ। ଖବର ପାଇବା ପରେ ପୁଲିସ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚିଥିଲା। ମଙ୍ଗଳବାର ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳକୁ ଆସି ଛାନ୍‌ଭିନ୍ କରିଛନ୍ତି। ଦିଅର ହତ୍ୟା କରିଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ୨ ଜଣଙ୍କୁ ଥାନାକୁ ଅଣାଯାଇ ପଚରାଉଚରା କରାଯାଉଛି ବୋଲି ଆଇଆଇସି କହିଛନ୍ତି।

### ଜନଗହଳିପୂର୍ଣ୍ଣ ବସ୍‌ଷ୍ଟାଣ୍ଡରେ ସଂଘବଦ୍ଧ ଆକ୍ରମଣ, ଯୁବକ ଗୁରୁତର



ଅନ୍ୟପକ୍ଷରେ ଦିନ ଦ୍ୱିପହରରେ ଦୁର୍ବୃତ୍ତମାନେ ଆତଙ୍କରାଜ ସୃଷ୍ଟି କରିଛନ୍ତି। ପୁରୀ ବସ୍‌ଷ୍ଟାଣ୍ଡ ପରିସରରେ ଥିବା ତାରିଣୀ ମନ୍ଦିର ନିକଟରେ ମଙ୍ଗଳବାର ଅପରାହ୍ଣରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଉଛନ୍ତି ରାମଚଣ୍ଡୀ ବାଲି ଉପର ବସ୍ତିର ଜଗନ ବେହେରା। ତାଙ୍କୁ ୧୦ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଛନ୍ତି। ତଳେ ପକାଇ ଗୋଇଠା ବିଧା ମାରି ଲହୁଲୁହାଣ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ଜଗନଙ୍କ ପେଟରେ ଗଭୀର ଆଘାତ ଲାଗିଥିବାବେଳେ ଚିକିତ୍ସା ପାଇଁ ତାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ ଘଟଣାସ୍ଥଳରେ କୁମ୍ଭାରପଡ଼ା ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଜନଗହଳିପୂର୍ଣ୍ଣ ବସ୍‌ଷ୍ଟାଣ୍ଡରେ ଦୁର୍ବୃତ୍ତଙ୍କ ଏଭଳି ଆତଙ୍କରାଜକୁ ଦେଖି ଯାତ୍ରୀ ଓ ପର୍ଯ୍ୟଟକ ଭୟଭୀତ ହୋଇ ପଡ଼ିଛନ୍ତି। ପୁରୀ ଭଳି ଏକ ଧାର୍ମିକ ତଥା ପର୍ଯ୍ୟଟନ ସହରରେ ଦିନ ଦ୍ୱିପହରରେ ଦୁର୍ବୃତ୍ତମାନଙ୍କ ଏଭଳି ଆତଙ୍କରାଜ ପୁଲିସର କାର୍ଯ୍ୟଦକ୍ଷତା ଉପରକୁ ପ୍ରଶ୍ନ ଉଠାଇଛି। ଆଇନ ଶୃଙ୍ଖଳା ବୋଲି ଆଉ କିଛି ନାହିଁ କହିଛନ୍ତି ଯାତ୍ରୀ ଓ ପର୍ଯ୍ୟଟକ। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ପୁରୀବାସୀ। ଏ ସଂକ୍ରାନ୍ତରେ ପୁଲିସ ତଦନ୍ତ ଜାରି ରଖିଥିବା ସୂଚନା ଦେଇଛି।

## ବୃଦ୍ଧାବସ୍ଥାରେ ଓଡ଼ିଶାରେ ଡାକ୍ତରୀ ସେବା ଏକ ଆହ୍ୱାନ




ପୁରୀ,୫।୮ (ସମିସ)

ଓଡ଼ିଶା ଯୁବ ଚେତନା ସଂଗଠନ, ଆଦିତ୍ୟ ସେବା ପ୍ରତିଷ୍ଠାନ, ଦିବାକର ତ୍ରିପାଠୀ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ବୃଦ୍ଧାବସ୍ଥାରେ ଡାକ୍ତରୀ ସେବା, ଏକ ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ର ସ୍ଥାନୀୟ ଗୁଣ୍ଡିଚା ଭକ୍ତ ନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ମହେନ୍ଦ୍ର ବିଶୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ତୈଳ ନିଗମର ନିର୍ଦ୍ଦେଶକ ସୁଦୀପ୍ତ ରାୟ ମୁଖ୍ୟଅତିଥି, ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଡ. କାର୍ତ୍ତିକ କୁମାର ଦାସ ମୁଖ୍ୟବକ୍ତା ଏବଂ ଆଦିତ୍ୟ ସେବା ପ୍ରତିଷ୍ଠାନର ମୁଖ୍ୟ ରାଜଶ୍ରୀ ଦାସମହାପାତ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସଂଗଠନର ମୁଖ୍ୟ ଆବାହକ ଆଡ୍‌ଭୋକେଟ ଦେବାଶିଷ ଦାସ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ଅବତାରଣା କରିବା ସଙ୍ଗେ ସଙ୍ଗେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। କେନ୍ଦ୍ର ସରକାରଙ୍କ କୌଶଳ ଯୋଜନା ଅନ୍ତର୍ଗତ ଅଟଳ ବୟୋ ଯୋଜନା ମାଧ୍ୟମରେ ରାଜ୍ୟରେ ବୃଦ୍ଧାବସ୍ଥାରେ ହାତପାଆନ୍ତାରେ ଡାକ୍ତରୀ ସେବା ଯେଭଳି ଉପଲବ୍ଧ ହୋଇପାରିବ ସେ ଦିଗରେ ରାଜ୍ୟ ସରକାର ଧ୍ୟାନ ଦେବାକୁ ଗୁରୁତ୍ୱାରୋପ କରାଯାଇଥିଲା। ବୟସ୍କ ବ୍ୟକ୍ତିମାନେ ପରିଣତ ବୟସରେ ଯେଭଳି ସେବାଯତ୍ନ ପାଇପାରିବେ ସେଥିପାଇଁ ପିଲାମାନେ ସଚେତନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଶିବରାମ ପ୍ରଧାନ। ବଳରାମ ଦଳାଇ, କେଦାର ନାଥ ନାୟକ, ବିନାୟକ ମିଶ୍ର, ଚିତ୍ତରଞ୍ଜନ ବେହେରା, ଯାଜ୍ଞସେନୀ ବରାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଆଲୋଚନାଚକ୍ରରେ ଶ୍ରୀଜଗନ୍ନାଥ ମେଡିକାଲ କଲେଜ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ସୁରଜମଲ୍ଲ ସାହା ମହାବିଦ୍ୟାଳୟ, ଭୋଳାନାଥ ବିଦ୍ୟାପୀଠ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସାରସ୍ୱତ ବିଦ୍ୟାନିକେତନର ବିଦ୍ୟାର୍ଥୀ ଏବଂ ସାହିତ୍ୟିକ, ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ।

୯ରେ ରକ୍ଷା ବନ୍ଧନ

## ରାକ୍ଷୀ ପିନ୍ଧିବେ ମହାପ୍ରଭୁ; ଚାଲିଛି ପ୍ରସ୍ତୁତି

ପୁରୀ,୫।୮ (ସମିସ)



ଭାଇ-ଭଉଣୀ ପବିତ୍ର ସମ୍ପର୍କର ପର୍ବ ହେଉଛି ରକ୍ଷାବନ୍ଧନ। ରାକ୍ଷୀ ପୂର୍ଣ୍ଣିମାରେ ଭାଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧି ତା'ର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭ ମନାସୀ ଥାଏ। ପ୍ରତିବଦଳରେ ଭାଇ ତା'ର ଭଉଣୀକୁ ଜନ୍ମ ଜନ୍ମ ପାଇଁ ସୁରକ୍ଷା ଦେବାର ସଂକଳ୍ପ ନେଇଥାଏ। ଏହି ପବିତ୍ର ପର୍ବ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପାଳନ କରାଯାଇଥାଏ। ଆସନ୍ତା ୯ ତାରିଖରେ ରାକ୍ଷୀ ପୂର୍ଣ୍ଣିମା। ଶ୍ରୀମନ୍ଦିରରେ ପାଳିତ ହେବ ଏହି ପର୍ବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ଶ୍ରୀବଳଭଦ୍ର ରାକ୍ଷୀ ପିନ୍ଧିବେ। ଏଥିପାଇଁ ପାଟରା ବିଶୋଇ ସେବକମାନେ ରାକ୍ଷୀ ପ୍ରସ୍ତୁତ କରୁଛନ୍ତି।

ଶ୍ରୀମନ୍ଦିରରେ ବାର ମାସରେ ତେର ପର୍ବ। ସେଥିମଧ୍ୟରୁ ଗହ୍ମା ପୂର୍ଣ୍ଣିମା ତଥା ରାକ୍ଷୀ ପୂର୍ଣ୍ଣିମା ଅନ୍ୟତମ। ଏହି ଦିନ ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମ ସହିତ ରାକ୍ଷୀ ପୂର୍ଣ୍ଣିମା ନୀତି ପାଳିତ ହୋଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ଶ୍ରୀବଳଭଦ୍ର ୨ଟି ଲେଖାଏଁ ରାକ୍ଷୀ ଓ ୨ଟି ଲେଖାଏଁ ଗୁଆମାଳ ପରିଧାନ କରିଥା'ନ୍ତି। ପାଟଣା ବିଶୋଇ ସେବକ ବାସୁଙ୍ଗା ପାଟରେ ରାକ୍ଷୀ ଏବଂ ଗୁଆମାଳ ତିଆରି କରନ୍ତି। ପ୍ରଥମେ ବାସୁଙ୍ଗା ପାଟକୁ ୪ ପ୍ରକାର ରଙ୍ଗ ଯଥା- ନାଲି, ନେଳୀ, ବାଇଗଣୀ ଏବଂ ହଳଦିଆ ରଙ୍ଗ କରାଯାଏ। ଏହାକୁ ପାନିଆରେ ସୂତା ଭଳି କରାଯାଏ। ସୂତା ଏବଂ ଛୁଞ୍ଚି ଦ୍ୱାରା ବାସୁଙ୍ଗା ପାଟରେ ରାକ୍ଷୀ ଏବଂ ଗୁଆମାଳ ପ୍ରସ୍ତୁତ ହୁଏ। ୪ଟି ରଙ୍ଗର ବାସୁଙ୍ଗା ପାଟରେ ଚାରିପରସ୍ତ ହୋଇ ରାକ୍ଷୀ ତିଆରି ହୋଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଏବଂ ନାଲି ରଙ୍ଗର ଗୁଆମାଳ, ବଳଭଦ୍ର ବାଇଗଣୀ ଏବଂ ନୀଳ ରଙ୍ଗର ଗୁଆମାଳ ପରିଧାନ କରିଥା'ନ୍ତି। ୫୪ଟି ଗୁଆରେ ଗୋଟିଏ ଲେଖାଏଁ ମାଳ ପ୍ରସ୍ତୁତ କରାଯାଏ। ପୂର୍ଣ୍ଣିମାର ୧୦ ଦିନ ପୂର୍ବରୁ ରାକ୍ଷୀ ପ୍ରସ୍ତୁତି ଲାଗି ଶ୍ରୀମନ୍ଦିର ପ୍ରଶାସନ ବାସୁଙ୍ଗା ପାଟ ଯୋଗାଇଦିଏ। ଏଥିରେ ରାକ୍ଷୀ ତିଆରି ହୁଏ। ଶ୍ରୀଜଗନ୍ନାଥ ଏବଂ ଶ୍ରୀବଳଭଦ୍ରଙ୍କ ପାଇଁ ୪ଟି ରାକ୍ଷୀ ପ୍ରସ୍ତୁତ ହେଉଥିବାବେଳେ ପାଶ୍ୱର୍ ଦେବତାଙ୍କ ପାଇଁ ୧୦ଟି ଛୋଟ ରାକ୍ଷୀ ତିଆରି କରାଯାଇଥାଏ। ଶୁଦ୍ଧପୁତ ଭାବେ ରହି ନିଷ୍ଠାର ସହିତ ପାଟରା ବିଶୋଇ ସେବକ ରାକ୍ଷୀ ତିଆରି କରିଥା'ନ୍ତି। ଗହ୍ମାପୂର୍ଣ୍ଣିମା ଦିନ ସକାଳେ ଶ୍ରୀମନ୍ଦିରରୁ ଚର୍ଚ୍ଚା ଆସି ଡାକିଥା'ନ୍ତି। ପାଟରା ବିଶୋଇ ସେବକ ରାକ୍ଷୀ ଏବଂ ଗୁଆମାଳକୁ ଦୁଇଟି ତାଡ଼ରେ ନେଇ ଶ୍ରୀମନ୍ଦିରକୁ ଯାଇଥା'ନ୍ତି।

## ପାରା ପାଇଁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ପୁରୀ,୫।୮ (ସମିସ): ପାରା ପାଇଁ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ବାଲିସାହି ନିକଟ ହରିଜନ ସାହି ବାପୁଜୀ କ୍ଲବ୍ ନିକଟରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଗୁରୁତର ଯୁବକ ଜଣକ ହେଉଛନ୍ତି ବଣ୍ଟି ନାୟକ। ବଣ୍ଟିଙ୍କ ମୁଣ୍ଡ ଓ ହାତକୁ ଧାରୁଆ ଅସ୍ତ୍ରରେ ହାଣିଛନ୍ତି ଦୁର୍ବୃତ୍ତ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ବଣ୍ଟି ଘରେ ପାରା ରଖିଥିଲେ। ତାଙ୍କ ପଡ଼ୋଶୀ ଘରର ଜଣେ ଯୁବକ ପାରାକୁ ବାଡ଼ିରେ ବାଡ଼ଉଥିବାବେଳେ ବଣ୍ଟି ତାହା ଦେଖି ପ୍ରତିବାଦ କରିଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପାଟିତୁଣ୍ଡକୁ ନେଇ ସମ୍ପୃକ୍ତ ଯୁବକ ବଣ୍ଟିକୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିବା ପୁଲିସ କହିଛି।

## ୭ରେ ସିପିଆଇ ଓ ସିପିଏମ୍‌ର ଜିଲ୍ଲାବ୍ୟାପୀ ଆନ୍ଦୋଳନ

ପୁରୀ,୫।୮ (ସମିସ)

ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ମହିଳା, ଛାତ୍ରୀ ଆଜି ଅସୁରକ୍ଷିତ ହୋଇପଡ଼ିଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୭ ତାରିଖରେ ଜିଲ୍ଲାବ୍ୟାପୀ ଆନ୍ଦୋଳନ କରିବେ ସିପିଆଇ ଓ ସିପିଏମ୍। ଏ ନେଇ ଦୁଇ ଦଳ ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ଦୁଇଦଳ ପକ୍ଷରୁ କୁହାଯାଇଛି, ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଓ ବଳଙ୍ଗା ନାବାଳିକା ମୃତ୍ୟୁ ବ୍ୟବସ୍ଥାକୃତ। ବଳଙ୍ଗା ନାବାଳିକା ମୃତ୍ୟୁ ତଦନ୍ତରେ ପୁଲିସର ବିଫଳତା ସ୍ପଷ୍ଟ ବାରି ହୋଇପଡୁଛି। ଏହା ଶାସକ ଦଳ ତଥା ନିମାପଡ଼ା ବିଧାୟକଙ୍କ ସମ୍ପୃକ୍ତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତେଣୁ ଏହାର ପ୍ରତିବାଦରେ ୭ତାରିଖରେ ଜିଲ୍ଲାର ସମସ୍ତ ବ୍ଲକ୍‌ରେ ଆନ୍ଦୋଳନ କରାଯିବ। ଏଥିରେ ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଓ ବଳଙ୍ଗା ନାବାଳିକା ପୋଡ଼ି ଘଟଣାର ନ୍ୟାୟିକ ତଦନ୍ତ, ବାଲେଶ୍ୱର ସାଂସଦ ଓ ନିମାପଡ଼ା ବିଧାୟକଙ୍କ ଇସ୍ତଫା, ବାଲେଶ୍ୱର ଘଟଣାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସମ୍ପୃକ୍ତି ଥିବାରୁ ତାଙ୍କ କର୍ମକର୍ତ୍ତାଙ୍କୁ ଗିରଫ ପାଇଁ ସେମାନେ ଦାବି କରିଛନ୍ତି ବୋଲି ବାମଦଳ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବୈଠକରେ ପ୍ରଦୀପ୍ତ ମହାନ୍ତି, ଜଗନ୍ନାଥ ଦେଓ, ଶରତ କୁମାର ରାୟଗୁରୁ, ଶ୍ରୀକାନ୍ତ ପରିଜା, ହରିହର ସେନାପତି, ଟୁନା ନାୟକ, ମନୋରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରି ଅଳଙ୍କାର ଜବତ, ୩ ଗିରଫ

ପୁରୀ,୫।୮ (ସମିସ): ଘରେ ପଶି ସୁନାରୁପା ଅଳଙ୍କାର ଓ ଟଙ୍କା ଚୋରି କରିବା ଅଭିଯୋଗରେ ତାଳବଣିଆ ପୁଲିସ ଜଣେ ଯୁବତୀଙ୍କ ସହ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜଟଣୀ ଖୁଦୁପୁରର ବିଶ୍ୱଜିତ ବେହେରା (୨୪), ପେଣ୍ଠକଟା ମେରାଇନ୍ ଥାନା ବାଲିଘାଟ ବ୍ରାହ୍ମଣପୋଖରୀର ବର୍ଷା ଦାସ (୧୯) ଏବଂ ତାଳବଣିଆ ଥାନା ଆଶ୍ରମ ଛକ ମୁକ୍ତେଶ୍ୱର ସାହିର ବୁଦ୍ଧନାଥ ସାହୁ (୫୪)। ଏମାନେ ଗତ ୨୭ ତାରିଖରେ ଅଚ୍ୟୁତ ମଠ ପଛପାଶ୍ୱର୍ ଶ୍ରୀରାମ ନଗରର ମଧୁସ୍ମିତା ରାଉତରାୟଙ୍କ ଘରୁ ଚୋରି କରିଥିଲେ। ସକାଳ ୯ଟା ୩୦ରୁ ରାତି ପ୍ରାୟ ୧ଟା ପର୍ଯ୍ୟନ୍ତ ତାଙ୍କ ଘରେ କେହି ନ ଥିଲେ। ଏହାରି ସୁଯୋଗ ନେଇ ଲୁଟେରାମାନେ ତାଙ୍କ ଘର ତାଲା ଭାଙ୍ଗି ଘରେ ପଶି ୨୬ ହଜାର ଟଙ୍କା ଏବଂ ସୁନାରୁପା ଅଳଙ୍କାର ଚୋରି କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଉକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ସୁନାଚେନ୍, ୨ ହଳ କାନଫୁଲ, ୬ ହଳ ରୁପା ପାଉଜି, ଭାଙ୍ଗି ଯାଇଥିବା ୬ ହଳ ରୁପା ପାଉଜି, ୭ ହଳ ରୁପା ଗୋଡ଼ ମୁଦି, ଗୋଟିଏ ରୁପା ପଇସା, ୨ଟି ମୋବାଇଲ୍ ଫୋନ୍ ଆଦି ଜବତ କରିଛି। ମଙ୍ଗଳବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି ପୁଲିସ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ପୁରୀ,୫।୮ (ସମିସ): ଚନ୍ଦନପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତରଫରୁ ଉନବିଂଶତମ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଚନ୍ଦନପୁର ସିଆର୍‌ସିସି ଜଲି ମହାପାତ୍ର। ପରିଚାଳନା ସମିତି ସଭାପତି ସନାତନ ସ୍ୱାଇଁ ଓ ସମ୍ପାଦକ ଦୀନବନ୍ଧୁ ସାମନ୍ତରା ଅନ୍ୟତମ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ବିଜ୍ଞାନର ଉପାଦେୟତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ବିଜ୍ଞାନ ମେଳାରେ ୧୫୨ ଜଣ ଛାତ୍ରଛାତ୍ରୀ ଭାଗ ନେଇ ସେମାନଙ୍କର ପ୍ରକଳ୍ପ ପ୍ରଦର୍ଶନୀ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଙ୍କୁଳ ପ୍ରମୁଖ କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇଥିବା ବେଳେ ସଭାପତି ସନାତନ ସ୍ୱାଇଁ, ସମ୍ପାଦକ ଦୀନବନ୍ଧୁ ସାମନ୍ତରା, ଯୁଗ୍ମ ସମ୍ପାଦକ ସରୋଜ କୁମାର ପଣ୍ଡା, ସଭ୍ୟା ରଶ୍ମିତା ମଲ୍ଲିକ ଓ ରଶ୍ମିତା ସାବୁତ ଉପସ୍ଥିତ ରହିଥିଲେ। ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ପିଲାମାନଙ୍କ ମଧ୍ୟରେ ବିଜ୍ଞାନ ବିଷୟ ପ୍ରତି ଆଗ୍ରହ ସୃଷ୍ଟି ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ଆଜିର ଶିଶୁ କାଲିର ବୈଜ୍ଞାନିକ ଭାବେ ଠିଆ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ସର୍ବଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାମନ୍ଦିରର ପ୍ରଧାନ ଗୁରୁଜୀ ବିଜୟ କୁମାର ପଣ୍ଡା ଅତିଥି ପରିଚୟ ଦେଇଥିବାବେଳେ ଅନ୍ୟାନ୍ୟ ସମସ୍ତ ଗୁରୁଜୀ ଗୁରୁମା' କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳରୁ ଛାତ୍ରଛାତ୍ରୀ, ଅଭିଭାବକମାନେ ବହୁ ସଂଖ୍ୟାରେ ଆସି ପ୍ରଦର୍ଶନୀ ପରିଦର୍ଶନ କରି ପ୍ରଶଂସା କରିଥିଲେ।

## 'ବଜ୍ରପାତ ପ୍ରତି ସାବଧାନ' ସଚେତନତା

ପୁରୀ,୫।୮ (ସମିସ): ପୁରୀ ସଦର ବ୍ଲକ୍ ଚାରିଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପ୍ରଶାନ୍ତ ଜେନାଙ୍କ ପୌରୋହିତ୍ୟରେ ଗତ ଶନିବାର 'ବଜ୍ରପାତ ପ୍ରତି ସାବଧାନ' ସଚେତନତା କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ରାଲି ବିଦ୍ୟାଳୟରୁ ବାହାରି ମା' ନାରାୟଣୀ ମନ୍ଦିର, ଉମା ବଜାର ଛକ ଓ ଷଣ୍ଢ ବଜାର ଛକ ଆଦି ସ୍ଥାନରେ ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ବଜ୍ରପାତ ପ୍ରତି ସାବଧାନତା ନିମନ୍ତେ ସଚେତନତା ସୃଷ୍ଟି କରାଯାଇଥିଲା। ଏହାପରେ ବିଦ୍ୟାଳୟରେ "ବଜ୍ରପାତ ପ୍ରତି ସାବଧାନତା' ବିଷୟବସ୍ତୁକୁ ନେଇ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା। ଏହାପରେ ଏକ ସଚେତନତା ସଭା ପ୍ରଧାନଶିକ୍ଷକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ପ୍ରତିଯୋଗୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକଙ୍କ ସମେତ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସତୀଶ ଚନ୍ଦ୍ର ବୋହିଦାର, ସହକାରୀ ଶିକ୍ଷକ ଚକ୍ରଧର ପାଣି, ପ୍ରଶାନ୍ତ କୁମାର ପରିଡ଼ା, ହିରଣ୍ୟ ସେଠୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସୁକାନ୍ତ କୁମାର ଦାଶ ଏବଂ ସହକାରୀ ଶିକ୍ଷୟିତ୍ରୀ ସତ୍ୟଭାମା ମହାନ୍ତି, ପ୍ରିୟଙ୍କା ରାଉତ, ଚିନ୍ମୟୀ ନାୟକ, ସ୍ୱପ୍ନା ପ୍ରଧାନ ଓ ରୋଜାଲିନ ବେହେରା ପ୍ରମୁଖ ବଜ୍ରପାତ ଯୋଗୁଁ କିପରି ଧନଜୀବନ ହାନୀ ହେଉଛି ଏବଂ ଏହାର ପ୍ରତିକାର ଓ ସୁରକ୍ଷା ପାଇଁ କ'ଣ କରିବାକୁ ପଡ଼ିବ ପୁଙ୍ଖାନୁପୁଙ୍ଖ ଭାବେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଶେଷରେ କ୍ରୀଡ଼ା ଶିକ୍ଷୟିତ୍ରୀ ରୋଜାଲିନ୍ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଶୃଙ୍ଖଳିତ ହେବ ଆନନ୍ଦ ବଜାର

# ଲାଗିବ ରେଟ୍ ଚାର୍ଟ, କେବଳ ଓମ୍‌ଫେଡ୍ ଘିଅ ବ୍ୟବହାର ହେବ

ପୁରୀ,୫।୮ (ସମିସ): ଶୃଙ୍ଖଳିତ ହେବ ଆନନ୍ଦ ବଜାର। ଏଥିପାଇଁ ମଙ୍ଗଳବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଆର ମହାସୁଆର ନିଯୋଗ ସେବାୟତ ଉପସ୍ଥିତ ଥିଲେ। ଭକ୍ତମାନେ କିପରି ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଯଦି କେହି ଏଥିରେ ବ୍ୟତିକ୍ରମ କରନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ସୁଆର ମହାସୁଆର ନିଯୋଗ ସହିତ ସମ୍ପୃକ୍ତ ଅନ୍ୟ ନିଯୋଗ ସହିତ ମଧ୍ୟ ଆଲୋଚନା କରାଯାଇଛି। ସେମାନେ ସହଯୋଗ କରିବେ ବୋଲି କହିଛନ୍ତି। ଓମ୍‌ଫେଡ୍ ରୋଷଶାଳାକୁ ଆସିବ ତା' ଉପରେ ଗୁରୁତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଜୈବିକ ଚାଉଳ ନେଇ ମଧ୍ୟ ଆଲୋଚନା ହୋଇଥିଲା। ନୂଆ ଚାଉଳ ନରମ ପଡୁଥିବାରୁ ପୁରୁଣା ଚାଉଳ ଦେବା ପାଇଁ କହିଛୁ। ସେମାନେ ଯୋଗାଇଦେଲେ ଆମେ କୋଠ ଭୋଗ ସହିତ ସେଥିରେ ମହାପ୍ରସାଦ ରାନ୍ଧିବୁ। ଆନନ୍ଦ ସେବାୟତଙ୍କୁ ଷ୍ଟଲ୍ ନମ୍ବର ପକାଯାଇ ପରିଚୟପତ୍ର ପ୍ରଦାନ କରାଯିବ। ଭକ୍ତଙ୍କ ଯିବାଆସିବା ବାଟରେ ବସି କେହି ଅବଡ଼ା ବିକ୍ରି କରିପାରିବେ ନାହିଁ। ଆନନ୍ଦ ବଜାରରେ ଶ୍ରୀମନ୍ଦିର ସମ୍ପର୍କୀତ ଜିନିଷ ଛଡ଼ା ଅନ୍ୟ ସାମଗ୍ରୀ ବିକ୍ରି କରାଯାଇପାରିବ ନାହିଁ। ରୋଷଘରେ ପ୍ରସ୍ତୁତ ମହାପ୍ରସାଦ, ଶୁଖିଲି ଭୋଗ ଛଡ଼ା ବାହାରୁ

### ଶୁଖିଲି ଭୋଗ ଓ ମହାପ୍ରସାଦ ସ୍ୱତନ୍ତ୍ର ଭାବେ ବିକ୍ରି କରାଯିବ

ଶୃଙ୍ଖଳିତ ଭାବେ ମହାପ୍ରସାଦ ସେବନ କରିବେ ସେ ନେଇ ବୈଠକରେ ଆଲୋଚନା ହୋଇଛି। ବିଭିନ୍ନ ସମୟରେ ମହାପ୍ରସାଦ ଏବଂ ଶୁଖିଲି ଭୋଗ କିଣାକୁ ନେଇ ଆନନ୍ଦ ବାଜରରେ ହୋ-ହଲ୍ଲା ହୋଇଥାଏ। ତେଣୁ ରେଟ୍‌ଚାର୍ଟ ଲାଗିବାର ବ୍ୟବସ୍ଥା ହେବ। ଶୁଖିଲି ଭୋଗ, ଖଜା ଗୋଟିଏ ପାଶ୍ୱର୍ରେ ଏବଂ ମହାପ୍ରସାଦ ଅନ୍ୟ ଏକ ପାଶ୍ୱର୍ରେ ଅର୍ଥାତ୍ ଅଲଗା ଭାବେ ବିକ୍ରୟ ହେବ। ଆନନ୍ଦ ବଜାର ମଧ୍ୟରେ ସମସ୍ତେ ଓମ୍‌ଫେଡ୍ ଘିଅ ବ୍ୟବହାର କରିବେ। ଏଥିଲାଗି ଶ୍ରୀମନ୍ଦିର ଘିଅ ବ୍ୟବହାରକୁ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ସୁଆର ମହାସୁଆର ନିଯୋଗ ସାଧାରଣ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ବୈଠକରେ ନୀତିକାନ୍ତି ଶୃଙ୍ଖଳା ଉପରେ ଆଲୋଚନା ହୋଇଥିଲା। ନୀତିକାନ୍ତି ଧାର୍ଯ୍ୟ ସମୟରେ ସରିଲେ ଆନନ୍ଦ ବଜାରରେ ମହାପ୍ରସାଦ ଠିକ୍ ସମୟରେ ପହଞ୍ଚିବ। ସେହିପରି ଆବଶ୍ୟକ କାଠ କିପରି

### ସହାୟକମାନଙ୍କ ପାଇଁ ହେବ ଡ୍ରେସ୍‌କୋଡ୍ ଓ ପରିଚୟପତ୍ର

ବଜାରରେ ଅବଡ଼ା ବିକୁଥିବା ସୁପକାରଙ୍କ ପାଖରେ କିଛି ସହାୟକ ରହିଛନ୍ତି। ସେମାନଙ୍କ ଡ୍ରେସ୍‌କୋଡ୍ ଏବଂ ପରିଚୟପତ୍ର କରାଯିବ। ସେମାନେ ଯଦି କୌଣସି ପ୍ରକାର ବିଶୃଙ୍ଖଳା କରନ୍ତି ତାଙ୍କୁ ଦଣ୍ଡିତ କରାଯିବ। ପୂର୍ବରୁ ମଧ୍ୟ ଆନନ୍ଦ ବଜାରରେ ଶୃଙ୍ଖଳା ରକ୍ଷା ପାଇଁ ଅନେକ ନିଷ୍ପତ୍ତି ହୋଇଛି। କୌଣସି ଅଣସେବାୟତ ମହାପ୍ରସାଦ ବିକ୍ରି କରିବେ ନାହିଁ। ଅବଡ଼ା ବିକ୍ରି କରୁଥିବା ସୁପକାରଙ୍କ ଏକ ତାଲିକା ପ୍ରସ୍ତୁତ କରିବ ସୁଆର ମହାସୁଆର ନିଯୋଗ। ଅଧିକୃତ ଖିରା, ରାବିଡ଼ି ଆଣି ଆନନ୍ଦ ବଜାରରେ ବିକିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେହି ବାସି ଅବଡ଼ା ବିକିବେ ନାହିଁ। ଆନନ୍ଦବଜାର ମଧ୍ୟରେ କେହି ନିଜସ୍ୱ ଜାଗା ଦାବି କରିପାରିବେ ନାହିଁ। ଆନନ୍ଦବଜାରରେ ପର୍ଯ୍ୟାପ୍ତ ସିସିଟିଭି ଲଗାଯିବା ସହ ପରିସରକୁ ସ୍ୱଚ୍ଛ ଓ ପରିଷ୍କାର ରଖାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏବେ ପୁନଶ୍ଚ ବୈଠକ ବସି ନିଆଯାଇଥିବା ନିଷ୍ପତ୍ତି କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଉପରେ ସମସ୍ତଙ୍କ ନଜର।



କେବଳ ଅର୍ଥ ଓ କ୍ଷମତା ସୁଖ ଦେଇପାରିବ ନାହିଁ, ଏହାର ପ୍ରକୃତ ଉତ୍ସ ହେଉଛି ହୃଦୟବତ୍ତା।
-ଦଲାଇଲାମା

ସକାଳ
THE SAKALA

# ଦାଦନ ଯାତନା

ନିଜ ଭିଟାମାଟି ଓ ପରିବାରକୁ ଛାଡ଼ି ଦିନମଜୁରିଆ ଭାବେ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲାଣ ହେଉଥିବା ଶ୍ରମଜୀବୀଙ୍କୁ ଆମେ 'ଦାଦନ' ଭାବେ ଗ୍ରହଣ କରିଥାଉ। ଏମାନଙ୍କ ସଂଖ୍ୟା କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାରଙ୍କ ଏତେ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସତ୍ତ୍ୱେ ସେମାନଙ୍କ ଦୁଃଖ ଦୂର ହୋଇନି। ଆମ ରାଜ୍ୟର ଦକ୍ଷିଣ ଓ ପଶ୍ଚିମାଞ୍ଚଳରେ କିଛି ଜିଲ୍ଲାରେ ଏବେ ମଧ୍ୟ ଉତ୍କଟ ଦାରିଦ୍ର୍ୟ ରହିଛି। ଶ୍ରମଦାନ କରିବାକୁ ପ୍ରସ୍ତୁତ ଥିବା ଏହି ଦାଦନଙ୍କୁ ଯଦି ସ୍ଥାନୀୟ ଅଞ୍ଚଳରେ କାମ ଧନ୍ଦା ଯୋଗାଇ ଦିଆଯାଆନ୍ତା ତେବେ ସେମାନେ କର୍ମସଂସ୍କୃତି ବିବର୍ଜିତ ଓ ବିପଜ୍ଜନକ ପରିସ୍ଥିତିରେ କାମ କରିବାକୁ ଘରୁ ଗୋଡ଼ କାଢ଼ି ବାହାରି ଯାଆନ୍ତେ ବା କାହିଁକି? ଏକଥା ଯେ ପ୍ରଶାସନ ବୁଝିନି ଏକଥା ନୁହେଁ। ସେହିଭଳି କୃଷିଭିତ୍ତିକ କାମଧନ୍ଦା ଜଳସେଚନ ଅଭାବରୁ ଏକ ସ୍ୱଳ୍ପମିଆଦୀ ବ୍ୟବସ୍ଥାରେ ପରିଣତ ହୋଇଛି। ଅନ୍ୟପକ୍ଷରେ କୃଷି ବିଶେଷ ଲାଭଜନକ ହେଉ ନ ଥିବାରୁ ଚାଷଜମି ପଡ଼ିଆ ପଡୁଛି। ବିକଳ୍ପ ଚାଷ ଓ ଲାଭଜନକ ଫସଲ କେବଳ ସ୍ଲୋଗାନରେ ରହିଯାଇଛି। ତେଣୁ ଭୟଙ୍କର ଅଭାବବୋଧରେ ଥିବା ଏହି ବର୍ଗଙ୍କୁ ସହାୟତା ଯୋଗାଇଦେବାରେ ପଛଘୁଞ୍ଚା ଦେଇ ନ ଥା'ନ୍ତି ଶ୍ରମିକ ଠିକାଦାର। ମାଛ ଧରିବା ପାଇଁ କେଉଟ ଯେଭଳି ଜାଲ ବିଛାଇ ଜଗି ବସିଥାଏ ସେହିଭଳି ଏହି ଠିକାଦାରମାନେ ଦାଦନ ଶ୍ରମିକଙ୍କୁ ନାନା ପ୍ରଲୋଭନ ଦେଖାଇ ଯୋଗାଡ଼ କରିଥା'ନ୍ତି। ଯେଉଁଠି ବ୍ୟବସ୍ଥା ବିଫଳ ସେଠି ପୁଣି ଭୋଟ ପାଇଁ ସେମାନଙ୍କୁ ଲୋଡ଼ା ପଡ଼େ। ସେହି ଶ୍ରମିକ ଠିକାଦାର ମାନେ ହିଁ ସେମାନଙ୍କୁ କର୍ମକ୍ଷେତ୍ରରୁ ଆଣି ଭୋଟ ପରେ ପୁଣି ପଠାଇବାର ବ୍ୟବସ୍ଥା କରିଥାନ୍ତି। ବିଚିତ୍ର ବ୍ୟବସ୍ଥା।

ଏଠାରେ ଏକଥା ଉଲ୍ଲେଖକରିବାର ଉଦ୍ଦେଶ୍ୟ ହେଲା, ନିକଟରେ ଆନ୍ଧ୍ରପ୍ରଦେଶର ବାପତାଲା ଜିଲ୍ଲା ଅନ୍ତର୍ଗତ ବାଲିକୁରଭା ମଣ୍ଡଳର ଏକ ପଥର ଖାଦନରେ କାମ କରୁଥିବା ଅବସ୍ଥାରେ ଦୁର୍ଘଟଣାରେ ସମ୍ମୁଖୀନ ହୋଇ ୬ ଜଣ ଓଡ଼ିଆ ଶ୍ରମିକଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ୧୫ ଜଣଙ୍କୁ ଆହତ ଅବସ୍ଥାରେ ଚିକିତ୍ସା କରାଯାଇଛି। ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ପଥର କ୍ୱାରୀ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବାରୁ ଉପର ଭାଗ ପଥରର ସ୍ଥିତି ଦୁର୍ବଳ ହୋଇଯାଇଥିଲା। କର୍ମରତ ଶ୍ରମିକଙ୍କ ଉପରେ ସେହି ପଥରଖଣ୍ଡ ଓଜାଡ଼ି ହୋଇପଡ଼ିଥିଲା। ପଥରଖଣି ମାଲିକ ବର୍ଷା ପରିବର୍ତ୍ତୀ ସ୍ଥିତି ଯାଞ୍ଚ କରିଥିଲେ ଏଭଳି ଏକ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥା'ନ୍ତା। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଗତ ୧୫ ମାସ ମଧ୍ୟରେ ଆମ ରାଜ୍ୟରୁ ଦାଦନ ଖଟିବାକୁ ଯାଇଥିବା ୧୫୦ ଊର୍ଦ୍ଧ୍ୱ ପ୍ରାଣ ହରାଇ ଲେଣି। ଆମକୁ ଏଠାରେ କହିବାକୁ ପଡୁଛି ଯେ ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶରେ କାର୍ଯ୍ୟରତ ଏହି ଶ୍ରମିକଙ୍କୁ କେବଳ ଶୋଷଣ କରାଯାଉନାହିଁ। ସର୍ବନିମ୍ନ ସୁବିଧା ସୁଯୋଗ ଉପଲବ୍ଧ ନଥିବା ବେଳେ ଅତି ବିପଜ୍ଜନକ ଅବସ୍ଥାରେ ସେମାନଙ୍କୁ ଦିନ ରାତି ଖଟିବାକୁ ପଡୁଛି। ସେମାନଙ୍କ ଭଲ ମନ୍ଦ ନେଇ ଉଭୟ ପକ୍ଷ ନିରବ। ଏକ୍ଷେତ୍ରରେ ଯଥେଷ୍ଟ ସଜାଗ ଓ ସତର୍କତା ଅବଲମ୍ବନ କରାଯାଇପାରନ୍ତା। ଏଠାରେ ପୁଣି ଥରେ କହିବା ଯେ ବ୍ୟବସ୍ଥା ନିରବ। ଏହା ଯେ ଏକ ମାନବୀୟ ଅପରାଧ ଏକଥା କେହି ଗ୍ରହଣ କରିବାକୁ ନାରାଜ।

ଗତ ନିର୍ବାଚନରେ ଦାଦନ ଶ୍ରମିକଙ୍କ ସମସ୍ୟାଙ୍କୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଥିଲା। ଏହାକୁ ରାଜ୍ୟର ସ୍ୱାଭିମାନ ଓ ସମ୍ମାନର ପ୍ରସଙ୍ଗ ରୂପେ ଗ୍ରହଣ କରାଯାଉଥିଲା। ଓଡ଼ିଶାରୁ ଅନ୍ୟରାଜ୍ୟକୁ କେହି ଦାଦନ ଖଟିବାକୁ ଯିବେ ନାହିଁ ବୋଲି ନିର୍ବାଚନୀ ପ୍ରତିଶ୍ରୁତି ମିଳିଥିଲା। ଏବେ ବର୍ଷକ ମଧ୍ୟରେ ଗୋଟିକ ପରେ ଗୋଟିଏ ଅଘଟଣ ଘଟିଥିବାରୁ ଆମେ ବିଜେପି ନେତାଙ୍କ ପ୍ରତିଶ୍ରୁତି ମନେ ପକାଇ ଦେବାକୁ ଚାହୁଁ। ସରକାର ଯେ କିଛି କରିନାହାନ୍ତି ଏକଥା ନୁହେଁ। ଦାଦନ ସମସ୍ୟାର ନିରାକରଣ ପାଇଁ ଟାସ୍କ ଫୋର୍ସ ଗଠନ କରାଯାଇଛି। ଯେଉଁ ଅଞ୍ଚଳରୁ ଅଧିକ ସଂଖ୍ୟାରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି, ସେଠାରୁ ପ୍ରତିନିଧିତ୍ୱ କରୁଥିବା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏହି କମିଟିର ଅଧ୍ୟକ୍ଷ ଅଛନ୍ତି। ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପଞ୍ଚାୟତରାଜ ମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ମଧ୍ୟ ସଦସ୍ୟ ଅଛନ୍ତି। ଖୋଦ ମୁଖ୍ୟସଚିବଙ୍କ ସହ ବହୁ ଅଧିକାରୀଙ୍କୁ ଟାସ୍କଫୋର୍ସରେ ସାମିଲ କରାଯାଇଛି। ଦାଦନ ସମସ୍ୟାର ଆଶୁ ସମାଧାନ ସକାଶେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ହେଉଛି ଟାସ୍କଫୋର୍ସର ମୁଖ୍ୟ କାର୍ଯ୍ୟ। ଏକ୍ଷେତ୍ରରେ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ବା ଆଗକୁ କ'ଣ କରାଯିବ ସେ ସଂପର୍କରେ ସମୀକ୍ଷା ସକାଶେ ପ୍ରତି ୬ ମାସ ବ୍ୟବଧାନରେ ଟାସ୍କ ଫୋର୍ସ ବୈଠକ କରିବା କଥା। କିନ୍ତୁ ତାହା ସମ୍ଭବ ହେଲା ନାହିଁ। ମାତ୍ର ଗୋଟିଏ ବୈଠକରେ ଯାହା ପ୍ରାରମ୍ଭିକ ଆଲୋଚନା ହୋଇଥିଲା ସେହିଥିରେ ହିଁ ତାହା ସୀମିତ ରହିଛି। ଆମକୁ ଏଠାରେ କହିବାକୁ ପଡୁଛି ଯେ କୌଣସି ପ୍ରସଙ୍ଗକୁ ନିର୍ବାଚନ ରାଜନୀତିରେ ଉତ୍ଥାପନ କରି ଜନମତକୁ ନିଜ ସପକ୍ଷରେ ଆଣିବା ସହଜ, କିନ୍ତୁ ତାହାର ସମାଧାନ ସକାଶେ ଯେଉଁ ଆନ୍ତରିକତା ଲୋଡ଼ା, ତାହାର ଅଭାବ ଏବେ ମଧ୍ୟ ଅନୁଭୂତ ହେଉଛି।

ଘଟଣାକ୍ରମ ନେଇ ଆମ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଆନ୍ଧ୍ରମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଦୁଃଖ, କ୍ଷୋଭ ଓ ଶୋକ ପ୍ରକାଶ କରିଛନ୍ତି। କେବଳ ସେତିକି ନୁହେଁ ମୃତକଙ୍କ ପରିବାରଙ୍କ ପାଇଁ ତୁରନ୍ତ ସହାୟତା ରାଶି ମଧ୍ୟ ଘୋଷଣା କରାଯାଇଛି। ଆମ ମୁଖ୍ୟମନ୍ତ୍ରୀ ୪ ଲକ୍ଷ ଓ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୧୪ ଲକ୍ଷ ଟଙ୍କା ଦେବେ। ସେ ଯିଏ ବି ହେଉ ବା ଯେଉଁ ସ୍ତରର ହେଉ। ମଣିଷର ଜୀବନ ତ ଅମୂଲ ମୂଲ। ସେହି କ୍ଷତିକୁ କେହି ଭରଣା କରିପାରିବେ ନାହିଁ। ତେବେ ପାରିବାରିକ ଜଞ୍ଜାଳ ଓ ସାମାଜିକ ନିର୍ଯାତନାରୁ ମୁକ୍ତି ପାଇଁ ଉପାର୍ଜନ ଆଶାରେ ଘରବାଡ଼ି ଛାଡୁଥିବା ପରିବାରର ଆର୍ଥିକ ସ୍ଥିତିକୁ ସୁଧାରିବାରେ ଏହି ୧୮ ଲକ୍ଷ ଟଙ୍କା କେତେଦୂର ସହାୟକ ହେବ ତାହା ମଧ୍ୟ ଚିନ୍ତା କରିବାର କଥା। ହେଲେ ଜୀବନ ବିନିମୟରେ ତ ଏହା ଆଦୌ ଗ୍ରହଣୀୟ ନୁହେଁ। ●

# ଆମେରିକା ନିକିତିରେ ଭାରତ-ପାକିସ୍ତାନ

ଗୌରୀ ପ୍ରସାଦ ମହାପାତ୍ର

ଭାରତୀୟ ଉତ୍ପାଦ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୫% ଆମଦାନୀ ଶୁଳ୍କ ଧାର୍ଯ୍ୟ ଭାରତ-ଆମେରିକା ସମ୍ପର୍କ ଉପରେ ପ୍ରଶ୍ନବାଚୀଟିଏ ଲଗାଇ ନଥା'ନ୍ତା ଯଦି ସମାନ୍ତରାଳ ଭାବେ ପାକିସ୍ତାନର ତୈଳ କୂପଗୁଡ଼ିକର ବିକାଶ ପାଇଁ ଆର୍ଥିକ ସହାୟତା ଘୋଷଣା କରାଯାଇ ନଥା'ନ୍ତା। ଟ୍ରମ୍ପଙ୍କ ଦୃଷ୍ଟିରେ ଭାରତ ପାଇଁ ରୁଷ୍ ପ୍ରୀତି ଏକ ଅପରାଧ। ଏହି ଅପରାଧ ପାଇଁ ଭାରତକୁ ବର୍ଦ୍ଧିତ ଶୁଳ୍କ ସମେତ ଅତିରିକ୍ତ ଜୋରିମାନା ମଧ୍ୟ ଦେବାକୁ ପଡ଼ିବ। ଅପରପକ୍ଷରେ ଆମେରିକାର ଶିଳ୍ପପତି ତଥା ଟ୍ରମ୍ପଙ୍କ ବିଗତ ଦିନର ବନ୍ଧୁ ଏଲନ୍ ମସ୍କ ଏବଂ ଆମେରିକୀୟ ଅର୍ଥନୀତିଜ୍ଞ ଜେଫ୍ରି ସାକ୍ସଙ୍କ ମତରେ କ୍ରମବର୍ଦ୍ଧିଷ୍ଣୁ ଅର୍ଥନୈତିକ ମହାଶକ୍ତି ରୂପେ ଭାରତ ଉଭା ହେଉଥିବାରୁ ଟ୍ରମ୍ପଙ୍କ ଭୟ ଓ ଈର୍ଷା ତାଙ୍କର ଶୁଳ୍କ ନୀତିରେ ପ୍ରତିଫଳିତ ହୋଇଛି। କାରଣ ଯାହା ବି ହେଉନା କାହିଁକି ଆମେରିକାର ଏହି ସମାନ୍ତରାଳ ଘୋଷଣା ପରେ ଭାରତ-ପାକିସ୍ତାନ ପ୍ରସଙ୍ଗରେ ଆମେରିକା ଦୃଷ୍ଟିକୋଣର ସିଂହାବଲୋକନର ଅବକାଶ ସୃଷ୍ଟି ହୋଇଛି।

ସାମଗ୍ରିକ ପୃଷ୍ଠଭୂମିରେ ଆମ ଅତି ପରିଚିତ 'ବିରାଡ଼ିଙ୍କ ପିଠାକଳି' କଥାଟିର ସାରମର୍ମ(ଦୁଇଜଣଙ୍କ ବିବାଦରେ ତୃତୀୟ ପକ୍ଷର ଲାଭ) ଅବତାରଣା ପ୍ରାସଙ୍ଗିକ ମନେ ହୁଏ, ଯେଉଁଥିରେ ଦୁଇଟି ବିରାଡ଼ି ଗଉଡ଼ ସାହିରୁ ପାଇଥିବା ଛେନାପୋଡ଼ ଖଣ୍ଡିକର ଭାଗବଣ୍ଟା ସମାଧାନ ପାଇଁ ହନୁମାଙ୍କଡ଼ ପାଖକୁ ଯା'ନ୍ତି। ହନୁମାଙ୍କଡ଼ ଜାଣିଶୁଣି ପିଠାକୁ ଛୋଟବଡ଼ ଦୁଇ ଭାଗ କରି ନିକିତିର ଦୁଇପଲାରେ ରଖେ। ଯେଉଁ ପଲା ଭାରି ହୁଏ ସେଥିରୁ ଏମିତି ପୁଳାଏ ଖାଇଦିଏ ଯେ ଆର ପଲାଟି ଭାରି ହୋଇଯାଏ। ପୁଣି ଆରପାଖରୁ ପୁଳାଏ ଖାଇ ଦେଇ ଏପାଖଟିକୁ ଓଜନିଆ କରିଦିଏ। ଏହିକ୍ରମରେ ପିଠାଟିକୁ ସମ୍ପୂର୍ଣ୍ଣ ଉଦରସ୍ଥ କରିଦିଏ। ଶେଷରେ ବିରାଡ଼ି ଦୁଇଟି ଖାଲି ହାତରେ ଘରକୁ ଫେରନ୍ତି। ୨୦୪୭ ମସିହା ପରେ ଆମେରିକା ଏଭଳି ଏକ ନିକିତି ଧରି ବସିଛି, ଯାହାର ଦୁଇପଲାରେ ଭାରତ ଓ ପାକିସ୍ତାନକୁ ରଖିଛି। ହ୍ୟାରି ଟ୍ରୁମ୍ୟାନ୍ ହୁଅନ୍ତୁ କି ରିଚାର୍ଡ ନିକ୍ସନ୍ କିମ୍ବା ରୋନାଲ୍ଡ ରେଗନ୍ ହୁଅନ୍ତି କି ବିଲ୍ କ୍ଲିଣ୍ଟନ୍ କିମ୍ବା ବର୍ତ୍ତମାନର ଡୋନାଲ୍ଡ ଟ୍ରମ୍ପ, ରାଷ୍ଟ୍ରପତି ପଦରେ ଯିଏ ବା ବସନ୍ତୁ ନା କାହିଁକି ଭାରତ ଓ ପାକିସ୍ତାନକୁ ଆମେରିକାର ସ୍ୱାର୍ଥ ଓ ସୁବିଧା ପାଇଁ ପରିସ୍ଥିତି ଅନୁଯାୟୀ ନିକିତି ତଉଲ କରି ଆସିଛନ୍ତି। ୧୯୪୭ ମସିହାରେ ଭାରତ ସମ୍ମୁଖୀନ ହୋଇଥିବା ପ୍ରଥମ ଛାୟାଯୁଦ୍ଧରୁ ସଦ୍ୟତମ ଅଘୋଷିତ ଯୁଦ୍ଧ 'ଅପରେସନ୍ ସିନ୍ଦୂର' ପର୍ଯ୍ୟନ୍ତ ଆମେରିକାର ଏହି ନିକିତି ତଉଲ କାର୍ଯ୍ୟକଳାପକୁ ତର୍ଜମା କଲେ ଟ୍ରମ୍ପଙ୍କ ସାମ୍ପ୍ରତିକ ଭାରତ ବିରୋଧୀ କିମ୍ବା ପାକିସ୍ତାନ ସପକ୍ଷବାଦୀ ଆଭିମୁଖ୍ୟ ସେଭଳି ଆଶ୍ଚର୍ଯ୍ୟଜନକ କିମ୍ବା ଅସ୍ୱାଭାବିକ ମନେ ହେବ ନାହିଁ।

ସ୍ୱାଧୀନତାର ମାତ୍ର ଦୁଇମାସ ପରେ ପାକିସ୍ତାନ ପ୍ରାୟୋଜିତ ଓ ସମର୍ଥିତ ଅନୁପ୍ରବେଶକାରୀଙ୍କ ବିରୋଧରେ ଭାରତ ସମ୍ମୁଖୀନ ହୋଇଥିବା ଯୁଦ୍ଧର ସଫଳ ମୁକାବିଲା ପରେ ତତ୍କାଳୀନ ଭାଇସରୟ ଲର୍ଡ ମାଉଣ୍ଟବ୍ୟାଟେନ୍‌ଙ୍କ ପରାମର୍ଶକ୍ରମେ ୧୯୪୮ ଜାନୁଆରୀ ୧ ତାରିଖରେ ଜାତିସଂଘରେ ଫେରାଦ ହେଲା। କିନ୍ତୁ ବ୍ରିଟିଶ୍ ସରକାର ପୁଣି ଥରେ ବିଶ୍ୱାସଘାତ କରି ଭାରତକୁ ସମର୍ଥନ ତ କଲା ନାହିଁ, ଅଧିକନ୍ତୁ ତା'ର ସୁପାରିସକ୍ରମେ ସୁରକ୍ଷା ପରିଷଦ ଚତୁରତାର ସହିତ କାଶ୍ମୀର ସମସ୍ୟାକୁ ଭାରତ-ପାକିସ୍ତାନ ବିବାଦର ରୂପ ଦେଲା। ଏ ସମ୍ପର୍କରେ ଆମେ ଅଳ୍ପେବହୁତ ଅବଗତ ଥିବାରୁ ଆଲୋଚନାର ବିଷୟବସ୍ତୁକୁ ଅଧିକ ବିଲମ୍ବିତ କରିବା ନିଷ୍ପ୍ରୟୋଜନ।

ସେହି ସମୟରେ ଆମେରିକା ଚାହୁଁଥିଲା କାଶ୍ମୀର ପ୍ରସଙ୍ଗ ଭାରତ-ପାକିସ୍ତାନ ଦ୍ୱିପାକ୍ଷିକ ଆଲୋଚନା ଜରିଆରେ ସମାଧାନ ହେଉ। ଏହି ମର୍ମରେ ଆମେରିକାର ତତ୍କାଳୀନ ପରରାଷ୍ଟ୍ର ସଚିବ ଭାରତକୁ ଏକ ସରକାରୀ ପତ୍ର ଜରିଆରେ ପ୍ରତିଶ୍ରୁତି ଦେଇଥିଲେ ଯେ ଜାତିସଂଘରେ ଏ ସମ୍ପର୍କରେ ଗୃହୀତ ସଂକଳ୍ପକୁ ଆମେରିକା ସମର୍ଥନ କରିବ। ସେତେବେଳେ ଦକ୍ଷିଣ ବିଶ୍ୱର ବିଶାଳ ସ୍ୱାଧୀନ ରାଷ୍ଟ୍ର ଭାବେ ଉଭା ହୋଇଥିବା ଭାରତ ଯେପରି ତତ୍କାଳୀନ ସୋଭିଏତ୍ ସଂଘ ପଟକୁ ଢଳି ନ ଯିବ ସେଥିପାଇଁ ଏଭଳି ସମବେଦନା ଜରିଆରେ ଭାରତକୁ ବଶମ୍ବଦ କରି ରଖିବାକୁ ଆମେରିକା ଚାହୁଁଥିଲା। କିନ୍ତୁ ସେତେବେଳେ ଭାରତ ଗୋଷ୍ଠୀ ନିରପେକ୍ଷ ନୀତି ଆପଣେଇବାରୁ ଆମେରିକାର ଉଦ୍ଦେଶ୍ୟ ଚରିତାର୍ଥ ହେଲା ନାହିଁ। ତଥାପି ଆମେରିକାର ପ୍ରୟାସ ୧୯୬୫ ତାସ୍‌କେଣ୍ଟ ଚୁକ୍ତି ପର୍ଯ୍ୟନ୍ତ ଜାରି ରହିଥିଲା। ଏପରିକି ୧୯୬୨ରେ ଚୀନ୍ ସହିତ ଯୁଦ୍ଧ ବେଳେ ଭାରତକୁ ଆମେରିକା କେତେକାଂଶରେ ଯୁଦ୍ଧାସ୍ତ୍ର ପରିବହନରେ ସହାୟତା କରିଥିଲା। ଭାରତ-ଚୀନ୍ ଯୁଦ୍ଧର ଫାଇଦା ନେଇ କାଶ୍ମୀର ଆକ୍ରମଣ ପାଇଁ ପାକିସ୍ତାନର ତତ୍କାଳୀନ ସାମରିକ ଶାସକ ଆୟୁବ୍ ଖାଁ ସଜବାଜ ହେଉଥିବା ବେଳେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜେ ଏଫ୍ କେନେଡ଼ିଙ୍କ କଡ଼ା ଚେତାବନୀ ଯୋଗୁଁ ଓହରି ଆସିବାକୁ ବାଧ୍ୟ ହୋଇଥିଲେ। କିନ୍ତୁ ଆୟୁବ୍ କୁଆଡ଼େ ଭାରତ ଉପରେ ଆକ୍ରମଣ ନ କରିବା ବାବଦ କ୍ଷତିଭରଣା ଦାବି କରିଥିଲେ। କିନ୍ତୁ କେନେଡ଼ିଙ୍କ ପୁଣି ଥରେ ତାଗିଦ୍ ପରେ ଚୁପ୍ ରହିଥିଲେ। କେନେଡ଼ିଙ୍କ ପ୍ରସ୍ତାବ ଅନୁଯାୟୀ ଭାରତ ପାକିସ୍ତାନ ସହିତ ୬ ଦଫା ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। କିନ୍ତୁ ୧୯୬୫ ତାସ୍‌କେଣ୍ଟ ଚୁକ୍ତିରେ ଆମେରିକା ବଡ଼ଭାଇ ପଣିଆ ସାବ୍ୟସ୍ତ କରିବାରେ କିଛିମାତ୍ରାରେ ସମର୍ଥ ହେଲା।

ଇତିମଧ୍ୟରେ ଶୀତଳଯୁଦ୍ଧ ଘନୀଭୂତ ହେଉଥିଲା। ତତ୍କାଳୀନ ଭୂରାଜନୈତିକ ସନ୍ଧିକ୍ଷଣରେ ସୋଭିଏତ୍ ସଂଘ ବିରୋଧରେ ଭାରତ ତୁଳନାରେ ପାକିସ୍ତାନକୁ ମୋହରା କରିବା ପାଇଁ ଆମେରିକା ନେତୃତ୍ୱାଧୀନ ପଶ୍ଚିମବିଶ୍ୱ ଅଧିକ ଆଗ୍ରହୀ ହେଲା। ତତ୍କାଳୀନ ପାକିସ୍ତାନର ସାମରିକ ଶାସକମାନେ ମଧ୍ୟ ଭାରତ ଉପରେ ଦାଉ ସାଧିବା ପାଇଁ ଏହି ସୁଯୋଗକୁ ହାତଛଡ଼ା କରି ନ ଥିଲେ। ଏହିକ୍ରମରେ ଆଫ୍‌ଗାନିସ୍ତାନର ଗୃହ ଯୁଦ୍ଧ ପାକିସ୍ତାନକୁ ଆମେରିକାର ଅଧିକ ନିକଟତର କଲା। ଶୀତଳଯୁଦ୍ଧରେ ମଧ୍ୟପ୍ରାଚ୍ୟ ପ୍ରୟୋଗଶାଳା ହୋଇଥିବାରୁ ପାକିସ୍ତାନକୁ ଆମେରିକା ପ୍ରଚ୍ଛନ୍ନ ସାମରିକ ଘାଟି ରୂପେ ବିବେଚନା କଲା ଏବଂ ଆତଙ୍କ ଦମନ ନାମରେ ଏଫ୍୧୬ ଲଢୁଆ ବିମାନ ସମେତ ବିପୁଳ ସାମରିକ ଓ ଆର୍ଥିକ ସହାୟତା ଅଜାଡ଼ି ଦେଲା। ଏପରିକି ପରମାଣୁ ଅସ୍ତ୍ର ନିର୍ମାଣ ସୂତ୍ର ମଧ୍ୟ ଆମେରିକା ହିଁ ପାକିସ୍ତାନକୁ ଦେଇଥିବା ଚର୍ଚ୍ଚା ହୁଏ। ତେଣୁ ସ୍ୱାଭାବିକ ଭାବରେ ଆମେରିକା ନିକିତିରେ ରୁଷ୍-ବନ୍ଧୁ ଭାରତ ନ୍ୟୂନ ହୋଇପଡ଼ିଲା। ଆହୁରି ମଧ୍ୟ ଆମେରିକା-ଚୀନ୍ ସମ୍ପର୍କର ମୂଳଦୁଆ ସ୍ଥାପନାରେ ପାକିସ୍ତାନ ମଧ୍ୟସ୍ଥତା କରିଥିବାରୁ ଉପହାର ସ୍ୱରୂପ ୧୯୭୧ ଭାରତ ବିରୋଧ ଯୁଦ୍ଧରେ ପାକିସ୍ତାନକୁ ଆମେରିକା ପ୍ରତ୍ୟକ୍ଷ ସାମରିକ ସହାୟତା ଯୋଗାଇ ଦେଇଥିଲା।

ସୋଭିଏତ୍ ସଂଘର ବିଲୟ ପରେ ଆମେରିକା ନିକିତି ତଉଲ ପୁଣି ବଦଳିଗଲା। ୧୯୯୯ରେ କାରଗିଲ୍ ଯୁଦ୍ଧ ବେଳେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ପାକିସ୍ତାନର ସାମରିକ ସହାୟତା ଯାଚନାକୁ ପ୍ରତ୍ୟାଖ୍ୟାନ କରିଦେଇ ସୀମାପାର ଯୁଦ୍ଧ ପାଇଁ ପାକିସ୍ତାନକୁ ଭର୍ତ୍ସନା କଲେ। କୋଡ଼ିଏ ବର୍ଷର ବ୍ୟବଧାନ ପରେ ଆମେରିକାର ପ୍ରଥମ ରାଷ୍ଟ୍ରପତି ଭାବେ ବିଲ୍ କ୍ଲିଣ୍ଟନ ଭାରତ ଗସ୍ତରେ ଆସି ପାଞ୍ଚ ଦିନ ଏବଂ ପାକିସ୍ତାନରେ ମାତ୍ର କିଛି ଘଣ୍ଟା ବିତାଇ ଏକ ଭିନ୍ନ ବାର୍ତ୍ତା ଦେଲେ। ୨୦୦୧ ପରେ ପୁଣି ପଟ୍ଟ ପରିବର୍ତ୍ତନ ହେଲା। ସେପ୍ଟେମ୍ବର ୧୧ ବିଶ୍ୱବାଣିଜ୍ୟ କେନ୍ଦ୍ର ଧ୍ୱଂସ ପରେ ଆଫ୍‌ଗାନିସ୍ତାନରେ ତାଲିବାନୀ ଶାସନର ବିଲୋପ ପାଇଁ ଆମେରିକା ପୁଣି ଥରେ ପାକିସ୍ତାନକୁ ସହଯୋଗର ହାତ ବଢ଼ାଇଲା। ଏପରିକି ପାକିସ୍ତାନରେ ଆଣବିକ ଅସ୍ତ୍ରଶସ୍ତ୍ରର ସୁରକ୍ଷା ଦାୟିତ୍ୱ ଆମେରିକା ବହନ କରିବାକୁ ପ୍ରସ୍ତାବ ଦେଲା। ସେବେଠାରୁ ପାକିସ୍ତାନରେ ଆମେରିକା ନିଜର ଗୁପ୍ତ ଆଣବିକ ବିକାଶ କେନ୍ଦ୍ର କାର୍ଯ୍ୟକ୍ଷମ କରିଛି। ଉପରଠଉରିଆ ଭାବେ ପାକିସ୍ତାନକୁ ଆତଙ୍କବାଦ-ରପ୍ତାନିକାରୀ ରାଷ୍ଟ୍ର ଭାବେ ନିନ୍ଦା କରୁଥିଲେ ହେଁ ବିଶ୍ୱ ବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଓ ଆମେରିକୀୟ ରାଜକୋଷରୁ ଆର୍ଥିକ ଅନୁଦାନ ଅଜାଡ଼ି ଦେବାକୁ ସୁପାରିସ ଏବେ ମଧ୍ୟ ଜାରି ରହିଛି।

ବିଗତ ଦଶନ୍ଧିର ଶେଷାର୍ଦ୍ଧରେ ଡୋନାଲ୍ଡ ଟ୍ରମ୍ପ ପ୍ରଥମ ପାଳିରେ ଚୀନ୍‌କୁ ରଣନୈତିକ ପ୍ରତିଦ୍ୱନ୍ଦ୍ୱୀ ଘୋଷଣା କରିବା ସହିତ ଆମେରିକା ନିକିତିରେ ଭାରତ ପୁଣି ଗୁରୁତ୍ୱ ପାଇଲା। କିନ୍ତୁ ଦ୍ୱିତୀୟ ପାଳିରେ ଟ୍ରମ୍ପଙ୍କ ଲୋଲୁପ ଦୃଷ୍ଟି ମଧ୍ୟପ୍ରାଚ୍ୟ ଓ ଆଫ୍‌ଗାନିସ୍ତାନ ଉପରେ ପଡ଼ିବାରୁ ପାକିସ୍ତାନ ପଲା ପୁଣି ଓଜନିଆ ହୋଇଗଲା। ସମ୍ପ୍ରତି ପାକିସ୍ତାନରେ ତୈଳ କୂପ ବିକାଶ ଯୋଜନା ପଛରେ ଆମେରିକାର ମୂଳ ଉଦ୍ଦେଶ୍ୟ ହେଉଛି ପାକିସ୍ତାନ-ଆଫ୍‌ଗାନିସ୍ତାନ-ଇରାନ୍ ସୀମା ନିର୍ଦ୍ଧାରଣ କରୁଥିବା ବେଲୁଚିସ୍ତାନରେ ତୈଳ ପ୍ରକଳ୍ପ ପ୍ରତିଷ୍ଠା କରିବା। ଏହାପରେ ତା'ର ସୁରକ୍ଷା ଆଳରେ ପାକିସ୍ତାନରେ ସୈନ୍ୟବାହିନୀ ମୁତୟନ ଏବଂ ସାମରିକ ଘାଟି ସ୍ଥାପନା କରି ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ଏବଂ ଆଫ୍‌ଗାନିସ୍ତାନର ତାଲିବାନୀ କାର୍ଯ୍ୟକଳାପ ଉପରେ ସତର୍କ ଦୃଷ୍ଟି ରଖିବା ଏବଂ ଏପଟେ ଚୀନ୍‌ର ଆଧିପତ୍ୟକୁ ପ୍ରତିହତ କରିବା। ଏହିକ୍ରମରେ ବାଂଲାଦେଶର ଭାରତ ସପକ୍ଷବାଦୀ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ଗାଦିଚ୍ୟୁତ କରି ସେଠାରେ ଅରାଜକତା ଓ ରାଜନୈତିକ ଅସ୍ଥିରତା ଦ୍ୱାରା ଶାନ୍ତି ବ୍ୟାହତ କରି ଆମେରିକା ପାକିସ୍ତାନକୁ ବନ୍ଧୁତା ଓ ସହଯୋଗର ପରୋକ୍ଷ ବାର୍ତ୍ତା ଦେଇଥିଲା। ଇତିମଧ୍ୟରେ କାଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା ଜରିଆରେ ପାକିସ୍ତାନକୁ ବଶମ୍ବଦ କରି ରଖିବା ପାଇଁ ଯୋଜନା କରିଥିବା ଡୋନାଲ୍ଡ ଟ୍ରମ୍ପଙ୍କୁ 'ଅପରେସନ୍ ସିନ୍ଦୂର' ଭାବେ ଏକ ସୁଯୋଗ ମିଳିଗଲା। ରୁଷରୁ ଭାରତର ତୈଳ ଆମଦାନୀ ଏକ ବାହାନାମାତ୍ର। ଭାରତ-ପାକ୍ ଅସ୍ତ୍ରବିରତିର ସମ୍ପୂର୍ଣ୍ଣ ଶ୍ରେୟ ନେବାକୁ ଆତୁର ଟ୍ରମ୍ପଙ୍କୁ ଭାରତୀୟ ସଂସଦରେ ବିଧିବଦ୍ଧ ସ୍ୱୀକୃତି ନ ମିଳିବାରୁ ଭାରତ ପୁଣି ଥରେ ଆମେରିକାର ନିକିତି ତଉଲରେ ହାଲ୍‌କା ହୋଇ ଉପରକୁ ଉଠିଯାଇଛି।

ସର୍ବଶକ୍ତିମାନ ସାମରିକ ଓ ଅର୍ଥନୈତିକ ରାଷ୍ଟ୍ର ଆମେରିକାର ନିକିତି ମାପଦଣ୍ଡ ଅନେକମାତ୍ରାରେ ନିର୍ଭର କରୁଛି 'ନାଟୋ'ର ସମାନ୍ତରାଳ 'ବ୍ରିକ୍ସ'ର ଭବିଷ୍ୟତ ଉପରେ। ତେଣୁ ହୁଏତ ଆଜି ନିକିତି ତଉଲରେ ବିଶ୍ୱ ସନ୍ତୁଳନକୁ ବିଗାଡୁଥିବା ଆମେରିକାର ଦଶା 'ବଢ଼େଇ-ମର୍କଟ' କଥାର ସେହି ମର୍କଟ ତୁଲ୍ୟ ହୋଇଯିବ, ଯାହାର ଲାଞ୍ଜ ନିଜ କୃତକର୍ମରୁ କାଠଫାଙ୍କରେ ଚାପି ହୋଇଯିବ। ●

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ନିୟମରାଜାଙ୍କ ଉପାସକ

ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ଓଡ଼ିଶାର ଆଦିମ ଜନଜାତି, ବିଶେଷକରି କଳାହାଣ୍ଡିର ଜନଜାତିଙ୍କ ସଂସ୍କୃତି ସ୍ୱତନ୍ତ୍ର ଓ ଅନନ୍ୟ। ଶାରୀରିକ ସୁସ୍ଥତା ହେଉ ବା ସୁନେଲୀ ଫସଲ ପାଇଁ ନିୟମଗିରିର କନ୍ଧ ସମ୍ପ୍ରଦାୟ 'ନିୟମ ରାଜା'ଙ୍କୁ ଆଦିମକାଳରୁ ପୂଜା ଆରି ଆସୁଛନ୍ତି। ତେଣୁ ପ୍ରତିବର୍ଷ ନିୟମଗିରିର ପୂର୍ବଭାଗ ପର୍ବତମାଳାରେ ପୂଜାର୍ଚ୍ଚନା କରିଥା'ନ୍ତି। ଏହା ହେଉଛି ସେମାନଙ୍କ ବିଶ୍ୱାସ, ଭରସା ଓ ସୁରକ୍ଷାର ଦେବସ୍ଥଳୀ। 'ନିୟମଗିରି'ର ଗଛଲତାଠାରୁ ସ୍ରୋତସ୍ୱିନୀ ନଈ ମୁଣ୍ଡିଆ ଓ ଡଙ୍ଗର ପର୍ଯ୍ୟନ୍ତ ସବୁ ସେମାନଙ୍କ ପୂଜ୍ୟ। ପାରମ୍ପରିକ ବାଦ୍ୟନାଦ ଭିତରେ ଡଙ୍ଗରିଆ ଜନଜାତିର ଯୁବ ବର୍ଗ ପୂଜାର୍ଚ୍ଚନା ସହ ନାଚଗୀତରେ ମସଗୁଲ ହୋଇଥା'ନ୍ତି। ଢାପ ବାଜାର ଧ୍ୱନିରେ ପାଦକୁ ପାଦ ମିଶାଇ, ହାତରେ ହାତ ଛନ୍ଦି ଆଦିବାସୀ ଧାଙ୍ଗଡ଼ା ଧାଙ୍ଗିଡ଼ି ତଥାକଥିତ ସାଂପ୍ରତିକ ସମାଜର ବାହ୍ୟସ୍ଥିତି ଓ ଅସ୍ତିତ୍ୱକୁ ଭୁଲି ଏକାକାର ହୋଇଥା'ନ୍ତି।

କଳାହାଣ୍ଡି ନିୟମଗିରି ଉପରେ ବସବାସ କରିଥା'ନ୍ତି ଡଙ୍ଗରିଆ। ସେମାନେ ପୋଡୁ ଚାଷ ଓ ଉଦ୍ୟାନ କୃଷିରେ ବେଶ ଦକ୍ଷ। ହଳଦୀ, ସପୁରୀ ଓ କଦଳୀ ଚାଷ ନିମନ୍ତେ ଡଙ୍ଗରିଆ କନ୍ଧଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। ଝରଣା କୂଳରେ ରହୁଥିବାରୁ ସେମାନେ ନିଜକୁ 'ଝରଣିଆ' ବୋଲି ମଧ୍ୟ କହିଥା'ନ୍ତି। ନିୟମଗିରି ପର୍ବତରେ କିମ୍ବଦନ୍ତୀ 'ନିୟମ ରାଜା'ଙ୍କ ବଂଶଧର ଭାବେ ଡଙ୍ଗରିଆ କନ୍ଧମାନେ ନିଜକୁ ଅଭିହିତ କରିଥା'ନ୍ତି। ଦ୍ରାବିଡ଼ ଭାଷା 'କୁଇ' ହେଉଛି ଡଙ୍ଗରିଆ କନ୍ଧମାନଙ୍କର କଥିତ ଭାଷା। ଧରିତ୍ରୀ ଦେବୀ (ଧରଣୀ ପେନୁ) ସେମାନଙ୍କର ମହାନ ଦେବୀ, ଯିଏକି ଗାଁ ରାସ୍ତା ମଧ୍ୟଭାଗରେ ଅଧିଷ୍ଠିତ ହୋଇଥା'ନ୍ତି। ଡଙ୍ଗରିଆ ଜନଜାତିର ଉଭୟ ପୁରୁଷ ଓ ମହିଳା ଲମ୍ବା କେଶ ରଖିଥା'ନ୍ତି। କାନ ଓ ନାକକୁ ବିଭିନ୍ନ ଆଭୂଷଣରେ ସଜାଇଥା'ନ୍ତି। କୁଦୃଷ୍ଟିରୁ ରକ୍ଷା ପାଇବା ପାଇଁ ମହିଳାମାନେ ମୁହଁରେ ଚିତା କୁଟାଇଥା'ନ୍ତି। ସେମାନେ ଏକପ୍ରକାର ରଙ୍ଗୀନ ଶାଲ୍ ସିଲେଇ କରିଥା'ନ୍ତି, ଯାହାକୁ 'କପଡ଼ା ଗଣ୍ଡା' କୁହାଯାଏ। 'କନିଆ ଝିକା' ହେଉଛି ଡଙ୍ଗରିଆ କନ୍ଧଙ୍କର ଏକ ପରମ୍ପରା। ପରମ୍ପରା ଅନୁଯାୟୀ ବିବାହ ବୟସ ହୋଇଗଲେ ଡଙ୍ଗରିଆ ପୁଅ ନିଜ ପସନ୍ଦର କନ୍ୟାକୁ ଜୋର କରି ନିଜ ଘରକୁ ନେଇଯାଏ। ଏହାପରେ କନ୍ୟାଘର ଲୋକ ଆସି ଝିଅକୁ ନେଇଯା'ନ୍ତି। ବରଯାତ୍ରୀଙ୍କୁ ନେଇ ବର ପହଞ୍ଚିବା ପରେ 'ଧାଙ୍ଗଡ଼ି ବସା'ରେ କନ୍ୟାକୁ ଭେଟି ବିବାହ ପ୍ରସ୍ତାବ ଦିଏ। ଉଭୟ ବର ଓ କନ୍ୟା ରାଜି ହୋଇଯିବା ପରେ ଯଥାରୀତି ବିବାହ ସଂପନ୍ନ କରିବାର ପରମ୍ପରା ଦୀର୍ଘ ବର୍ଷ ହେଲା ଚାଲି ଆସିଛି।

ନିୟମଗିରିର ତଳି ଅଞ୍ଚଳରେ ମୁଖ୍ୟତଃ କୁଟିଆ କନ୍ଧମାନେ ବାସ କରନ୍ତି। ବନଜାତ ଦ୍ରବ୍ୟରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ ଏମାନଙ୍କର ମୁଖ୍ୟ ପେସା। ଏହି ଜନଜାତି ମୁଖ୍ୟତଃ ପରିବେଶ ଓ ଅତି ପ୍ରାକୃତିକ ଶକ୍ତି ସହିତ ସଂପୃକ୍ତ। କୁଟିଆ କନ୍ଧ ଏକ ଛୋଟ ପରିବାରରେ ସୀମିତ ରହିବାକୁ ପସନ୍ଦ କରନ୍ତି। ପରିବାରକୁ କେନ୍ଦ୍ର କରି ସେମାନଙ୍କ ସାମାଜିକ, ଅର୍ଥନୈତିକ ତଥା ଧାର୍ମିକ ଜୀବନ ଅତିବାହିତ ହୋଇଥାଏ। ସେମାନେ ପ୍ରତୀକାତ୍ମକ ବା ସାଂକେତିକ ଧାର୍ମିକ ଚିହ୍ନରେ ସିନ୍ଦୂର ବ୍ୟବହାର କରିଥା'ନ୍ତି। 'ଧରଣୀ ପେନୁ' ମଧ୍ୟ ଏହି ଜନଜାତିର ମୁଖ୍ୟ ଦେବୀ। କୋଟିଆ କନ୍ଧଙ୍କ ପୋଷାକ ସ୍ୱତନ୍ତ୍ର। ବାହୁ ଓ ମୁହଁରେ ଚିତା କୁଟାଇ ଥା'ନ୍ତି। ପ୍ରକୃତିର ସଂଗୀତକୁ ବହୁତ ଭଲ ପାଆନ୍ତି। କୁଟିଆ କନ୍ଧମାନଙ୍କର ଅବିବାହିତା ଝିଅଙ୍କ ନାମ ମଧ୍ୟ ସ୍ୱତନ୍ତ୍ର। ତାଙ୍କୁ ଅତି ଶ୍ରଦ୍ଧାରେ ସମ୍ବୋଧନ କରନ୍ତି 'ବୁଡ଼ି'। ସେମାନେ ବାପା-ମାଆଙ୍କୁ ଜୀବନ ଜୀବିକାରେ ସାହାଯ୍ୟ କରିବା ନିମିତ୍ତ ପତ୍ର ତୋଳା, ମହୁ ସଂଗ୍ରହ ହେଉ, ଜାଳେଣି କାଠ ସଂଗ୍ରହ କରିଥା'ନ୍ତି।

କରୁଣ ଜୀବନର ସରଳ ଆଦିବାସୀ ଜୀବନର ଧାରା ଦେଖିବାକୁ ମିଳେ ସେମାନଙ୍କ ଘରର ମାଟି-ଗୋବର ଲିପା କାନ୍ଥରେ। କି ଅପୂର୍ବ ଭାବତନ୍ମୟ କଳାଚାତୁର୍ଯ୍ୟ, ଯାହାକି ସାଧାରଣ ଲୋକର କଳ୍ପନାର ବାହାରେ। ସେମାନଙ୍କର ବାସନକୁସନରେ 'ଲାଉତୁମ୍ବା' ଦେଖିବାକୁ ମିଳିଥାଏ। ଓଡ଼ିଶାର ପର୍ଯ୍ୟଟନ ରାଜସ୍ୱରେ କୁଟିଆ କନ୍ଧଙ୍କ ଜନଜୀବନ ବଡ଼ ସହଯୋଗ ରଖିଥାଏ। ଆଧୁନିକତାର ଚାକଚକ୍ୟରୁ ବହୁଦୂରରେ ଏହି କୁଟିଆ କନ୍ଧ ଆଦିବାସୀଙ୍କ ଜୀବନ ଚିତ୍ର ଅତ୍ୟନ୍ତ ଭାବପୂର୍ଣ୍ଣ। ସକାଳୁ ସୂର୍ଯ୍ୟଦେବ ଉଠିବା ପୂର୍ବରୁ ହିଁ ବାସି ତୋରାଣି ପିଇ ଅଗନାଅଗନି ଜଙ୍ଗଲକୁ ଚାଲିଯାଆନ୍ତି, ଫେରନ୍ତି ସନ୍ଧ୍ୟା ପୂର୍ବରୁ। ଦିନଯାକର ଶାରୀରିକ ଶ୍ରମ ଭିତରେ ସଂଗ୍ରହ ହୋଇଥାଏ ମହୁ, ଶିଆଳି ପତ୍ର, ଝୁଣା, ମହୁଲଫୁଲ ଓ କାଠ ଆଦି। ସଂଧ୍ୟାରେ ସପରିବାର ଭାତ ହେଉ କି ମାଣ୍ଡିଆ ଜାଉ ଗଣ୍ଡାଏ ପାଟିରେ ଦେଇ ସଞ୍ଜ ଗଡ଼ିବା ପରେ ସଲପ ଗଛର ରସ କିମ୍ବା ଖଜୁରୀ ଟିକିଏ ସେମାନଙ୍କୁ ଦିନ ତମାମର ଥକାପଣକୁ ଠେଲି ଦେଇ ନାଚଗୀତର ମଉଜ ମଜଲିସ ଭିତରେ ବୁଡ଼ାଇ ଦିଏ। ମାଦଳ ଓ ଢାପ ବାଦ୍ୟର ତାଳେ ତାଳେ କୁଇ ଭାଷାରେ ଭାବପୂର୍ଣ୍ଣ ହୃଦୟ ଛୁଆଁ ଗୀତରେ ପ୍ରକମ୍ପିତ ହୋଇଥାଏ ସେମାନଙ୍କ ଜଙ୍ଗଲ ଭିତରର ନିଜ ଘର ପରିବେଶ।

ତେବେ ବର୍ତ୍ତମାନ ପିଢ଼ିର ଏହି ଜନଜାତି ପୂର୍ବପରି ଆଉ ଚିତାକୁଟା, ନାକକାନ ଫୋଡ଼ା ଓ ପିତ୍ତଳ ଅଳଙ୍କାର ଲଗାଇବାକୁ ପସନ୍ଦ କରୁନାହାନ୍ତି। ସେମାନଙ୍କ ଅଞ୍ଚଳରେ ଏବେ ବିକାଶ ପଶିଥିବାରୁ ସେମାନେ ବିସ୍ଥାପନ ହେବାକୁ ଯାଉଛନ୍ତି, ଯାହାଦ୍ୱାରା ସେମାନଙ୍କ ଚାଲିଚଳଣି, ସଂସ୍କୃତି ଓ ପରମ୍ପରା ବିପନ୍ନ ହେବାକୁ ବସିଛି। ●

ବାଲିଗୁଡ଼ା(କନ୍ଧମାଳ), ମୋ: ୯୪୩୭୨୪୨୩୧୭

# ବସୁଦେବଙ୍କ ପୁତ୍ରଲାଭ ବରପ୍ରାପ୍ତି

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ଦ୍ୱାପର ଯୁଗର ଧର୍ମ ପରାୟଣ ରାଜକୁମାର ବସୁଦେବ(ଶ୍ରୀକୃଷ୍ଣଙ୍କ ଜନ୍ମଦାତା ପିତା) ଭାରତର ବିଭିନ୍ନ ତୀର୍ଥଦର୍ଶନ ପରେ ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଲେ। କ୍ଷେତ୍ରରେ ପ୍ରବେଶ କରିବା ପରେ ତୀର୍ଥରାଜ ମହୋଦଧିରେ ସ୍ନାନ କଲେ ଏବଂ ମନ୍ଦିରରେ ମହାପ୍ରଭୁଙ୍କ ଅପୂର୍ବ ଶୋଭା ଦର୍ଶନ କରି ଅଭିଭୂତ ହେଲେ। ତା' ପରେ ବିଧି ଅନୁସାରେ ପଞ୍ଚତୀର୍ଥରେ ସ୍ନାନ କରି କ୍ଷେତ୍ରରେ ବିରାଜମାନ କରୁଥିବା ସମସ୍ତ ଦେବାଦେବୀଙ୍କୁ ଦର୍ଶନ କଲେ। ବ୍ରାହ୍ମଣମାନେ ତାଙ୍କର ଦାନ ଓ ଭଦ୍ରୋଚିତ ବ୍ୟବହାରରେ ଏତେ ଖୁସି ହେଲେ ଯେ ତାଙ୍କୁ ନେଇ ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡୀ ଓ ମନ୍ଦିର ପରିସରରେ ବିଜେ କରିଥିବା ସମସ୍ତ ଦେବଦେବୀଙ୍କୁ ଦର୍ଶନ କରାଇ ସେମାନଙ୍କର ମହିମା ଗାନ କଲେ।

'ପ୍ରେମ ପଞ୍ଚାମୃତ'ରେ କବି ଭୂପତି ପଣ୍ଡିତ ବର୍ଣ୍ଣନା କରିଛନ୍ତି - 'କପୋତେଶ୍ୱର ଶିବ ଥଳ, ନିକଟେ ପୁଣି ନୀଳାଞ୍ଚଳ / ଉଡ଼ଇ ନୀଳଚକ୍ରେ ନେତ, ଦେଉଳ ଦେଖିଲେ ସାକ୍ଷାତ / ଆନନ୍ଦେ ଉନମତ ହୋଇ, ପଦପଦକେ ପ୍ରଣମଇ / ସୁଖ ସମୁଦ୍ର ମଧ୍ୟେ ଭାସି, ତୁଳସୀ ଚଉରା ପ୍ରବେଶି / ପ୍ରଣାମ ପ୍ରଦକ୍ଷିଣ ସାରି, ଚଳିଲେ ବେଗ ବେଗ କରି / ଅଠର ନଳା ପାଶେ ଯାଇ, କ୍ଷେତ୍ରକୁ ପ୍ରଣମିତ ହୋଇ / ସେଠାରୁ କଲେ ଶୀଘ୍ରଗତି, ଦେଖିଲେ ଚାର ଗଣପତି।'

ବସୁଦେବ ମହାପ୍ରଭୁଙ୍କ ମହିମାରେ ପ୍ରଭାବିତ ହୋଇ କ୍ଷେତ୍ରରେ ଅବସ୍ଥାନ କରି ବାରମାସର ତେରଯାତ୍ରା ଦେଖିବା ପାଇଁ ସ୍ଥିର କଲେ। ଏହାପରେ ସମୁଦ୍ର କୂଳରେ ଏକ କୁଟୀର ନିର୍ମାଣ କରି ସମ୍ମୁଖରେ ଏକ ତୁଳସୀ ଚଉରା ସ୍ଥାପନା କଲେ। ରାଜବଂଶରେ ଜନ୍ମ ଲାଭ କରି ବିଳାସ ବ୍ୟସନରେ ଜୀବନ ଅତିବାହିତ କରିଥିଲେ ମଧ୍ୟ କ୍ଷେତ୍ରବାସ ସମୟରେ ଜଣେ ସନ୍ନ୍ୟାସୀର ଜୀବନ ଜିଇବାକୁ ଲାଗିଲେ ବସୁଦେବ। ପ୍ରତ୍ୟହ ପ୍ରଭାତରେ ମହୋଦଧିରେ ସ୍ନାନ କରି ସେ ତୁଳସୀ ସେବା କରି ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ ଏବଂ ମହାପ୍ରସାଦ ସେବା କରି କୁଟୀରକୁ ଫେରୁଥିଲେ। ପୁଣି ସନ୍ଧ୍ୟା ଆଳତିଠାରୁ ପହୁଡ଼ ପର୍ଯ୍ୟନ୍ତ ସମସ୍ତ ନୀତି ଦର୍ଶନ କରି ରାତିରେ କୁଟୀରକୁ ଫେରୁଥିଲେ। ଝଡ଼, ବର୍ଷା, ଶୀତ କିମ୍ବା ଶାରୀରିକ ଅସୁସ୍ଥତା ବସୁଦେବଙ୍କ ଦୈନିକ କାର୍ଯ୍ୟକ୍ରମରେ କୌଣସି ବ୍ୟାଘାତ ସୃଷ୍ଟି କରି ପାରୁ ନ ଥିଲେ।

ନୀଳାଚଳରେ ଏକବର୍ଷର ଅବସ୍ଥାନ ସମୟରେ ବସୁଦେବ ମହାପ୍ରଭୁଙ୍କ ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରି କୃତ୍ୟକୃତ୍ୟ ହେଲେ।

'ବଡ଼ଦାଣ୍ଡରେ ଉପଗତ, ହୋଇଛି ଶ୍ରୀଗୁଣ୍ଡିଚା ଯାତ, ଦେଖିଲେ ରଥ ତାଳଧ୍ୱଜ, ଯହିଁ ବିଜୟ ତୋ ଅଗ୍ରଜ / ତାହାଙ୍କୁ କଲେ ଦରଶନ, ପ୍ରଣାମ ଆଦି ପ୍ରଦକ୍ଷିଣ / ରଥ ଦଉଡ଼ି ଓଟାରିଲେ, ଶ୍ରୀବଳଭଦ୍ର ବିଜେ କଲେ / ପୁଣି ଦେଖିଲେ ନନ୍ଦିଘୋଷ, ଯେ ରଥେ ତୋ ରୂପ ପ୍ରକାଶ / ଅମଳ କମଳ ଲୋଚନ, ଦୂରହୁଁ କଲେ ଦରଶନ / କାନ୍ତି କାଳନ୍ଦୀ ନଦୀ କି ସେ, ମୁଖ ପୋଏଳା ନାବ ଭାସେ / କି ନବ ନୀଳ ଘନ ମଧ୍ୟେ, ଅରୁଣ ବର୍ଣ୍ଣ ଚନ୍ଦ୍ର ଉଦେ / ଶ୍ରୀହସ୍ତେ ଶଙ୍ଖଚକ୍ର ଧରି, ଚୌବର୍ଗ ଦାନୀ ଅଧିକାରୀ / ଏମନ୍ତେ ରୂପ ତୋର ଦେଖି, ସନ୍ତୋଷ କଲେ ଆଲ ଆଖି / ପୁଣି ଦେବୀଙ୍କ ରଥେ ଯାଇ, ଆନନ୍ଦ କହୁ ନ ସରଇ / ସୁଭଦ୍ରା ଶ୍ରୀସୁଦରସନ, ଦୁହିଁଙ୍କ କଲେ ଦରଶନ।'(ପ୍ରେମ ପଞ୍ଚାମୃତ)

ଲକ୍ଷେ ରାଜାଙ୍କର ମଉଡ଼ମଣି ଗଜପତି ରାଜକୀୟ ପ୍ରତିଷ୍ଠା, ଗରିମା ଓ ସମ୍ମାନକୁ ପଛରେ ପକେଇ ଛେରାପହଁରା କରୁଥିବା ଦେଖି ବସୁଦେବ ଚମକୃତ ହେଲେ। ମହାପ୍ରଭୁ ଅନ୍ତର୍ଯ୍ୟାମୀ ସବୁ ଜାଣୁ ଥିଲେ। ସେ ବସୁଦେବଙ୍କ ମନରେ ତାଙ୍କ ପ୍ରତି ଥିବା ଅଚଳା ଭକ୍ତିର ପରାକାଷ୍ଠାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଅଯାଚିତ ଭାବେ ଏକ ବର ଦେବା ପାଇଁ ସ୍ଥିର କଲେ। ମହାପ୍ରଭୁ ତାଙ୍କୁ ସ୍ୱପ୍ନରେ କହିଲେ- 'ଭକ୍ତ ବସୁଦେବ! ମୋପ୍ରତି ତୁମର ଭକ୍ତିରେ ସନ୍ତୁଷ୍ଟ ହୋଇ ମୁଁ ତୁମକୁ ଏକ ବର ଦେବା ପାଇଁ ମନସ୍ଥ କରିଛି। ତୁମେ ତୁମ ଇଚ୍ଛାରେ ଏକ ବର ମାଗି ନେଇ ପାର।' ମହାପ୍ରଭୁଙ୍କୁ ଦଣ୍ଡପ୍ରଣାମ କରି ବସୁଦେବ କହିଲେ- 'ମହାପ୍ରଭୁ ବଳିଆରଭୁଜ! ମୁଁ ମାଗିବା ଆଗରୁ ଆପଣ ମୋତେ ସର୍ବସ୍ୱ ଦାନ କରିଛନ୍ତି। ମୋର ଏତିକି ମାଗୁଣି ଯେ ଆପଣ ଦୁଇ ଭାଇ ମୋତେ ପୁତ୍ରରୂପେ ପ୍ରାପ୍ତ ହୁଅନ୍ତୁ।' ମହାପ୍ରଭୁ କହିଲେ - 'ତଥାସ୍ତୁ। ଦ୍ୱାପର ଯୁଗର ଅନ୍ତିମ ସମୟରେ ଆମେ ଦୁଇ ଭାଇ ତୁମର ପୁତ୍ରରୂପେ ଜନ୍ମ ଗ୍ରହଣ କରିବୁ।' ଆମ୍ଭର ଆମ୍ଭେ ପଟ୍ଟାନ୍ତର, ଆମ୍ଭେ ହୋଇବୁ ତୋ କୁମର / ଦ୍ୱାପର ଯୁଗ ହେବ ଶେଷ, ଆମ୍ଭେ ହୋଇବୁ ତୋର ଶିଷ।' ବସୁଦେବ ମହାପ୍ରଭୁଙ୍କଠାରୁ ବାଞ୍ଛିତ ବର ପାଇ କୃତ୍ୟ କୃତ୍ୟ ହେଲେ। ●

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

## ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଦୁଇ ଦିନିଆ ପୁଲିସ୍ ଅଫିସର ସମ୍ମିଳନୀ ୨୨ରୁ

**ଭୁବନେଶ୍ୱର,୫।୮(ସମିସ):** ଆସନ୍ତା୨୨ତାରିଖରୁ ଅନୁଷ୍ଠିତ ହେବ ଦୁଇଦିନିଆ ବରିଷ୍ଠ ପୁଲିସ ଅଫିସର ସମ୍ମିଳନୀ। ଏଥିରେ ସବୁ ଜିଲ୍ଲାର ଏସପି, ଡିସିପି, ବିଭିନ୍ନ ବାଟାଲିୟନର କମାଣ୍ଡାଣ୍ଟ, ଗୁଇନ୍ଦା, ଜେଲ,ଅଗ୍ନିଶମ, ଭିଜିଲାନ୍ସ ଓ ରେଳବାଇରେ କାର୍ଯ୍ୟରତ ରାଜ୍ୟର ବରିଷ୍ଠ ପୁଲିସ ଅଫିସରଙ୍କ ସମେତ ସମସ୍ତ ଆଇପିଏସ୍ ଅଫିସରମାନେ ଯୋଗ ଦେବେ। ଅତିରିକ୍ତ ଡିଜି ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀଙ୍କ ଉପରେ ଏହାର ଆୟୋଜନ ଦାୟିତ୍ୱ ନ୍ୟସ୍ତ ହୋଇଛି। ସମ୍ମିଳନୀରେ କେଉଁ ସବୁ ପ୍ରସଙ୍ଗ ସ୍ଥାନ ପାଇବ ତାହା ଚୂଡ଼ାନ୍ତ ହୋଇ ନ ଥିଲେ ହେଁ ବିଶେଷ କରି ମହିଳା ସୁରକ୍ଷା ଏବଂ ଆଇନ ଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସୂଚନା ମିଳିଛି।

ମହିଳା ନିର୍ଯାତନାକୁ ନେଇ ଦେଶରେ ନିନ୍ଦିତ ହେବା ପରେ ପୁଲିସ ଏ ସଂକ୍ରାନ୍ତରେ ଆଲୋଚନା ନିମନ୍ତେ ଦୁଇଦିନିଆ ସମ୍ମିଳନୀ ଆୟୋଜନ କରିଥିବା କୁହାଯାଉଛି। ଗତ ବର୍ଷକ ମଧ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ରାଜ୍ୟ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ବିଶେଷକରି ରାଜ୍ୟରେ ମହିଳା ବିରୋଧୀ ହିଂସା ଘଟଣା ବୃଦ୍ଧିକୁ ନେଇ ସରକାରଙ୍କୁ ବିଭିନ୍ନସ୍ତରରୁ ସମାଲୋଚିତ ହେବାକୁ ପଡ଼ିଛି। ଅପରାଧ ବୃଦ୍ଧି ପାଉଥିବାରୁ ଓ ଜାତୀୟସ୍ତରରେ ଓଡ଼ିଶା ବଦନାମ ହେଉଥିବାରୁ ପୁଲିସର କାର୍ଯ୍ୟଶୈଳୀ ଓ ନେତୃତ୍ୱ ଦକ୍ଷତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋପାଳପୁରରେ ଛାତ୍ରୀ ଗଣଦୁଷ୍କର୍ମ, ପୁରୀ ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣରେ ପୁଲିସର ବିଫଳତା, ବଳଙ୍ଗାରେ ନିଆଁରେ ନାବାଳିକା ମୃତ୍ୟୁ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅପରାଧ ବୃଦ୍ଧି ଯୋଗୁ ପୁଲିସର ବିଶ୍ୱସନୀୟତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ତେଣୁ ଏ ସମ୍ପର୍କରେ ଆଲୋଚନା ନେଇ ପୁଲିସ ଅଫିସର ସମ୍ମିଳନୀ ଆୟୋଜନ କରାଯାଉଥିବା ସୂଚନା ମିଳିଛି।

**ଭାବମୂର୍ତ୍ତି ସୁଧାରିବାକୁ ପୁଲିସର ଉଦ୍ୟମ**

# ସ୍ତ୍ରୀର ଶବ ଦେଖି ଜୀବନ ହାରିଲେ ସ୍ୱାମୀ!

**ଉମରକୋଟ,୫।୮(ସମିସ):** ସ୍ତ୍ରୀର ଝୁଲନ୍ତା ଶବ ଦେଖି ଜୀବନ ହାରିଲେ ସ୍ୱାମୀ। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଧୋତ୍ରା ପଞ୍ଚାୟତ ଅନ୍ତର୍ଗତ ଭିମାଗୁଡ଼ାଠାରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ଝରିଗାଁ ବ୍ଲକ ଅନ୍ତର୍ଗତ ଧୋତ୍ରା ପଞ୍ଚାୟତ ସାନଭୀମାଗୁଡ଼ା ଗ୍ରାମର ସୁତମ ଉତରା (୩୨) ଓ ଫୁଲମଣି ଉତରା (୨୭)। ସୁତମଙ୍କ ଶବ ଗଛରେ ଝୁଲୁଥିବା ବେଳେ ଫୁଲମଣିଙ୍କ ଶବ ଘର ଭିତରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପରିବାରଲୋକଙ୍କଠାରୁ ଖବର ପାଇ ଉମରକୋଟ ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପାରିବାରିକ କଳହରୁ ବୁଦ୍ଧିହେଁ ଏପରି ଚରମ ପଦକ୍ଷେପ ନେଇଥିବା ଆଲୋଚନା ହେଉଛି। ସୂଚନାନୁସାରେ, ଗତ ରାତିରେ ସୁତମ ଓ ଫୁଲମଣି ଖାଇ ପିଇ ଶୋଇବାକୁ ଯାଇଥିଲେ। ଆଜି ସକାଳେ ଘର ଭିତରେ ଏକ ଲୁହା ପାଇପରେ ଫୁଲମଣି ବେକରେ ଓଢ଼ଣୀ ବାନ୍ଧି ଆତ୍ମହତ୍ୟା କରିଥିବା ପରିବାରଲୋକେ ଦେଖିବାକୁ ପାଇଥିଲେ। ସେହିପରି ସୁତମଙ୍କ ଶବ ଘର ନିକଟରେ ଥିବା ଏକ ତେନ୍ତୁଳି ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତେବେ ଫୁଲମଣିଙ୍କ ଆତ୍ମହତ୍ୟା କରିବା ଦେଖି ଏଥିରେ ମାନସିକ ଭାରସାମ୍ୟ ହରାଇ ସୁତମ ଆତ୍ମହତ୍ୟା କରିଥିବା କୁହାଯାଉଛି।

ଉଲ୍ଲେଖଯୋଗ୍ୟ, ସୁତମ ଓ ଫୁଲମଣି ୧୦ବର୍ଷ ତଳେ ରୀତିନୀତି ଅନୁସାରେ ବିବାହ କରି ଘର ସଂସାର କରି ଆସୁଥିଲେ। ସେମାନଙ୍କର କୌଣସି ସନ୍ତାନ ନଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

**ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର**

# ୮ରେ ଡିଜି ଅଫିସ୍ ଘେରିବ କଂଗ୍ରେସ

**ଭୁବନେଶ୍ୱର,୫।୮(ସମିସ):** ବଳଙ୍ଗା ନାବାଳିକା ପୋଡ଼ି ଘଟଣାର ୩ ଦୁର୍ବୃତ୍ତଙ୍କ ଗିରଫ ଦାବିରେ ଆସନ୍ତା ୮ ତାରିଖରେ କଟକସ୍ଥିତ ପୁଲିସ ଡିଜି କାର୍ଯ୍ୟାଳୟ ଘେରାଉ କରିବ ରାଜ୍ୟ କଂଗ୍ରେସ। ସକାଳ ୧୦ଟାରେ ଏହି ଘେରାଉ କାର୍ଯ୍ୟକ୍ରମ ଆରମ୍ଭ ହେବ। ସହସ୍ର ସଂଖ୍ୟାରେ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ମହିଳାଙ୍କ ସୁରକ୍ଷା ଦିଗରେ ସଚେତନ ମହିଳା ଓ ବ୍ୟକ୍ତି ବିଶେଷ, ଅନୁଷ୍ଠାନ ଓ ସଂଗଠନ ବହୁ ସଂଖ୍ୟାରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗଦେବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଆହ୍ୱାନ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୨ତାରିଖ ଶନିବାର ସନ୍ଧ୍ୟାରେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ପରେ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ପିସିସି ପକ୍ଷରୁ ଶ୍ରୀ ଦାସ ସରକାରଙ୍କୁ ସାତ ଦିନର ମହଲତ ଦେଇଥିଲେ। ସେହିପରି ଆସନ୍ତା ୧୦ ତାରିଖରେ ପୂର୍ବାହ୍ନ ୮.୩୦ରେ ଦିବଂଗତ ବଳଙ୍ଗା ନାବାଳିକାଙ୍କ ପାଇଁ 'ନାରୀ ନ୍ୟାୟ ପଦଯାତ୍ରା' ବାୟାବରରୁ ବାହାରି ନିମାପଡ଼ାରେ ପହଞ୍ଚିବ। ଏଥିରେ ଯୋଗଦେଇ ବଳଙ୍ଗା ପୀଡ଼ିତାଙ୍କ ପାଇଁ ନ୍ୟାୟ ନିମନ୍ତେ ଲଢେଇରେ ସାମିଲ ହେବାକୁ ଶ୍ରୀ ଦାସ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟ ପକ୍ଷରେ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଆସନ୍ତା ୧୪ ତାରିଖ ପୂର୍ବାହ୍ନ ୯ଟାରେ ଫକୀରମୋହନ କଲେଜ ପାଖରୁ ନାରୀ ନ୍ୟାୟ ପଦଯାତ୍ରାରେ ରାଜ୍ୟର ବରିଷ୍ଠ ନେତୃବୃନ୍ଦଙ୍କ ସହ ଅନ୍ୟ ସମସ୍ତଙ୍କୁ ନେଇ ଦଳ ପକ୍ଷରୁ ନଗର ପରିକ୍ରମା କରାଯିବ। ଉପରୋକ୍ତ ସମସ୍ତ ଦାବି ପୂରଣ ନ ହେଲେ ସପ୍ତାହବ୍ୟାପୀ ରାଜ୍ୟର ସମସ୍ତ ଥାନାର ଘେରାଉ କାର୍ଯ୍ୟକ୍ରମ କରିବାକୁ କଂଗ୍ରେସ ଘୋଷଣା କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାସିଗଲା ଗାଁ...

ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ଉଦ୍ଧାର ଅଭିଯାନ ଶେଷ ହେବାପରେ କ୍ଷୟକ୍ଷତିର ପ୍ରକୃତ ପରିମାଣ ଜଣାପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣା ନେଇ ଶୋକ ପ୍ରକାଶ କରିଛନ୍ତି। କ୍ଷତିଗ୍ରସ୍ତ ଲୋକମାନଙ୍କୁ ସହାୟତା ଦେବାରେ ସବୁ ପ୍ରକାର ଉଦ୍ୟମ କରାଯାଉଥିବା ସେ କହିଛନ୍ତି।

ଉତ୍ତରାଖଣ୍ଡ ବାଦଲଫଟା ବର୍ଷା ଯୋଗୁଁ ଧରାଲି ଗ୍ରାମ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏଥିସହିତ ୧୨ଜଣଙ୍କର ଜୀବନ ହାନି ହେବାସହ ବ୍ୟାପକ କ୍ଷୟକ୍ଷତି ଘଟିଛି। ଅନେକ ଲୋକ ନିଖୋଜ ରହିଥିବାର ସୂଚନା ମିଳିଛି। ଏଭଳି ଘଟଣାକୁ ଦୁଃଖଦ ବୋଲି କହିବା ସହ ମୃତାହତଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ସହ ଏଭଳି ସମୟରେ ମହାପ୍ରଭୁ ଜଗନ୍ନାଥ ତାଙ୍କ ପରିବାରକୁ ସହାୟ ହୁଅନ୍ତୁ ବୋଲି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମରେ କହିଛନ୍ତି।

### ୨୪ ଘଣ୍ଟାରେ...

କାରବାର ଚଳାଇଛନ୍ତି। ଏପରିସ୍ଥଳେ ସେମାନେ ଭାରତ ବିରୋଧରେ କାହିଁକି ଦୁଇମୁହାଁ ନୀତି ଧରିଛନ୍ତି ବୋଲି ଭାରତ ପକ୍ଷରୁ ପ୍ରଶ୍ନ କରାଯାଇଛି। ଭାରତୀୟ ବୈଦେଶିକ ବିଭାଗର ମୁଖପାତ୍ର କହିଛନ୍ତି ଯେ ପରମାଣୁ ଶିଳ୍ପ ପାଇଁ ଆମେରିକା ଏବେ ବି ରୁଷ ଠାରୁ ୟୁରାନିୟମ ହେକ୍ସାଫ୍ଲୋରାଇଡ୍ ଇଭି ଶିଳ୍ପ ପାଇଁ ପଲ୍ଲାଡିୟମ ଏବଂ ସାର ଓ ରସାୟନ କିଣୁଛି। ଏଭଳି ସ୍ଥଳେ କେବଳ ଭାରତକୁ ଟାର୍ଗେଟ କରିବା ଠିକ୍ ନୁହେଁ। ଭାରତ ମଧ୍ୟ ଏଭଳି ଅବାସ୍ତବ କଥାକୁ ଗ୍ରହଣ କରିବ ନାହିଁ। ଯେଉଁ ଦେଶରେ ଶସ୍ତାରେ ତେଲ ମିଳୁଛି, ସେହି ଦେଶୁ ଭାରତ ତେଲ କିଣିବ ବୋଲି ସେ ରୋକଠୋକ ଭାବେ ଆମେରିକାକୁ ଜଣାଇଦେଇଛନ୍ତି। ଭାରତ ଏହାର ଜାତୀୟ ସ୍ୱାର୍ଥ ଓ ଅର୍ଥନୈତିକ ନିରାପତ୍ତାକୁ ଅଧିକ ଗୁରୁତ୍ୱ ଦେବ ବୋଲି ସେ କହିଛନ୍ତି।

### ରାଜ୍ୟସଭାରେ 'ସିଆଇଏସ୍ଏଫ୍'...

ଅମିତ ଶାହ? ତାଙ୍କର ଏଭଳି ମନ୍ତବ୍ୟକୁ ଶାସକ ଦଳ ବିରୋଧ କରିଥିଲେ। ହଟ୍ଟଗୋଳ ଚାଲିଥିବା ବେଳେ ବିରୋଧୀ ଦଳର ସଭ୍ୟମାନେ ବିହାର ଭୋଟର ତାଲିକା ପ୍ରସଙ୍ଗରେ ଆଲୋଚନା ପାଇଁ ପୁଣି ଦାବି କରିଥିଲେ। କିନ୍ତୁ ଏସଂକ୍ରାନ୍ତ ବିରୋଧୀଙ୍କ ସମସ୍ତ ପ୍ରସ୍ତାବକୁ ସେ ଖାରଜ କରିଦେଇଥିବା ଉପାଧ୍ୟକ୍ଷ କହିଥିଲେ। ସେ କହିଥିଲେ ଯେ ଏହା ନିର୍ବାଚନ କମିସନଙ୍କ ଅଧୀନରେ ଆସୁଥିବାରୁ ଏହା ଉପରେ ଗୃହରେ ଆଲୋଚନା କରାଯାଇ ପାରିବ ନାହିଁ। ହଟ୍ଟଗୋଳ ଜାରି ରହିବାରୁ ସେ ଗୃହକୁ ପ୍ରଥମେ ୨ଟା ପର୍ଯ୍ୟନ୍ତ ଓ ପରେ ଆଜି ଦିନକ ପାଇଁ ମୁଲତବୀ କରିଦେଇଥିଲେ। ତେବେ ହଟ୍ଟଗୋଳ ମଧ୍ୟରେ ମଣିପୁରରେ ରାଷ୍ଟ୍ରପତି ଶାସନକୁ ଆହୁରି ୬ ମାସ ଲାଗି ବୃଦ୍ଧି କରିବା ସଂକ୍ରାନ୍ତ ବିଲକୁ ପାସ୍ କରାଯାଇଥିଲା। ଏହାପୂର୍ବରୁ ଏହି ବିଲକୁ ଲୋକସଭା ମଧ୍ୟ ପାସ୍ କରିଥିଲା।

ଲୋକସଭାରେ ମଧ୍ୟ ବିହାର ପ୍ରସଙ୍ଗରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗୃହ ବୈଠକ ଆରମ୍ଭ ହେବାମାତ୍ରେ ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବାକୁ କହିଥିଲେ। କିନ୍ତୁ ବିରୋଧୀ ଦଳ ବିହାର ପ୍ରସଙ୍ଗରେ ଆଲୋଚନା ଦାବି କରିଥିଲେ। ବାଚସ୍ପତି ଅନୁମତି ନଦେବାରୁ ସେମାନେ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ବିର୍ଲା କହିଥିଲେ ଯେ ବିରୋଧୀ ଦଳଙ୍କର ଏଭଳି ଆଚରଣ ଯୋଗୁଁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆଲୋଚନା ହୋଇପାରୁ ନାହିଁ। ଏଭଳି ଆଚରଣ କରି ସେମାନେ ସଂସଦୀୟ ମର୍ଯ୍ୟାଦାର କ୍ଷୁଣ୍ଣ କରୁଛନ୍ତି। ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୨ଟା ପରେ ଲୋକସଭା ଆରମ୍ଭ ହୋଇଥିଲା। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟାରେ ସରକାର ଦୁଇଟି ବିଲ୍ ପାସ୍ କରାଇଥିଲେ। ଏହାପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଥିଲା।

### ଚାଷୀଙ୍କୁ ମିଳୁନି...

ହୋଇଥିବା ଅଭିଯୋଗ ହେଉଛି। ସରକାର ସାର କଳାବଜାରୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା କଥା କହୁଥିଲେ ହେଁ ବାସ୍ତବରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ସରକାରୀ ଭାବେ ୫୦ କେଜିର ଡିଏପି ବସ୍ତାର ଦାମ୍ ୧୩ଶହ ଟଙ୍କା ହୋଇଥିବାବେଳେ ଖୋଲାବଜାରରେ ତାହା ୨ହଜାରରୁ ୨୨ଶହ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ୧୩୯୦ ଟଙ୍କାର ଗ୍ରୋମୋର ବସ୍ତା ୧୮ ଶହରୁ ୨ହଜାର ଟଙ୍କାରେ ବିକ୍ରି ହେଉଛି। ସରକାରୀ ଷ୍ଟକ୍ ସବୁ ବ୍ୟବସାୟୀମାନେ କବ୍‌ଜା କରି ନେଇ ଚାଷୀଙ୍କୁ ଚଢ଼ାଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି।

ଚଳିତ ବର୍ଷ ଆଗୁଆ ମୌସୁମୀ ବର୍ଷା ହୋଇଥିବାରୁ ଫସଲ ସଅଳ ହୋଇଛି। ତେଣୁ ଜୁଲାଇ ତୃତୀୟ ସପ୍ତାହ ବେଳକୁ ସାରର ଆବଶ୍ୟକତା ବଢ଼ିଯାଇଛି। ମାସେ ଭିତରେ କ୍ଷେତରେ ସାର ପକାଇବା ପାଇଁ ଚାଷୀ ଯୋଜନା କରୁଛି। ଏହି ସମୟ ଭିତରେ ସାର ନ ପକାଇଲେ, ଆଗାମୀ ଦିନରେ ଛୋଟ ଧାନ ପିଲ ମାରିବ ଓ ବଡ଼ ଧାନ ଗଣ୍ଠି ଧରିବ। ପରେ ପକାଇବାରେ କୌଣସି କାମରେ ଆସିବ ନାହିଁ। ଏବେ ସରକାରୀ ଭାବେ ଯେତିକି ସାର ବିକ୍ରି ହେଉଛି, ତା' ସମୁଦ୍ରକୁ ଶଙ୍ଖେ ଭଳି। ବଡ଼ ଚାଷୀ ସେମାନେ ବାହାର ଦୋକାନରୁ ସାର କିଣିବାକୁ ସକ୍ଷମ ହେଉଛନ୍ତି। ହେଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ସାର କିଣାରୁ ବଞ୍ଚିତ ହେଉଛନ୍ତି। ଗୋଟିଏପଟେ ସରକାର ଧାନର ଏମ୍ଏସପି ବୃଦ୍ଧି କରି ଅଧିକ ଚାଷ କରିବାକୁ ପ୍ରୋତ୍ସାହନ ଦେଉଥିବା କଥା କହୁଛନ୍ତି। ମାତ୍ର ପଞ୍ଜିକରଣଠାରୁ ଆରମ୍ଭ କରି ସାର ବଣ୍ଟନ ଓ ଧାନ ବିକ୍ରି ନାନା ସମସ୍ୟାକୁ ସଂପୂର୍ଣ୍ଣ ଅଣଦେଖା କରାଯାଉଛି। ତୁରନ୍ତ ଏହାର ସମାଧାନ କରିବାକୁ ଚାଷୀମାନେ ଦାବି କରିଛନ୍ତି।

### ବର୍ଷକରେ କୋଟିପତି...

ଯାଇ ସରକାରଙ୍କ ଦାବି ଗ୍ରହଣଯୋଗ୍ୟ ଏବଂ ବିଶ୍ୱାସଭାଜନ ହେବ ବୋଲି ବିରୋଧୀ ଓ ବୁଦ୍ଧିଜୀବୀ ମତ ରଖିଛନ୍ତି। ମାତ୍ର ସରକାର ଏନେଇ ମୁହଁ ଖୋଲୁ ନ ଥିବା ବେଳେ ଲକ୍ଷପତି ଦିଦି କୋଟିପତି ହେବେ ବୋଲି ଉପମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ ସାଧାରଣ ସନ୍ଦେହ ସୃଷ୍ଟି କରିଛି। ଲକ୍ଷପତିରୁ କୋଟିପତି ହେବା ପାଇଁ ସରକାରଙ୍କ କୌଣସି ନିର୍ଦ୍ଦିଷ୍ଟ ରୋଡମ୍ୟାପ ଅଛି କି ? ଜଣେ ଗୋଟିଏ ବ୍ୟବସାୟରେ କେତେଟଙ୍କା ବିନିଯୋଗ କଲେ, କେତେ ମାନବସମ୍ବଳ ଉପଯୋଗ କଲେ ଲକ୍ଷପତିରୁ କୋଟିପତି ହୋଇପାରିବ ସେନେଇ ସରକାର କୌଣସି ଆକଳନ କରିଛନ୍ତି କି ? ଯଦି କରିଛନ୍ତି, ତାହେଲେ ଲକ୍ଷପତି ଦିଦିଙ୍କୁ ସହାୟତା କରିବା ପାଇଁ ସରକାର କୌଣସି ନୀତିଗତ ନିଷ୍ପତ୍ତି ନେଇଛନ୍ତି କି ବୋଲି ବୁଦ୍ଧିଜୀବି ମହଲ ପ୍ରଶ୍ନ କରିଛନ୍ତି ତେଣୁ ଉପ ମୁଖ୍ୟମନ୍ତ୍ରୀ କିମ୍ବା ସରକାର କେବଳ ଉପରଠାଉରିଆ ମନ୍ତବ୍ୟ ନଦେଇ ଲକ୍ଷପତି ଦିଦିକୁ ନେଇ ସାଧାରଣରେ ଥିବା ସଂଶୟକୁ ପ୍ରଥମେ ଦୂର କରନ୍ତୁ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଯେଉଁମାନେ ବର୍ତ୍ତମାନ ଲକ୍ଷପତି ଦିଦି ଅଛନ୍ତି, ସମସ୍ତେ ସଏଚଜି ସଦସ୍ୟ। ସେମାନେ ଲକ୍ଷପତି ଦିଦି କୋଟିପତି ହେବାକୁ ଟାର୍ଗେଟ ରଖିଲେ ଏହାକୁ ମାତ୍ର ଏକବର୍ଷ ମଧ୍ୟରେ ହାସଲ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ସରକାରଙ୍କ ଦ୍ୱାରା ମିଳୁଥିବା ଆର୍ଥିକ ପ୍ରୋତ୍ସାହନ, ବିଭିନ୍ନ ଯୋଜନାରୁ ଲାଭକୁ ସଠିକ୍ ଉପାୟରେ ଉପଯୋଗ କରିପାରିଲେ ମହିଳାମାନେ ଲକ୍ଷପତିରୁ କୋଟିପତି ହୋଇପାରିବେ ବୋଲି ସେ ମତ ଦେଇଛନ୍ତି। ଏଥିପାଇଁ ସରକାର ସମସ୍ତ ସହାୟତା ଯୋଗାଇ ଦେବେ ବୋଲି ମତ ପ୍ରକାଶ କରିଥିଲେ।

### ଟିଏମ୍‌ସିରେ କଲ୍ୟାଣ-ମହୁଆ...

ଧରି ଅସୁସ୍ଥ ଥିବା ସୁଦୀପ ବଙ୍ଗୋପାଧ୍ୟାୟଙ୍କ ସ୍ଥାନରେ ତାଙ୍କୁ ଏହି ଦାୟିତ୍ୱ ମିଳିଛି। ଏହାସହିତ ମମତା ଚେତାଇ ଦେଇଛନ୍ତି ଯେ ଦଳ ଭିତରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ। ଯେଉଁମାନେ ଶୃଙ୍ଖଳା ସୀମା ଲଂଘିବେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ ଯେ ଗିତକିଛି ଦିନ ଧରି ତୃଣମୂଳ କଂଗ୍ରେସର ଦୁଇ ଲୋକସଭା ସାଂସଦ କଲ୍ୟାଣ ବାନାର୍ଜୀ ଏବଂ ମହୁଆ ମୈତ୍ରଙ୍କ ମଧ୍ୟରେ ବିବାଦ ଯୋଗୁଁ ଉଭୟ ମମତା ବାନାର୍ଜୀ ଏବ ଦଳକୁ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡ଼ିଛି। ଉଭୟ ସାଂସଦ ସାଧାରଣରେ ମଧ୍ୟ ଖୋଲାଖୋଲି ଭାବେ ପରସ୍ପରକୁ ଗାଲିଗୁଲଜ କରିବାକୁ ପଛାଉ ନାହାନ୍ତି। ବୁଝାମଣା ଲାଗି ସୁଯୋଗ ମିଳିଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ କଳି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ବିଶେଷ କରି କଲ୍ୟାଣ ବାନାର୍ଜୀଙ୍କ ଆଚରଣ ନେଇ ଦଳର ଅନେକ ମହିଳା ସାଂସଦ ମମତାଙ୍କ ନିକଟରେ ଫେରାଦ ହୋଇଛନ୍ତି। କେବଳ ମହୁଆ ଖୋଲାଖୋଲି ଭାବେ କଲ୍ୟାଣଙ୍କୁ ବିରୋଧ କରୁଛନ୍ତି। ନାରୀ ନେତ୍ରୀମାନଙ୍କ ପ୍ରତି କଲ୍ୟାଣଙ୍କ ବ୍ୟବହାର ଭଲ ରହୁନାହିଁ। ଗତ କିଛି ମାସ ତଳେ ନିର୍ବାଚନ କମିସନ ଅଫିସରେ କଲ୍ୟାଣ ଓ ମହୁଆଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ନିଜକୁ ଅସୁରକ୍ଷିତ ମନେକରି ମହୁଆ ସୁରକ୍ଷା ଯବାନଙ୍କୁ ଡାକି କଲ୍ୟାଣଙ୍କୁ ଗିରଫ କରିବାକୁ କହିଥିଲେ। ମହୁଆଙ୍କୁ ସମର୍ଥନ କରିବାରୁ ସେ ଦଳର ଅନ୍ୟତମ ସାଂସଦ ସୌଗତ ରାୟଙ୍କୁ ସୋଦିଥିଲେ। ଏହି ଖବର ସେତେବେଳେ ଜାତୀୟ ଗଣମାଧ୍ୟମରେ ବହୁଳ ଭାବେ ପ୍ରସାରିତ ହୋଇଥିଲା।

ତେବେ ଗତକାଲିର ଘଟଣା ବିଶୃଙ୍ଖଳାର ସବୁ ସୀମା ଅତିକ୍ରମ କରିଯାଇଥିଲା। ଗୋଟିଏ ଡିଜିଟାଲ ଗଣମାଧ୍ୟମକୁ ସାକ୍ଷାତ ଦେଇ କଲ୍ୟାଣଙ୍କ ପ୍ରତି ଅପାତ୍ତିଜନକ ମନ୍ତବ୍ୟ ଦେଇଥିଲେ ମହୁଆ। ଏଥିରେ କ୍ଷୁବ୍ଧ ହୋଇ କଲ୍ୟାଣ ବାନାର୍ଜୀ ତାଙ୍କର ସାମାଜିକ ଗଣମାଧ୍ୟମରେ ୮ ମିନିଟର ଏକ ଭିଡିଓ କ୍ଲିପ୍ ପୋଷ୍ଟ କରିଥିଲେ। ୨୦୨୩ର ଏହି ଭିଡିଓରେ ଲୋକସଭାରେ ସେ ମହୁଆଙ୍କ ସପକ୍ଷରେ ଯୁକ୍ତି କରୁଥିବା ଦେଖାଇଥିଲେ। ବିନା ନୋଟିସରେ ମହୁଆଙ୍କୁ କାହିଁକି ସସପେଣ୍ଡ କରାଗଲା ବୋଲି ସେ ପ୍ରଶ୍ନ କରୁଥିବା ଏହି ଭିଡିଓରେ ଦେଖାଯାଉଛି। ତେବେ ଯେଉଁ କଥାଟି ଦଳୀୟ ହାଇକମାଣ୍ଡଙ୍କୁ କ୍ଷୁବ୍ଧ କରିଛି, ତାହା ହେଲା ଏହି ଭିଡିଓ କ୍ଲିପ୍ ତଳେ ଲେଖା ହୋଇଥିବା କ୍ୟାପସନ୍। ଏଥିରେ ଲେଖା ହୋଇଥିଲା ଯେ, ମହୁଆଙ୍କ ସପକ୍ଷରେ ଯୁକ୍ତିର ଆଜି ଫଳ ମିଳିଛି। ମହୁଆ ମୋତେ ନାରୀ ବିରୋଧୀ କହି ଅପମାନିତ କରିଛନ୍ତି। କୃତଜ୍ଞତା ବଦଳରେ ଅପମାନିତ କରିଥିବା ଏଭଳି ବ୍ୟକ୍ତି ସପକ୍ଷରେ ଲୋକସଭାରେ ଯୁକ୍ତି କରିଥିବାରୁ ମୁଁ ଦେଶବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଛି। କଲ୍ୟାଣଙ୍କ କାରନାମା ଏଇଠି ଅଟିକଲା ନାହିଁ। ସେ ତାଙ୍କର ଏହି ପୋଷ୍ଟକୁ ମହୁଆ ଏବଂ ନିଜ ଦଳକୁ ଟ୍ୟାଗ୍ କରିବା ସହିତ ବିଜେପି ଏବଂ କଂଗ୍ରେସକୁ ମଧ୍ୟ ଟ୍ୟାଗ୍ କରିଥିଲେ। କଲ୍ୟାଣଙ୍କ ଏଭଳି ଆଚରଣ ।ାରେ ମମତା ଭୀଷଣ ବିରକ୍ତି ପ୍ରକାଶ କରିବା ସହିତ ମୁଖ୍ୟ ସଚେତକ ପଦରୁ ତୁରନ୍ତ ଇସ୍ତଫା ଦେବାକୁ କହିଥିଲେ। କଲ୍ୟାଣ ତାଙ୍କ ପଦରୁ ଇସ୍ତଫା ଦେବା ସହିତ ସଂସଦୀୟ ଦଳ କଥା ମମତା କିଛି ବୁଝୁ ନାହାନ୍ତି ବୋଲି ଆରୋପ ଲଗାଇଥିଲେ। ଏହାକୁ ନେଇ ଦଳର ଅନେକ ନେତା କହିଛନ୍ତି ଯେ କଲ୍ୟାଣ ଲକ୍ଷ୍ମଣ ରେଖା ଅତିକ୍ରମ କରିଛନ୍ତି। ଏହାପୂର୍ବରୁ ଲୋକସଭାରେ ଅପରେସନ ସିନ୍ଦୂର ଆଲୋଚନା ବେଳେ କଲ୍ୟାଣ ଓ ମହୁଆ କଳି ପୁଣି ପଦାକୁ ଆସିଥିଲା। ଏହି ପ୍ରସଙ୍ଗରେ ମହୁଆଙ୍କୁ କହିବା ଲାଗି ଦଳ ପକ୍ଷରୁ ମନୋନୀତ କରାଯାଇଥିଲା। କିନ୍ତୁ କଲ୍ୟାଣ ଏହାର ତୀବ୍ର ବିରୋଧ କରିଥିଲେ। ଫଳରେ ଦଳ ତାଙ୍କ କଥା ମାନି ମହୁଆଙ୍କ ବଦଳରେ ସାୟୋନି ଘୋଷଙ୍କୁ ଆଲୋଚନାରେ ଅଂଶ ଗ୍ରହଣ କରିବାକୁ ଅନୁମତି ଦେଇଥିଲା।

### ଏବିଭିପି-ବିଜେପି ଯୁବମୋର୍ଚ୍ଚା...

ହୋଇଥିଲେ। ଦୁଇ ଗୋଷ୍ଠୀ ପରସ୍ପରକୁ ଲାଠି ଏବଂ ବାଡ଼ିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ବାସୁଦେବ ପାଣିଗ୍ରାହୀ ଏବଂ ଅନ୍ୟ ପଟରୁ ଆଉ ଜଣେ ଛାତ୍ର ଆହତ ହୋଇଥିଲେ। ବାସୁଦେବ ଅଭିଯୋଗ କରିଛନ୍ତି ଯେ ତାଙ୍କୁ ରାଜକୁମାର ପରିଡ଼ା କିଛି ଦିନ ହେବ ହତ୍ୟା ଧମକ ଦେଇ ଆସୁଛନ୍ତି। ଏପରିକି ତାଙ୍କ କଥା ନମାନିଲେ କ୍ୟାମ୍ପସରୁ ବିଦା କରିବାକୁ ଧମକ ଦେଇଥିଲେ। ଏହାକୁ ନେଇ ସେମାନେ ଆଜି ଆକ୍ରମଣ କରିଥିବା କହିଛନ୍ତି। ଖବର ପାଇ ପୁଲିସ ପହଞ୍ଚି ଉଭୟଙ୍କ ଗୋଷ୍ଠୀକୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଏହାପରେ ଉଭୟ ଗୋଷ୍ଠୀ ପରସ୍ପର ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ସହିଦ ନଗର ଥାନା ଘେରାଉ କରିଥିବା ଜଣାପଡ଼ିଛି। ପୁଲିସ ଉଭୟଙ୍କୁ ବୁଝାସୁଝା କରି ପଠାଇବାକୁ ଉଦ୍ୟମ କରିଥିବା ବେଳେ ସେମାନେ କିନ୍ତୁ ଜିଦରେ ଅଟଳ ରହିଥିଲେ। ପୁଲିସ କହିଛି ଯେ ଉଭୟ ଗୋଟିଏ ଦଳର ବୋଲି କହୁଛନ୍ତି। କିଏ ଅସଲି କିଏ ନକଲି ତାହା ତଦନ୍ତ କଲେ ଜଣାପଡ଼ିବ। ଭିସିଙ୍କୁ ଦାବିପତ୍ର ଦେବାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଯାହା ସନ୍ଧ୍ୟାରେ ଉଗ୍ରରୂପ ନେଇ ମରଣାନ୍ତକ ଆକ୍ରମଣ ହୋଇଛି। ପୁଲିସ ତଦନ୍ତ କରୁଛି। ଯିଏ ଦୋଷୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ଅଧିକାରୀ କହିଛନ୍ତି।

# ପାଣିରେ ବୁଡ଼ି ଛାତ୍ର ମୃତ

**ବାରିପଦା, ୫।୮(ସମିସ):** ପୁଣି ପାଣିରେ ବୁଡ଼ି ମଙ୍ଗଳବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରଜଣଙ୍କ ହେଲେ, ଦାରୋଗାଡାହି ଅଞ୍ଚଳର ରାଜେନ୍ଦ୍ର ଜେନାଙ୍କ ପୁଅ କ୍ରିଷ୍ଣା(୧୯)। ସେ ଏମପିସି କଲେଜରେ ପଢୁଥିଲେ। ତକତପୁର ନିକଟରେ ସୁବର୍ଣ୍ଣରେଖା କେନାଲକୁ ସାଙ୍ଗମାନଙ୍କ ସହ ଗାଧୋଇବାକୁ ଯାଇଥିଲେ। ହେଲେ ସେଠାରେ ଅସାବଧାନତା କାରଣରୁ ପାଣିରେ ବୁଡ଼ି ଯାଇଥିଲେ। ପରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପିଆରଏମ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଡାକ୍ତରଖାନାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।


**Notice (for Minor)**

By virtue of an affidavit sworn before Notary Public, Udala, Mayurbhanj, dated 04-08-2025 I, Hemanta Kisku, Address AT-Dhirisahi, PO- Hatisahi, PS- Udala, Dist- Mayurbhanj, PIN- 757087 declare that I have changed the name of my daughter from Jamuna Kisku to Yamuna Kisku. Henceforth, she shall be known as Yamuna Kisku for all purposes.

Hemanta Kisku

**AFFIDAVIT**

By virtue of an affidavit sworn before the Executive Magistrate, Bissam Cuttack, Dist.- Rayagada, Odisha, Vide Affidavit Sl. No. 1857/2025, Dated.16/07/2025, that Sri HARI KARAKARIA of Village- BANDHAGUDA, Post- SIBAPADAR, P.S.; AMBODALA, District- RAYAGADA, ODISHA Changed the name of his minor daughter as **PRISKILA KARAKARIA** instead of PRICEKLA KARAKARIA. Hence forth the minor daughter shall be known as **PRISKILA KARAKARIA** for all purposes.

Sd/- Sri HARI KARAKARIA

**NOTICE**

By virtue of an affidavit sworn before the Executive Magistrate(K), Phulbani, dated.01/08/2025 I, Liril Maharana, D/o- Sapneswara Sathua, W/o- Biranchi Kumar Maharana, At- Amalapada, Phulbani, Po./Ps.- Phulbani, Dist.- Kandhamal, Pin- 762001, Odisha declare that I have changed my name from **Lila Maharana** to **Liril Maharana**. Henceforth, Ishall be known as **Liril Maharana** for all purposes.

Sd/- **Liril Maharana**

**AFFIDAVIT**

By virtue of an affidavit (CF No. 10, date- 05/08/2025) sworn before The Notary Public, Padampur. I, **Rinki Bhatt** (new name), permanent & current resident of At- Nilathar, Po- Mandosil, P.S. Paikmal, Dist- Bargarh, PIN- 768050, Odisha declare that I have changed my name from **Rinki Sharma** (old name) to **Rinki Bhatt** (new name). Henceforth, I shall be known as **Rinki Bhatt** (new name), W/o Arun Kumar Bhatt for all future purposes.

**Rinki Bhatt**

**AFFIDAVIT**

By virtue of an affidavit No- 4954 sworn before the Executive Magistrate, Champua on dtd- 31/07/2025, I Sadia Bano, W/o- Md. Kaisar, resident of At/Po/Ps- Jhumpura, Dist- Keonjhar, Odisha I have changed my name from **Sadia Bano** (old name) to **Sadiya Khatun** (new name). That, both names **Sadiya Bano** and **Sadiya Khatun** is one & same person. Henceforth, I will be known as **Sadiya Khatun** for all future purposes.

**Sadiya Khatun**

**AFFIDAVIT**

I, Prakash Jagdish Pattnayak, aged about 56 years, S/o- Jagdish Pattnayak, resident of Flat No. F/206, 2nd Floor, Jyotsna Enclave, Jaydev Vihar, Bhubaneswar, PIN- 751013 Odisha declared by this affidavit No. CF No. 93, dtd- 23/07/2025 that now onwards I shall be known as **PRAKASH PATTNAYAK** for all future purposes.

**AFFIDAVIT**

I, Lilip Kumari Pattanaik, 46 years, D/o- Late Lalit Mohan Patnayak, Vill/Po.- Digapahandi, Ps.- Digapahandi, Dist.- Ganjam, declared by this Affidavit No.- A/1708/19.07.2025 that now onwards I shall be known as **Lilip Patnayak** for all future purposes.

**AFFIDAVIT**

By virtue of an affidavit sworn before Notary Public Bhubaneswar dtd- 01.08.2025, I **Smt. Khairun Nisha** of Plot No. 242/3117, Trilochan Vihar, Sundarpada, Ps- Airfield, Bhubaneswar, Dist- Khordha, Odisha, Pin- 751002 declare that I have changed my name from **Khairun Nisa** to **Khairun Nisha** for all purposes.

**Khairun Nisha**

**AFFIDAVIT**

I, Jyostna Kar wife of Dillip Kumar Panda, At.- Raghunathpur Ward No.22, P.O.-Kainfulia, P.S.- Baripada Town, Dist.- Mayurbhanj Pin.No.- 757107, Odisha declared by this affidavit No.11 dtd. 02-09-2022 that onwards I shall be known as Jyotsna Panda (Age 42) for all future purposes.

Jyotsna Panda

**AFFIDAVIT**

By virtue of an affidavit (CF No. 09, date- 05/08/2025) sworn before The Notary Public, Padampur. I, **Arun Kumar Bhatt** (new name), permanent & current resident of At- Nilathar, Po- Mandosil, P.S. Paikmal, Dist- Bargarh, PIN- 768050, Odisha declare that I have changed my name from **Arun Kumar Sharma** (old name) to **Arun Kumar Bhatt** (new name). Henceforth, I shall be known as **Arun Kumar Bhatt** (new name), S/o Biranchi Bhatt for all future purposes.

**Arun Kumar Bhatt**

**AFFIDAVIT**

By virtue of an affidavit sworn before the Notary Public, Bhubaneswar on Dt. 13.02.2025, **I, Bandita Senapati,** aged about 37 years, W/o.: Susanta Kumar Nayak and D/o.: Brajananda Senapati, residing at Ward No.: 8, Dipirenta, Nimapada, Dist.: Puri, PIN-752106 declare that I have changed my surname from Bandita Nayak to **Bandita Senapati**. Henceforth, I shall be known as **Bandita Senapati** for all purposes.

**Bandita Senapati**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-PURI-485, ତା. 30.07.2025ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଞ୍ଚାର/ପୁରୀ ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଞ୍ଚାର ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 30,46,121.34, EMD (ଟଙ୍କାରେ) : 60,900/-।

ବିଡ଼୍ ଆରମ୍ଭ ହେବା ତାରିଖ : ତା.07.08.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.21.08.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼

PR-430/Q/25-26

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur vide no. 421/2023 dated.22/01/2025 I, Parsuram Harijan, S/o- Tanka Harijan of Vill.- Taragam, Po.- Taragam, Ps./Dist.- Nabarangpur state that, my name recorded as Parsuram Harijan in all my documents as per the surname of my father. I have changed my surname from **Parsuram Harijan** to **Parsuram Kashyap**. Henceforth, I will be known as **Parsuram Kashyap** for all purposes.

**AFFIDAVIT**

I, **Tia Rout,** aged about 19 years, resident of At- Balabhadrapur, Near Dola Mandap, Ps- Badambadi, Dist- Cuttack, PIN- 753012, Odisha declared by this affidavit No. 94, dtd- 04/08/2025 that, my father's actual name is **Pradyumna Rout** and mother's name is **Sushmita Rout,** but in my birth certificate my father's name has been wrongly recorded as **Praduymnya Rout** instead of **Pradyumna Rout** and also my mother's name has been wrongly recorded as **Susmita Rout** instead of **Sushmita Rout.** Henceforth, both the name are same and one person.

**ଅତିରିକ୍ତ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ତଥା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା, ଚିତ୍ରକୋଣ୍ଡା, ମାଲକାନଗିରି**

ଏତଦ୍ୱାରା ସମସ୍ତଙ୍କୁ ଜଣାଇ ଦିଆଯାଉଅଛି କି, ଅତିରିକ୍ତ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ତଥା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା, ଚିତ୍ରକୋଣ୍ଡା ମାଲକାନଗିରି କର୍ତ୍ତୃପକ୍ଷଙ୍କ ଅଧୀନରେ ଜଳବିଭାଜୀକା କାର୍ଯ୍ୟକ୍ରମ ଯଥା

୧) କାନ୍ଥ ଚିତ୍ରକଳା (Wall painting) ଜଳବିଭାଜୀକ ସମ୍ବନ୍ଧୀୟ
୨) ସୌରଚାଳିତ ଆଲୋକ (Solar light installation)
୩) ଜଳବିଭାଜୀକା ସମ୍ବନ୍ଧୀୟ ପୋଷ୍ଟର (Wall Poster)
୪) Travis ପ୍ରତିଷ୍ଠା (Travis Installation)
୫) ପଥପ୍ରାନ୍ତ ନାଟକ (Street Play)
୬) ପ୍ରାଙ୍ଗଣ ଛତା (Shamiyana Tent)
୭) ଜଳବିଭାଜୀକା ମାନଚିତ୍ର (Watershed Map)
୮) ଗ୍ରାମ ମାନଚିତ୍ର (Village Map)
୯) ପ୍ରକଳ୍ପର ବିସ୍ତୃତ ବିବରଣୀ ତିଆରି (DPR Preparation)
୧୦) ସାଗତ ଫଳକ (Welcome Board Installation)
୧୧) ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

ଆଦି ହେବାକୁ ଯାଉଅଛି । ଏଣୁ ଆଗ୍ରହୀ ସଂସ୍ଥା ଉପରୋକ୍ତ କାର୍ଯ୍ୟ ପାଇଁ ଆଗାମୀ ୧୨ ତାରିଖ ମଧ୍ୟରେ ଉଦ୍ଧୃତ (Quotation) ମାଧ୍ୟମରେ ଆବେଦନ କରିବାକୁ ଅନୁରୋଧ ।

ଠ/ଠ ପ୍ରକଳ୍ପ ନିର୍ଦ୍ଦେଶକ
ଜଳବିଭାଜୀକା, ମାଲକାନଗିରି

**GOVT. INDUSTRIAL TRAINING INSTITUTE, HIRAKUD
SAMBALPUR, ODISHA – 768016**

Web Site: www.govtitihkd.co.in | mail- itihirakud@yahoo.com
Notice No. 1132 | Date- 01/08/2025

**Walk - In – Interview**

A walk - in - interview for engagement of Guest Instructor will be held in the institute premises on 13th Aug 2025 (Wednesday) at 11 am. Eligible candidates may appear for the interview with all original testimonials. For eligibility criteria and other details, plz visit http://www.govtitihkd.co.in/ .

No TA/DA will be provided for attending the interview.

Sd/- Principal
Industrial Training Institute
Hirakud

**CENTRAL LIBRARY
SHREE JAGANNATH SANSKRIT UNIVERSITY,
SHREE VIHAR, PURI -3**

**TENDER CALL NOTICE**

No.- 428 /LIB.2025.SJSU, Puri | Dated: 05 /08/2025

Sealed quotations are invited from **reputed firms /authorised Dealers /Suppliers / Publishers/Distributors** having valid GST, PAN, IT Return for supply of books (Text, Reference etc) for Central Library, Shree Jagannath Sanskrit University, Shree Vihar, Puri. The sealed Tenders must address to Prof. in Charge of Library, Shree Jagananth Sanskrit University, Shree Vihar, Puri-3, Odisha latest by **20.08.2025 at 3.00 P.M** . For details visit our website https://sjsv.nic.in

By order of Vice Chancellor
**Prof. in Charge of Library
SJSU, Puri**

କାଗଜ କଲମରେ ଶ୍ରୀଅନ୍ନ ଯୋଜନା

# ଏନ୍‌ଜିଓ ଖାଉଛନ୍ତି ମାଣ୍ଡିଆ ଲଡୁ

- ଜିଲ୍ଲାରେ ବିଲୁପ୍ତ ହେବ ମାଣ୍ଡିଆ ଚାଷ
- ସବ୍‌ସିଡ୍ ଲୁଟ୍ ପାଇଁ ବଡ଼ ଷଡ଼ଯନ୍ତ୍ର

ନୟାଗଡ଼, ୫।୮ (ସମିସ)

ନୟାଗଡ଼ ଜିଲ୍ଲାରେ ଶ୍ରୀଅନ୍ନ ଯୋଜନାରେ ସାଂଘାତିକ କେଳେଙ୍କାରୀ କରାଯାଇଛି। ଚାଷ ନକରି ଚାଷୀଙ୍କ ତାଲିକା ପ୍ରସ୍ତୁତ କରାଯାଇ ସରକାରଙ୍କୁ ଭୁଆଁ ବୁଲାଯାଉଛି। ଗତବର୍ଷ କରାଯାଇଥିବା କେଳେଙ୍କାରୀ ଘଟଣା ରହସ୍ୟ ସକାଳ ସାମ୍ନାକୁ ଆଣିଥିବା ବେଳେ ରାଜ୍ୟ ସରକାର ଏହାର ତଦନ୍ତ କରାଇଥିଲେ। ତଥାପି ଜିଲ୍ଲା କୃଷି ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ନଦେଇ ଚଳିତ ବର୍ଷ ପୁଣି ସମାନ ଏନ୍‌ଜିଓକୁ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରିଛି। ମାଣ୍ଡିଆ ଚାଷ କରୁଥିବା ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ଶ୍ରୀ ପ୍ରଣାଳୀରେ ଚାଷ କଲେ ହେକ୍ଟର ପିଛା ପ୍ରଥମ ବର୍ଷ ୧୦ ହଜାର ଟଙ୍କା ସହାୟତା ମିଳୁଛି। ପରବର୍ଷଠାରୁ ଏହି ଚାଷୀଙ୍କୁ ୭ ହଜାର ୫ ଶହ ଟଙ୍କା ପ୍ରଦାନ କରାଯାଉଛି। ଧାଡ଼ି ଅନୁସାରେ ମାଣ୍ଡିଆ ରୋପଣ କଲେ ଚାଷୀଙ୍କୁ ପ୍ରଥମ ବର୍ଷ ହେକ୍ଟର ପିଛା ୭ ହଜାର ୫ ଶହ ଟଙ୍କା ଏବଂ ପରବର୍ଷଠାରୁ ୫ ହଜାର ଟଙ୍କା ସହାୟତା ମିଳୁଛି। ମାଣ୍ଡିଆ ବିକ୍ରି କରିବା ପାଇଁ ସରକାରଙ୍କ ପକ୍ଷରୁ ମଣ୍ଡି ବ୍ୟବସ୍ଥା କରାଯାଇଛି। ନୟାଗଡ଼ ଜିଲ୍ଲାର ୫ଟି ବ୍ଲକରେ ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକାରୀ ହେଉଥିବା ବେଳେ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ଗୁଡ଼ିକ କାଗଜପତ୍ର କରି ନକଲି ଚାଷୀ ପ୍ରସ୍ତୁତ କରି ପୁଣି କେଳେଙ୍କାରୀ କରିବାକୁ ଅଣ୍ଟା ଭିଡ଼ିଥିବା ଦେଖାଯାଇଛି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ନିଗମ ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ଉକ୍ତ ବ୍ଲକରେ ଚଳିତ ଖରିଫ୍ ଋତୁରେ ୯ ଶହ ଚାଷୀଙ୍କୁ ସାମିଲ କରି ୩ ଶହ ହେକ୍ଟର ମାଣ୍ଡିଆ ଚାଷ କରାଇବାକୁ ଲକ୍ଷ ଧାର୍ଯ୍ୟ କରାଯାଇଛି। ସେହିଭଳି ଭାବେ ନୂଆଗାଁ ବ୍ଲକରେ ହାମସ୍ ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ୬ ଶହ ହେକ୍ଟର ଚାଷ ଜମିରେ ୧୨୭୫ ଚାଷୀଙ୍କୁ ସାମିଲ କରିବାକୁ ଟାର୍ଗେଟ ଦିଆଯାଇଛି। ଓଡ଼ଗାଁ ବ୍ଲକରେ ଇ-ଇକୋ ସଲ୍ୟୁସନ୍ ପ୍ରାଇଭେଟ ଲିମିଟେଡ୍ ନାମକ ସଂସ୍ଥା ଦାୟିତ୍ୱ ନେଇଥିବା ବେଳେ ଚଳିତ ଖରିଫ୍ ଋତୁରେ ୬ ହେକ୍ଟର ଜମିରେ ୧୫୬୦ ଜଣ ଚାଷୀଙ୍କୁ ସାମିଲ କରିବାକୁ ଟାର୍ଗେଟ ରହିଥିବା ଜଣାପଡ଼ିଛି। ଗଣିଆ ବ୍ଲକରେ ଜିୟୁସି ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ୧୨ ଶହ ଚାଷୀଙ୍କୁ ସାମିଲ କରି ୬ ଶହ ହେକ୍ଟର ଚାଷ କରିବାକୁ ଟାର୍ଗେଟ ରହିଛି। ଦଶପଲ୍ଲା ବ୍ଲକରେ ନିର୍ମାଣ ଏନ୍‌ଜିଓକୁ ଦାୟିତ୍ୱ ଦିଆଯାଇଥିବା ବେଳେ ୧୭ ୯ ୯ ଜଣ ଚାଷୀଙ୍କୁ ନେଇ ୬ ଶହ ହେକ୍ଟର ଜମିରେ ଚାଷ କରିବାକୁ ଲକ୍ଷ ରଖାଯାଇଛି। ଗତବର୍ଷ ଭଳି କାଗଜପତ୍ରରେ ଚାଷୀଙ୍କ ନାଁ ଯୋଡ଼ି ସରକାରଙ୍କ ଅର୍ଥକୁ ବାଟମାରଣା କରିବାକୁ ଏନ୍‌ଜିଓମାନେ ତତ୍ପର ହୋଇଥିବା ଦେଖିବାକୁ ମିଳିଛି। ଗତବର୍ଷ ହୋଇଥିବା କେଳେଙ୍କାରୀକୁ କୃଷି ବିଭାଗ ଘଣ୍ଟ ଘୋଡ଼ାଇବାରେ ସଫଳ ହୋଇଥିବାରୁ ଚଳିତ ବର୍ଷ ମଧ୍ୟ ଏନଜିଓ ଗୁଡ଼ିକ ମାଣ୍ଡିଆ ଲଡୁ ଖାଇ ପାଟି ମିଠା କରିବାକୁ ଯୋଜନା କରିଛନ୍ତି। ଏନଜିଓ ଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀମାନେ ଚାଷୀଙ୍କୁ ଧରି ସରକାରୀ ସବସିଟ୍ ହଡ଼ପ କରିବା ପାଇଁ ଜୋରଦାର ପ୍ରୟାସ ଚଳାଇଥିବା ବେଳେ ମାଣ୍ଡିଆ ଚାଷ ଜିଲ୍ଲାରେ ନଗଣ୍ୟ ବୋଲି ଜଣାପଡ଼ିଛି। କୃଷି ବିଭାଗର କିଛି କର୍ମଚାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜିକା ଏବଂ ଏନଜିଓ ବ୍ଲକ କୋର୍ଡ଼ିନେଟରଙ୍କ ମଧ୍ୟରେ ଭିତିରିଆ କାରବାର ମାଣ୍ଡିଆ ଚାଷକୁ ବିଲୁପ୍ତ କରିବାରେ ସଫଳ ହେବ ବୋଲି ଆଲୋଚନା ହେଉଛି। ଜିଲ୍ଲାରେ ଟାର୍ଗେଟ ପୂରଣ କରିବାକୁ ବାହାର ଜିଲ୍ଲାରୁ ମାଣ୍ଡିଆ କିଣି ମଣ୍ଡି ପରିଚାଳନା କରାଯାଉଥିବା ବିଗତ ଦିନରେ ଦେଖାଯାଇଛି। ସେହି ପନ୍ଥା ଆପଣାଇବା ପାଇଁ ଚଳିତ ବର୍ଷ ମଧ୍ୟ ଯୋଜନା ରହିଥିବା ଅନୁମାନ କରାଯାଉଛି। ଜିଲ୍ଲାର ୫ଟି ବ୍ଲକରେ ୬୭୭୪ ଚାଷୀ ଚଳିତ ବର୍ଷ ମାଣ୍ଡିଆ ଚାଷ କରିବାକୁ ଟାର୍ଗେଟ ରଖାଯାଇଥିବା ଏହି ତାଲିକା ପ୍ରଦାନ କରିବାକୁ କୃଷି ବିଭାଗ କୁନ୍ଥୁକୁନ୍ଥୁହେଉଛି। ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗୌରୀଶଙ୍କର ଦାଶ ତାଲିକା ହସ୍ତଗତ ହୋଇନଥିବା ସୂଚନା ଦେଇଛନ୍ତି।

■ ବର୍ଷା ଅଭାବରୁ ବିଲ ଫାଟି ଆଁ

# ଅଧାରେ ଅଟକିଲା ଚାଷ କାମ



ଭାପୁର, ୫।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଞ୍ଚଳରେ ସ୍ୱଳ୍ପ ଓ ଅନିୟମିତ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଏପରିକି ତଳିବିଲରୁ ତଳି ଉପୁଡା ହୋଇପାରୁନାହିଁ। ରୂଆ ହୋଇଥିବା ତଳି ବିଲ ଫାଟି ଆଁ କଲାଣି। ଭାପୁର ବ୍ଲକରେ ଥିବା ୨୦ ପଞ୍ଚାୟତ ଅଞ୍ଚଳରେ ଦୀର୍ଘ ଦୁଇ ସପ୍ତାହ ହେଲା ବର୍ଷା ହୋଇନଥିବାରୁ ବିଲ ଗୁଡିକ ଶୁଖିଗଲାଣି। ଯେଉଁ ଚାଷୀମାନେ ଖରଡି ତଳି ପକାଇଥିଲେ ସେମାନେ ପ୍ରଥମ ଦୁଇ ଅସରା ବର୍ଷା ପରେ ରୂଆ ପୋତା କାର୍ଯ୍ୟ କରି ଶେଷ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ମାତ୍ର ଯେଉଁ ଚାଷୀମାନେ ରଜ ପର୍ବ ବର୍ଷା ପରେ ତଳି ପକାଇଥିଲେ ସେମାନେ ବର୍ତ୍ତମାନ ତଳି ଉପାଡିବା ଓ ପୋତିବା କାର୍ଯ୍ୟ କରିବା କଷ୍ଟକର ହୋଇପଡ଼ିଛି। କେତେକ ପାଣି ମୋଟର ଲଗାଇ ତଳି ଉପାଡିବା ଓ ତଳି ରୋଇବା କାର୍ଯ୍ୟ କରୁଛନ୍ତି। ସବୁଠାରେ ପାଣି ବୁହାଇବା ସୁବିଧା ନ ଥିବାରୁ ଚାଷୀମାନେ ବର୍ଷାକୁ ଚାହିଁ ରହିଛନ୍ତି। ଭାପୁର ଅଞ୍ଚଳରେ ଅଧିକାଂଶ ବିଲ ରୂଆ ହେଉଥିବା ବେଳେ ଯେଉଁ କେତେକ ଚାଷୀ ଧାନ ବୁଣିଛନ୍ତି ସେମାନେ ଧାନ ବେଉଷଣ କରିବା କଷ୍ଟକର ହେଉଛି। ଭାପୁର ବ୍ଲକରେ ନାମକୁ ମାତ୍ର ଜଳସେଚନ ସୁବିଧା ଥିବାରୁ ଅଧିକାଂଶ ଚାଷୀ ଏବେ ପାଣି ଅଭାବରୁ ମୁଣ୍ଡରେ ହାତ ଦେଇ ବସିଛନ୍ତି। ରାଜ୍ୟ ସରକାର ଭାପୁର ଅଞ୍ଚଳରେ ନୂତନ ଉଠା ଜଳସେଚନ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କରାଇଲେ ଏହାଦ୍ୱାରା ଚାଷୀମାନେ ଉପକୃତ ହୋଇପାରନ୍ତେ।

# ସ୍ତ୍ରୀକୁ ଆକ୍ରମଣ କରି ସ୍ୱାମୀ ଜେଲଗଲା

ଓଡ଼ଗାଁ, ୫।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡାଝୋଲା ଫାଣ୍ଡି ଶିଙ୍ଗାରପଲ୍ଲୀ ପଞ୍ଚାୟତ ଓଡକପା ଗାଆଁରେ ଶଶୁର ଘରୁ ଅଧିକ ଯୌତୁକ ଦାବି କରି ମହିଳାକୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ସ୍ୱାମୀ ଜଗବନ୍ଧୁ ପ୍ରଧାନକୁ ଓଡ଼ଗାଁ ପୁଲିସ ଆଜି ଗିରଫ କରି କୋର୍ଟଚାଲାଣ କରିଥିଲେ। ଜାମିନ ଖାରଜ ହେବାରୁ ଅଭିଯୁକ୍ତକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ସ୍ୱାମୀ ଜଗବନ୍ଧୁ ପ୍ରଧାନର ସ୍ତ୍ରୀ ରାଣୀ ବାରିକ(୨୦)ଙ୍କୁ ଗୁରୁତର ଅବସ୍ଥାରେ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିଲା। ଚିକିତ୍ସା ପରେ ହାତିଆଶିଳା ଗ୍ରାମର ବାପଘର ଲୋକେ ଆସି ରାଣୀକୁ ଘରକୁ ନେଇଯାଇଛନ୍ତି। ପୀଡ଼ିତା ରାଣୀ ବାରିକଙ୍କ ଅଭିଯୋଗ ଅନୁସାରେ ସୋମବାର ଅପରାହ୍ନରେ ସ୍ୱାମୀ ଜଗବନ୍ଧୁ ଅଧିକ ଯୌତୁକ ଆଣିବାକୁ କହିଥିଲେ। ଏଥିରେ ମୁଁ ରାଜି ନହେବାରୁ ସ୍ୱାମୀ ଜଗବନ୍ଧୁ ମୋତେ ବାଡିଆପିଟା କରିବା ସହିତ ତଣ୍ଟିଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ଫୋନ୍ କରି ଝିଅକୁ ଆସି ନେଇଯାଅ। ଅନ୍ୟଥା ତାକୁ ମାରିଦେବି ବୋଲି ଶଶୁରଘରକୁ ସ୍ୱାମୀ କହିଥିଲେ। ଖବରପାଇ ବାପଘର ଲୋକେ ପହଞ୍ଚି ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ଆଣିଥିଲେ। ଏନେଇ ରାଣୀ ଓଡ଼ଗାଁ ଥାନାରେ ସୋମବାର ଅଭିଯୋଗ କରିଥିଲେ। ଓଡ଼ଗାଁ ପୁଲିସ ୨୩୨/୨୦୨୫ରେ ଏକ ମାମଲା ରୁଜୁ କରି ଆଇଆଇସି ଅଭୟ ବେହେରାଙ୍କ ନିଷ୍ପତ୍ତି କ୍ରମେ ସବ ଇନ୍ସପେକ୍ଟର ଚକ୍ରଧର ସିଂ ତଦନ୍ତ ଅଫିସର ଭାବେ ଘଟଣାସ୍ଥଳରେ ପହଞ୍ଚି ଡାକ୍ତରୀ ରିପୋର୍ଟ, ପାରିପାର୍ଶିକ ଘଟଣାର ଅନୁଧ୍ୟାନ, ସାକ୍ଷୀମାନଙ୍କ ବୟାନ ରେକର୍ଡ କରିଥିଲେ। ଆଜି ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିଲେ।



ଘର ନିଲାମ ଘଟଣା

# ଗୃହ କର୍ତ୍ତାଙ୍କ ଅନଶନ ୪ର୍ଥ ଦିନରେ

ଓଡ଼ଗାଁ, ୫।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ନିତ୍ୟାନନ୍ଦ ସାହିର ପ୍ରଫୁଲ୍ଲ କୁମାର ସ୍ୱାଇଁ ଋଣ ଫେରସ୍ତରେ ବିଳମ୍ବ ଅର୍ଥାତ୍ ଖିଲାପ କରିବା ଅଭିଯୋଗରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ତାଙ୍କ ଘରକୁ ନିଲାମ କରି ଶନିବାର ଘର ମଧ୍ୟରୁ ସମସ୍ତ ଆସବାବପତ୍ର ବାହାର କରି ଘରକୁ ସିଲ୍ କରିବା ସହିତ ନିଲାମଧାରିଙ୍କୁ ମଡାଣ ଦେଇ ଚାଲିଯାଇଥିଲେ। ଏହାକୁ ବିରୋଧ କରି ସେ ଅନସନ ଆରମ୍ଭ କରିଥିବା ବେଳେ ତାହା ୪ର୍ଥ ଦିନରେ ପହଞ୍ଚିଛି। ଏନେଇ ସ୍ଥାନୀୟ କେତେକ ଜନପ୍ରତିନିଧିଙ୍କୁ ଲିଖିତ ଭାବେ ଜଣାଇଥିବା ବେଳେ ଡାକ ବିଭାଗର ଯାନ୍ତ୍ରିକ ତ୍ରୁଟି କାରଣରୁ ପ୍ରଶାସନିକ କ୍ଷେତ୍ରକୁ ଅଭିଯୋଗ ପତ୍ର ପଠାଇବାରେ ବିଳମ୍ବ ହୋଇଛି। ତେବେ ଖରା ବର୍ଷାରେ ଭିନ୍ନକ୍ଷମ ଭଉଣୀ ଓ ଗୃହ କର୍ତ୍ତା ଭାଇ ବାରଣ୍ଡାରେ ସେଇମିତି ଅନସନରେ ବସିରହିଛନ୍ତି। ତେବେ ପ୍ରତ୍ୟେକ ଦିନ ଘଟଣା ସମ୍ପର୍କରେ ବିଭିନ୍ନ ଖବରକାଗଜରେ ଲେଖାଯାଉଥିଲା ବେଳେ ସ୍ଥାନୀୟ ପ୍ରଶାସନ ଘଟଣା ସମ୍ପର୍କରେ ଅବଗତ ରହି କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ପ୍ରଶାସନ ନିଜ ତରଫରୁ ତୁରନ୍ତ ପ୍ରାରମ୍ଭିକ ପଦକ୍ଷେପ ଗ୍ରହଣ କରି ସମସ୍ୟାର ସମାଧାନ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି।




# ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ଦାବି

ନୟାଗଡ଼/ନୂଆଗାଁ, ୫।୮ (ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ତହସିଲର ମାଳିସାହି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବାରେ ଅହେତୁକ ବିଳମ୍ବ ଘଟୁଥିବାରୁ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ କରିଛନ୍ତି ସିପିଆଇଏମ୍ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ମହାପାତ୍ର। ସରକାରୀ ନିଷ୍ପତ୍ତି ପରେ ମାଳିସାହି ଗ୍ରାମରେ ରାଜସ୍ୱ ବିଭାଗ ପକ୍ଷରୁ ଏକ ପୂର୍ଣ୍ଣାଙ୍ଗ ଅଫିସ କୋଠା ଦୀର୍ଘ ଦିନ ହେଲା ଗଡ଼ାସରି ତାଲା ପଡ଼ି ରହିଛି। ଅଥଚ ମାଳିସାହି ରେଭେନ୍ୟୁ ସେକ୍ସନ ଏଯାବତ ମହିପୁରଠାରେ ଏକ ସଂକୀର୍ଣ୍ଣ ବଖରାରେ ଦୟନୀୟ ଭାବେ ପରିଚାଳିତ ହେଉଛି। ସମ୍ପୃକ୍ତ ଅଞ୍ଚଳର ହଜାର ହଜାର ହିତାଧିକାରୀ ଅଯଥାରେ ହଇରାଣ ହରକତ ହୋଇ ରାଜସ୍ୱ ସମ୍ପର୍କୀୟ ନାନାଦି କାର୍ଯ୍ୟରେ ଖର୍ଚ୍ଚାନ୍ତ ପୂର୍ବକ ଦୌଡ଼ିବାକୁ ବାଧ୍ୟ ହେଉଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ସମସ୍ୟାର ସମାଧାନ କରି ମାଳିସାହି ରେଭେନ୍ୟୁ ଅଫିସ କାର୍ଯ୍ୟକ୍ଷମ ନ କଲେ ସାଧାରଣ ଲୋକେ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବେ ବୋଲି ଶ୍ରୀ ମହାପାତ୍ର ଚେତାବନୀ ଦେଇଛନ୍ତି।

# ବାହାଡ଼ାରେ ଫାଣ୍ଡି ପ୍ରତିଷ୍ଠା ଦାବି

ଖଣ୍ଡପଡ଼ା, ୫।୮ (ସମିସ): ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ବାହାଡ଼ା ବଜାର ବ୍ୟବସାୟିକ ଦୃଷ୍ଟିକୋଣରୁ ଏକ ବୃହତ ବଜାର। ଏହି ବଜାର ଉପରେ ଭାପୁର ଓ ଖଣ୍ଡପଡ଼ା ବ୍ଲକର ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ହଜାର ହଜାର ଲୋକ ନିର୍ଭରଶୀଳ। ମାତ୍ର କିଛି ଅସାମାଜିକଙ୍କ ପାଇଁ ବର୍ତ୍ତମାନ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିବା ସହ ବଜାର ଅଞ୍ଚଳ ଅସୁରକ୍ଷିତ ହୋଇପଡ଼ିଛି। ଆଉ ଏଭଳି ସ୍ଥିତିରେ ସ୍ଥାନୀୟ ବ୍ୟବସାୟୀ ଓ ଏକାଧିକ ପଞ୍ଚାୟତର ଜନପ୍ରତିନିଧି ଫାଣ୍ଡି ପ୍ରତିଷ୍ଠା ନିମନ୍ତେ ଦାବି ଜଣାଇଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ବିଭିନ୍ନ ସମୟରେ ବଜାର ଅଞ୍ଚଳରେ ଘଟୁଥିବା ଘଟଣା ଓ ଦୁର୍ଘଟଣା ଉପରେ ନଜର ରଖିବାକୁ କିଛିଦିନ ପାଇଁ ଫାଣ୍ଡି ଚାଲିଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହି ବଜାର ଅଞ୍ଚଳର ଆଇନଶୃଙ୍ଖଳା ବ୍ୟବସ୍ଥା ଜଗନ୍ନାଥପ୍ରସାଦ ଫାଣ୍ଡି ଏବଂ ଫତେଗଡ଼ ଥାନା ଉପରେ ନ୍ୟସ୍ତ କରାଯାଇଥିଲା। ଆଉ ସେବେଠାରୁ ବିଭିନ୍ନ ସମୟରେ ନାନା ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇ ଆସୁଛି। ବିଶେଷକରି ଏହି ବଜାର ମଧ୍ୟରେ ପଠାଣି ସାମନ୍ତ ମହାବିଦ୍ୟାଳୟ, ରାଷ୍ଟ୍ରାୟତ ବ୍ୟାଙ୍କ, ଏକାଧିକ ସୁନା ଗହଣା ଦୋକାନ ଓ ଶତାଧିକ ବ୍ୟବସାୟିକ ପ୍ରତିଷ୍ଠାନ ଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତେବେ ଯଦି କୌଣସି ଅଘଟଣ ଘଟୁଛି ୧୫ କିମି ଦୂର ଥାନାରୁ ପୁଲିସ ଆସିବା ପୂର୍ବରୁ ଅପରାଧୀ ମାନେ ଖସି ପଳାଉଛନ୍ତି। ବିଗତ ଦିନରେ ବଜାର ଅଞ୍ଚଳରେ ଚୋରି, ରାହାଜାନି, ଦାଦାବଟି ଆଦାୟ, ମହାବିଦ୍ୟାଳୟରେ ଅଣଛାତ୍ର ପ୍ରବେଶ ଭଳି ଅଭାବନୀୟ ଘଟଣା ସବୁ ଘଟିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ବଜାର ଅଞ୍ଚଳ ଠାରୁ ମାତ୍ର ୪ କିମି ଦୂରରେ ଖଣ୍ଡପଡ଼ା ଥାନା ରହିଥିବା ବେଳେ ଉକ୍ତ ଅଞ୍ଚଳ ଥାନା ସୀମା ପରିସରରେ ଆସୁନଥିବାରୁ ଲୋକେ ନିରାଶ ହେଉଛନ୍ତି। ଅନ୍ୟପକ୍ଷରେ ବଜାର ଅଞ୍ଚଳରେ ସବୁଠୁ ବଡ ସମସ୍ୟା ହେଉଛି ଟ୍ରାଫିକ ନିୟନ୍ତ୍ରଣ। ଖଣ୍ଡପଡ଼ାରୁ ଫତେଗଡ଼ ପୂର୍ତ୍ତବିଭାଗ ରାସ୍ତା କଡରେ ଅବସ୍ଥିତ ଏହି ବଜାରରେ ବର୍ଷତମାମ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିଥାଏ। ଏ ସମସ୍ୟା ଦିଗରେ ସ୍ଥାନୀୟ ବିଧାୟକ, ଜିଲ୍ଲା ପୋଲିସ ପ୍ରଶାସନ ସମେତ ସ୍ଥାନୀୟ ପୋଲିସ ଅଧିକାରୀ ଦୃଷ୍ଟି ଦେବା ସହ ଏକ ଫାଣ୍ଡି ପ୍ରତିଷ୍ଠା କରିବା ନିମନ୍ତେ ସ୍ଥାନୀୟ ବାସିନ୍ଦା, ବୁଦ୍ଧିଜୀବୀ, କଲେଜ ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ଜନପ୍ରତିନିଧି ଦାବି ଜଣାଇଛନ୍ତି।

# ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ



ଗଣିଆ, ୫।୮ (ସମିସ): ଗଣିଆ ବ୍ଲକ ସଭା ଗୃହରେ ୭୯ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ବିଡିଓ ସାଗର କୁମାର ନନ୍ଦ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଣୟ କୁମାର ନାୟକଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ, ସ୍ୱେଚ୍ଛାସେବୀ ସଂଗଠନର, ଗଣିଆ ଥାନା କର୍ମଚାରୀ, ସହକାରୀ ଯନ୍ତ୍ରୀ କନିଷ୍ଠ ଯନ୍ତ୍ରୀ, ଦମକଳ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଭୋର ୫ଟାରେ ପ୍ରତ୍ୟେକ ଗ୍ରାମରେ ରାମଧୂନ ଗାନ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଅନୁଷ୍ଠାନ ଗୁଡିକରେ ୭. ୧୫ରେ, ଗାନ୍ଧୀ ପୀଠରେ ୭. ୩୦ ମିନିଟ ଏବଂ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜେନେରାଲ ପତାକା ଉତ୍ତୋଳନ ୮.୧୫ରେ ହେବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ଝୁନା ଜେନା ଜେନେରାଲ ପତାକା ଉତ୍ତୋଳନ କରିବାକୁ ସ୍ଥିର କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା ୧୧ ତାରିଖରେ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଥିଲା। ବ୍ଲକ ଶିକ୍ଷା ବିଭାଗ ପ୍ରତିଯୋଗିତାର ସମସ୍ତ ଦାୟିତ୍ୱ ଗ୍ରହଣ କରିବାକୁ ନିଷ୍ପତି ନିଆଯାଇଥିଲା। କୃତି ଛାତ୍ରଛାତ୍ରୀଙ୍କୁ ଅଗଷ୍ଟ ୧୫ ତାରିଖ ଦିନ ପୁରସ୍କାର ବଣ୍ଟନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମସ୍ତ ବିଭାଗୀୟ ଅଧିକାରୀ, ମହାବିଦ୍ୟାଳୟ ତଥା ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ବିଡ଼ିଓ ନିବେଦନ କରିଥିଲେ। ଗଣିଆ ବଜାର ଗାନ୍ଧୀ ପୀଠର ଉନ୍ନତିକରଣ କରିବାକୁ ମଞ୍ଜୁର ଥିବା ଅର୍ଥ ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଡିଓ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବ୍ଲକ୍ ଗ୍ରାଣ୍ଟ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା

ଗଣିଆ, ୫।୮ (ସମିସ): ରାଜ୍ୟରେ ଶିକ୍ଷକ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଆବଶ୍ୟକତା ନଥିବା ସ୍ଥାନରେ ମେଞ୍ଚା ମେଞ୍ଚା ଶିକ୍ଷକ ଥିବା ବେଳେ ଆବଶ୍ୟକ ଥିବା ସ୍ଥାନରେ ଶିକ୍ଷକ ସମସ୍ୟା ଦେଖାଦେଇଛି। ଫଳରେ ଛାତ୍ରଛାତ୍ରୀ ପାଠ ପଢ଼ିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗଣିଆ ବ୍ଲକ ବେଲପଡ଼ାପାଟଣା ପଞ୍ଚାୟତରେ ଥିବା ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ଦିନ ହେବ ଶିକ୍ଷକ ସମସ୍ୟା ଲାଗି ରହିଛି। ୧୯୯୦ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟ ୩୫ ବର୍ଷ ଧରି ଚାଲୁ ରହିଥିବା ବେଳେ ସମସ୍ୟା ଏଠାରେ ବନ୍ଦ ହେବାର ନାଁ ଗନ୍ଧ ଧରୁ ନାହିଁ। ଏଠାରେ ୮ମରୁ ୧୦ ଶ୍ରେଣୀ ପର୍ଯ୍ୟନ୍ତ ୧୧୭ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ବେଳେ ଏଠାରେ ସ୍ଥାୟୀ ପ୍ରଧାନଶିକ୍ଷକ ନାହାଁନ୍ତି। ସବୁଠାରୁ ଦୁଃଖ ଏବଂ ପରିତାପର ବିଷୟ ଏଠାରେ ଆବଶ୍ୟକୀୟ ଶିକ୍ଷକ (ଟିଜିଟି ଆର୍ଟସ) ନାହାନ୍ତି। ଫଳରେ ଛାତ୍ର ଛାତ୍ରୀ ମାନେ ଇଂରାଜୀ, ଓଡିଆ ଆଦି ବିଷୟ ପଢ଼ିବାରେ ଅସୁବିଧା ଭୋଗୁଛନ୍ତି। ଶିକ୍ଷା ବିଭାଗ ନୂଆ ଶିକ୍ଷାନୀତି ପ୍ରଣୟନ କରୁଥିବାବେଳେ ଶିକ୍ଷକ ସମସ୍ୟା ସୁଧୁରିବାର ପ୍ରଚେଷ୍ଟା କରୁନାହାନ୍ତି। ସମାନ କାମକୁ ସମାନ ଦରମା ଦାବି କରି କରି ହଜାର ହଜାର ବ୍ଲକଗ୍ରାଣ୍ଟ ଶିକ୍ଷକ ଚାକିରିରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ସରକାର ସେମାନଙ୍କୁ ସାବତ ପୁଅ ଭଳି ବ୍ୟବହାର କରୁଛନ୍ତି। କିନ୍ତୁ ଯାହା ଫଳରେ ଅନେକ ଛାତ୍ର ଛାତ୍ରୀ ପ୍ରକୃତ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଶିକ୍ଷକ ନଥିବାରୁ ଛାତ୍ର ଛାତ୍ରୀ କିଭଳି ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷା ଦେବେ ସେ ନେଇ ଚିନ୍ତାରେ ଅଛନ୍ତି। ଉକ୍ତ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମଧ୍ୟ ନଥିବାରୁ ଅନେକ ଅସୁବିଧା ଦେଖା ଦେଉଛି। ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଗେଷ୍ଟ ଶିକ୍ଷକ ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି।

# ଅସୁସ୍ଥତା ଯୋଗୁଁ ବ୍ଲକ୍ ଅଧ୍ୟକ୍ଷା ଛୁଟିରେ

ଭାପୁର, ୫।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ଶାରୀରିକ ଅସୁସ୍ଥତା ଯୋଗୁଁ ଏକ ମାସ ପର୍ଯ୍ୟନ୍ତ ଛୁଟିରେ ରହିଛନ୍ତି। ତାଙ୍କ ଅନୁପସ୍ଥିତିରେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଅଧ୍ୟକ୍ଷ ଦାୟିତ୍ୱରେ ରହିଛନ୍ତି। ଗତ ବର୍ଷ ସାବିତ୍ରୀ ପ୍ରଧାନଙ୍କ ନାକରେ ଏକ ଅସ୍ତ୍ରୋପଚାର ହୋଇଥିଲା। ମାତ୍ର ତାହା ଶତପ୍ରତିଶତ ସଫଳ ହୋଇନଥିବାରୁ ବର୍ତ୍ତମାନ ଆଉ ଏକ ଅପରେସନ ଆବଶ୍ୟକ ପଡୁଛି। ତେଣୁ ସେ ପୁନର୍ବାର ଅସ୍ତ୍ରୋପଚାର ପାଇଁ ଛୁଟିରେ ରହିଛନ୍ତି। ପଞ୍ଚାୟତ ରାଜ ଆଇନ ଅନୁସାରେ ଅଧ୍ୟକ୍ଷ ଅଧିକ ଦିନ ଛୁଟିରେ ରହିଲେ ଜିଲ୍ଲା ପ୍ରଶାସନ ଅନୁମୋଦନରେ ଉପାଧ୍ୟକ୍ଷ ତାଙ୍କ ଦାୟିତ୍ୱ ତୁଲାଇବେ।

# ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କ ଝୁଲଣ ଯାତ୍ରା



ଓଡ଼ଗାଁ, ୫।୮ (ସମିସ): ଶ୍ରାବଣ ଶୁକ୍ଳ ପୁତ୍ରଦା ଏକାଦଶୀ ତିଥି ମଙ୍ଗଳବାର ଠାରୁ ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜେ ଶ୍ରୀରଘୁନାଥଜିଉଙ୍କ ପୀଠରେ ଝୁଲଣ ଯାତ୍ର ଆରମ୍ଭ ହୋଇଥିବା ବେଳେ ଏହା ପୂର୍ଣ୍ଣମୀ ତିଥିରେ ଉଦ୍‌ଯାପିତ ହେବ। ଏଥିସହିତ ଅଞ୍ଚଳର ଅନ୍ୟାନ୍ୟ ବିଷ୍ଣୁ ମନ୍ଦିର ଓ ମଠ ମାନଙ୍କରେ ମଧ୍ୟ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ପାଇଁ ମନ୍ଦିରର ଦକ୍ଷିଣ ଦ୍ୱାରରେ ଥିବା ଝୁଲଣ ମଣ୍ଡପ ଉପରେ ସ୍ୱତନ୍ତ୍ର ଭାବରେ ଏକ ଚଉଦୋଳକୁ ଜରି ଜମ୍ଭୁରା ଓ ପାଟକନାରେ ଆଚ୍ଛାଦିତ କରି ଝୁଲାଇ ରଖା ଯାଇଛି। ଶ୍ରୀଜିଉଙ୍କ ଏକାଦଶୀ ନୀତି ଓ ବେଢ଼ା ପରିକ୍ରମା ସରିବା ପରେ ଶ୍ରୀ ରଘୁନାଥ ଜିଉ ଓ ମାତା ସୀତାଙ୍କ ବିଜେ ପ୍ରତିମାଙ୍କୁ ଘଣ୍ଟା, ଘଣ୍ଟି, ମୃଦଙ୍ଗ, କାହାଳୀ, ଛତୀ, ତ୍ରାସ ଓ ଚାମର, ମଶାଲ ଧରି ଝୁଲଣ ମଣ୍ଡପ ଠାରେ ସୁସଜ୍ଜିତ ଝୁଲଣକୁ ବିଜେ ହୋଇଥିଲେ। ପ୍ରଭୁଙ୍କ ଝୁଲଣ ଯାତ୍ରା ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏଥି ସହିତ ଓଡ଼ଗାଁ ରାଧାକାନ୍ତ ମଠରେ ଶ୍ରୀ ରାଧାକୃଷ୍ଣଙ୍କୁ ସଜ୍ଜିତ କରି ପଟୁଆରରେ ଝୁଲଣବେଦିକୁ ବିଜେ କରାଯାଇଥିବା ବେଳେ ଗୀତ ଗୋବିନ୍ଦ ଓ ଭଜନ କୀର୍ତନ କରାଯାଇଥିଲା। ସେହିପରି ଓଡ଼ଗାଁ ବ୍ଲକ ଅଞ୍ଚଳ ମନ୍ଦିର ମାଳିନି କୁରାଳ ଗ୍ରାମରେ ଅବସ୍ଥିତ ଶ୍ରୀଦଧିବାମନଜିଉ, ରଘୁନାଥ ଜିଉ, ଭାଗବତ ଜିଉ, ସତ୍ୟନାରାୟଣ ଜିଉ, ଗୋପୀନାଥ ଜିଉ ଓ ରାଧାକାନ୍ତ ମଠରେ ଝୁଲଣ ଯାତ୍ରା ମହା ସମାରୋହରେ ପାଳିତ ହୋଇଛି।

# ପୁଷ୍ଟି ଯୋଜନା ପାଇଁ ଯିବାକୁ ପଡୁଛି ୩ କିଲୋମିଟର

ଗଣିଆ, ୫।୮ (ସମିସ)

୧୫ ରୁ ୧୯ ବର୍ଷ କିଶୋରୀ ବାଳିକାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଉଛି। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା କାର୍ଯ୍ୟକାରିତା ହୋଇଥିବା ଏହି ଯୋଜନାରେ କିଶୋରୀ ବାଳିକାଙ୍କୁ ଭବିଷ୍ୟତରେ ଯେଭଳି ଅପପୁଷ୍ଟି ଜନିତ ବା ପୁଷ୍ଟିକର ଖାଦ୍ୟ ଜନିତ କୌଣସି ରୋଗ ବା ସମସ୍ୟା ସୃଷ୍ଟି ନ ହେଉ ସେଥିପାଇଁ ମାସକୁ ଥରେ ଅଣ୍ଡା, ମୁଢ଼ି, ବୁଟ ଆଦି ପ୍ରଦାନ କରାଯାଉଛି। ସରକାରଙ୍କ ଏଭଳି ଯୋଜନା ଦ୍ୱାରା ଗାଁ ଗହଳିର କିଶୋରୀ ବାଳିକାମାନେ ବେଶ ଖୁସି ହୋଇଥିବା ବେଳେ ସରକାରଙ୍କ ଏଭଳି ପ୍ରୟାସକୁ ବିଭିନ୍ନ ସ୍ତରରେ ସ୍ୱାଗତ କରିଛନ୍ତି। ତେବେ ଗଣିଆ ବ୍ଲକରେ ଜଣେ କିଶୋରୀ ବାଳିକା ଏହି ଯୋଜନାରେ ଖାଦ୍ୟ ସାମଗ୍ରୀ ପାଇବାକୁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧୂଆଁମଡ଼ା ଗ୍ରାମର ଜ୍ଞାନରଞ୍ଜନ ସାହୁଙ୍କ ଝିଅ ଗାୟତ୍ରୀ ସାହୁଙ୍କ ନିଜ ଗ୍ରାମ ଧୂଆଁମଡ଼ା ହୋଇଥିବା ବେଳେ ତାଙ୍କୁ ଉପରହଦପଶି ଯିବାକୁ ପଡୁଛି। ଧୁଆମଡାରେ ଉକ୍ତ ଯୋଜନାରେ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଉଥିବା ବେଳେ ତାଙ୍କୁ ଉପରହଦପଶି ସେଣ୍ଟରରୁ ଖାଦ୍ୟ ମିଳୁଛି। ସେ ପ୍ରଥମରୁ ଏନେଇ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ତାଙ୍କ କଥା କେହି ଶୁଣୁନାହାଁନ୍ତି। ଫଳରେ ତାଙ୍କୁ ୩ କିଲୋମିଟର ଉପରହଦପଶି ଯିବାକୁ ପଡୁଛି। ଯାହା ଫଳରେ ସେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧୁଆଁମଡାଠାରୁ ଉପରହଦପଶି ରାସ୍ତା ଖୋର୍ଦ୍ଧା-ବଲାଙ୍ଗିର ରାଜ୍ୟ ରାଜପଥ ସହିତ ସଂଯୋଗ ହୋଇଥିବାରୁ ପ୍ରତିଦିନ ଶହ ଶହ ଗାଡ଼ି ମୋଟର ଯିବାଆସିବା କରୁଛି। ଯଦି ସେ ରାସ୍ତା ଦେଇ ଯିବାବେଳେ ଗାୟତ୍ରୀଙ୍କର କିଛି ବି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ରହିବ ବୋଲି ପରିବାର ତରଫରୁ ଅଭିଯୋଗ କରାଯାଇଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଗାୟତ୍ରୀଙ୍କୁ ତାଙ୍କ ନିଜ ସେଣ୍ଟର ଧୁଆଁମଡାରେ ଖାଦ୍ୟ ସାମଗ୍ରୀ ବଣ୍ଟନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ସିଡିପିଓ ଉଷାରାଣୀ ସାହୁଙ୍କୁ ପଚାରିବାରୁ ସେ ଛୁଟିରେ ଥିବା କଥା କହିବା ସହିତ ତୁରନ୍ତ ଉକ୍ତ ସେଣ୍ଟର ଦାୟିତ୍ୱରେ ଥିବା ସୁପରଭାଇଜରଙ୍କ ସହିତ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଦେଶୀ ମଦ ସହ ବାଇକ୍ ଜବତ; ୩ ଗିରଫ

ବାଲୁଗାଁ,୫।୮ (ସମିସ): ସମଗ୍ର ବାଣପୁର ବାଲୁଗାଁ ତଥା ଚିଲିକା ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ପରିମାଣରେ ନିଶା କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏପରିସ୍ଥଳରେ ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ରାଧାକାନ୍ତ ଭୋଇ ଓ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଅବକାରୀ ଟିମ୍ ମଙ୍ଗଳବାର ପୂର୍ବାହ୍ଣରେ ଚଢ଼ଉ କରି ନାଚୁଣୀ ଥାନା ଅନ୍ତର୍ଗତ ଗୋରଡ଼ାଝରୀ ଓସ୍ତାପଲ୍ଲୀ ଗ୍ରାମର ପରମାନନ୍ଦ ପ୍ରଧାନ(୪୭) ଏକ ବାଇକ ଯୋଗେ ମଦ ନେଇ ଚଣ୍ଡେଶ୍ୱର ଓଭରବ୍ରିଜ ଦେଇ ଆସୁଥିବାବେଳେ ବଡ଼ପଦର ଛକ ପେଟ୍ରୋଲ ପମ୍ପ ନିକଟରେ ତାଙ୍କୁ ଗିରଫ କରିଥିଲେ। ସେହିପରି ଟାଙ୍ଗୀ ଥାନା ଅନ୍ତର୍ଗତ ସୋରଣ ଗ୍ରାମରେ ଚଢ଼ଉ କରି ମିଥୁନ ଦାସ (୩୭)ଙ୍କୁ ଗିରଫ କରାଯାଇଛି। ସେହିପରି ମାନସିଂହପୁର ଗ୍ରାମରେ ଚଢ଼ଉ କରି ପିନାକି ବେହେରା (୩୦)ଙ୍କୁ ଗିରଫ କରି ଦେଶୀ ମଦ ଜବତ କରିଛି ବିଭାଗ। ୩ ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ସମୁଦାୟ ୫୫ ଲିଟର ଚୋରା ଦେଶୀ ମଦ ସହ ଏକ ବାଇକ୍ ଜବତ କରି ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ତିନିଟି ପୃଥକ୍ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ଉରେ ଅବକାରୀ ବିଭାଗର ଏସ୍‌ଆଇ ରାମଚନ୍ଦ୍ର ଜେନା, ମୀନକେତନ ମାହାଲିକ, କନେଷ୍ଟବଳ ମନୋଜ କୁମାର ଜୟସିଂ, ରଞ୍ଜିତ ପଟେଲ ଓ ସୁନିତା ମହାରଣା ପ୍ରମୁଖ ସାମିଲ ଥିଲେ।

## ଭାଉଜ ହତ୍ୟା ଘଟଣାରେ ଦିଅର ଗିରଫ

ଖୋର୍ଦ୍ଧା,୫।୮ (ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୋମବାର ଅତି ନୃଶଂସଭାବେ ଭାଉଜଙ୍କୁ ହତ୍ୟା କରିବା ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଲକ୍ଷ୍ମଣ ପ୍ରଧାନ ଓରଫ କାଳିଆକୁ ପୁଲିସ ଗିରଫ କରିଥିବା ଜଣାଯାଇଛି। ଏହି ଘଟଣାରେ ଏବେ ବି ଅନ୍ୟ ୬ ଜଣଙ୍କୁ ପୁଲିସ ଧରି ନ ଥିବା ଜଣାଯାଇଛି। ସୂଚନା ଅନୁସାରେ, ସଦର ଥାନା ଅନ୍ତର୍ଗତ ଅଣ୍ଡା ବନମାଳିପୁର ପରିଡ଼ାସାହିର ମନୋରମା ପ୍ରଧାନ (୫୪)ଙ୍କୁ ସୋମବାର ସନ୍ଧ୍ୟାରେ ଜାଗାବାଡ଼ିକୁ କେନ୍ଦ୍ରକରି ଦିଅର କାଳିଆ ସମେତ ରାକେଶ, ଅବିନାଶ, ରାଜେଶ, ଶତ୍ରୁଘନ ପ୍ରମୁଖ ୬ଜଣ ମିଶି ଧାରୁଆ ଅସ୍ତ୍ରରେ ଅତି ନର୍ମମଭାବେ ହତ୍ୟା କରିଥିବା ମୃତାଙ୍କ ଭାଇ ଅଭିମନ୍ୟୁ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ଅଭିମନ୍ୟୁଙ୍କ ଅଭିଯୋଗ ଉପରେ ପୁଲିସ ଦଫା ୧୦୩ (୧), ୩(୫) ବିଏନ୍‌ଏସ୍‌ରେ ୨୩୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମଙ୍ଗଳବାର ଖୋର୍ଦ୍ଧା ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଯଦିଓ ପୁଲିସ ଜଣକୁ ଗିରଫ କରିଛି, ତଥାପି ଅନ୍ୟ ୬ ଅଭିଯୁକ୍ତ ଏବେ ବି ବାହାରେ ବୁଲୁଥିବା ଜଣାଯାଇଛି।

## ବେଣାପଞ୍ଜରୀ ମସ୍‌ଜିଦ୍ ଛକରେ ପୁଣି ବୋମାମାଡ଼, ୩ ଆହତ

ଜଟଣୀ,୫।୮ (ସମିସ): ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀରେ ମଙ୍ଗଳବାର ରାତିରେ ପୁଣି ବୋମାମାଡ଼ ହୋଇଥିବା ଜଣାପଡ଼ିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ବୋମାମାଡ଼ ହୋଇଥିବାବେଳେ ଏଥିରେ ୩ ଜଣ ଆହତ ହୋଇଥିବା ସୂଚନା ମିଳିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରୁଛି। ଘଟଣାନୁଯାୟୀ, ବେଣାପଞ୍ଜରୀ ମସ୍‌ଜିଦ୍ ଛକ ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ କିଛି ଦିନ ହେଲା ବିବାଦ ଲାଗି ରହି ଆସିଛି। ପୂର୍ବରୁ କୌଣସି ଏକ ଘଟଣାକୁ କେନ୍ଦ୍ରକରି ଉଭୟ ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗି ରହିଥିଲା। ଯାହାକୁ ନେଇ ଗତ ଜୁଲାଇ ୨୬ ତାରିଖ ରାତିରେ ଗୋଟିଏ ଗୋଷ୍ଠୀର ସଦସ୍ୟ ଅପରପକ୍ଷ ସଦସ୍ୟଙ୍କ ଉପରେ ବୋମାମାଡ଼ କରିଥିଲେ। ଏଥିରେ ଜଣେ ନାବାଳକ ଆହତ ହୋଇଥିଲେ। ଉକ୍ତ ଘଟଣାକୁ କେନ୍ଦ୍ରକରି ମଙ୍ଗଳବାର ଗୋଟିଏ ଗୋଷ୍ଠୀର ସଦସ୍ୟ ଏକ ବୋମାମାଡ଼ କରିଛନ୍ତି। ଏଥିରେ ଅପର ଗୋଷ୍ଠୀର ୩ ଜଣ ଆହତ ହୋଇଛନ୍ତି। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିବା ସୂଚନା ମିଳିଛି। ଅନ୍ୟପଟେ ବେଣାପଞ୍ଜରୀରେ ଏହି ଦୁଇ ଗୋଷ୍ଠୀ ମଧ୍ୟରେ ବାରମ୍ବାର ବୋମାମାଡ଼ ହେଉଛି। ଘଟଣାରେ କେଉଁମାନେ ମୁଖ୍ୟ ଅଭିଯୁକ୍ତ ପୁଲିସ ଜାଣିଶୁଣି ମଧ୍ୟ ଗିରଫ କରୁନାହିଁ। ଆଗକୁ ଭୟଙ୍କର ସ୍ଥିତି ସୃଷ୍ଟି ହେବା ପୂର୍ବରୁ ପୁଲିସ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ବାଣପୁରରେ ଅତିରିକ୍ତ ଜିଲ୍ଲା ଜଜ୍ ଅଦାଲତ ପ୍ରତିଷ୍ଠାର ବିଜ୍ଞପ୍ତି ପ୍ରକାଶ

ବାଣପୁର,୫।୮ (ସମିସ): ବାଣପୁରରେ ଅତିରିକ୍ତ ଜିଲ୍ଲା ଜଜ୍ ଅଦାଲତ ପ୍ରତିଷ୍ଠା ହେବା ନିମନ୍ତେ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ଦୀର୍ଘ ଦିନ ହେବ ଦାବି ହୋଇ ଆସୁଥିବାବେଳେ ସୋମବାର ଏନେଇ ରାଜ୍ୟ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବାଣପୁରରେ ଏହି ନୂତନ ଅଦାଲତ ପ୍ରତିଷ୍ଠା ହେବା ଦ୍ୱାରା ବାଣପୁର, ବାଲୁଗାଁ, ନାଚୁଣୀ ଥାନା ସମେତ ଟାଙ୍ଗୀ ଥାନାର କିଛି ଅଞ୍ଚଳର ପରିସୀମା ମଧ୍ୟ ଏହି ଅଦାଲତରେ କାର୍ଯ୍ୟକାରୀ ହେବ। ଏହି ନୂତନ ଅଦାଲତ ପ୍ରତିଷ୍ଠା ନେଇ ବିଜ୍ଞପ୍ତି ପ୍ରକାଶ ପରେ ଅଞ୍ଚଳର ଆଇନଜୀବୀଙ୍କ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ବାଣପୁରରେ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ସମେତ ସହକାରୀ ଦୌରାଜଜ୍‌ଙ୍କ ଅଦାଲତ ନିୟମିତ କାର୍ଯ୍ୟ କରୁଥିବାବେଳେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଅଦାଲତ, ପୋକ୍ସ ଅଦାଲତ ଏବଂ ପାରିବାରିକ ଅଦାଲତର ସର୍କିଟ୍ କୋର୍ଟ ମଧ୍ୟ କାର୍ଯ୍ୟ କରୁଛି। ଏହା ଦ୍ୱାରା ସୁଦୂର ଗରିବ ଆଦିବାସୀ ଓ ସ୍ଥାନୀୟ ଅଧିବାସୀମାନଙ୍କୁ ବିଭିନ୍ନ ମୋକଦ୍ଦମା ପାଇଁ ଆଉ ଅଯଥା ଖର୍ଚ୍ଚାନ୍ତ ହୋଇ ଖୋର୍ଦ୍ଧାକୁ ଯିବାକୁ ପଡ଼ିବ ନାହିଁ ବୋଲି ଓକିଲ ସଂଘର ସଭାପତି ବୃନ୍ଦାବନ ପ୍ରଧାନ କହିଛନ୍ତି।

### ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି

# ମୁଖ୍ୟମନ୍ତ୍ରୀ, ରାଜସ୍ୱ ଓ ଆଇନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ବାଣପୁର,୫।୮ (ସମିସ)



ବାଣପୁରକୁ ଉପଖଣ୍ଡ ମାନ୍ୟତା ଦାବି ନେଇ ବାଣପୁର ବାଲୁଗାଁ ଚିଲିକା ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲାପାଳ, ରାଜସ୍ୱ କମିସନର, ରାଜସ୍ୱ ମନ୍ତ୍ରୀ, ଆଇନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଖୋର୍ଦ୍ଧା ଜିଲ୍ଲାର ବାଣପୁର ସମସ୍ତ ମାନଦଣ୍ଡ ପୂରଣ କରୁଥିବାରୁ ଏହାକୁ ରାଜସ୍ୱ ଉପଖଣ୍ଡ ଘୋଷଣା ନିମନ୍ତେ ୧୯୭୩ ମସିହାଠାରୁ ଦାବି ହୋଇଆସୁଥିବା ବେଳେ ଏହି ଦାବି କ୍ରିୟାଶୀଳ କରିବା ପାଇଁ ୧୦ ବର୍ଷ ପୂର୍ବେ ୨୦୧୬ରେ ବାଣପୁର ବାଲୁଗାଁ ଚିଲିକା ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି ନେଇ ଆନ୍ଦୋଳନକୁ ଜୋରଦାର୍ କରାଯାଇଥିଲା। ହେଲେ ପରିତାପର ବିଷୟ ଦୀର୍ଘ ବର୍ଷ ହେଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜୋରଦାର୍ ଦାବି ହୋଇଆସୁଥିଲେ ମଧ୍ୟ ଏଥିପ୍ରତି ସରକାରଙ୍କ ଆନ୍ତରିକତା ନ ଥିବା ତଥା ଚିଲିକା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ଜନପ୍ରତିନିଧି ଓ ବିଭିନ୍ନ ଉଚ୍ଚ ପଦ ପଦବୀରେ ରହିଆସିଥିବା ଅଞ୍ଚଳର ନେତୃମଣ୍ଡଳୀମାନଙ୍କ ବାଣପୁରକୁ ରାଜସ୍ୱ ଉପଖଣ୍ଡ ଦାବି ପ୍ରତି ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଅଦ୍ୟାବଧି ବାଣପୁର ରାଜସ୍ୱ ଉପଖଣ୍ଡ ମାନ୍ୟତାରୁ ବଞ୍ଚିତ ହୋଇଛି। ଏପରିସ୍ଥଳେ ବର୍ତ୍ତମାନ ପୁଣିଥରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତେଜିଲା ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି। ଏହି ପରିପ୍ରେକ୍ଷୀରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଣପୁର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବାବେଳେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲାପାଳ, ରାଜସ୍ୱ କମିସନର, ରାଜସ୍ୱ ମନ୍ତ୍ରୀ, ଆଇନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କମିଟିର ସଭାପତି ନଳିନୀକାନ୍ତ ପଟ୍ଟନାୟକ, ସଦସ୍ୟ ବିକ୍ରମ କେଶରୀ ମହାରଥୀ, ଭବାନୀ ପ୍ରସାଦ ହୋତା, ଚିନ୍ତାମଣି ମିଶ୍ର ପ୍ରମୁଖ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ତାଙ୍କ ସରକାରୀ କାର୍ଯ୍ୟାଳୟରେ ଭେଟି ଏହି ଦାବିପତ୍ର ପ୍ରଦାନ କରି ଏ ସମ୍ପର୍କରେ ସବିଶେଷ ଆଲୋଚନା କରିଥିବାବେଳେ ବର୍ତ୍ତମାନ ରାଜ୍ୟର ୫୨ଟି ଅଞ୍ଚଳକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପ୍ରଦାନ ଲାଗି ସରକାରଙ୍କ ତରଫରୁ ତାଲିକା ପ୍ରସ୍ତୁତ ହୋଇଥିବାବେଳେ ସେଥିରେ ବାଣପୁର ନାମ ରହିଛି ବୋଲି ମନ୍ତ୍ରୀ କହିବା ସହ ନିଜେ ଦାୟିତ୍ୱ ନେଇ ଚିଲିକା ବିଧାୟକ ଭାବେ ଉପଖଣ୍ଡ ଦାବିପତ୍ରକୁ ରାଜସ୍ୱ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନା କରି ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟରେ ବିଜେପି ସରକାର ଆସିଲେ ବାଣପୁରକୁ ଉପଖଣ୍ଡ ମାନ୍ୟତା ଘୋଷଣା କରିବାକୁ ଆଇନ ମନ୍ତ୍ରୀ ପ୍ରାଥମିକତା ଦେବେ ବୋଲି ପୂର୍ବରୁ ପ୍ରତିଶ୍ରୁତି ଦେଇଥିବାବେଳେ ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ବିଜେପି ସରକାର ରହିଛି। କେବେ ବାଣପୁରର ଏହି ନ୍ୟାଯ୍ୟ ଦାବି ଉପଖଣ୍ଡ ମାନ୍ୟତା ମିଳୁଛି ତାହା ଦେଖିବାକୁ ବାକି ରହିଲା।

### ନାବାର୍ଡ ବ୍ୟାଙ୍କ ନାମରେ ଠକେଇ

## ସମବାୟ ସମିତିକୁ ଆସୁଛି ଫେକ୍ ଇ-ମେଲ୍ ଓ ଫୋନ୍

ନିରାକାରପୁର,୫।୮ (ସମିସ): ଆଜିକାଲି ଅନ୍‌ଲାଇନ୍‌ରେ ମାତିଛନ୍ତି ଲୁଟେରା। ନାବାର୍ଡ ବ୍ୟାଙ୍କ୍ ନାମ ବ୍ୟବହାର କରି ପ୍ରଥମେ ସୋସାଇଟିକୁ ପଠାଯାଉଛି ଫେକ୍ ଇ-ମେଲ୍। ଏଥିରେ ପୁଣି ଭାରତ ସରକାରଙ୍କ ସମବାୟ ବିଭାଗର ଚିଠି ପଠାଯାଉଛି, ଯେଉଁଥିରେ ଶେଖର ବୋଷ୍‌ଙ୍କ ନାମରେ ଏକ ଦସ୍ତଖତ ଥିବାର ଜଣାପଡୁଛି। ପରେ ମୋବାଇଲ ନମ୍ବର- ୯୧୨୪୭୪୯୯୯୪ରେ ଫୋନ୍‌କଲ୍ ଆସୁଛି। ପୁଣି କୁହାଯାଉଛି ସମିତିର ସବୁ ତଥ୍ୟ ଯେପରିକି ଆଗରୁ ସମିତିରେ କେତୋଟି କମ୍ପ୍ୟୁଟର ଅଛି, କେତୋଟି ଦରି ଆର୍‌ଏମ୍‌ସିରୁ ମିଳିଛି, ସମ୍ପାଦକ, ସଭାପତିଙ୍କ ନାମ ଏବଂ କେବେଠାରୁ କାର୍ଯ୍ୟରେ ଯୋଗଦେଇଛନ୍ତି, ସମିତି କେଉଁଠାରେ ଅବସ୍ଥାପିତ ଏବଂ କେବେଠାରୁ ଅବସ୍ଥାପିତ, ସମିତିରେ କେତୋଟି ସିସିଟିଭି ଲାଗିଛି, କେତେଜଣ ସମିତିରେ କାର୍ଯ୍ୟ କରୁଛନ୍ତି, ପୂର୍ବ ବର୍ଷ କେତେ କ୍ୱିଣ୍ଟାଲ ଧାନ ବିକ୍ରି ହୋଇଛି, ସମ୍ପୂର୍ଣ୍ଣ ସମିତିର ତଥ୍ୟ ତାଙ୍କ ପାଖରେ ଅଛି। ଏହି ମୋବାଇଲ ନମ୍ବରଟିକୁ ଟ୍ରୁ କଲର୍‌ରେ ଛାଡ଼ିଲେ ନ୍ୟାସ୍‌ନାଲ ଫର୍ ଏଗ୍ରିକଲ୍‌ଚର ଆଣ୍ଡ ଡେଭଲପ୍‌ମେଣ୍ଟ ନାମରେ ବୋଲି ଜଣାପଡୁଛି। ପରେ ଇ-ମେଲ୍‌ରେ ୧୬,୬୦୦ ଟଙ୍କା ଡିପୋଜିଟ କରିବାକୁ କୁହାଯାଉଛି, ଯାହାକି ୧ ବର୍ଷ ପରେ ଫେରିପାଇବା ବୋଲି ଲେଖୁଛନ୍ତି। ସେଥିରେ ପୁଣି ଗୋଟିଏ ଏଚ୍‌ପି ଲାପ୍‌ଟପ୍, ସାମ୍‌ସଙ୍ଗ ଡେସ୍କଟପ୍ ସେଟ୍ ଏବଂ ଏକ ପ୍ରିଣ୍ଟର ମେସିନ୍ ଦିଆଯିବ ବୋଲି କହୁଛନ୍ତି। ଟଙ୍କା ପେମେଣ୍ଟ କଲାପରେ କୋରିଅର ସାହାଯ୍ୟରେ ଆପଣଙ୍କୁ ପଠାଯିବ ବୋଲି କହୁଛନ୍ତି। ଏଥିରେ ଖୋର୍ଦ୍ଧା ଜିଲ୍ଲାର ଅନେକ ସମିତିର କାର୍ଯ୍ୟରତ କର୍ମଚାରୀ ଫସୁଛନ୍ତି। କାରଣ ଦୈନିକ କାର୍ଯ୍ୟବ୍ୟସ୍ତତାରେ ଯଦି ସମିତିର ସମ୍ପାଦକଙ୍କୁ ନାବାର୍ଡ ଫୋନ୍ ଆସି ଏଭଳି କୁହାଯାଏ କିଏ କାହିଁକି ସନ୍ଦେହ କରିବ? ନାବାର୍ଡ ନାଁ ବ୍ୟବହାର କରି ଠକେଇ ହେବା ଏକ ବିସ୍ମୟ କଥା। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ନୂଆଗଡ଼ ସେବା ସମବାୟ ସମିତିର ସମ୍ପାଦକଙ୍କୁ ସମାନ ଢଙ୍ଗରେ ଏଭଳି ଇ-ମେଲ୍ ଏବଂ ଫୋନ୍‌କଲ୍ ଆସିଥିଲା। ପରେ ସେ ସଭାପତି ଏବଂ ପରିଚାଳନା ପରିଷଦ ବର୍ଗଙ୍କୁ ଜଣାଇଥିଲେ। ସମିତିରୁ ଏକ ଚିଠି ନମ୍ବର- ୪୪ ତା ୨୩.୭.୨୦୨୫ ରିଖ ମାଧ୍ୟମରେ ପ୍ରକୃତ ସତ୍ୟାସତ୍ୟ ଜାଣିବାକୁ ନାବାର୍ଡ ବ୍ରାଞ୍ଚ ମ୍ୟାନେଜର ଭୁବନେଶ୍ୱର ବ୍ରାଞ୍ଚଙ୍କୁ ପ୍ରେରଣ କରାଯାଇଥିଲା। ନାବାର୍ଡ ତରଫରୁ ଏହାକୁ ଗୁରୁତ୍ୱର ସହ ତର୍ଜମା କରାଯାଇଥିଲା। ପରେ ନାବାର୍ଡ ଆସିଷ୍ଟାଣ୍ଟ ମ୍ୟାନେଜର ଡ. ପି.କେ. ଦାସ ଚିଠି ନମ୍ବର- ୬୧୬୯୩, ତା ୧୮.୦୭.୨୦୨୫ ରିଖରେ ନାବାର୍ଡ ବ୍ୟାଙ୍କ୍ ଦ୍ୱାରା ସେମିତି କୌଣସି ଇ-ମେଲ୍ କରାଯାଇ ନ ଥିଲା ଏବଂ ବ୍ୟବହାର କରାଯାଇଥିବା ମେଲ୍ ଆଇଡି ସମ୍ପୂର୍ଣ୍ଣ ଫେକ୍ ବୋଲି ଜଣାଇ ଦିଆଯାଇଛି। ନୂଆଗଡ଼ ସେବା ସମବାୟ ସମିତି ତରଫରୁ ରାଜ୍ୟ ନିବନ୍ଧକ ସମବାୟ ସମିତି ସମୂହ, ନାବାର୍ଡ ଆସିଷ୍ଟାଣ୍ଟ ମ୍ୟାନେଜର ପି.କେ. ଦାସଙ୍କୁ ସତ୍ୟତା ଉନ୍ମୋଚନ କରିଥିବାରୁ କୃତଜ୍ଞତା ଜଣାଯାଇଛି।

## ପୁଲିସ ପକ୍ଷରୁ ଆଇନ ସଚେତନତା ଶିବିର

ଟାଙ୍ଗୀ,୫।୮ (ସମିସ): ଭାରତୀୟ ନ୍ୟାୟିକ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ହୋଇଥିବାବେଳେ ନ୍ୟାୟ ବ୍ୟବସ୍ଥାର ନୂଆ ରୂପ ସମ୍ପର୍କରେ ଏକ ଆଇନ ସଚେତନତା ଶିବିର ଚାନ୍ଦପୁର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଆଇଆଇସି ଦିଲ୍ଲୀପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ତଥା ଖାଉଟି ଅଦାଲତର ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣ ମହାପାତ୍ର, ମୁଖ୍ୟବକ୍ତା ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ସଭାପତି ସୁକାନ୍ତ କିଶୋର ସେନାପତି, ପୂର୍ବତନ ସରପଞ୍ଚ ନାଥୁମଲ ମହାରାଜୀ ପ୍ରମୁଖ ଯୋଗଦେଇଥିଲେ। ଥାନାଧିକାରୀ ଶ୍ରୀ ସ୍ୱାଇଁ ବ୍ରିଟିଶ୍ ଶାସନ କାଳରୁ ପ୍ରଚଳିତ ଭାରତୀୟ ପିଙ୍ଗଳ କୋଡ୍, ଫୌଜଦାରୀ ଦଣ୍ଡବିଧି ଆଇନ ଏବଂ ଭାରତୀୟ ସାକ୍ଷ୍ୟ ଆଇନ ସ୍ଥାନରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଦି ୩ଟି ନୂଆ ଆଇନ ସମ୍ପର୍କରେ ଓ ସ୍ଥାନୀୟ ଜନସାଧାରଣ ପୁଲିସକୁ ସହଯୋଗ କଲେ ଅଞ୍ଚଳରୁ ଅପରାଧ ହ୍ରାସ ପାଇପାରିବ ବୋଲି ମନ୍ତବ୍ୟ ରଖିଥିଲେ। ସବ୍ ଇନ୍ସପେକ୍ଟର ଶ୍ରଦ୍ଧା ନାୟକ ଯୋଗଦେଇ ଆଗରୁ କାର୍ଯ୍ୟକାରୀ ହେଉଥିବା ଦଣ୍ଡବିଧାନ ବଦଳରେ ନୂଆ ଆଇନରେ ନ୍ୟାୟ ପ୍ରଦାନକୁ ପ୍ରାଥମିକତା ଦିଆଯାଉଥିବା, ତଦନ୍ତବେଳେ ସମସ୍ତ ପକ୍ଷ, ପ୍ରତିପକ୍ଷ, ସାକ୍ଷୀମାନଙ୍କର ବୟାନର ଭିଡିଓ, ଅଡିଓ ରେକର୍ଡିଂ କରାଯିବା ଫଳରେ ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ ପ୍ରଦାନ, ଶୁଣାଣି ହୋଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ବୋଲି ମନ୍ତବ୍ୟ ରଖିଥିଲେ। ଚାନ୍ଦପୁର ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ପୁଲିସ ପକ୍ଷରୁ ୫୦ ଜଣଙ୍କୁ ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ପଣ୍ଡିତ ବାଳକୃଷ୍ଣ ମିଶ୍ର ଶ୍ଳୋକ ଉଚ୍ଚାରଣ କରିଥିଲେ। ସହସମ୍ପାଦକ ନିମାଇଁ ଚରଣ ସାହୁ, କୋଷାଧ୍ୟକ୍ଷ ପଦ୍ମ ଚରଣ ସେଠୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସ୍କୁଟି ଚୋରି କରି ଗିରଫ

ବେଗୁନିଆ,୫।୮ (ସମିସ): ବାଘମାରୀ ଥାନା ଅନ୍ତର୍ଗତ ପୋଡ଼ାଡିହ ଗ୍ରାମର ସଂଗ୍ରାମ କେଶରୀ ବାଘସିଂହଙ୍କ ସ୍କୁଟି ଚୋରି ଯାଇଥିବାର ପୁଲିସ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ତେବେ ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକ କୌଣସି ସୂତ୍ରରୁ ଖବର ପାଇ ଦିନିଆରୀ ଗ୍ରାମର ବିପିନ ନାୟକଙ୍କ ପୁଅ ବାପିନା (୨୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସ୍କୁଟିକୁ ଉଦ୍ଧାର କରିଥିଲେ।

### ● ଖଜୁରିଆ ମୌଜା ଗୋଚର ଜମି ଇଡ୍‌କୋକୁ ହସ୍ତାନ୍ତର ମାମଲା

## ତହସିଲଦାରଙ୍କ ନିକଟରେ ହାଜରହେଲେ ଅଭିଯୋଗକାରୀ

ନିରାକାରପୁର,୫।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ମୁଣ୍ଡାଆମ୍ବ ନିକଟସ୍ଥ ଓଲସିଂହ ପଞ୍ଚାୟତ ଡମଣଭୂମି ଖଜୁରିଆ ମୌଜାରେ ଇଡ୍‌କୋ ଦ୍ୱାରା ପ୍ରଦତ୍ତ ଜମିରେ କାମ୍ପା କମ୍ପାନୀ ପାଇଁ ଜୁନ୍ ୫ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇ କମ୍ପାନୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ସେହିଦିନଠାରୁ ତାଙ୍କ ଗ୍ରାମକୁ ପ୍ରସ୍ତାବିତ ରାସ୍ତା ଜମିକୁ କମ୍ପାନୀକୁ ଦିଆଯାଇଥିବା ବିରୋଧରେ ଶତାଧିକ ଲୋକ ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ପୂର୍ବରୁ କାର୍ଯ୍ୟକୁ ବନ୍ଦ କରିବାକୁ ବିକ୍ଷୋଭ କରିଥିବାବେଳେ ଉକ୍ତ ପ୍ରସ୍ତାବିତ ରାସ୍ତା ଜମି ଉପରେ ଚାଲୁଥିବା କାର୍ଯ୍ୟକୁ ସ୍ଥଗିତ ରଖିବା ପାଇଁ ହାଇକୋର୍ଟ ମଧ୍ୟ ରହିତାଦେଶ ଜାରି କରିଥିବା ଜଣାପଡ଼ିଛି। ଆବେଦନକାରୀ ଓଲସିଂହ ସରପଞ୍ଚ ଶୁଭଦର୍ଶନୀ ଭୋଳ ଓ ଅନ୍ୟମାନେ ଥିବାବେଳେ ଅନ୍ୟପକ୍ଷରେ ଇଡ୍‌କୋ ଜେନେରାଲ ମ୍ୟାନେଜର, ଆର୍‌ଡି କମିଶନର, ଟାଙ୍ଗୀ ତହସିଲ୍‌ଦାର, ବିଡିଓ, ଠିକାଦାର ଓ ନିର୍ମାଣାଧୀନ କାମ୍ପା କମ୍ପାନୀ କର୍ତ୍ତୃପକ୍ଷ ରହିଛନ୍ତି। ଅଗଷ୍ଟ ୫ରେ ଉକ୍ତ ମାମଲାର ଶୁଣାଣି ପାଇଁ ତହସିଲ୍ ପକ୍ଷରୁ କୁହାଯାଇଥିବାବେଳେ ମଙ୍ଗଳବାର ନିର୍ଦ୍ଦିଷ୍ଟ ଅଭିଯୋଗକାରୀମାନେ ଦିନ ୧୧ଟା ସମୟରେ ଟାଙ୍ଗୀ ତହସିଲ କାର୍ଯ୍ୟାଳୟରେ ହାଜର ହୋଇ ନିଜର ପକ୍ଷ ରଖିବା ସହିତ କମ୍ପାନୀକୁ ଆଉ ଅଧିକ ଗୋଚର ଜମି ହସ୍ତାନ୍ତର ନ କରିବାକୁ ଅଭିଯୋଗପତ୍ର ଦାଖଲ କରିଛନ୍ତି। ସୂଚନାଯୋଗ୍ୟ କି, ସୋମବାର ଅଭିଯୋଗକାରୀମାନେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ହଜାର ହୋଇ ପ୍ରସ୍ତାବିତ ଗୋଚର ଜମି ହସ୍ତାନ୍ତର ହୋଇ ନ ଥିବାବେଳେ କିପରି ଉକ୍ତ ଜାଗାରେ କମ୍ପାନୀ ପକ୍ଷରୁ ନିର୍ମାଣ କାର୍ଯ୍ୟ ଚାଲୁଛି ସେ ବିଷୟରେ ଏକ ଅଭିଯୋଗପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରି ତା'ର ଏକକିତା ନକଲ ଜଂକିଆ ଥାନା ଅଧିକାରୀଙ୍କ ନିମନ୍ତେ ପ୍ରେରିତ କରିଥିବା ଜଣାପଡ଼ିଛି।

## ବିଶ୍ୱ ବନ୍ଧୁତା ଦିବସରେ ବୃକ୍ଷରୋପଣ



ବେଗୁନିଆ,୫।୮ (ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ବଡ଼ବେରଣା ଗ୍ରାମସ୍ଥିତ ଜୟ ଜଗନ୍ନାଥ କ୍ଲବ୍ ପରିସରରେ ବେଗୁନିଆ ମିଡିଆ ହାଉସ୍ ଓ ସମ୍ମିଳିତ କର୍ମଜୀବୀ ଖୋର୍ଦ୍ଧା ଶାଖା ସାମ୍ବାଦିକ ସଂଘ ପକ୍ଷରୁ ବରିଷ୍ଠ ସାମ୍ବାଦିକ ଭଗବାନ ପଣ୍ଡାଙ୍କ ଆବାହକତ୍ୱରେ ବିଶ୍ୱ ବନ୍ଧୁତା ଦିବସ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ କମିଟିର ଯୁଗ୍ମ ସମ୍ପାଦକ ଶରତ ଚନ୍ଦ୍ର ବାରିକ, ଜିଲ୍ଲା ସଭାପତି ହେମନ୍ତ କୁମାର ବେହେରା, ଉପସଭାପତି ରଜନୀକାନ୍ତ ଜଗଦ୍ଦେବ ଓ କୋଷାଧ୍ୟକ୍ଷ ମଞ୍ଜୁଲତା ଇନ୍ଦ୍ରଜିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିବା ସହ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ସମସ୍ତେ ଉଦ୍ୟମ ଆରମ୍ଭ କରିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ମାନସ ରଞ୍ଜନ କର, ଅଜୟ କୁମାର ସେଠୀ, ଯୋଗେଶ୍ୱର ପଣ୍ଡା, କ୍ଲବ୍ ସଦସ୍ୟ ନିଖିଳ ବିହାରୀ ମହାପାତ୍ର, ଗୌରବ ପଣ୍ଡା, ସୁଶାନ୍ତ କୁମାର ରଣା, ପୂର୍ଣ୍ଣଚନ୍ଦ୍ର ସେଠୀ ଓ ରାଜ କିଶୋର ଦାଶ ପ୍ରମୁଖ ସହଯୋଗ କରିଥିଲେ।

### ୩ ଦିନ ପରେ ରକ୍ଷାବନ୍ଧନ

# ରାକ୍ଷୀ ଦୋକାନରେ ଜମୁଛି ଭିଡ଼





ଖୋର୍ଦ୍ଧା,୫।୮ (ସମିସ): ଆଉ ୩ ଦିନ ପରେ ରାକ୍ଷାବନ୍ଧନ ଉତ୍ସବ। ଭାଇ ହାତରେ ଭଉଣୀ ରାକ୍ଷୀବାନ୍ଧି ତା'ର ସୁରକ୍ଷା କାମନା ସହିତ ଭଗବାନଙ୍କ ନିକଟରେ ଭାଇର ଦୀର୍ଘାୟୁ କାମନା କରିଥାଏ। ରାକ୍ଷୀ ଭଳି ନିଆରା ପର୍ବ ନିମନ୍ତେ ସହର ସମେତ ଗ୍ରାମାଞ୍ଚଳରେ ବହୁ ରାକ୍ଷୀ ଷ୍ଟଲ୍ ଏବେଠାରୁ ଖୋଲାହୋଇଥିବା ଦେଖିବାକୁ ମିଳିଛି। ଗୋଦାମ ସମେତ ଖୁଚୁରା ଦୋକାନରେ ବେପାର ଭଲ ହେବା ଆଶା କରିଛନ୍ତି ଗୋଦାମ ମାଲିକମାନେ। ସିଜିନ୍ ବ୍ୟବସାୟ ନିମନ୍ତେ ଖୋର୍ଦ୍ଧାର ଜଟଣୀ ସହର ବେଶ୍ ପରିଚିତ। ମିନି କୋଲକତା କୁହାଯାଉଥିବା ଜଟଣୀ ବଜାରରେ ଖୋଲିଛି ରାକ୍ଷୀ ପସରା। ଚଳିତ ବର୍ଷ ଜଟଣୀ ସହରରେ ୭ଟି ଗୋଦାମକୁ ବାଦ୍ ଦେଲେ ଅନେକ ସ୍ଥାନରେ ଛୋଟବଡ଼ ୪୦ରୁ ଊର୍ଦ୍ଧ୍ୱ ଖୁଚୁରା ରାକ୍ଷୀ ଦୋକାନ ଖୋଲିଛି। ଗ୍ରାହକମାନେ ମଧ୍ୟ ନିଜ ମନପସନ୍ଦ ରାକ୍ଷୀ ପାଇବାକୁ ଖୁଚୁରା ଦୋକାନ ଆଗରେ ଭିଡ଼ ଜମାଇଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଜଟଣୀ ରାକ୍ଷୀ ଗୋଦାମ ମାଲିକଙ୍କ କହିବା ଅନୁସାରେ, ରାକ୍ଷୀ ବ୍ୟବସାୟ ନିମନ୍ତେ ଜଟଣୀ ସହର ପ୍ରସିଦ୍ଧ। ବିଭିନ୍ନ ଡିଜାଇନ୍‌ର ରାକ୍ଷୀ ସେମାନେ ଗୋଦାମରେ ଆଣି ଗଚ୍ଛିତ ରଖିଛନ୍ତି। ଚଳିତ ବର୍ଷ ଦିଲ୍ଲୀ, ରାଜକୋଟ୍, ପଶ୍ଚିମବଙ୍ଗ, ମୁମ୍ବଇ, ଅହମ୍ମଦାବାଦ, ଗୁଜରାଟ, ମହାରାଷ୍ଟ୍ର ପ୍ରଭୃତି ରାଜ୍ୟରେ ପ୍ରସ୍ତୁତ ରାକ୍ଷୀକୁ ସେମାନେ ପ୍ରାୟ ୪ ମାସ ପୂର୍ବରୁ କିଣିଆଣି ନିଜ ପାଖରେ ମହଜୁଦ ରଖିଛନ୍ତି।

ଜଟଣୀର ରାକ୍ଷୀ ଗୋଦାମ ଉପରେ ଖୋର୍ଦ୍ଧା ଜିଲ୍ଲା ସମେତ ପୁରୀ, କଟକ, ଗଞ୍ଜାମ, ନୟାଗଡ଼, କନ୍ଧମାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, କୋରାପୁଟ ଏବଂ ରାଜ୍ୟର ଅଧିକାଂଶ ଜିଲ୍ଲାର ବ୍ୟବସାୟୀ ନିର୍ଭର କରିଥା'ନ୍ତି ବୋଲି କହିଛନ୍ତି ପ୍ରମୋଦ ସିଜନ ସେଣ୍ଟରର ମାଲିକ ପ୍ରମୋଦ ଦାସ। ସେ କୁହନ୍ତି, ଗ୍ରାହକଙ୍କ ଚାହିଦାକୁ ତାଳ ଦେଇ ପ୍ରତି ବର୍ଷ ଭିନ୍ନ ଭିନ୍ନ ରାକ୍ଷୀର ଡିଜାଇନ୍ ବଦଳିବାରେ ଲାଗିଛି। ଚଳିତ ବର୍ଷ ଲୋକଙ୍କର ବେଶୀ ପସନ୍ଦ ହୋଇଛି ମୟୂର ପୁଚ୍ଛରୁ ହୋଇଥିବା ଜଗନ୍ନାଥ ରାକ୍ଷୀ ଏବଂ ଧାନ ଓ ଅରୁଆ ଚାଉଳରୁ ପ୍ରସ୍ତୁତ ଜଗନ୍ନାଥ ରାକ୍ଷୀ। ସେହିପରି ମୋଟୁପତ୍‌ଲୁ ରାକ୍ଷୀ, ଲାଇଟ୍ ରାକ୍ଷୀ, ସୂତା, ବ୍ରେସ୍‌ଲେଟ୍, ମୋ ଭାଇ ବ୍ରେସ୍‌ଲେଟ୍। ଯାହା ଚଳିତ ବର୍ଷ ଗ୍ରାହକଙ୍କର ବେଶୀ ପ୍ରିୟ ହୋଇଛି। ଏଥିସହିତ ଆମେରିକାନ ଡାଇମଣ୍ଡ ଷ୍ଟୋନ୍ ରାକ୍ଷୀ, ଷ୍ଟୋନ୍, ବ୍ରେସଲେଟ୍, ଫ୍ୟାନ୍ସି, ଲାଇଟ୍ ମ୍ୟାଜିକ୍, ହ୍ୱାଟ୍‌ସଆପ୍ ରାକ୍ଷୀ, ଫେସ୍‌ବୁକ୍ ରାକ୍ଷୀ, କୋଲକାତା ଲୁମ୍ବା, ଦିଲ୍ଲୀ ଲୋରୀ, ବମ୍ବେର ବ୍ରେସ୍‌ଲେଟ, ଡୋରି ପ୍ରଭୃତି ରାକ୍ଷୀକୁ ଗ୍ରାହକ ପସନ୍ଦ କରିବା ଫଳରେ ଏହା ଉପରେ ବ୍ୟବସାୟୀମାନେ ଫୋକସ୍ ଦେଉଥିବା କହିଛନ୍ତି। ଏଯାବତ୍ ଓଡ଼ିଶାରେ ଆବଶ୍ୟକତା ଅନୁସାରେ ମାତ୍ର ୨୫ରୁ ୩୦ ପ୍ରତିଶତ ରାକ୍ଷୀ ପ୍ରସ୍ତୁତ ହେଉଛି। ଅବଶିଷ୍ଟ ୭୦ ପ୍ରତିଶତ ରାକ୍ଷୀ ବାହାରୁ କିଣିବାକୁ ଏକ ରକମ ବାଧ ହେଉଥିବା ନେଇ ସେ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଗୋଦାମରେ ଭଲ ବେପାର ହେବା ସେ ଆଶା କରିଛନ୍ତି। ଲଳିତ ଭଣ୍ଡାର ମାଲିକ ଲଲାଟେନ୍ଦୁ ବେବର୍ତ୍ତା କୁହନ୍ତି, ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଶହ ଶହ ଖୁଚୁରା ବ୍ୟବସାୟୀ ଜଟଣୀର ବିଭିନ୍ନ ଗୋଦାମରୁ ରାକ୍ଷୀ ନେଇ ଗ୍ରାମାଞ୍ଚଳରେ ବିକ୍ରି କରି ଦୁଇ ପଇସା ରୋଜଗାର କରିଥା'ନ୍ତି। ରାକ୍ଷୀ ଦର ଗୋଦାମରେ ୫୦ ପଇସାଠାରୁ ଆରମ୍ଭ କରି ଅଢ଼େଇ ଶହ ଟଙ୍କା ଯାଏଁ ଥିବାବେଳେ ମୁଖ୍ୟତଃ ଫ୍ୟାନ୍ସି ଓ ଷ୍ଟୋନ୍ ରାକ୍ଷୀର ବେଶି ଚାହିଦା ଥିବା ଶ୍ରୀ ବେବର୍ତ୍ତା କହିଛନ୍ତି। ବର୍ତ୍ତମାନ ଭଲ ବେପାର ହେଉଛି ଏବଂ ଆଗକୁ ମଧ୍ୟ ଭଲ ବେପାର ହେବ ବୋଲି ଆଶା ଥିବା କହିଛନ୍ତି।

ସେହିପରି ଖୋର୍ଦ୍ଧା ସହରର ଗୀତାଭବନ ସମ୍ମୁଖ ପଡ଼ିଆ, ନବିନାବାଗ ଛକ, ସମବାୟ ବ୍ୟାଙ୍କ ଛକ, ମେଡିକାଲ ରୋଡ୍, ମୁକୁନ୍ଦପ୍ରସାଦ ସମେତ ବିଭିନ୍ନ ଛକ ସ୍ଥାନ ଓ ଗଳିକନ୍ଦିରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଖୁଚୁରା ଦୋକାନ ଖୋଲିଥିବାବେଳେ ଗ୍ରାମାଞ୍ଚଳରେ ମଧ୍ୟ ବହୁ ରାକ୍ଷୀ ଷ୍ଟଲ୍ ଖୋଲିଛି। ଦୋକାନରେ ଦୈନିକ ୧୫୦୦ରୁ ୨୦୦୦ ଟଙ୍କାର ବିକ୍ରି ହେଉଥିବା ବ୍ୟବସାୟୀ ଦୀପକ ସାହୁ କହିଛନ୍ତି। ରକ୍ଷାବନ୍ଧନ ଉତ୍ସବ ହାତରେ ମାତ୍ର ୫ ଦିନ ଥିବାରୁ ଖୁଚୁରା ଦୋକାନ ସମେତ ଗୋଦାମରେ ଏବେ ଲୋକ ବୁଲି ବୁଲି ରାକ୍ଷୀ କିଣୁଥିବା ଦେଖାଯାଇଛି।

### ଜଗନ୍ନାଥ ରାକ୍ଷୀ, ଆମେରିକାନ ଡାଇମଣ୍ଡ ଷ୍ଟୋନ୍ ରାକ୍ଷୀ ପ୍ରଥମ ପସନ୍ଦ

## ପତିତପାବନ ଯୁବକ ସଂଘ ପକ୍ଷରୁ ବୃକ୍ଷରୋପଣ



ବେଗୁନିଆ,୫।୮ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ପତିତପାବନ ଯୁବକ ସଂଘ ପକ୍ଷରୁ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ରଶ୍ମିଚାନ୍ଦ କର, ଉପସଭାପତି ବିଶ୍ୱରଞ୍ଜନ ଦାସ, ସମ୍ପାଦକ ଗଙ୍ଗାଧର ମାର୍ଥା, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ଜଗନ୍ନାଥ ମନ୍ଦିର କମିଟି ସଭାପତି ଦୀନବନ୍ଧୁ ଦାଶ, ବେଗୁନିଆ ବନଖଣ୍ଡ ଅଧିକାରୀ ପ୍ରିୟଦର୍ଶିନୀ ସେଠୀ, ପ୍ରଧାନଶିକ୍ଷୟିତ୍ରୀ ରେଣୁବାଳା ଦେବୀ ଓ ଉପଦେଷ୍ଟା ଦିବାକର ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ପରିବେଶକୁ ସନ୍ତୁଳିତ ରଖିବାକୁ ହେଲେ ବୃକ୍ଷରୋପଣର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ତତ୍‌ସହିତ ଯୁବକ ସଂଘର ସଦସ୍ୟମାନେ ପ୍ଲା କାର୍ଡ ଧରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି କରିବା ସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜଗନ୍ନାଥ ମନ୍ଦିର, ପ୍ରାଥମିକ ବିଦ୍ୟାଳୟ ଓ ପଞ୍ଚାୟତ ସମିତି ପରିସରରେ ବିଭିନ୍ନ କିସମର ବୃକ୍ଷରୋପଣ କରିଥିଲେ।

## ୨୦ରୁ ଖୋର୍ଦ୍ଧା ଜିଲ୍ଲା ଆନ୍ତଃବିଦ୍ୟାଳୟ କ୍ରିକେଟ୍

ଖୋର୍ଦ୍ଧା,୫।୮ (ସମିସ): କ୍ରିକେଟ୍ ଆସୋସିଏସନ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଆନୁକୂଲ୍ୟରେ ଆନ୍ତଃବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତା ଆସନ୍ତା ୨୦ ତାରିଖରୁ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଆଗ୍ରହୀ ବିଦ୍ୟାଳୟର ଖେଳାଳିମାନେ ସେମାନଙ୍କର ଡିଜିଟାଲ ଜନ୍ମ ପ୍ରମାଣପତ୍ର, ଆଧାର କାର୍ଡ, ସ୍କୁଲ ପ୍ରଦତ୍ତ କାର୍ଡ ସହ ଆସନ୍ତା ୧୧ ତାରିଖ ଦିନ ଖୋର୍ଦ୍ଧା ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମ୍‌ଠାରେ ଉପସ୍ଥିତ ରହି ସେମାନଙ୍କ ନାମ ପଞ୍ଜୀକରଣ କରିବେ। ପଞ୍ଜିକୃତ ହୋଇ ନ ଥିବା ଖେଳାଳିମାନେ ଅଂଶଗ୍ରହଣ କରିପାରିବେ ନାହିଁ। ଖେଳାଳିମାନଙ୍କ ବୟସ ୧୬ ବର୍ଷରୁ ଅଧିକ ହୋଇ ନ ଥିବ। ନିର୍ଦ୍ଧାରିତ ତାରିଖରେ ବିଜେବି ହାଇସ୍କୁଲ ଖେଳପଡ଼ିଆଠାରେ ଉପସ୍ଥିତ ରହି ନାମ ପଞ୍ଜୀକରଣ କରିବା ପାଇଁ ଆସୋସିଏସନ ସମ୍ପାଦକ ତଥା ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଏକ ପ୍ରେସ୍ ବାର୍ତ୍ତାରେ ଜଣାଇଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୯୫ ● ପାଉଣ୍ଡ ୧୧୬.୦୧
- ୟୁରୋ ୧୦୧.୦୧ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୩,୭୦୦ (ନୂଆଦିଲ୍ଲୀ)
- ରୁପା : ୧,୦୨,୨୨୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୭୧୦.୦୦
- ନିଫ୍ଟି ୨୪,୬୪୯.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

ଜେରା କଲା ଇଡି

### ୧୭ ହଜାର କୋଟି ଟଙ୍କାର ଋଣ ଠକେଇ ମାମଲା

# ୧୦ ଦିନ ସମୟ ମାଗିଲେ ଅନିଲ ଅମ୍ବାନୀ

ନୂଆଦିଲ୍ଲୀ,୫।୮ (ଏଜେନ୍ସି)

ମଙ୍ଗଳବାର ୧୭ ହଜାର କୋଟି ଟଙ୍କାର ଋଣ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ରେ ହାଜର ହୋଇଛନ୍ତି ରିଲାଏନ୍ସ ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ ଚେୟାରମ୍ୟାନ୍ ଅନିଲ ଅମ୍ବାନୀ। ଆଜି ଇଡି ଅନିଲ୍‌ଙ୍କୁ ନୂଆଦିଲ୍ଲୀ ସ୍ଥିତ ଏହାର କାର୍ଯ୍ୟାଳୟରେ ଜେରା କରିଛି। ଏହା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ୧୦ ଦିନ ସମୟ ମାଗିଛନ୍ତି ଅନିଲ୍।



ମଙ୍ଗଳବାର ମନି ଲଣ୍ଡରିଂ ମାମଲାରେ ଇଡିରେ ହାଜର ହୋଇଥିବା ଅନୀଲ ଠକେଇ ସହ ଜଡିତ ଦସ୍ତାବିଜ ଦାଖଲ କରିବା ପାଇଁ ଇଡିକୁ ୧୦ ଦିନ ସମୟ ମାଗିଥିବା ସୂଚନା ମିଳିଛି। ସମ୍ପୃକ୍ତ ଠକେଇ ମାମଲାରେ ପଚରାଉଚରା ପାଇଁ ୬୬ ବର୍ଷୀୟ ଅନୀଲ ଅମ୍ବାନୀଙ୍କୁ ଇଡି ନୂଆଦିଲ୍ଲୀସ୍ଥିତ ମୁଖ୍ୟାଳୟକୁ ଡକାଇ ଥିଲା। ଏଠାରେ ଅଧିକାରୀମାନେ ତାଙ୍କୁ ଠକେଇ ସମ୍ପର୍କରେ ପଚରାଉଚରା କରିବା ସହିତ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ତାଙ୍କ ବୟାନ ରେକର୍ଡ କରିଛନ୍ତି। ପଚରାଉଚରା ସମୟରେ, ଅନିଲ୍ ଇଡି ଅଧିକାରୀମାନଙ୍କୁ କହିଥିଲେ ଯେ ଠକେଇ ମାମଲା ସହିତ ଜଡିତ କାଗଜପତ୍ର ଏବଂ ତଥ୍ୟ ସଂଗ୍ରହ କରିବାକୁ ତାଙ୍କୁ ଅତି କମ୍‌ରେ ୭ରୁ ୧୦ ଦିନ ସମୟ ଲାଗିବ। ଏହାପରେ ଇଡି ତାଙ୍କୁ ସମୟ ଦେଇଛି। ୭-୧୦ ଦିନ ମଧ୍ୟରେ ଏଜେନ୍ସି ତାଙ୍କୁ ପୁଣିଥରେ ସମନ କରିପାରେ। ୧୭,୦୦୦ କୋଟି ଟଙ୍କାର ଏହି ମନି ଲଣ୍ଡରିଂ ଏବଂ ଋଣ ଠକେଇ ମାମଲାରେ କୌଣସି ସମ୍ପୃକ୍ତିକୁ ଅନିଲ୍ ଅସ୍ୱୀକାର କରିଥିଲେ। କହିଥିଲେ ଯେ ସମସ୍ତ ଆର୍ଥିକ ନିଷ୍ପତ୍ତି ତାଙ୍କ କମ୍ପାନୀଗୁଡ଼ିକର ଆଭ୍ୟନ୍ତରୀଣ ବୋର୍ଡ ଦ୍ୱାରା ନିଆଯାଇଥିଲା ଏବଂ ପରେ ସେ କେବଳ ସେଥିରେ ସ୍ୱାକ୍ଷର କରିଥିଲେ। ମାମଲାରେ ପୂର୍ବରୁ, ଇଡି ଅନିଲ ଅମ୍ବାନୀଙ୍କ ବିରୋଧରେ ଲୁକଆଉଟ୍ ନୋଟିସ୍ ଜାରି କରିଥିଲା। ରିପୋର୍ଟ ଅନୁଯାୟୀ, ତଦନ୍ତକାରୀ ଅଧିକାରୀଙ୍କ ଅନୁମୋଦନ ବିନା ଅନିଲ୍ ଭାରତ ଛାଡିପାରିବେନାହିଁ। ଯଦି ସେ ବିଦେଶ ଯିବାକୁ ଚେଷ୍ଟା କରନ୍ତି, ତେବେ ତାଙ୍କୁ ଅଟକ ରଖାଯାଇପାରେ।

ଜୁଲାଇ ୨୪ ତାରିଖରେ, ଇଡି ମୁମ୍ବାଇ ଏବଂ ଦିଲ୍ଲୀରେ ରିଲାଏନ୍ସ ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ ସହିତ ଜଡିତ ୫୦ରୁ ଅଧିକ କମ୍ପାନୀ ଏବଂ ସ୍ଥାନରେ ଚଢାଉ କରିଥିଲା। ୨୫ ରୁ ଅଧିକ ଲୋକଙ୍କୁ ମଧ୍ୟ ପଚରାଉଚରା କରାଯାଇଥିଲା। ଏହି ଚଢାଉ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ର ଧାରା ୧୭ ଅନୁଯାୟୀ କରାଯାଇଥିଲା।

ଏହି ମାମଲାରେ ଇଡି ଶୁକ୍ରବାର ଓଡ଼ିଶା ଏବଂ କୋଲକାତାରେ ଚଢ଼ାଉ କରିଥିଲା। ୨୦୨୪ ନଭେମ୍ବର ୧୧ରେ ଇଡି ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଏହି ପ୍ରସଙ୍ଗରେ ଏକ ମାମଲା ରୁଜୁ କରିଥିଲା। ଇଡି ଅଭିଯୋଗ କରିଛି ଯେ ନକଲି ବ୍ୟାଙ୍କ ଗ୍ୟାରେଣ୍ଟି ଆଧାରରେ ଅନିଲଙ୍କ କମ୍ପାନୀକୁ ଚୁକ୍ତିନାମା ଦିଆଯାଇଥିଲା। ଭୁବନେଶ୍ୱରରେ ଇଡି ମେସର୍ସ ବିସୱାଲ ଟ୍ରେଡଲିଙ୍କ୍ ପ୍ରାଇଭେଟ ଲିମିଟେଡ ଉପରେ ଏହି ମାମଲାରେ ଚଢାଉ କରିଛି।

## ପିଏମ୍ ଫସଲ ବୀମାରେ ଅଧିକ ଚାଷୀଙ୍କୁ ସାମିଲ କରିବାକୁ ୧୬ରୁ ଚାଲିବ ଅଭିଯାନ



ନୂଆଦିଲ୍ଲୀ, ୫।୮: ଖରିଫ ଋତୁରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ଅଧୀନରେ ସର୍ବାଧିକ ଚାଷୀଙ୍କୁ ପଞ୍ଜୀକରଣ କରିବା ଏବଂ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଅଧିକ ଋଣ ଦେବା ସମ୍ପର୍କରେ ସମସ୍ତ ବ୍ୟାଙ୍କ ଏବଂ ରାଜ୍ୟ ସରକାରଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଷ୍ପତ୍ତି ଅନୁଯାୟୀ, ଖରିଫ ଋତୁରେ ଫସଲ ବୀମା ଅଧୀନରେ ସର୍ବାଧିକ ସଂଖ୍ୟକ ଚାଷୀଙ୍କୁ ସୁରକ୍ଷା କଭର ଯୋଗାଇବା ପାଇଁ ଅଗଷ୍ଟ ୧୬ ରୁ ୩୦ ପର୍ଯ୍ୟନ୍ତ ସାରା ଦେଶରେ ଏକ ଅଭିଯାନ ଚାଲିବ। କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ବ୍ୟାଙ୍କ ମହିଳାମାନଙ୍କୁ ଋଣ ଦେବା ଉପରେ ଧ୍ୟାନ ଦେଇ କଭରେଜ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୂରଦୂରାନ୍ତ ଏବଂ ଗ୍ରାମୀଣ ଅଞ୍ଚଳ ଉପରେ ଧ୍ୟାନ ଦେଇ କାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଯାହା ଦ୍ୱାରା ଉତ୍ତମ ଫଳାଫଳ ହାସଲ କରାଯାଇପାରିବ। ଆଜି ଆମେ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ଏବଂ ତୃତୀୟ ହେବା ଦ୍ୱାରରେ ଅଛୁ। ଏହି ସଫଳତା ପଛରେ ଆମର ଦୁଇଟି ବିଭାଗ (କୃଷି ଏବଂ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ) ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଯେପରି ଭାରତକୁ ଗାଁ ବିନା ଜାଣିହେବ ନାହିଁ, ସେହିପରି କୃଷି ବିନା ଆମ ଦେଶର କୌଣସି ପରିଚୟ ନାହିଁ। କୃଷି ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଏବଂ କୃଷକମାନେ ଏହାର ଆତ୍ମା ଏବଂ ଜୀବନ।

**ବ୍ୟାଙ୍କ ଏବଂ ରାଜ୍ୟଙ୍କ ସହ କୃଷିମନ୍ତ୍ରୀଙ୍କ ବୈଠକ**

## ଟାଟା ପାୱାର ଓଡ଼ିଶା ଡିସ୍‌କମ୍ ସ୍ଥାନୀୟ ଭେଣ୍ଡରଙ୍କୁ ଦେଲା ୧୬,୦୦୦ କୋଟିର କାର୍ଯ୍ୟବରାଦ

ଭୁବନେଶ୍ୱର,୫।୮ (ସମିସ): ଓଡ଼ିଶାର ସ୍ଥାନୀୟ ଅର୍ଥନୀତି ଓ ଶିଳ୍ପ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଓଡ଼ିଶା ସରକାରଙ୍କ ସହ ଯୌଥ ଉଦ୍ୟୋଗରେ ସ୍ଥାପନ କରାଯାଇଥିବା ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ଡିସ୍‌କମ୍ ଗୁଡ଼ିକ ଗତ ଚାରି - ପାଞ୍ଚ ବର୍ଷରେ ସ୍ଥାନୀୟ ଭେଣ୍ଡର ଓ ଠିକାଦାରମାନଙ୍କୁ ପ୍ରାୟ ୧୫,୯୪୪ କୋଟି ଟଙ୍କାର କାର୍ଯ୍ୟବରାଦ ପ୍ରଦାନ କରିଛନ୍ତି। ଏହି ବରାଦଗୁଡ଼ିକ ଟିପି ସେଣ୍ଟ୍ରାଲ, ଟିପି ସଦର୍ଣ୍ଣ, ଟିପି ନର୍ଦନ ଓ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌ର ପରିଚାଳନାର ମୂଳଦୁଆ ପାଲଟିଥିବାବେଳେ ୧୭,୬୭୨ରୁ ଅଧିକ ବରାଦ ଆଂଚଳିକ ନିଯୁକ୍ତି ଓ ଉଦ୍ୟମିତା ପ୍ରତି ଉଲ୍ଲେଖଯୋଗ୍ୟ ଯୋଗଦାନ ପ୍ରଦାନ କରିଛି। ଦିଆଯାଇଥିବା ମୋଟ୍ ବରାଦର ୫୮ ପ୍ରତିଶତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସଏମ୍‌ଇ) ଗୁଡ଼ିକୁ ପ୍ରଦାନ କରାଯାଇଛି ଯାହା ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସମର୍ଥନ ପାଇଁ ଡିସ୍‌କମ୍‌ଗୁଡ଼ିକର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ସମ୍ପୃକ୍ତିରେ ଉପକରଣ ପ୍ରକ୍ୟୁରମେଣ୍ଟ ଓ ସେବା ପ୍ରଦାନ ଭଳି ପରିଚାଳନା ଆବଶ୍ୟକତାର ବିଭିନ୍ନ କ୍ଷେତ୍ର ସାମିଲ ରହିଛି ଏବଂ ସାରା ରାଜ୍ୟର ଭେଣ୍ଡର ଏଥିରେ ଯୋଡ଼ି ହୋଇଛନ୍ତି।

### ଟ୍ରମ୍ପ୍ ଟାରିଫ୍‌ର ମୁକାବିଲା ପାଇଁ ଭାରତର ଯୋଜନା

## ପ୍ରସ୍ତୁତ ହେବ ୨୦ ହଜାର କୋଟିର ମିଶନ



ନୂଆଦିଲ୍ଲୀ,୫।୮ (ଏଜେନ୍ସି): ଭାରତ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିଥିବା ଟାରିଫ୍ ବା ଶୁଳ୍କର ମୁକାବିଲା ପାଇଁ ଭାରତ ସମ୍ପ୍ରତି ଏକ ବଡ଼ ଯୋଜନା ଉପରେ ପ୍ରସ୍ତୁତି ଚଳାଇଛି। ଏଥିରେ ଭାରତ ଏକ ୨୦ ହଜାର କୋଟି ଟଙ୍କାର ମିଶନ ପ୍ରସ୍ତୁତ କରୁଛି। ବିଶ୍ୱ ବାଣିଜ୍ୟ ଶୁଳ୍କ ମାଡ଼ର ଅନିଶ୍ଚିତତାରୁ ରପ୍ତାନିକାରୀଙ୍କୁ ଦେବ ସୁରକ୍ଷା। ଏଥିରେ ରପ୍ତାନୀକାରୀଙ୍କୁ ଶସ୍ତା ଏବଂ ସହଜ ଋଣ ଯୋଗାଇ ଦିଆଯିବ। ବିଶ୍ୱର ପ୍ରମୁଖ ଦେଶରେ ଅଧିକ ବିକ୍ରି ହେବ ଇଣ୍ଡିଆନ୍ ବ୍ରାଣ୍ଡର ଉତ୍ପାଦ। କାରଣ ଆମେରିକାର ଶୁଳ୍କର ପ୍ରଭାବକୁ ହ୍ରାସ କରିବା ପାଇଁ ବଡ ପଦକ୍ଷେପ ନେଇଛି ଭାରତ। ଏକ ରିପୋର୍ଟ ଅନୁଯାୟୀ, ଭାରତ ସରକାର ସେପ୍ଟେମ୍ବର ସୁଦ୍ଧା ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରୁଛନ୍ତି, ଯାହା ଅଧୀନରେ ରପ୍ତାନିକାରୀଙ୍କୁ ୨୦,୦୦୦ କୋଟି ଟଙ୍କାର ରପ୍ତାନି ପ୍ରୋତ୍ସାହନ ମିଶନ ଦ୍ୱାରା ସମର୍ଥନ କରାଯିବ। ଏହାର ଉଦ୍ଦେଶ୍ୟ ହେଉଛି ବିଶ୍ୱ ବାଣିଜ୍ୟ ଏବଂ ଶୁଳ୍କ ଆଘାତର ଅନିଶ୍ଚିତତାରୁ ଭାରତର ରପ୍ତାନିକାରୀଙ୍କୁ ସୁରକ୍ଷା ଦେବା। ଅଗଷ୍ଟ ୭ରୁ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୨୫% ଟାରିଫ ଲାଗୁ କରିବ।

## ୯ରୁ ଟାଇ ଭୁବନେଶ୍ୱର ଟାଇକନ୍ ୨୦୨୫

ଭୁବନେଶ୍ୱର, ୫।୮ (ସମିସସ): ଓଡିଶାରେ ୧୩ ବର୍ଷର ପ୍ରଭାବଶାଳୀ ଉପସ୍ଥିତି ପରେ ଟାଇ (ଟିଆଇଇ) ଭୁବନେଶ୍ୱର ଆସନ୍ତା ଅଗଷ୍ଟ ୯ ଓ ୧୦ ତାରିଖ, ୨୦୨୫ରେ ଭୁବନେଶ୍ୱରରେ ଆନ୍ତର୍ଜାତୀୟ ସ୍ୱୀକୃତି ସହିତ ଏକ ଜାତୀୟସ୍ତରୀୟ ଉଦ୍ୟୋଗିକତା ସମ୍ମିଳନୀ ଟାଇକନ ୨୦୨୫ର ଆୟୋଜନ କରିବା ପାଇଁ ପ୍ରସ୍ତୁତ ହୋଇଛି। ଏହି ସମ୍ମିଳନୀ ଉଦ୍ୟୋଗିକତା ଓ ଉଦ୍ଭାବନ ପାଇଁ ଏକ ବିକଶିତ କେନ୍ଦ୍ରରେ ପରିଣତ ହେବା ଦିଗରେ ଓଡିଶାର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ଟାଇକନ ୨୦୨୫ ଘୋଷଣା ଅବସରରେ ଅୟସକାନ୍ତ ମହାନ୍ତି, ଅଧ୍ୟକ୍ଷ, ଟାଇ ଭୁବନେଶ୍ୱର, ସତ୍ୟବ୍ରତ ରଥ, ଉପାଧ୍ୟକ୍ଷ, ଟାଇ ଭୁବନେଶ୍ୱର, ଶ୍ରୀଯୁକ୍ତ ଅନ୍ନଦା ପ୍ରସାଦ ପାଢୀ, ସଚିବ, ଟାଇ ଭୁବନେଶ୍ୱର ଏବଂ ରାକେଶ କୁମାର ଗୁପ୍ତା, କୋଷାଧ୍ୟକ୍ଷ, ଟାଇ ଭୁବନେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦୁଇ ଦିବସୀୟ ସମ୍ମିଳନୀରେ ଭାରତ ଏବଂ ଶ୍ରୀଲଙ୍କା, ସିଙ୍ଗାପୁର, ୟୁଏଇ (ଦୁବାଇ) ଓ ୟୁଏସଏ ଭଳି ଦେଶଗୁଡିକରୁ ଉଦ୍ୟୋଗୀ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଅଂଶଗ୍ରହଣ କରିବେ। ଓଡିଶାକୁ ବ୍ୟବସାୟ ଓ ଉଦ୍ଭାବନ ପାଇଁ ଏକ




ଆକର୍ଷଣୀୟ ଗନ୍ତବ୍ୟସ୍ଥଳୀ ଭାବେ ହାଇଲାଇଟ କରିବା ପାଇଁ ଡିଜାଇନ କରାଯାଇଥିବା ଟାଇକନ ୨୦୨୫କୁ ଓଡିଶା ସରକାରଙ୍କ ସହ ସହଭାଗିତାରେ ଆୟୋଜନ କରାଯିବ। ୧୦୦ରୁ ଅଧିକ ବିଦେଶୀ ଅଂଶଗ୍ରହଣକାରୀଙ୍କ ସମେତ ୫୦୦ରୁ ଅଧିକ ପ୍ରତିନିଧି ଏହି ବିଶାଳ ଉଦ୍ୟୋଗିକତା ସମ୍ମିଳନୀରେ ଯୋଗ ଦେବାର ସମ୍ଭାବନା ରହିଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଧିବେଶନ, ନେଟ୍‌ୱର୍କିଂ ସୁଯୋଗ ଏବଂ ୪ଟି ପ୍ରମୁଖ ପଦକ୍ଷେପର ଲଂଚ ସହ ସୁସଜ୍ଜିତ ରହିଛି ଯାହା ରାଜ୍ୟରେ ଉଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି।

ଦଶନ୍ଧି ଧରି ମୁଦ୍ରା ମୂଲ୍ୟରେ ହ୍ରାସ ପରେ ନୂଆ ପଦକ୍ଷେପ

## 'ରିଆଲ୍'ରୁ ୪ ଶୂନ ହଟାଇବ ଇରାନ୍

ନୂଆଦିଲ୍ଲୀ,୫।୮ (ଏଜେନ୍ସି)

ଦଶନ୍ଧି ଧରି ମୁଦ୍ରା ମୂଲ୍ୟରେ ବୃହତ୍ ହ୍ରାସ ପରେ ଇରାନ ଏହାର ଘରୋଇ ମୁଦ୍ରା 'ରିଆଲ୍'ରୁ ୪ ଶୂନ୍ୟ କାଟିବାକୁ ପ୍ରସ୍ତାବ ଦେଇଛି। ସଂସଦର ଅର୍ଥନୈତିକ କମିଟି ନିକଟରେ ରିଆଲ୍‌ର ପୁନଃ ମୂଲ୍ୟାଙ୍କନ କରିବା ପାଇଁ ଏକ ସରକାରୀ ବିଲ୍‌ର ସାଧାରଣ ରୂପରେଖାକୁ ଅନୁମୋଦନ କରିଛି। ଏହାପରେ ଇରାନ୍ ମୁଦ୍ରାର ଏକ ୟୁନିଟ୍ ବର୍ତ୍ତମାନର ଅର୍ଥ ହିସାବରେ ୧୦ ହଜାର ରିଆଲ ସହିତ ସମାନ ରହିବ। କମିଟିର ମୁଖ୍ୟ ଶାମସୁଦ୍ଦିନ୍ ହୋସେନି କହିଛନ୍ତି ଯେ ନୂତନ ମୁଦ୍ରା ଏବେ ବି ରିଆଲ ଭାବରେ ଜଣାଶୁଣା ହେବ। ଅଙ୍କରେ ଏହି ପ୍ରସ୍ତାବିତ ହ୍ରାସ ଆର୍ଥିକ ଗଣନା ଏବଂ ହିସାବକୁ ସରଳ କରିବା ଏବଂ ନୋଟ୍ ମୁଦ୍ରଣ ଖର୍ଚ୍ଚକୁ ହ୍ରାସ କରିବା ପାଇଁ ଡିଜାଇନ୍ କରାଯାଇଛି। ହୋସେନି କହିଛନ୍ତି ଯେ ନୂତନ ରିଆଲ ନିଜେ ୧୦୦ ଘରାନରୁ ଗଠିତ ହେବ। ଅନ୍ତର୍ଜାତୀୟ କଟକଣା ଯୋଗୁଁ ଇରାନ ମୁଦ୍ରାର ମୂଲ୍ୟରେ ଉଲ୍ଲେଖନୀୟ ହ୍ରାସ ଘଟିଛି, ଯାହା ଦେଶକୁ ବିଶ୍ୱ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରୁ ବିଚ୍ଛିନ୍ନ କରିଛି ଏବଂ ଏହାର ଅର୍ଥନୀତିକୁ ଦୁର୍ବଳ କରିଛି। ଜୁନ୍ ମାସରେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ୧୨ଦିନିଆ ଯୁଦ୍ଧ ପରେ ରାଜନୈତିକ ଅନିଶ୍ଚିତତା ଜାରି ରହିବା ମଧ୍ୟରେ ସାମ୍ପ୍ରତିକ ଦିନରେ ଡଲାର ତୁଳନାରେ ରିୟାଲ ଆହୁରି ଦୁର୍ବଳ ହୋଇଛି। ଇରାନ ୧୯୯୦ଦଶକରୁ ମୁଦ୍ରା ସଂସ୍କାର ବିଷୟରେ ଚିନ୍ତା କରୁଛି। ବିଲ୍‌କୁ ଅନୁମୋଦନ ପାଇଁ ଆନୁଷ୍ଠାନିକ ଭାବରେ ସଂସଦରେ ପ୍ରସ୍ତାବ ଦାଖଲ କରିବାକୁ ପଡିବ। ଶେଷରେ ଏହା ଆଇନରେ ପରିଣତ ହେବା ପାଇଁ ନୂତନ ଆଇନ ଯାଞ୍ଚ କରୁଥିବା ସାମ୍ବିଧାନିକ ସଂସ୍ଥା ଗାର୍ଡିଆନ୍ କାଉନସିଲର ଅନୁମୋଦନ ଆବଶ୍ୟକ ହେବ। କମିଟିର ଉପାଧ୍ୟକ୍ଷ ଜାଫର ଘଦେରୀ ଗତ ସପ୍ତାହରେ କହିଥିଲେ ଯେ ଶୂନକୁ ହଟାଇବା ଦ୍ୱାରା ମୁଦ୍ରାସ୍ଫୀତି ଉପରେ କୌଣସି ପ୍ରଭାବ ପଡ଼ିବନାହିଁ କିନ୍ତୁ କାରବାର ଖର୍ଚ୍ଚ ହ୍ରାସ ହେବ।

**୧ ୟୁନିଟ୍ ବର୍ତ୍ତମାନର ଅର୍ଥରେ ୧୦ ହଜାର ରିଆଲ୍**



### ଦିଲ୍ଲୀରେ ନଡ୍ଡାଙ୍କୁ ଭେଟିଲେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ

## ଫୁଲବାଣୀ, ତାଳଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ ଦାବି

ଭୁବନେଶ୍ୱର, ୫।୮ (ସମିସ): ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ଫୁଲବାଣୀର ସରକାରୀ ମେଡିକାଲ କଲେଜର ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୧୦୦ଟି ଲେଖାଏଁ ସମୁଦାୟ ୨୦୦ ଏମବିବିଏସ ସିଟରେ ନାମ ଲେଖା ପାଇଁ ଅନୁରୋଧ କରିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ଦିଲ୍ଲୀରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେପି ନଡ୍ଡାଙ୍କୁ ଭେଟି ଅନୁମତି ପତ୍ର ପ୍ରଦାନ କରିବାକୁ ଅନୁରୋଧ କରିଥିବା ଜଣାପଡ଼ିଛି।

**୨୦୨୫-୨୬ ଶିକ୍ଷାବର୍ଷରେ ଉଭୟ କଲେଜରେ ୨୦୦ ଏମ୍‌ବିବିଏସ୍ ସିଟରେ ନାମଲେଖା ପାଇଁ ଅନୁରୋଧ**



ସୂଚନା ଅନୁସାରେ ଉପରୋକ୍ତ ଦୁଇଟି ମହାବିଦ୍ୟାଳୟ ଓଡ଼ିଶାରେ ଚିକିତ୍ସା କ୍ଷେତ୍ରରେ ନୂଆଭାବେ ପ୍ରତିଷ୍ଠିତ ହୋଇଛି। ଏହି ଦୁଇ ଅନୁଷ୍ଠାନର ଡିନ ଓ ପ୍ରିନ୍ସିପାଲ ମାନେ ଅନୁମତି ପତ୍ର ପାଇବା ପାଇଁ ଆବେଦନ ଗତ ଜାନୁଆରୀ ୧୮ ତାରିଖରେ ନ୍ୟାସନାଲ ମେଡିକାଲ କମିଶନ(ଏନଏମସି)ର ପୋର୍ଟାଲ ମାଧ୍ୟମରେ ଦାଖଲ କରିଥିଲେ। ଏନ୍‌ଏମ୍‌ସିର ଟିମ ଗତ ମେ' ୨୮ ତାରିଖରେ ଫୁଲବାଣୀ ମେଡିକାଲ କଲେଜ ଓ ଜୁନ ୨୩ ତାରିଖରେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜକୁ କ୍ଷେତ୍ରୀୟ ନିରୀକ୍ଷଣରେ ଆସିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁମତି ପତ୍ର ମିଳିବା ପରେ ରାଜ୍ୟରେ ସ୍ୱାସ୍ଥ୍ୟ ସେବାରେ ଆଉ ଦୁଇ ଗୋଟି କଲେଜ ଯୋଡି ହେବ। ୧୪ ଟି ସରକାରୀ କଲେଜରୁ ବଢି ଏହା ୧୬ରେ ପହଞ୍ଚିବା ସହ ସମୁଦାୟ ଏମବିବିଏସ ସିଟ ସଂଖ୍ୟା ୧୮୦୦ରେ ପହଞ୍ଚିବ। ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପି ପ୍ରୋତ୍ସାହନରେ ଗଞ୍ଜାମ ଅପରାଧୀଙ୍କ ଚରାଭୂଇଁ: ବିଜେଡି

ଭୁବନେଶ୍ୱର,୫।୮ (ସମିସ): ଗଞ୍ଜାମରେ ଲଗାତାର ଭାବେ ଅପରାଧ ଉପରମୁହାଁ ହୋଇଥିଲା ବେଳେ ଶାସକ ଦଳ ଏବଂ ମନ୍ତ୍ରୀଙ୍କ ପୁତୁରାଙ୍କ ଆତଙ୍କରାଜକୁ ଦୃଢ଼ ନିନ୍ଦା କରିଛି ବିଜେଡି। ମଙ୍ଗଳବାର ଶଙ୍ଖଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଓ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ଖଣି ମନ୍ତ୍ରୀ ବିଭୂତି ଜେନାଙ୍କ ବଡ଼ ଭାଇଙ୍କ ପୁଅ ଦୀପକ ଜେନା ସ୍ୱଷ୍ଟ ଦିବାଲୋକରେ ଜଣେ ଓକିଲ ଓ ତାଙ୍କ ପରିବାର ଉପରେ ଯେଉଁଭଳି ନୃଶଂସ ଆକ୍ରମଣ କଲେ, ତାହା ଅମାନବୀୟ। ଏହା ଜନସାଧାରଣଙ୍କ ସୁରକ୍ଷା ପାଇଁ ଶପଥ ନେଇଥିବା ଜଣେ ମନ୍ତ୍ରୀଙ୍କ ପଦ ମର୍ଯ୍ୟାଦାକୁ କ୍ଷୁଣ୍ଣ କରିଛି ବୋଲି ଉଭୟେ ଅଭିଯୋଗ କରିଛନ୍ତି।

ଶ୍ରୀ ବକ୍ସିପାତ୍ର କହିଥିଲେ ଯେ ଗତ ଜୁଲାଇ ୨୯ ତାରିଖ ଅପରାହ୍ନ ୪ଟା ବେଳେ ଗୋଳନ୍ଥରା ଚଟି ଛକରେ ଆଡଭୋକେଟ ଟି.ଭାନୁମୂର୍ତ୍ତିଙ୍କ ଗାଡ଼ି ଜଣେ ମୋଟରସାଇକେଲ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ଗୋଟିଏ ଗ୍ରୋସରୀ ଦୋକାନ ସାମ୍ନାରେ ପଡିଥିବା ସିମେଣ୍ଟ କଂକ୍ରିଟ ପ୍ଲେଟ ଉପରେ ଚଢ଼ିଯାଇଥିଲା। ତତ୍‌କ୍ଷଣାତ ଘଟଣାସ୍ଥଳରେ ମନ୍ତ୍ରୀଙ୍କ ପୁତୁରା ନିଜ ସହଯୋଗୀଙ୍କ ସହ ପହଞ୍ଚି ଟି.ଭାନୁମୂର୍ତ୍ତି ଓ ତାଙ୍କ ପରିବାର ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରୁ



ମହିଳାମାନେ ମଧ୍ୟ ବାଦ୍ ପଡ଼ିନଥିଲେ, ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଉପଲବ୍ଧ ଅଛି। ପ୍ରାଣ ଭୟରେ ଓକିଲଙ୍କ ଭଣଜା ରାସ୍ତାରେ ଯାଉଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନ ବସରେ ଚଢ଼ି ପଳାଇଲା ବେଳେ ମନ୍ତ୍ରୀଙ୍କ ଘର 'ବନ୍ଦେ ମାତରଂ ଭବନ' ନିକଟରେ ବସକୁ ଅଟକାଇ ଓକିଲ ଟି.ଭାନୁମୂର୍ତ୍ତିଙ୍କ ଭଣଜାଙ୍କୁ ଗାଡି ଭିତରୁ ଘୋଷାଡ଼ି ଆଣି ମନ୍ତ୍ରୀଙ୍କ ପୁତୁରା ଓ ତାଙ୍କ ସହଯୋଗୀମାନେ ସ୍କ୍ରୁଡ୍ରାଇଭରରେ ତାଙ୍କ ପେଟକୁ ବାରମ୍ବାର ଭୁଶିଥିଲେ। ଦୁର୍ଭାଗ୍ୟର କଥା ଘଟଣାସ୍ଥଳର ଅତି ନିକଟରେ ପୁଲିସ ଷ୍ଟେସନ ଥିଲେ ମଧ୍ୟ ଖବର ପାଇ ପୁଲିସ ପହଞ୍ଚିନଥିଲେ। ଗୁରୁତର ଅବସ୍ଥାରେ ଓକିଲଙ୍କ ଭଣଜା ଏମକେସିଜିରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଓକିଲଙ୍କ ସ୍ତ୍ରୀ, ମନ୍ତ୍ରୀ ବିଭୂତି ଜେନାଙ୍କ ପୁତୁରାଙ୍କ ସମେତ ୯ ଜଣଙ୍କ ନାଁରେ ଗୋଳନ୍ଥରା ଥାନାରେ ଏତଲା ଦେଇଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ

- ଗୋପାଳପୁରରେ ଖଣିମନ୍ତ୍ରୀଙ୍କ ପୁତୁରାର ଆତଙ୍କରାଜ
- ଓକିଲଙ୍କ ପରିବାର ଉପରେ ବର୍ବୋରଚିତ ଆକ୍ରମଣ
- ୮ ଦିନ ପରେ ମଧ୍ୟ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରୁନି ପୁଲିସ

ଆଜିଯାଏଁ ଗିରଫ ହୋଇନାହାନ୍ତି। ଓକିଲ ଟି.ଭାନୁମୂର୍ତ୍ତି ଲିଖିତ ଭାବେ ଏ ବିଷୟ ଗଂଜାମ ବାର୍ ଆସୋସିଏସନକୁ ଜଣାଇଲା ପରେ ବାର୍ ଆସୋସିଏସନ ପକ୍ଷରୁ କୌଣସି ଅଭିଯୁକ୍ତଙ୍କ ସପକ୍ଷରେ ନଲଢିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଓକିଲ ସମାଜର ପ୍ରତିକ୍ରିୟା ଦେଖି ଉପରଠାଉରିଆ ଭାବେ ପୁଲିସ ୪ ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ, ମନ୍ତ୍ରୀଙ୍କ ବଡ ଭାଇର ପୁଅ ଦୀପକ ଜେନା ଏପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି।

ଡ. ମହାନ୍ତି କହିଥିଲେ ଯେ ବିଜେପି କ୍ଷମତାକୁ ଆସିବା ପରେ ରାଜ୍ୟରେ ଆଇନଶୃଙ୍ଖଳାର ଦ୍ରୁତ ଅବନତି ଘଟିଛି। ବିଏମସିରେ ଅଫିସରଙ୍କୁ ଚିଲିକା ଏବଂ ପିପିଲିରେ ସାମ୍ବାଦିକଙ୍କୁ ଓ ଗୋପାଳପୁରରେ ଓକିଲଙ୍କୁ ବିଜେପି କର୍ମୀଙ୍କ ମରଣାନ୍ତକ ଆକ୍ରମଣ ରାଜ୍ୟରେ ଗୁଣ୍ଡାରାଜ ପ୍ରତିଷ୍ଠାର ଗୋଟିଏ ଗୋଟିଏ ନମୁନା। ଗଞ୍ଜାମ ଜିଲ୍ଲାରେ ଖଣି ମନ୍ତ୍ରୀଙ୍କ ପ୍ରୋତ୍ସାହନରେ ବାଲି, ମୋରମ ଆଦି ଚୋରା ଚାଲାଣ ଲାଗି ସରକାରୀ ରାଜସ୍ୱ ଅଧା କମିଯାଇଥିବା ବେଳେ ମାଫିଆଙ୍କ ଦୌରାତ୍ମ୍ୟ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ନିକଟରେ ଉପବାଚସ୍ପତି ଚିଠି ଲେଖି ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି ଓ ଅପରାଧ ଅହେତୁକ ବୃଦ୍ଧି ଘଟିଛି ବୋଲି କହିବା ସହିତ ୟୁପି ମଡେଲକୁ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ବର୍ତ୍ତମାନ ଓଡ଼ିଶାରେ ପ୍ରଚଳିତ ଆଇନ ବ୍ୟବସ୍ଥାରେ ମନ୍ତ୍ରୀଙ୍କ ବଡ଼ଭାଇଙ୍କ ପୁଅ ଦୀପକ ଜେନା ଗିରଫ ହେବେ ନା ରାଜ୍ୟ ବିଜେପି ସରକାର ୟୁପି ମଡେଲ ଆଣିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ବୋଲି ଡ. ମହାନ୍ତି ପ୍ରଶ୍ନ କରିଥିଲେ।



## ଆଜିର ରାଶିଫଳ

**ମେଷ:** କଳା, ବିଜ୍ଞାନ ଓ ବାଣିଜ୍ୟରେ ଆଶାନୁରୂପ ଫଳ ମିଳିବ। ପାରିବାରିକ ସୁଖଶାନ୍ତି ବୃଦ୍ଧି ପାଇବ। ମହିଳାମାନଙ୍କର ବିଳାସ ବ୍ୟସନରେ ଦିନଟି କଟିବ। ଆୟ ତୁଳନାରେ ବ୍ୟୟ ଅଧିକ ରହିବ।

**ବୃଷ:** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ନୂତନ ନିବେଶ କରି ଦ୍ୱନ୍ଦ୍ୱରେ ପଡ଼ିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତାରେ ରହିବେ। ଅତିଥି ସତ୍କାର କରିବେ।

**ମିଥୁନ:** ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷା ପାଇଁ ଯୋଜନା କରିବେ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଉତ୍ତମ ସମୟ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। କୌଣସି କଥାକୁ ନେଇ ମନ ଉଣା ହୋଇପାରେ।

**କର୍କଟ:** ଦୀର୍ଘ ଦିନରୁ ଅଟକିଥିବା କାର୍ଯ୍ୟ ପୂରା ହେବ। ମହିଳାଙ୍କ ଦୃଷ୍ଟିକୋଣ ସକାରାତ୍ମକ ରହିବ। ପାରିବାରିକ ସହଯୋଗ ପାଇ ମନ ପ୍ରସନ୍ନ ରହିବ। ସମାଜରେ ମାନ ସମ୍ମାନ ବଢ଼ିବ। ଅଯଥା ଯୁକ୍ତି କରନ୍ତୁନି।

**ସିଂହ:** ବ୍ୟବସାୟରେ କ୍ଷତି ସହିପାରନ୍ତି । ପୂର୍ବ କଥାକୁ ନେଇ ମନସ୍ତାପରେ ରହିବେ। ବନ୍ଧୁବାନ୍ଧବଙ୍କ ଆଗମନ ହେବ। ଧାର୍ମିକ କାର୍ଯ୍ୟରେ ସମୟ କଟିବ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ମହିଳାଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**କନ୍ୟା :** ପାରିବାରିକ ସମସ୍ୟା ଲାଗିରହିବ। ଆଶା କରିଥିବା ଦିଗରୁ ଅର୍ଥ ମିଳିବନି। ଛାତ୍ରଛାତ୍ରୀମାନେ ଚେଷ୍ଟା ଜାରି ରଖି ସଫଳତା ପାଇବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହେବ।

**ତୁଳା:** ନିଜର କ୍ୟାରିୟରକୁ ନେଇ ଚିନ୍ତିତ ରହିବେ। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଉତ୍ତମ ରହିବ । ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ବିଛା:** ଦୀର୍ଘ ଦିନର କାମ ସଂପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କ ସାହାଯ୍ୟ ପାଇବେ। ସହକର୍ମୀଙ୍କଠାରୁ ସହଯୋଗ ପାଇବେ। ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ମନୋଯୋଗ ଦିଅନ୍ତୁ। ଆୟ ଅନୁସାରେ ବ୍ୟୟ ଅଧିକ ହେବ।

**ଧନୁ:** ପାରିବାରିକ ସୁଖସମୃଦ୍ଧି ବୃଦ୍ଧି ହେବ। ପଡ଼ୋଶୀଙ୍କ ସହ ମନାନ୍ତର ହୋଇପାରେ । ଅଜଣା ବ୍ୟକ୍ତି ବନ୍ଧୁତାର ହାତ ବଢ଼ାଇବେ। ଲେଖାପଢ଼ାରେ ଛାତ୍ରଛାତ୍ରୀମାନଙ୍କ ଏକାଗ୍ରତା ବଢ଼ିବ।

**ମକର:** ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ। କଳା ଓ ସଂସ୍କୃତିରେ ସମ୍ମାନ ବୃଦ୍ଧି ପାଇବ। ପରିବାରରେ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କୁମ୍ଭ:** ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବାକୁ ଚେଷ୍ଟା କରନ୍ତୁ। ଧର୍ମକାର୍ଯ୍ୟ ପ୍ରତି ଆସ୍ଥା ବଢ଼ିବ। ଆପଣଙ୍କ ବ୍ୟବହାରରେ ପ୍ରତ୍ୟେକ ବ୍ୟକ୍ତି ପ୍ରଭାବିତ ହେବେ। ପଡୋଶୀଙ୍କ ସହିତ ମନୋମାଳିନ୍ୟ ହୋଇପାରେ।

**ମୀନ:** ଆର୍ଥିକ ଲାଭ ମିଳିପାରେ। ସୁସ୍ଥ ଅନୁଭବ କରିବେ। ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନୂଆ ପଦକ୍ଷେପ ନେବେ। ସମାଜରେ ପ୍ରସିଦ୍ଧି ବଢ଼ିବ। କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷାରେ ଶୁଭ ଖବର ପାଇବେ।

## ଆଜିର ଐତିହ୍ୟ

- ୧୮୬୨- ମାଡ୍ରାସ ଉଚ୍ଚ ନ୍ୟାୟାଳୟର ସ୍ଥାପନା।
- ୧୯୧୪- ଅଷ୍ଟ୍ରିଆ, ରୁଷ୍ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୬୨- ଜାମାଇକା ସ୍ୱାଧୀନ ହେଲା।
- ୧୯୮୬- ଭାରତର ପ୍ରଥମ ଟେଷ୍ଟ ଟ୍ୟୁବ୍ ବେବି ମୁମ୍ବାଇରେ ଜନ୍ମ ନେଲା।
- ୨୦୧୦- ଜମ୍ମୁ କାଶ୍ମୀରରେ ଭୀଷଣ ବନ୍ୟା ଯୋଗୁ ୨୫୫ ଲୋକଙ୍କ ପ୍ରାଣହାନି।
- ୨୦୧୨- ନାସାର କ୍ୟୁରୋସିଟି ରୋଭର୍ ମଙ୍ଗଳ ଗ୍ରହରେ ପହଞ୍ଚିଲା।

# ଯୁବତୀ ୧୦ ଦିନରେ ଥରେ ଗାଧାନ୍ତି



ଦୈନନ୍ଦିନ ଦିନଚର୍ଯ୍ୟାର ଏକ ପ୍ରଧାନ କାମ ହେଉଛି ସ୍ନାନ। ତେଣୁ ନିତିଦିନ ସମସ୍ତେ ଗାଧାନ୍ତି। ସେହିପରି ପିଲାବେଳୁ ହିଁ ପ୍ରତିଦିନ ଗାଧୋଇବା ପାଇଁ କୁହାଯାଏ। ଏହି କ୍ରମରେ ଜଣେ ଯୁବତୀ ୧୦ ଦିନରେ ଥରୁଟିଏ ଗାଧାନ୍ତି। ଏହିପରି ଭାବେ ମାସକୁ ତିନି ଦିନ ସେ ଗାଧୋଉ ଥିବା କଥା କହିଛନ୍ତି। ତାଙ୍କର ଏହି କଥା ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ୨୩ ବର୍ଷୀୟା ସୋସିଆଲ ମିଡିଆ ଇନଫ୍ଲୁଏନସର ହେଉଛନ୍ତି ଆୟଡେନ ଜେନ। ନିୟମିତ ଗାଧୋଇବାକୁ ପସନ୍ଦ କରୁ ନ ଥିବା ଯବୁତୀଙ୍କ ଉଦ୍ଦେଶ୍ୟରେ ସେ ଏକଥା ସେୟାର୍ କରିଥିବା କହିଛନ୍ତି। ସେ କହିଛନ୍ତି, ସେ ୧୦ ଦିନରେ ଥରେ ଗାଧାନ୍ତି। ଏହି ଦିନଚର୍ଯ୍ୟା କେବେ ବି ବଦଳୁ ନ ଥିବା ସେ କହିଛନ୍ତି। ସେହିପରି ସାତଦିନ ନ ଗାଧୋଇବା ଦ୍ୱାରା ସେ ସୁସ୍ଥ ଓ ସତେଜ ଅନୁଭବ କରୁଥିବା କୁହନ୍ତି। ଅବଶ୍ୟ ସେ ପିଲାଦିନେ ପ୍ରତିଦିନ ଗାଧୋଉ ଥିଲେ। ଏବେ ଗାଧୋଇବା ଅଭ୍ୟାସ ଛାଡ଼ିବା ପରେ ବି ତାଙ୍କ ଜୀବନରେ କୌଣସି ପରିବର୍ତ୍ତନ ଆସି ନ ଥିବା କହନ୍ତି। ଏହାଦ୍ୱାରା ତାଙ୍କ ଶରୀରରୁ ଦୁର୍ଗନ୍ଧ ଆସୁ ନାହିଁ କିମ୍ବା କେଶ ମଧ ପ୍ରଭାବିତ ହେଉ ନ ଥିବା ସ୍ପଷ୍ଟ କରିଛନ୍ତି। ପରିବେଶ ସୁରକ୍ଷା ଓ ଜଳ ସଞ୍ଚୟ ପାଇଁ ଜେନ୍ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ସେହିପରି ସେ କୌଣସି ପରିଶ୍ରମ କରୁ ନ ଥିବାରୁ ତାଙ୍କ ଶରୀରରୁ ଝାଳ ବୋହୁ ନାହିଁ। ଫଳରେ ଶରୀରରୁ ଦୁର୍ଗନ୍ଧ ଆସୁ ନାହିଁ। ତେଣୁ ଗାଧୋଇବାର ଆବଶ୍ୟକତା ନ ଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ତାଙ୍କର ଏହି ନିଷ୍ପତ୍ତିକୁ ନେଇ ଲୋକେ ତାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ନିଜ ପାଇଁ ନହେଲେ ଅନ୍ତତଃ ଅନ୍ୟମାନଙ୍କ ପାଇଁ ସେ ନିୟମିତ ଗାଧାନ୍ତୁ ବୋଲି ଲୋକେ କହିଛନ୍ତି।

# ହିରୋସୀମା ଦିବସ




ପ୍ରତିବର୍ଷ ଅଗଷ୍ଟ ୬ ତାରିଖକୁ ହିରୋସୀମା ଦିବସ ପାଳନ କରାଯାଏ। ଏହି ଦିନ ଆମକୁ ୧୯୪୫ ମସିହାର ଜାପାନର ହିରୋସୀମା ସହର ଉପରେ ପରମାଣୁ ବୋମାର ଭୟାବହ ରୂପକୁ ମନେ ପକାଇଦିଏ। ଶାନ୍ତିର ରାଜନୀତିକୁ ପ୍ରୋତ୍ସାହିତ କରିବା ପାଇଁ ସମଗ୍ର ବିଶ୍ୱ ଆଜିର ଦିନରେ ହିରୋସୀମା ଦିବସ ପାଳନ କରେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ଶକ୍ତିଶାଳୀ ଆମେରିକା ବିପକ୍ଷରେ ଥିଲା। ଏହି ସମୟରେ ଆମେରିକାର ନାଭାଲ୍ ଷ୍ଟେସନ ପର୍ଲ ହାର୍ବର୍ ଉପରେ ଜାପାନ ଏୟାର ଫୋର୍ସ ହଠାତ୍ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ବହୁସଂଖ୍ୟାରେ ଆମେରିକୀୟ ସୈନିକଙ୍କର ମୃତ୍ୟୁ ହୋଇଥିଲା। ଆମେରିକା ପର୍ଲ ହାର୍ବର୍ ଆକ୍ରମଣ ଘଟଣାର ପ୍ରତିଶୋଧ ନେବା ପାଇଁ ପଣ କରିଥିଲା। ଏଥିପାଇଁ ୧୯୪୫ ଅଗଷ୍ଟ ୬ ତାରିଖରେ ଜାପାନର ହିରୋସୀମା ଉପରେ ଆମେରିକା ତାହାର ପ୍ରଥମ ପରମାଣୁ ବୋମା 'ଲିଟିଲ୍ ବୟ' ପକାଇଥିଲା। ଏହାସତ୍ତ୍ୱେ ଜାପାନ ମିତ୍ରଶକ୍ତି ପାଖରେ ଆତ୍ମସମର୍ପଣ ନ କରିବାରୁ ୩ ଦିନ ପରେ ଜାପାନର ଅଗ୍ରଣୀ ଶିଳ୍ପ ସହର ନାଗାସାକି ଉପରେ ଆମେରିକା ଦ୍ୱିତୀୟ ପରମାଣୁ ବୋମା 'ଫ୍ୟାଟ୍ ମ୍ୟାନ୍' ପକାଇଥିଲା । ଏଥିରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଚାଲି ଯାଇଥିଲା। ଲକ୍ଷ ଲକ୍ଷ ଲୋକ ଦିବ୍ୟାଙ୍ଗ ହୋଇଯାଇଥିଲେ। ମୃତ୍ୟୁର ଉପତ୍ୟକାରେ ପରିଣତ ହୋଇଥିଲା ଜାପାନର ଏହି ଦୁଇ ସହର। ମୃତକଙ୍କ ମଧ୍ୟରେ ଥିଲେ ଅଧିକାଂଶ ସାଧାରଣ ନାଗରିକ। ସେହି ଦୁଃଖଦ ମୁହୂର୍ତ୍ତକୁ ମନେ ପକାଇବା ପାଇଁ ଏହି ଦିବସ ପାଳନ କରାଯାଏ। ଜାପାନ ଉପରେ କରିଥିବା ଏହି ବିସ୍ଫୋରଣ ପାଇଁ ଆମେରିକା ଅନେକଥର ପଶ୍ଚାତାପ କରିଛି ଏବଂ ସାରା ବିଶ୍ୱର ସମାଲୋଚନାର ପାତ୍ର ମଧ ହୋଇଛି। ଏହି ବୋମା ପରେ ହିଁ ଏସିଆରେ ଦ୍ୱିତୀୟ ଯୁଦ୍ଧର ସମାପ୍ତି ଔପଚାରିକତା ହୋଇ ରହିଯାଇଥିଲା । ଜାପାନ୍ ସେନା ପଛଘୁଞ୍ଚା ଦେଇଥିଲେ । ୧୯୪୫ ମସିହା ଅଗଷ୍ଟ ୬ ତାରିଖ ଦିନ ସକାଳ ୮ଟା ୧୫ ମିନିଟ୍‌ରେ ଆମେରିକା ସେନା ଲିଟିଲ୍ ବୟ ନାମକ ଏକ ପରମାଣୁ ବୋମା ପକାଇଥିଲା । ଏହି ସମୟରେ ଅନେକ ଲୋକ ନିଜ ନିଜ କର୍ମସ୍ଥଳକୁ ଯାଉଥିଲେ। କୁନି କୁନି ପିଲାମାନେ ସ୍କୁଲ ଯାଉଥିଲେ । ଏକ ରିପୋର୍ଟ ଅନୁଯାୟୀ, ଏହି ପରମାଣୁ ବମ୍ ସହରର ମଝି ସ୍ଥାନରେ ପଡ଼ିଥିଲା । ଏହା ଏତେ ଭୟଙ୍କର ଥିଲା ଯିଏ ମାତ୍ର କିଛି ସେକେଣ୍ଡ ଭିତରେ ପ୍ରାୟ ୮୦ ହଜାର ଲୋକ ପ୍ରାଣ ହରାଥିଲେ। ସେହିପରି ଲକ୍ଷାଧିକ ଲୋକ ଆହତ ହୋଇଥିଲେ। ପରବର୍ତ୍ତୀ ଅବସ୍ଥାରେ ଏହି ଆହତଙ୍କ ମଧ୍ୟରୁ ଅନେକଙ୍କର ମୃତ୍ୟୁ ହୋଇଥିଲା। ଏହା ତ କେବଳ ଜୀବନ କଥା, କେତେ ଯେ ସମ୍ପତ୍ତି ନଷ୍ଟ ହୋଇଛି, ତା'ର କଳ୍ପନା କରାଯାଇ ନ ପାରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ପରମାଣୁ ଆକ୍ରମଣରେ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଥିଲେ ସେମାନଙ୍କୁ ଚିକିତ୍ସା କରାଇବା ପାଇଁ ସହରରେ ଡାକ୍ତର ମଧ ନ ଥିଲେ । କାରଣ ପରମାଣୁ ଆକ୍ରମଣରେ ସେଠାରେ ୯୦ ପ୍ରତିଶତ ଡାକ୍ତର ପ୍ରାଣ ତ୍ୟାଗ କରିଥିଲେ । ତେବେ ଏହି ଆକ୍ରମଣକୁ ସେତେବେଳେ ଭାରତ ସମେତ ଅନେକ ଦେଶ ନିନ୍ଦା କରିବା ସହ ଜାପାନକୁ ସହାୟତାର ହାତ ବଢାଇଥିଲେ । 'ହିରୋସୀମା ଦିବସ' ପରମାଣୁ ଯୁଦ୍ଧର ବିନାଶକାରୀ ପ୍ରଭାବକୁ ସ୍ମରଣ କରାଇବା ସହ ବିଶ୍ୱ ଶାନ୍ତି ଏବଂ ନିରସ୍ତ୍ରୀକରଣ ପାଇଁ ବିଶ୍ୱର ସବୁ ରାଷ୍ଟ୍ରକୁ ଚେତାବନୀ ଦିଏ।



# କିଶୋର କୁମାରଙ୍କ ବାୟୋପିକ୍ ଛାଡ଼ିଲେ ରଣବୀର

ବଲିଉଡ୍‌ର ଚକଲେଟ୍ ବୟ ରଣବୀର କପୁର ଏବେ ନୀତେଶ ତିୱାରୀଙ୍କ 'ରାମାୟଣ' ପାଇଁ ଚର୍ଚ୍ଚାରେ । ୪୦୦୦ କୋଟି ବଜେଟ୍‌ର ଏହି ଫିଲ୍ମରେ ସେ ଭଗବାନ ଶ୍ରୀରାମଙ୍କ ଭୂମିକାରେ ନଜର ଆସିବେ। ଏହି ଫିଲ୍ମର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଓ ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳି ଅବସରରେ ଆସିବ। 'ରାମାୟଣ' ପୂର୍ବରୁ ରଣବୀର, ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ କିଶୋର କୁମାରଙ୍କ ବାୟୋପିକ୍‌ରେ ନଜର ଆସିବେ ବୋଲି କୁହାଯାଉଥିଲା। ହେଲେ ରଣବୀର ଏଥିରେ ଏବେ କାମ କରିବେ ନାହିଁ ବୋଲି ଜଣାପଡ଼ିଛି। ଏବେ ଅମିର୍ ଖାନଙ୍କୁ ଏହି ଭୂମିକା ଅଫର୍ ହୋଇଥିବା କୁହାଯାଉଛି। ଏନେଇ ଅନୁରାଗ କହିଛନ୍ତି, 'ରଣବୀରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାର ଥିଲା। କାରଣ ତାଙ୍କୁ 'ରାମାୟଣ' ଓ କିଶୋର କୁମାରଙ୍କ ବାୟୋପିକ୍ ମଧ୍ୟରୁ ଗୋଟିଏ ବାଛିବାର ଥିଲା। ରଣବୀର 'ରାମାୟଣ'କୁ ବାଛିଥିଲେ। ମୁଁ ଭାବୁଛି ସେ ଠିକ୍ ନିଷ୍ପତ୍ତି ନେଇଛନ୍ତି। ଆମେ ଦୁଇ ଜଣ ଏକାଠି କାମ କରିବାକୁ ଚାହୁଁଛୁ, କିନ୍ତୁ ତାହା ସମ୍ଭବ ହେଉ ନାହିଁ। ସେ ଏକାସାଙ୍ଗେ ବହୁତଗୁଡ଼ିଏ ଫିଲ୍ମ କରୁଛନ୍ତି।' ଏବେ ଅନୁରାଗ କିଶୋର କୁମାରଙ୍କ ବାୟୋପିକ୍ ପାଇଁ ଅମିର୍ ଖାନ୍‌କୁ ଯୋଗାଯୋଗ କରିଥିବା ଜଣାପଡ଼ିଛି। ଅମିର୍‌ଙ୍କୁ ଏହାର କାହାଣୀ ବେଶ୍ ପସନ୍ଦ ଆସିଛି । କିନ୍ତୁ ଏନେଇ ଅନୁରାଗ କହିଛନ୍ତି, "ଯେପର୍ଯ୍ୟନ୍ତ କିଛି ଫାଇନାଲ ହୋଇ ନାହିଁ ମୁଁ କିଛି କହିପାରିବି ନାହିଁ।"

## ସମ୍ଭାବନା



# ହଷ୍ଟେଲରେ ନ ଥାଏ ଏକାକୀତ୍ୱ



**ଅନେକ ବିଦ୍ୟାର୍ଥୀ ଘରଠୁ ଦୂର ହଷ୍ଟେଲରେ ରହି ପାଠ ପଢ଼ନ୍ତି। ସେହିପରି ହଷ୍ଟେଲରେ ସାଙ୍ଗସାଥୀଙ୍କ ସହିତ ମିଶିକି ରହିବାକୁ ପଡ଼ିଥାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ହଷ୍ଟେଲ ରହଣି କଷ୍ଟକର ଲାଗିଲେ ବି ଏଥିରୁ ଜୀବନ ଜିଇଁବା ଲାଗି ଅନେକ କିଛି ଶିଖିବାକୁ ମିଳିଥାଏ।**

ହଷ୍ଟେଲରେ ଅନେକ ନୂଆ ସାଙ୍ଗ ମିଳିଥାନ୍ତି। ଏହା ଦ୍ୱାରା ସାମାଜିକ ସମ୍ପର୍କ ବୃଦ୍ଧି ପାଏ। ଘରଠୁ ଦୂରରେ ରହିବାକୁ ପଡ଼ିଥାଏ। ତେଣୁ ହଷ୍ଟେଲରେ ରହିବା ଦ୍ୱାରା ନିର୍ଣ୍ଣୟ ନେବା, ନିଜ ରୁମ୍‌କୁ କିଭଳି ସଫା ରଖିବା, ଖାଦ୍ୟ ମ୍ୟାନେଜ କରିବା, ଅର୍ଥ ସଞ୍ଚୟ କରିବା କଳା କୌଶଳ ଶିଖି ହୁଏ। ହଷ୍ଟେଲରେ ରହିବା ଦ୍ୱାରା ଜଣେ ଅନ୍ୟ ଉପରେ ନିର୍ଭରଶୀଳ ନ ହୋଇ, ବରଂ ଆତ୍ମନିର୍ଭର ହୋଇଥାଏ। ସେହିପରି ହଷ୍ଟେଲରେ ପାଠପଢ଼ା ଲାଗି ଏକ ଉତ୍ତମ ପରିବେଶ ମିଳିଥାଏ। ସାଙ୍ଗସାଥୀଙ୍କ ସହିତ ମିଶିକି ପଢ଼ିବାର ସୁଯୋଗ ଜୁଟେ। ବିଭିନ୍ନ ସୁବିଧା, ଅସୁବିଧାରେ ସାଙ୍ଗସାଥୀ ପାଖରେ ଛିଡ଼ା ହୁଅନ୍ତି। ସାହାଯ୍ୟର ହାତ ବଢ଼ାନ୍ତି। ଅନ୍ୟପଟେ ଅନେକ ସମୟରେ କଲେଜ କ୍ୟାମ୍ପସରୁ ହଷ୍ଟେଲ ପାଖ ହୋଇଥାଏ । ଏହା ଦ୍ୱାରା ଯିବା ଆସିବାର ସମୟ ଓ ଅର୍ଥ ସଞ୍ଚୟ ହୁଏ। ଗୋଟିଏ ସ୍ଥାନରେ ମିଳିମିଶି ସାଙ୍ଗସାଥୀଙ୍କ ସହ ରହିବାରୁ କେବେ ବି ହଷ୍ଟେଲରେ ଏକାକୀତ୍ୱ ନ ଥାଏ।

# ଜେନ୍ ଜେଡ୍‌ଙ୍କ ନୂଆ ଟ୍ରେଣ୍ଡ ରିଭର୍ସ କ୍ୟାଟ୍‌ଫିସିଂ

**ସୋସିଆଲ ମିଡିଆରେ ଜେନ୍ ଜେଡ୍ ଏକ ନୂଆ ଟ୍ରେଣ୍ଡ ଆରମ୍ଭ କରିଛନ୍ତି । ଏହାକୁ ରିଭର୍ସ କ୍ୟାଟ୍‌ଫିସିଂ କୁହାଯାଉଛି । କ୍ୟାଟ୍‌ଫିସିଂର ଅର୍ଥ ହେଉଛି ଅନଲାଇନ୍ ପ୍ଲାଟଫର୍ମରେ ନିଜର ପରିଚୟକୁ ମିଛ ଏବଂ ଆକର୍ଷଣୀୟ ତରିକାରେ ଲୋକଙ୍କୁ ଦେଖାଇବା । ହେଲେ ରିଭର୍ସ କ୍ୟାଟ୍‌ଫିସିଂ ହେଉଛି ଏହାର ସମ୍ପୂର୍ଣ୍ଣ ବିପରୀତ । ଏଥିରେ ଜାଣିଶୁଣି ଲୋକେ ଅନଲାଇନ୍‌ରେ ନିଜକୁ କମ୍ ଆକର୍ଷଣୀୟ ଦେଖାଉଛନ୍ତି । ଏନେଇ କୌଣସି ଫିଲଟର ଆଦି ବ୍ୟବହାର ନ କରି ନିଜେ ଯେମିତି, ସେମିତି ନିଜର ବ୍ୟକ୍ତିତ୍ୱକୁ ପ୍ରଦର୍ଶନ କରୁଛନ୍ତି । କାରଣ ଆଜିର ଜେନ୍ ଜେଡ୍ ଯୁବପିଢ଼ି କାହାକୁ ଆକର୍ଷିତ କରିବାକୁ ଚାହୁଁ ନାହାନ୍ତି ।**

ରିଭର୍ସ କ୍ୟାଟ୍‌ଫିସିଂ କେବଳ ଏକ ମଜାଦାର ଟ୍ରେଣ୍ଡ ନୁହେଁ । ଏହା ମାଧ୍ୟମରେ ଜେନ୍ ଜେଡ୍ ଏକଥା ବୁଝାଇବାକୁ ଚେଷ୍ଟା କରୁଛନ୍ତି ଯେ, ସମ୍ପର୍କ ତିଆରି କରିବା ପାଇଁ ପରଫେକସନ ନୁହେଁ, ବରଂ ମାନବିକତା ଏବଂ ସଚ୍ଚୋଟତା ଜରୁରି । ରିଭର୍ସ କ୍ୟାଟ୍‌ଫିସିଂ ଦେଖେଇ ହେବା ଦୁନିଆରେ ବାସ୍ତବତାକୁ ଆପଣାଇବାର ଏକ ରାହା ସାଜିଛି । ଜେନ୍ ଜେଡ୍ ଏବେ ଫିଲଟର ଏବଂ ଓଭର ପ୍ରେଜେନଟେସନରୁ ବାହାରି ସଚ୍ଚୋଟତା ପ୍ରତି ଅଗ୍ରସର ହେଉଛନ୍ତି । ସେଥିପାଇଁ ସେମାନେ ନିଜର ଦୋଷ, ଦୁର୍ବଳତା, ପ୍ରକୃତ ବ୍ୟକ୍ତିତ୍ୱକୁ ସାମ୍ନାକୁ ଆଣୁଛନ୍ତି ।

ଅନ୍ୟପଟେ ଏହି ଟ୍ରେଣ୍ଡ କେବଳ ଏକ ଷ୍ଟାଇଲ ନୁହେଁ, ବରଂ ଭରସା, ସରଳତା ଏବଂ ଭାବାବେଗ ସମ୍ବନ୍ଧର ଏକ ନୂଆ ପରିଭାଷା । ଆଜିର ସମୟରେ ଲୋକ ସବୁଠୁ ସୁନ୍ଦର ଦିଶିବା ଉପରେ ଗୁରୁତ୍ୱ ଦେଉଛନ୍ତି । ହେଲେ ଜେନ୍ ଜେଡ୍ ରିଭର୍ସ କ୍ୟାଟଫିସିଂ ସୂତ୍ରକୁ ଗ୍ରହଣ କରି ସମ୍ପର୍କକୁ ଅଧିକ ମଜଭୁତ କରିବାରେ ଲାଗିଛନ୍ତି । ତେବେ ଜେନ୍ ଜେଡ୍‌ଙ୍କ ଏ ପ୍ରକାର ସମ୍ପର୍କରେ କୌଣସି ମିଛ କିମ୍ବା ଫିଲଟର ନ ଥାଏ, ବରଂ ଥାଏ ଭାବପ୍ରବଣତା ।




# ବାରମ୍ବାର ଚାକିରି ବଦଳାଉଥିଲେ

**କିଛି ଲୋକ ଏଭଳି ଅଛନ୍ତି, ଯେଉଁମାନେ ଗୋଟିଏ ସ୍ଥାନରେ ବେଶି ଦିନ ପର୍ଯ୍ୟନ୍ତ କାମ କରି ନ ଥାନ୍ତି । ସେମାନଙ୍କର ଏହି ବାରମ୍ବାର ଚାକିରି ବଦଳାଇବା ଅଭ୍ୟାସକୁ 'ଜବ୍ ହପିଂ' କୁହାଯାଏ । ତେବେ ଏହାର କିଛି ଖରାପ ଦିଗ ବି ଅଛି ।**

- ବାରମ୍ବାର ଚାକିରି ବଦଳାଇବା ଦ୍ୱାରା ଅନ୍ୟ ନୂଆ କମ୍ପାନି ବି ସେଠାରେ ବେଶି ଦିନ ରହିବା କଥା ଭାବି ନ ଥାନ୍ତି ।
- କୌଣସି କମ୍ପାନିରେ ପଦୋନ୍ନତି ଓ ଗୁରୁ ଦାୟିତ୍ୱ ମିଳିବାରେ ସମୟ ଲାଗେ ।
- ବାରମ୍ବାର ଚାକିରି ବଦଳାଇଲେ ପର୍ଯ୍ୟାପ୍ତ ଅଭିଜ୍ଞତା ଓ ସୁଯୋଗ ମିଳେ ନାହିଁ ।
- ମାସକ ମଧ୍ୟରେ ଚାକିରି ବଦଳାଇବା ଅଭ୍ୟାସ ଦ୍ୱାରା ନୂଆ ଜ୍ଞାନ କୌଶଳ ଅଧାରେ ରହେ ।
- ନେଟୱର୍କ ଗଠନରେ ସମୟ ଲାଗେ ।
- ଦୀର୍ଘ ଦିନ ଗୋଟିଏ ସ୍ଥାନରେ କାମ କରିବା ଦ୍ୱାରା ସହକର୍ମୀ, ବରିଷ୍ଠ କର୍ମଚାରୀ ଓ କମ୍ପାନି ମୁଖିଆଙ୍କ ସହିତ ଉତ୍ତମ ସମ୍ପର୍କ ସୃଷ୍ଟି ହୁଏ । ଯାହାକି ଲଗାତାର ଚାକିରି ପରିବର୍ତ୍ତନରେ ହୋଇ ନ ଥାଏ ।



# ଇନଷ୍ଟାଗ୍ରାମ୍‌ର 'ଅଟୋ ସ୍କ୍ରଲ୍' ଫିଚର୍

ଆଜିକାଲି ଏମିତି କେହି ନାହାନ୍ତି, ଯେଉଁମାନେ ରିଲ୍ସକୁ ସ୍କ୍ରଲ୍ କରି ଦେଖୁ ନାହାନ୍ତି । ତେବେ ଇନଷ୍ଟାଗ୍ରାମ୍ ରିଲ୍ସର ମାନୁଆଲି ସ୍କ୍ରଲ ଫିଚର୍‌କୁ ଅଟୋ ସ୍କ୍ରଲ ଫିଚର୍‌ରେ ପରିବର୍ତ୍ତନ କରିଛି । ଏବେ ଏହି ପ୍ଲାଟ୍‌ଫର୍ମ ଏହି ଫିଚର୍‌କୁ ପରୀକ୍ଷା କରୁଛି । ଏହି ଫିଚର ଦ୍ୱାରା ବ୍ୟବହାରକାରୀଙ୍କୁ ରିଲ୍ସ ସ୍କ୍ରଲ କରି ଦେଖିବା ଲାଗି ଅଙ୍ଗୁଳିର ଉପଯୋଗ କରିବାକୁ ପଡ଼ିବ ନାହିଁ, ବରଂ ରିଲ୍ସ ଲଗାତାର ସେମିତି ଚାଲୁଥିବ । ଏହି ଫିଚର ସମସ୍ତଙ୍କ ଲାଗି ଉପଲବ୍ଧ ହୋଇ ନାହିଁ । କିଛି ସୀମିତ ସଂଖ୍ୟକ ବ୍ୟବହାରକାରୀଙ୍କ ଉପରେ ଏହାକୁ ଇନଷ୍ଟାଗ୍ରାମ୍ ପରୀକ୍ଷା କରୁଛି ।

ଏହି ଫିଚର୍ ରିଲ୍ସ ଚଲାଇବା ଲାଗି ବ୍ୟବହାରକାରୀଙ୍କୁ ଅଟୋ ସ୍ୱାଇପ୍ କରିବାକୁ ରୋକିଥାଏ । ଏହାସହ ସ୍ୱତଃପ୍ରବୃତ୍ତ ଭାବେ ରିଲ୍ସକୁ ସ୍କ୍ରଲ କରିଥାଏ । ଯେଉଁ ବ୍ୟବହାରକାରୀ ରିଲ୍ସ ସ୍କ୍ରଲ କରିବାରେ ଅଧିକ ସମୟ ଅତିବାହିତ କରୁଥିଲେ, ସେମାନଙ୍କୁ ଏହା ଆଶ୍ୱସ୍ତି ପ୍ରଦାନ କରିବ । କେବଳ ସେତିକି ନୁହେଁ, ଏକଥା ବ୍ୟବହାରକାରୀ ଜାଣିପାରିବେ ନାହିଁ, କେତେ ସମୟ ସେମାନେ ରିଲ୍ସରେ ଅତିବାହିତ କରୁଛନ୍ତି । ଅବଶ୍ୟ ଏହା ମଧ ଏକପ୍ରକାର କ୍ଷତି । ଅନ୍ୟପଟେ ଏହା ସମସ୍ତଙ୍କ ପାଇଁ କେବେ ଉପଲବ୍ଧ ହେବ, ସେକଥା ସ୍ପଷ୍ଟ କରାଯାଇ ନାହିଁ ।



## ଭାରତ-ଇଂଲଣ୍ଡ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ରେକର୍ଡ

# ୧୮୬୦ ଓଭର, ୭,୧୮୭ ରନ୍, ୧୭୨ ୱିକେଟ୍



ନୂଆଦିଲ୍ଲୀ, ୫।୮ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଶେଷ ହୋଇଛି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍। ଏହି ସିରିଜ୍‌ରେ ଯେପରି ଉତ୍କଣ୍ଠା, ପ୍ରତିଦ୍ୱନ୍ଦ୍ୱିତା ଓ ରୋମାଞ୍ଚ ସୃଷ୍ଟି ହୋଇଥିଲା ତାହା ଖୁବ୍ କମ୍ ଟେଷ୍ଟ ସିରିଜ୍‌ରେ ଦେଖିବାକୁ ମିଳିଥାଏ। ଦୁଇ ପ୍ରତିଦ୍ୱନ୍ଦ୍ୱୀ ପରସ୍ପର ସହ ଜୋରଦାର ମୁକାବିଲା କରିଛନ୍ତି। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ମତରେ ଏହି ସିରିଜ୍ ୨-୨ରେ ବରାବର ସ୍ଥିତିରେ ରହିବା ଯଥାର୍ଥ ହୋଇଛି। ଏହା ହେଉଛି ଏକବିଂଶ ଶତାବ୍ଦୀର ଚତୁର୍ଥ ଟେଷ୍ଟ ସିରିଜ୍ ଯେଉଁଥିରେ ସମସ୍ତ ଟେଷ୍ଟ ଗୁଡିକ ୫ମ ଦିନରେ ଶେଷ ହୋଇଛି। ଏହା ମଧ୍ୟରୁ ପ୍ରଥମଥର ଦୁଇଟି ଟେଷ୍ଟ ମ୍ୟାଚ୍‌ର ଫଳାଫଳ ୨୫ ରନ୍ ମଧ୍ୟରେ ନିର୍ଦ୍ଧାରିତ ହୋଇଛି। ଏହି ଟେଷ୍ଟ ସିରିଜ୍‌ର ପରିସଂଖ୍ୟାନକୁ ଦେଖିଲେ ଉଭୟ ଦଳ ପ୍ରାୟତଃ ସମାନସ୍ତରର ଖେଳ ପ୍ରଦର୍ଶନ କରିଛନ୍ତି ଓ ସମାନ ସଫଳତା ପାଇଛନ୍ତି। ବ୍ୟାଟିଂରେ ଭାରତ ୩୯.୭୭ ହାରରେ ରନ୍ ସଂଗ୍ରହ କରିଥିଲାବେଳେ ୩୮.୮୮ ହାରରେ ୮୪ଟି ୱିକେଟ ଅକ୍ତିଆର କରିଛି। ଅନ୍ୟପକ୍ଷରେ ଇଂଲଣ୍ଡ ୩୭.୫୭ ହାରରେ ରନ୍ ସଂଗ୍ରହ କରିଥିଲାବେଳେ ୪୧.୮୪ ହାରରେ ୮୮ଟି ୱିକେଟ ଅକ୍ତିଆର କରିଛି। ସେ ଯାହା ହେଉ ୨୫ ଦିନର ଘମାଘୋଟ ଟେଷ୍ଟ ଲଢ଼େଇରେ ମୋଟ ୧୮୬୦.୪ ଓଭର ବୋଲିଂ ହୋଇଥିଲାବେଳେ ୬୭୩୬ ରନ୍ ସଂଗୃହୀତ ହୋଇଛି। ଏଥିରେ ୧୭୨ଟି ୱିକେଟ ପତନ ଘଟିଥିଲାବେଳେ ୪୧ଟି କ୍ୟାଚ୍ ଡ୍ରପ୍ ହୋଇଛି। ତେବେ ତଥ୍ୟରୁ ଅନେକ କିଛି ରେକର୍ଡ ତଥା ଶ୍ରେଷ୍ଠ ପ୍ରଦର୍ଶନ ଦେଖିବାକୁ ମିଳିଛି।

### ବ୍ୟାଟିଂକୁ ସୁହାଇଲା ଭଳି ପିଚ୍

ଇଂଲଣ୍ଡରେ ଖେଳାଯାଉଥିବା ପିଚ୍ ସାଧାରଣତଃ ପେସ୍ ବୋଲରଙ୍କୁ ସୁହାଇଥାଏ। ଏହି ପିଚ୍‌ରେ ସୁଇଂ ଓ ବାଉନ୍ସ ଦେଖିବାକୁ ମିଳିଥାଏ। କିନ୍ତୁ ଏହି ଟେଷ୍ଟ ସିରିଜ୍‌ରେ ଖେଳାଯାଇଥିବା ପିଚ୍ ଗୁଡିକ ପ୍ରାୟ ବ୍ୟାଟିଂକୁ ସୁହାଇଛି। ଯାହା ଫଳରେ ସିରିଜ୍‌ରେ ୬୭୩୬ ରନ୍ ସଂଗୃହୀତ ହୋଇଛି। ଉଭୟ ଦଳ ୧୭୨ଟି ୱିକେଟ ହରାଇଥିଲାବେଳେ ହାରହାରି ୩୯.୧୬ ହାରରେ ରନ୍ ସ୍କୋର ହୋଇଛି। ଏଥିରେ ଆଉ ଅଧିକ ୨୦ ରନ୍ ହୋଇଥିଲେ ୧୯୯୩ ଇଂଲଣ୍ଡ-ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ଆସେସ ସିରିଜ୍‌ର ସର୍ବାଧିକ ରନ୍ ସଂଗ୍ରହର ରେକର୍ଡକୁ ଭାଙ୍ଗିଦେଇଥାନ୍ତା।

### ବୋଲରଙ୍କ ଲାଗି କଠିନ ସମୟ



ଏହି ସିରିଜ୍‌ରେ ପିଚ୍ ବ୍ୟାଟରଙ୍କୁ ସୁହାଉଥିବା ଅର୍ଥ ବୋଲରଙ୍କ ଲାଗି କଠିନ ସମୟ ଥିଲା। ସିରିଜ୍‌ରେ ଏମାନେ ୧୮୬୦.୪ ଓଭର ବୋଲିଂ କରିଥିଲେ। ଏକବିଂଶ ଶତାବ୍ଦୀରେ ଇଂଲଣ୍ଡରେ ଅନୁଷ୍ଠିତ ଟେଷ୍ଟ ସିରିଜ୍‌ରେ ଏହା ଥିଲା ସର୍ବାଧିକ। ଏହି ସିରିଜ୍‌ରେ ଖେଳାଯାଇଥିବା ୧୯ଟି ମଧ୍ୟରୁ ୧୪ଥର ଗୋଟିଏ ଇନିଂସରେ ୩୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗୃହୀତ ହୋଇଛି। ସେହିପରି ୧୪ଥର ଗୋଟିଏ ଇନିଂସ ୮୦ କିମ୍ବା ତା'ଠାରୁ ଅଧିକ ଓଭର ଯାଏ ଖେଳାଯାଇଛି। ଉଭୟ ବିଭାଗରେ ଗୋଟିଏ ଟେଷ୍ଟ ସିରିଜ୍‌ରେ ଏହା ରେକର୍ଡ ରନ୍ ସଂଗ୍ରହ।

ସିରିଜ୍‌ରେ ଇଂଲଣ୍ଡ ସର୍ବାଧିକ ୧୦୫୨ ଓଭର ବୋଲିଂ କରିଛି। ୨୦୦୦ ପରେ ଏହା ଦଳ ଲାଗି ସର୍ବାଧିକ। ୨୦୧୭-୧୮ ପରେ ପ୍ରଥମଥର ଘରୋଇ ଦଳ ୧୦୦୦ରୁ ଅଧିକ ଓଭର ବୋଲିଂ କରିଛି। ଆହତ ହେବା ଓ ଗୋଟିଏ ଟେଷ୍ଟ ନ ଖେଳିବା ସତ୍ତ୍ୱେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ୧୪୦ ଓଭର ବୋଲିଂ କରିଛନ୍ତି। ଅନ୍ୟପକ୍ଷରେ ଭାରତ ୮୪ଟି ୱିକେଟ ନେବା ଲାଗି ମାତ୍ର ୮୦୮.୪ ଓଭର ବୋଲିଂ କରିଛି। ୱିକେଟ ପ୍ରତି ଷ୍ଟ୍ରାଇକ୍ ରେଟ ୫୭.୭ ରହିଛି। ଏହା ମଧ୍ୟରୁ ପେସ୍ ବୋଲରଙ୍କ ଷ୍ଟ୍ରାଇକ୍ ରେଟ୍ ୫୦.୭ ହୋଇଥିଲାବେଳେ ଏମାନେ ୭୦ଟି ୱିକେଟ ନେଇଛନ୍ତି। ପୂର୍ବରୁ କେବଳ ୨୦୨୪-୨୫ ଗାଭାସ୍କର-ବର୍ଡର ଟ୍ରଫିରେ ଭାରତୀୟ ପେସ୍ ବୋଲରଙ୍କ ଷ୍ଟ୍ରାଇକ୍ ରେଟ୍ ସବୁଠାରୁ କମ୍ ବା ୪୧.୮ ଥିଲା। ଭାରତୀୟଙ୍କ ମଧ୍ୟରେ ମହମ୍ମଦ୍ ସିରାଜ ସର୍ବାଧିକ ୧୧୧୩ଟି ବଲ ବୋଲିଂ କରି ସର୍ବାଧିକ ୨୩ଟି ୱିକେଟ ନେଇଛନ୍ତି। ଇଂଲଣ୍ଡର କ୍ରିସ୍ ଓକ୍ସ ମଧ୍ୟ ୧୦୦୦ ବଲ ପକାଇଛନ୍ତି। ଆହତ ହୋଇ ନ ଥିଲେ ଏହି ସଂଖ୍ୟା ବୃଦ୍ଧି ପାଇଥାନ୍ତି।

### ଜାଡେଜାଙ୍କ ପ୍ରଦର୍ଶନ ଆଣିଛି ଫରକ



ନଂ-୬ ଓ ୭ରେ ଭାରତୀୟ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ପ୍ରଦର୍ଶନ ଉଭୟ ଦଳ ମଧ୍ୟରେ ଫରକ ଆଣିଛି। ସିରିଜ୍‌ରେ ସେ ଗୋଟିଏ ଶତକ ଓ ୬ଟି ଅର୍ଦ୍ଧଶତକ ସହ ୫୧୬ ରନ୍ କରିଛନ୍ତି। ଏହି ପୋଜିସନରେ ବ୍ୟାଟିଂ କରି ଜାଡେଜା ବିଶ୍ୱର ଷଷ୍ଠ ବ୍ୟାଟର ଭାବେ ଗୋଟିଏ ସିରିଜ୍‌ରେ ୭ଥର ୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି। ସବୁଠାରୁ ଉଲ୍ଲେଖନୀୟ କଥା ହେଲା ସେ ଦ୍ୱିତୀୟ ଇନିଂସରେ ମାତ୍ର ଥରେ ଆଉଟ ହୋଇଥିଲେ।

### ୨୧ ସେଞ୍ଚୁରୀ ଓ ୧୯ ସେଞ୍ଚୁରୀ ପାର୍ଟନରସିପ୍

ଏହି ସିରିଜ୍‌ରେ ବ୍ୟାଟରମାନେ ୨୧ଟି ଶତକ ହାସଲ କରିଛନ୍ତି। ୧୯୫୫ ଅଷ୍ଟ୍ରେଲିଆ-ୱେଷ୍ଟଇଣ୍ଡିଜ୍ ଟୁର୍‌ରେ ହୋଇଥିବା ୨୧ଟି ଶତକ ସହ ସମାନ। ଲିଡ୍ସରେ ହ୍ୟାରୀ ବ୍ରୁକ୍ ୯୯ ରନ୍‌ରେ ଆଉଟ ହୋଇ ନ ଥିଲେ ଏହି ରେକର୍ଡ ଭାଙ୍ଗିଥାନ୍ତା। ଏହା ମଧ୍ୟରୁ ଭାରତୀୟ ବ୍ୟାଟରମାନେ ୧୨ଟି ଓ ଇଂଲଣ୍ଡର ୯ଟି ଶତକ ହାସଲ କରିଛନ୍ତି। ୧୯୯୮ ପରେ ଏହି ସିରିଜ୍‌ରେ ମଧ୍ୟ ସର୍ବାଧିକ ୧୯ଟି ସେଞ୍ଚୁରୀ ପାର୍ଟନରସିପ୍ ହୋଇଛି।

### ଓପନିଂରେ ଇଂଲଣ୍ଡ ଆଗୁଆ

ଇଂଲଣ୍ଡର ଓପନର ଏହି ସିରିଜ୍‌ରେ ଭଲ ଖେଳିଛନ୍ତି। ଇଂଲଣ୍ଡର ଜ୍ୟାକ୍ କ୍ରାଲୀ ଓ ବେନ୍ ଡକେଟ ୬୫.୪୪ ହାରରେ ଓ ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ ମାତ୍ର ୩୪.୧୦ ହାରରେ ରନ୍ ସଂଗ୍ରହ କରିଛନ୍ତି। ପ୍ରଥମ ୧୦ ଓଭରରେ ଭାରତୀୟ ଓପନିଂ ଯୋଡି ୧୦ଟି ଇନିଂସ ମଧ୍ୟରୁ ୮ଥର ପ୍ରଥମ ୱିକେଟ ହରାଇଛି। କିନ୍ତୁ ଇଂଲଣ୍ଡ ୯ଟି ଇନିଂସରେ ୫ଥର ୱିକେଟ ହରାଇଛି। ଓପନିଂ ପାର୍ଟନରସିପ୍‌ରେ ଇଂଲଣ୍ଡ ୪.୩୪ ହାରରେ ଓ ଭାରତ ୩.୩୬ ହାରରେ ରନ୍ ସଂଗ୍ରହ କରିଥିଲା। ରାହୁଲ ଓ ଜୟସ୍ୱାଲ ମିଳିତଭାବେ ୪ଟି ଶତକ ହାସଲ କରିଥିଲେ ମଧ୍ୟ ଇଂଲଣ୍ଡ ଓପନିଂ ଯୋଡି ଏମାନଙ୍କଠାରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି।

### ମିଡିଲ୍ ଅର୍ଡରରେ ଭାରତର ସଫଳତା

ମିଡିଲ ଅର୍ଡର ବ୍ୟାଟିଂରେ ଭାରତ ଅଧିକ ସଫଳତା ପାଇଛି। ନଂ-୪ରୁ ୬ ବ୍ୟାଟର ଭାରତ ଲାଗି ୬୫.୬୬ ଓ ଇଂଲଣ୍ଡ ଲାଗି ୫୧.୨୬ ହାରରେ ରନ୍ ସଂଗ୍ରହ କରିଛନ୍ତି। ଭାରତ ବିପକ୍ଷରେ ରୁଟ୍ ତୃତୀୟଥର ସକାଶେ ୫୦୦ରୁ ଅଧିକ ରନ୍ କରିଥିଲେ ମଧ୍ୟ ଭାରତର ଶୁବମନ ଗିଲ୍ ଅଧିନାୟକ ଭାବେ ସର୍ବାଧିକ ୭୫୪ ରନ୍ ସଂଗ୍ରହ କରି ତାଙ୍କୁ ପଛରେ ପକାଇଛନ୍ତି। ନଂ-୫ରେ ହ୍ୟାରୀ ବ୍ରୁକ୍ ୫୫.୬୬ ଓ ଭାରତର ଋଷଭ ପନ୍ତ ୪ଟି ଟେଷ୍ଟରେ ୬୮.୪୨ ରନ୍ ସଂଗ୍ରହ କରି ଆଗରେ ରହିଛନ୍ତି।

### ୪୧ଟି କ୍ୟାଚ୍ ଡ୍ରପ୍, ୬୩ ଡିଆର୍‌ଏସ୍

ଏହି ସିରିଜ୍‌ରେ ଉଭୟ ଦଳ ପାଇଥିବା ସୁଯୋଗକୁ ହାତଛଡ଼ା କରିଛନ୍ତି। ଫଳରେ ସିରିଜ୍‌ରେ ୪୧ଟି କ୍ୟାଚ୍ ଡ୍ରପ୍ ହୋଇଛି। ୨୦୧୮ ପରେ ଏହା ସର୍ବାଧିକ। କ୍ୟାଚ୍ ଡ୍ରପ୍‌ରେ ପ୍ରଥମ ୪ଟି ମଧ୍ୟରୁ ଭାରତ-ଇଂଲଣ୍ଡ ମଧ୍ୟରେ ୩ଟି ସିରିଜ୍ ରହିଛି। ଅନ୍ୟ ଦୁଇଟି ସିରିଜ୍ ମଧ୍ୟରୁ ୨୦୨୧-୨୨ରେ ୩୭ଟି ଓ ୨୦୧୮ରେ ୩୨ଟି କ୍ୟାଚ୍ ଡ୍ରପ୍ ହୋଇଥିଲା। ଏହି ୪୧ଟି ମଧ୍ୟରୁ ଭାରତ ସର୍ବାଧିକ ୨୩ଟି କ୍ୟାଚ୍ ଡ୍ରପ୍ କରିଛି।

**ଡିଆର୍‌ଏସ୍** : ଏହି ସିରିଜ୍‌ରେ ଅମ୍ପାୟାରଙ୍କ ନିଷ୍ପତ୍ତିକୁ ୬୩ଥର ଚ୍ୟାଲେଞ୍ଜ କରାଯାଇଛି। ଏହା ମଧ୍ୟରୁ ୬୯.୮ ଶତକଡ଼ା ବା ୪୪ଟି ରିଭ୍ୟୁ କାଟ୍ ଖାଇଯାଇଥିଲା। ଏହା ଫଳରେ ଅମ୍ପାୟାରଙ୍କ ଲାଗି ଏହା ସଫଳ ସିରିଜ୍ ଭାବେ ବିବେଚିତ ହୋଇଛି। ୪୪ଟି ମଧ୍ୟରୁ ଭାରତ ନେଇଥିବା ୨୪ଟି ରିଭ୍ୟୁ ବ୍ୟର୍ଥ ହୋଇଥିଲା। ଉଭୟ ଦଳ ବୋଲିଂ କରୁଥିଲାବେଳେ ୨ଥର ଲେଖାଏଁ ଅମ୍ପାୟାର ଦେଇଥିବା ଏଲବିଡବ୍ଲ୍ୟୁ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସଫଳ ହୋଇଥିଲେ।

## ମେସି ଓ ଆର୍ଜେଣ୍ଟିନା ଦଳର କେରଳ ଗସ୍ତ ବାତିଲ



ଥିରୁଅନନ୍ତପୁରମ, ୫।୮ (ଏଜେନ୍ସି): ବିଶ୍ୱର ଅନ୍ୟତମ ମହାନ ଫୁଟ୍‌ବଲ ଖେଳାଳି ଲିଓନେଲ୍ ମେସି ଓ ତାଙ୍କ ଆର୍ଜେଣ୍ଟିନା ଦଳ ଚଳିତ ବର୍ଷ ଅକ୍ଟୋବରରେ କେରଳ ଗସ୍ତରେ ଆସିବାର ଥିଲା। କିନ୍ତୁ ମେସିଙ୍କ ଏହି ଗସ୍ତ ଏବେ ବାତିଲ ହୋଇଯାଇଛି। କେରଳ କ୍ରୀଡ଼ାମନ୍ତ୍ରୀ ଭି. ଅବଦୁରହିମନ ଏହା ସ୍ପଷ୍ଟ କରିଛନ୍ତି। ଭାରତର ଅସଂଖ୍ୟ ଫୁଟ୍‌ବଲ୍ ପ୍ରେମୀଙ୍କ ଲାଗି ଏହା ଏକ ଦୁଃଖଦ ଖବର। ମେସି ଓ ତାଙ୍କ ଆର୍ଜେଣ୍ଟିନା ଦଳ ଚଳିତ ବର୍ଷ କେରଳ ଗସ୍ତରେ ଆସିବେ ନାହିଁ। ଆର୍ଜେଣ୍ଟିନା ଦଳ କେରଳରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥାନ୍ତା। ଏଥିଲାଗି ପ୍ରାୟୋଜକ ପାଉଣା ପ୍ରଦାନ କରିସାରିଥିଲେ। କିନ୍ତୁ ଅକ୍ଟୋବରରେ କାର୍ଯ୍ୟବ୍ୟସ୍ତତାକୁ ନଜରରେ ରଖି ଆର୍ଜେଣ୍ଟିନା ଦଳ କେରଳ ଆସିବାକୁ ମନା କରିଦେଇଥିବା ଜଣାପଡ଼ିଛି।

## ବିଏଫ୍‌ଆଇ ନିର୍ବାଚନ ଲଢ଼ିବେ ଅନୁରାଗ

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ବକ୍ସିଂ ଫେଡେରେସନ ଅଫ୍ ଇଣ୍ଡିଆର (ବିଏଫ୍‌ଆଇ)ର ନିର୍ବାଚନ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ୱାର୍ଲ୍ଡ ବକ୍ସିଂ ଦ୍ୱାରା ଅନୁମୋଦିତ ଏହି ନିର୍ବାଚନ ଲାଗି ହିମାଚଳ ପ୍ରଦେଶ ବକ୍ସିଂ ସଂଘ ପକ୍ଷରୁ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂ ଠାକୁର ଓ ସଭାପତି ରାଜେଶ ଭଣ୍ଡାରିଙ୍କୁ ଭୋଟ ଦେବାକୁ ସ୍ୱୀକୃତି ଦେଇଛନ୍ତି। ଏହା ସହ ପୂର୍ବତନ ସଭାପତି ଅଜୟ ସିଂଙ୍କ ନେତୃତ୍ୱରେ ଗଠିତ ବିଏଫ୍‌ଆଇର ମଧ୍ୟବର୍ତ୍ତିକାଳୀନ କମିଟି ସମ୍ବିଧାନରେ ଯେଉଁ ପରିବର୍ତ୍ତନ ଆଣିଛନ୍ତି ତାହା ବିରୋଧରେ ହିମାଚଳ ସଂଘ ନ୍ୟାୟାଳୟରେ ଆଶ୍ରୟ ନେଇଛନ୍ତି।

## ଖୋର୍ଦ୍ଧା ଜିଲ୍ଲା ବରିଷ୍ଠ ଚେସ୍ ଶନିବାର

ଭୁବନେଶ୍ୱର, ୫।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ବରିଷ୍ଠ ଚେସ୍ ପ୍ରତିଯୋଗିତା ଘାଟିକିଆସ୍ଥିତ ଏପିଜେ ପବ୍ଲିକ୍ ସ୍କୁଲ୍ ପରିସରରେ ଶନିବାର ଓ ରବିବାର ଦୁଇଦିନ ଧରି ଖେଳାଯିବ। ଏଥିରେ କେବଳ ଖୋର୍ଦ୍ଧା ଜିଲ୍ଲାର ଖେଳାଳି ଭାଗନେଇପାରିବେ ଓ କୃତୀ ପ୍ରତିଯୋଗୀମାନଙ୍କୁ ୫୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଏଥିରେ ପ୍ରଥମ ୧୫ଟି ସ୍ଥାନରେ ଥିବା ଖେଳାଳି, ଏଜ୍ ଗ୍ରୁପ୍ ଓ ଅନ୍ୟ ବିଭାଗର ଖେଳାଳିଙ୍କୁ ମଧ୍ୟ ପୁରସ୍କାର ଦିଆଯିବ। ଏଥିରେ ଭାଗନେବାକୁ ଆଗ୍ରହୀ ଥିବା ଖେଳାଳିମାନେ ୬୦୦ ଟଙ୍କାର ଏଣ୍ଟ୍ରି ଫି ସହ ଖୋର୍ଦ୍ଧା ଜିଲ୍ଲା ଚେସ ସଂଘର ସଦସ୍ୟ ସ୍ୱର୍ଣ୍ଣଶୁ ସତ୍ୟକାମ, ଡଃ ସୁଶାନ୍ତ ଷଡଙ୍ଗୀ କିମ୍ବା ଦୀପକ ପାତ୍ରଙ୍କୁ ୭ ତାରିଖ ସୁଦ୍ଧା ଯୋଗାଯୋଗ କରିବାକୁ ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଅନୁରୋଧ କରିଛନ୍ତି।

## ଜାତୀୟ ସବ୍‌ଜୁନିଅର ବାଳକ ହକି | କ୍ୱାର୍ଟରରେ ଅଟକିଗଲା ଓଡ଼ିଶା



ଭୁବନେଶ୍ୱର, ୫।୮ (ସମିସ): ଚେନ୍ନଇରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ବାଳକ ହକି ଚାମ୍ପିଅନସିପ୍ (ଡିଭିଜନ-ଏ)ରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ଅଟକିଯାଇଛି। ମଙ୍ଗଳବାର ଅନୁଷ୍ଠିତ ୨ୟ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୩-୪ ଗୋଲ୍‌ରେ ପଞ୍ଜାବ ନିକଟରୁ ପରାସ୍ତ ହୋଇଛି। ଓଡ଼ିଶା ପକ୍ଷରୁ ମନଦୀପ୍ କେରକେଟ୍ଟା ହ୍ୟାଟ୍ରିକ ଗୋଲ୍ ଦେଇଥିଲେ ମଧ୍ୟ ଦଳକୁ ସେମିଫାଇନାଲରେ ପହଞ୍ଚାଇ ପାରି ନ ଥିଲେ। ମ୍ୟାଚ୍ ଶେଷ ହେବାକୁ ୨ ମିନିଟ୍ ଥିବାବେଳେ ପଞ୍ଜାବର ସୁଖଦେବ ସିଂହ ନିର୍ଣ୍ଣାୟକ ୪ର୍ଥ ଗୋଲ୍ ଦେଇ ଦଳକୁ ରୋମାଞ୍ଚକ ବିଜୟ ଭେଟି ଦେଇଥିଲେ। ଅନ୍ୟ ୩ଟି କ୍ୱାର୍ଟର ଫାଇନାଲରେ ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶ ବିଜୟୀ ହୋଇ ସେମିଫାଇନାଲକୁ ଉଠିଛନ୍ତି।

## ଜୁନିଅର ମହିଳା ହକିରେ ଓଡ଼ିଶାର ବିଜୟ ଅଭିଯାନ




ଭୁବନେଶ୍ୱର, ୫।୮ (ସମିସ): ଆନ୍ଧ୍ର ପ୍ରଦେଶର କାକିନାଡ଼ାଠାରେ ଚାଲିଥିବା ୧୫ତମ ଜାତୀୟ ଜୁନିଅର ମହିଳା ହକିର ଏ' ଡିଭିଜନ ମ୍ୟାଚ୍ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଥିରେ ପୁଲ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ମହିଳା ଦଳ ସହଜ ବିଜୟରୁ ଅଭିଯାନ ଆରମ୍ଭ କରିଛି। ପ୍ରଥମ ମ୍ୟାଚରେ ଓଡ଼ିଶା ୩-୧ ଗୋଲ୍‌ରେ ଘରୋଇ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ସୁରେଖା ବହଲ, କରୁଣା ମିଞ୍ଜ ଓ ଦ୍ରୁପତି ନାୟକ ଓଡ଼ିଶା ପାଇଁ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ପ୍ରଭାବୀ ପ୍ରଦର୍ଶନ ଲାଗି ଓଡ଼ିଶାର ସୁରେଖାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହାର ଶେଷ ପୁଲ୍ ମ୍ୟାଚରେ ବୁଧବାର ମହାରାଷ୍ଟ୍ରକୁ ଭେଟିବ। ଏହି ମ୍ୟାଚରେ ଓଡ଼ିଶା ବିଜୟୀ ହେଲେ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ।

## ଛେତ୍ରୀଙ୍କ ସମେତ ସମସ୍ତ ବେଙ୍ଗାଲୁରୁ ଏଫ୍‌ସି ଖେଳାଳିଙ୍କ ଦରମା ବନ୍ଦ



ବେଙ୍ଗାଲୁରୁ, ୫।୮ (ଏଜେନ୍ସି): ଭାରତୀୟ ଘରୋଇ ଫୁଟ୍‌ବଲର ସର୍ବଶ୍ରେଷ୍ଠ ପ୍ରତିଯୋଗିତା ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଆଗାମୀ ୨୦୨୫-୨୬ ସିଜନକୁ ନେଇ ଅନିଶ୍ଚିତତା ଜାରି ରହିଛି। ଏହାରି ମଧ୍ୟରେ ଆଇଏସ୍‌ଏଲ୍ ଫ୍ରାଞ୍ଚାଇଜ ବେଙ୍ଗାଲୁରୁ ଏଫ୍‌ସି ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। କିମ୍ବଦନ୍ତୀ ଖେଳାଳି ସୁନିଲ ଛେତ୍ରୀଙ୍କ ସମେତ ବେଙ୍ଗାଲୁରୁ ଏଫ୍‌ସିର ସମସ୍ତ ଖେଳାଳିଙ୍କ ଦରମାକୁ ସ୍ଥଗିତ ରଖାଯାଇଛି। ବେଙ୍ଗାଲୁରୁ ଏଫ୍‌ସି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, 'ଆଇଏସ୍‌ଏଲ୍‌ର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଯେଉଁଥି ପାଇଁ ଫ୍ରାଞ୍ଚାଇଜ ଏହାର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଦରମାକୁ ସ୍ଥଗିତ ରଖିବା ଭଳି କଷ୍ଟସାଧ୍ୟ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି କେବଳ ବେଙ୍ଗାଲୁରୁର ପ୍ରଥମ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ପାଇଁ ଲାଗୁ ହୋଇଛି। ଭାରତରେ ଏକ ଫୁଟ୍‌ବଲ କ୍ଲବ ଚଳାଇବା ଓ ଏହାକୁ ବଜାୟ ରଖିବା ସର୍ବଦା କଷ୍ଟକର ହୋଇଥାଏ। ତଥାପି ଆମେ ସିଜନ ପରେ ସିଜନ ଆଗେଇ ଚାଲିଥିଲୁ। କିନ୍ତୁ ଆଇଏସ୍‌ଏଲ୍‌ର ଭବିଷ୍ୟତ ସମ୍ପର୍କରେ ସ୍ୱଷ୍ଟତାର ଅଭାବ ଯୋଗୁ ଆମ ପାଖରେ ଏହି ପଦକ୍ଷେପ ନେବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନ ଥିଲା। ଆମେ ଆଶା କରୁଛୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ଓ ଆଇଏସ୍‌ଏଲ୍ ଆୟୋଜକ ଏଫ୍‌ଏସ୍‌ଡିଏଲ୍ ମଧ୍ୟରେ ଖୁବଶୀଘ୍ର ସମାଧାନ ବାହାରିଯାଉ' ବୋଲି ବେଙ୍ଗାଲୁରୁ ଫ୍ରାଞ୍ଚାଇଜ ପକ୍ଷରୁ ଜାରି ହୋଇଥିବା ବିବୃତିରେ ଏହା କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଦୁଇ ଦିନ ତଳେ ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ମଧ୍ୟ ସମାନ କାରଣ ଲାଗି ଏହାର ସମସ୍ତ ଖେଳାଳିଙ୍କ ସହ ଚୁକ୍ତି ବାତିଲ କରିଥିଲା।

## ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନରେ ଓଡ଼ିଶାକୁ ୫ ପଦକ

ଭୁବନେଶ୍ୱର, ୫।୮ (ସମିସ)



କେରଳର କୋଜିକୋଡ଼ରେ ଅନୁଷ୍ଠିତ ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ୫ ପଦକ ଜିତିବାରେ ସଫଳ ହୋଇଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ୪ଟି ରୌପ୍ୟ ପଦକ ରହିଛି। ମାଷ୍ଟର-୨'ର ୯୩ କିଗ୍ରା ବିଭାଗରେ ବାବୁଲା ସାମଲ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେହିଭଳି ୬୬ କିଗ୍ରାରେ ଗୋପାଳ ଚନ୍ଦ୍ର ଦାସ, ମାଷ୍ଟର-୩'ର ୭୪ କିଗ୍ରାରେ ବଇବ କୁମାର ତାଣ୍ଡି, ମହିଳା ମାଷ୍ଟର-୨'ର ୭୪ କିଗ୍ରାରେ ଶର୍ମିଷ୍ଠା ସେନାପତି ଓ ମାଷ୍ଟର-୧'ର ୮୪ କିଗ୍ରାରୁ ଊର୍ଦ୍ଧ୍ୱ ବିଭାଗରେ ଭାରତୀ ମହାପାତ୍ର ରୌପ୍ୟ ପଦକ ଜିତିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାକେଶ ଶତପଥୀ ଦଳର ପ୍ରଶିକ୍ଷକ ଓ ମ୍ୟାନେଜର ଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ସଫଳତା ଲାଗି ଓଡ଼ିଶା ଶକ୍ତିଉତ୍ତୋଳକ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା କୃତୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS